

ଦକ୍ଷିଣ ମୁହାଁ ଦିଲଜିତ୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-84 WEDNESDAY 17 SEPTEMBER 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୮୪ ବୁଧବାର ୧୭ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦

# ଉତ୍ତର ଭାରତରେ ବର୍ଷା ତାଣ୍ଡବ
**୧୨ ମୃତ**

## ଉତ୍ତରାଖଣ୍ଡ, ହିମାଚଳରେ ଫାଟିଲା ବାଦଲ



■ **ଡେରାଡୁନ, ୧୬।୯ (ଏଜେନ୍ସି):** ପ୍ରାକୃତିକ ବିପର୍ଯ୍ୟୟ ଦେବଭୂମି ଉତ୍ତରାଖଣ୍ଡର ପିଛା ଛାଡୁନାହିଁ। ମୌସୁମୀ ଜନିତ ପ୍ରବଳ ବର୍ଷା ରାଜ୍ୟରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଜନଜୀବନକୁ ବିପର୍ଯ୍ୟସ୍ତ କରିଦେଇଛି। ଆଜି ସକାଳ ୫ଟାରେ ଡେରାଡୁନରେ ବାଦଲଫଟା ବର୍ଷା ଯୋଗୁଁ ତମସା, କାରଲିଗାଡ଼, ଟୋନ୍ସ ଏବଂ ସହସ୍ରଧାରା ନଦୀର ଜଳସ୍ତର ବୃଦ୍ଧି ପାଇଛି। ସହସ୍ରଧାରା ସମେତ ଆଖପାଖ ଅଞ୍ଚଳର ଅନେକ ଘର, ଦୋକାନ ଏବଂ ମନ୍ଦିରରେ ୫ରୁ ୬ ଫୁଟ ଉଚ୍ଚର ପାଣି ଜମା ହୋଇ ରହିଛି। ଅନେକ ରାସ୍ତାଘାଟ ଭାସି ଯାଇଛି। ବିକାଶ ନଗରରେ ଟୋନ୍ସ ନଦୀରେ ଅଚାନକ ପାଣି ମାଡ଼ି ଆସିବାରୁ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର-ଟ୍ରଲି ଭାସି ଯାଇଛି। ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୪ ଜଣ ନିଖୋଜ ▶ପୃଷ୍ଠା-୧୦

# କଳିଙ୍ଗା ଘାଟିରେ ଭୂସ୍ଖଳନ
**ଗଞ୍ଜାମ-କନ୍ଧମାଳ ଯୋଗାଯୋଗ ବିଚ୍ଛିନ୍ନ**

■ **ଭଞ୍ଜନଗର/ଜି.ଉଦୟଗିରି, ୧୬।୯ (ସମିସ):** ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନ ଘଟି କନ୍ଧମାଳ ସମେତ ପଶ୍ଚିମ ଓଡ଼ିଶାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ପାହାଡ଼ରୁ ବଡ଼ବଡ଼ ପଥରଖଣ୍ଡ ସହ ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହେବାରୁ ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଗାଡ଼ିମୋଟର ଅଟକି ରହିଛି। ଗତ କିଛିଦିନ ହେଲା ସ୍ଥାନୀୟ ଅଞ୍ଚଳରେ ବର୍ଷା ଲାଗି ରହିଥିଲା। ଆଜି ଦୁର୍ଗାପ୍ରସାଦ ନିକଟରେ ହଠାତ୍ ପାହାଡ଼ରୁ ଅତଡ଼ା ଓ ପଥର ଧସି ରାସ୍ତା ବନ୍ଦ ହୋଇଯାଇଥିଲା। କୌଣସି ଅଘଟଣ ଘଟି ନଥିଲେ ମଧ୍ୟ ବର୍ତ୍ତମାନ ଉକ୍ତ ଅଞ୍ଚଳ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବିଭିନ୍ନ ସ୍ଥାନରେ ପାହାଡ଼ରୁ ବଡ଼ବଡ଼ ପଥର ଖଣ୍ଡ ଖସି ରାସ୍ତା ଫାଟି ଯାଇଛି। ସନ୍ଧ୍ୟାରେ ଉକ୍ତ ଘାଟି ରାସ୍ତାକୁ ସିଲ୍ କରିବା ସହ ପୁଲିସ୍ ଜଗିରହିଛି। ଏନ୍‌ଏଚ୍‌ଏଆଇର ଏକ ଟିମ୍ ଘଟଣାସ୍ଥଳରେ ସ୍ଥିତି ପରଖିଛି।



**ଭିଜିବ ପାର୍ବଣ**

## ୨୬ ତାରିଖରେ ବଙ୍ଗୋପସାଗରରେ ଲଘୁଚାପ
# ଦୁର୍ଗାପୂଜାରେ ବର୍ଷା-ପବନ

■ **ଭୁବନେଶ୍ୱର, ୧୬।୯ (ସମିସ):** ଏଥର ବର୍ଷାରେ ଭିଜିବ ପାର୍ବଣ। ଦୁର୍ଗାପୂଜାରେ ଷଷ୍ଠୀ ଓ ସପ୍ତମୀ ଦିନ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ସେପ୍ଟେମ୍ବର ୨୫ କିମ୍ବା ୨୬ ବେଳକୁ ବଙ୍ଗୋପସଗରରେ ଲଘୁଚାପ ସୃଷ୍ଟି ଆଶଙ୍କା ପାଣିପାଗକୁ ବିଗାଡ଼ିବ। ଏପରିକି ପୂରା ପାର୍ବଣ ଫିକା ପଡ଼ିଯିବ। ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେପରେ ସୃଷ୍ଟି ହେଉଥିବା ଲଘୁଚାପଗୁଡ଼ିକ ଅତ୍ୟନ୍ତ ଶକ୍ତିଶାଳୀ ହେଉଥିବା ଓ ଅଧିକ ଘନୀଭୂତ ହୋଇ ବାତ୍ୟାକୁ ନିମନ୍ତ୍ରଣ କରୁଥିବାରୁ ଦୁର୍ଗାପୂଜାରେ ପାଗକୁ ନେଇ ଏବେଠାରୁ ଆଶଙ୍କା ସୃଷ୍ଟି ହେଲାଣି। ଏପରିକି ସମ୍ଭାବ୍ୟ ଲଘୁଚାପ ବାତ୍ୟା ପରିସ୍ଥିତି ସୃଷ୍ଟି କରିପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି।

ସେପ୍ଟେମ୍ବର ଶେଷ ସପ୍ତାହରେ ବଙ୍ଗୋପ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ ଓ ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହୋଇ ବଳ ଗୋଟାଇବ।


ରସୁଲଗଡ଼ ପୂଜାମଣ୍ଡପ

**ପୂଜା ମଣ୍ଡପକୁ ବତାସ ଭୟ**

ପ୍ରାଥମିକ ଆକଳନରୁ ଏହା ଲଘୁଚାପ, ସଦୃଶ ଲଘୁଚାପ ଓ ପରେ ଅବପାତରେ ପରିଣତ ହୋଇପାରେ ବୋଲି ଆକଳନ କରାଯାଉଛି। ଯଦି ସେହି ସମୟରେ ସାମୁଦ୍ରିକ ସ୍ଥିତି ଓ ବାତ୍ୟା ପାଇଁ ସୁହାଉଥିବା କାରକଗୁଡ଼ିକ ଅନୁକୂଳ ରହେ, ତେବେ ଏହି ଲଘୁଚାପ ବାତ୍ୟାରେ ପରିଣତ ହେବା ନେଇ ମଧ୍ୟ ରହିଥିବା ଆଶଙ୍କାକୁ ଏଡ଼ାଯାଇ ନ ପାରେ। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବିଭିନ୍ନ ମଡେଲ ଅନୁସାରେ ଆସନ୍ତା ୨୫ କିମ୍ବା ୨୬ରେ ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ୨୬ରୁ ପାଗରେ ପରିବର୍ତ୍ତନ ଆସିବ ଓ ୨୭-୨୮ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେବ। ଏପରିକି ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା କରାଇବାର ସମ୍ଭାବନା ରହିଛି। ୨୯ ତାରିଖରେ ପଶ୍ଚିମ ଓଡ଼ିଶା ଦେଇ ଏହା ଛତିଶଗଡ଼ ଓ ପରେ ନାଗପୁର ଆଡ଼କୁ ଯିବ। ତେଣୁ ୨୯ରେ ବର୍ଷା ସମ୍ଭାବନା ରହିଛି। ୨୮ ତାରିଖରୁ ଷଷ୍ଠୀ ପୂଜା ଆରମ୍ଭ ହେବା ହେଉଥିବାରୁ ଷଷ୍ଠୀ ଓ ସପ୍ତମୀ ପୂଜା ସମୟରେ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ବର୍ତ୍ତମାନ ଦେଶରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଯାଇଥିବା ବେଳେ ଏବେ ଯେକୌଣସି ଲଘୁଚାପ ସୃଷ୍ଟି ହେ।।ଲେ ତାହା ଉପରେ ପାଣିପାଗ କେନ୍ଦ୍ର ନଜର ରଖିଥାଏ। ଅତୀତରେ ଏହି ସମୟରେ ଅନେକ ବାତ୍ୟା ସୃଷ୍ଟି ହୋଇଛି। ୨୦୧୯ ମସିହା ସେପ୍ଟେମ୍ବର ▶ପୃଷ୍ଠା-୧୦

**କେନ୍ଦ୍ର ଉପରେ ବର୍ଷିଲେ ସୁପ୍ରିମକୋର୍ଟ**

# ସୁବିଧା ଦେଇ ନ ପାରିଲେ ବନ୍ଦ କରିଦିଅ ଟ୍ରିବ୍ୟୁନାଲ

■ **ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି):** ପୂର୍ବତନ ମୁଖ୍ୟ ବିଚାରପତି ଏବଂ ବିଚାରପତିଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନ ମାନସିକତା ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ବିଭିନ୍ନ ଟ୍ରିବ୍ୟୁନାଲରେ ଅବସରପ୍ରାପ୍ତ ବିଚାରପତିଙ୍କୁ ନିଯୁକ୍ତ କରାଯାଉଛି। କିନ୍ତୁ ସେହି ହିସାବରେ ସେମାନଙ୍କୁ ସୁବିଧା ସୁଯୋଗ ଦିଆଯାଉ ନାହିଁ। ସରକାରଙ୍କ ଏଭଳି ଆଭିମୁଖ୍ୟ ଯୋଗୁଁ ସେମାନେ ଅପମାନିତ ହେଉଛନ୍ତି ଏବଂ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ବି ହେଉଛନ୍ତି। ଯଦି ସରକାର ସେମାନଙ୍କୁ ସୁବିଧା ସୁଯୋଗ ଦେଇ ପାରୁ ନାହାନ୍ତି, ତାହାହେଲେ ସମସ୍ତ ଟ୍ରିବ୍ୟୁନାଲକୁ ବନ୍ଦ କରି ମାମଲାଗୁଡ଼ିକୁ ହାଇକୋର୍ଟକୁ ହସ୍ତାନ୍ତର କରିଦିଆଯାଉ।



ଆଜି ଶୁଣାଣି ବେଳେ ସୁପ୍ରିମକୋର୍ଟ ଏଭଳି ଢଙ୍ଗରେ କେନ୍ଦ୍ର ସରକାର ବିରୋଧରେ ଅସନ୍ତୋଷ ଝାଡ଼ିଛନ୍ତି। ଜଷ୍ଟିସ ବିଭି ନାଗରତ୍ନ ଏବଂ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଲେ ଯେ ଅବସର ପରେ ଅନେକ ମୁଖ୍ୟ ବିଚାରପତି ଏବଂ ବିଚାରପତି ଟ୍ରିବ୍ୟୁନାଲରେ ନିଯୁକ୍ତି ପାଇଁ ସରକାରଙ୍କ ପ୍ରସ୍ତାବକୁ ଗ୍ରହଣ କରୁ ନାହାନ୍ତି। ଏଥିରେ ସେମାନଙ୍କର କିଛି ଦୋଷ ନାହିଁ। କାରଣ ସେମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଦିଆଯାଉ ନାହିଁ। ଯେଉଁମାନେ ଆପଣଙ୍କ ନିଯୁକ୍ତି ପ୍ରସ୍ତାବକୁ ଗ୍ରହଣ କରୁଛନ୍ତି ସେମାନଙ୍କ ପ୍ରତି ସମ୍ମାନ ଓ ମର୍ଯ୍ୟାଦା ସହ ବ୍ୟବହାର କରାଯାଉ। କୋର୍ଟ ଆହୁରି କହିଲେ ଯେ ଅନେକ ପୂର୍ବତନ ▶ପୃଷ୍ଠା-୧୦

# ଦିନକ ପରେ ମୌସୁମୀ ଅଧିବେଶନ

**ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ସହଯୋଗ ଲୋଡ଼ିଲେ ବାଚସ୍ପତି**



**ଆଜି ବିଜେଡି, କଂଗ୍ରେସ ବିଧାୟକ ଦଳ ବୈଠକ**

**ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହେବ ଯୋଜନା**

■ **ଭୁବନେଶ୍ୱର, ୧୬।୯ (ସମିସ):** ବିଧାନସଭାର ମୌସୁମୀ ଅଧିବେଶନ ପୂର୍ବରୁ ମଙ୍ଗଳବାର ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ମୌସୁମୀ ଅଧିବେଶନ କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି। ବାଚସ୍ପତି କହିଛନ୍ତି ଯେ ସମସ୍ତ ଦଳ ଅଧିବେଶନରେ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ବିଧାନସଭା ୧୮ରୁ ୨୫ ତାରିଖ ଯାଏଁ ଚାଲିବ ଅର୍ଥାତ୍ ୭ଟି କାର୍ଯ୍ୟ ଦିବସ ରହିବ ବୋଲି ନିଷ୍ପତ୍ତି ହୋଇଛି। ତେବେ ଅଧିବେଶନର ପ୍ରଥମ ଦିନ ଗୃହରେ ଦିବଂଗତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବ। ୧୯ରୁ ୨୫ ତାରିଖ ମଧ୍ୟରେ ୫ଟି ସରକାରୀ ଦିବସ ଏବଂ ଗୋଟିଏ 'ପ୍ରାଇଭେଟ ମେମ୍ବର୍ସ ଡେ' ରହିବ। ଅଧିବେଶନରେ ବିଧି ମୁତାବକ ଗୃହ ପରିଚାଳନା ହେବ। ସେନେଇ ଆଜିର ବୈଠକରେ ପୁଙ୍ଖନାପୁଙ୍ଖ ଆଲୋଚନା ହୋଇଛି ବୋଲି ବାଚସ୍ପତି ସୂଚନା ଦେଇଛନ୍ତି।

ବିଧାନସଭା ସମ୍ମିଳନୀ କକ୍ଷରେ ଆହୂତ ଏହି ବୈଠକରେ ଶାସକ ବିଜେପି ▶ପୃଷ୍ଠା-୧୦

# ଅସୁରକ୍ଷିତ ଓଡ଼ିଶା, ଅସୁରକ୍ଷିତ ମହିଳା

■ **ଭୁବନେଶ୍ୱର, ୧୬।୯ (ସମିସ):** ମହିଳାଙ୍କ ପାଇଁ ଓଡ଼ିଶା ଏବେ ଅସୁରକ୍ଷିତ ହେବାରେ ଲାଗିଛି। ପ୍ରତିଦିନ ବିଭିନ୍ନ ସ୍ଥାନରୁ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ଗଣମାଧ୍ୟମର ଶିରୋନାମା ପାଲଟୁଛି। ଏଥିପାଇଁ ଓଡ଼ିଶା ନିନ୍ଦିତ ହେଉଛି, ଓଡ଼ିଶାକୁ ଏକାକୀ ନ ଯିବାକୁ ଆମେରିକା ପ୍ରଶାସନ ନିଜ ନାଗରିକଙ୍କୁ ଚେତାବନୀ ଦେଇଛି। ଏହା ସତ୍ତ୍ୱେ ରାଜ୍ୟ ସରକାର ଚେତୁ ନାହାନ୍ତି, ପୁଲିସ ମହିଳାଙ୍କୁ ସୁରକ୍ଷା ଦେବାକୁ ସକ୍ଷମ ହେଉନାହିଁ।



**୧୦ମାସରେ ୪ ହଜାର ଦୁଷ୍କର୍ମ ଓ ଗଣଦୁଷ୍କର୍ମ**

ଗୋପାଳପୁର ଗଣଦୁଷ୍କର୍ମ ଘଟଣା ସାରା ଦେଶର ଆତ୍ମାକୁ ଦୋହଲାଇ ଦେଇଥିବାବେଳେ ଗତକାଲି ପୁରୀ ଜିଲ୍ଲାର ବାଲିହରଚଣ୍ଡୀ ପୀଠ ନିକଟରେ କିଛି ଦୁର୍ବୃତ୍ତ ବନ୍ଧୁଙ୍କୁ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ତାଙ୍କର ବାନ୍ଧବୀଙ୍କୁ ଗଣଦୁଷ୍କର୍ମ ▶ପୃଷ୍ଠା-୧୦

## ଭୟଙ୍କର, ହୃଦୟବିଦାରକ: ନବୀନ

■ **ଭୁବନେଶ୍ୱର, ୧୬।୯ (ସମିସ):** ରାଜ୍ୟରେ ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଥିବା ବେଳେ ମହିଳାମାନେ ଘରୁ ଗୋଡ଼ କାଢ଼ିବାକୁ ଭୟ କରୁଛନ୍ତି। କୌଣସି ନିକାଞ୍ଚନ ଦୁର୍ଗମ ଅଞ୍ଚଳ ନୁହେଁ, ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ମଧ୍ୟ ମହିଳାମାନେ ଆଉ ସୁରକ୍ଷିତ ନାହାନ୍ତି। ଗୋପାଳପୁର ବେଳାଭୂମିରେ ଗଣଦୁଷ୍କର୍ମ ଘଟଣା ପରେ ସୋମବାର ପୁରୀ ଜିଲ୍ଲାର ପ୍ରସିଦ୍ଧ ବାଲି ହରଚଣ୍ଡୀଠାରେ ସମାନ ଭାବେ ଆଉ ଏକ ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି ଘଟିଛି। ଯାହା ଓଡ଼ିଶାର ଛବିକୁ ଜାତୀୟସ୍ତରରେ ପୁଣି ଥରେ ମଳିନ କରିଥିବା ବେଳେ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ସବୁଠାରେ କଡ଼ା ସମାଲୋଚନା ପ୍ରକାଶ ପାଇଛି। ଏପରି ସ୍ୱର୍ଶକାତର ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରି ଘଟଣାରେ ସେ ଗଭୀର ମର୍ମାହତ ବୋଲି ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ସରକାର ବ୍ୟବସ୍ଥା ପ୍ରତି ବିଶ୍ୱାସ ସୃଷ୍ଟି କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି, ଯେଉଁଠାରେ ଆମ ଝିଅମାନେ ସୁରକ୍ଷିତ, ସମ୍ମାନିତ ଅନୁଭବ କରିପାରିବେ ବୋଲି ▶ପୃଷ୍ଠା-୧୦



**"ବ୍ୟବସ୍ଥା ପ୍ରତି ବିଶ୍ୱାସ ସୃଷ୍ଟିରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ**

## ୟୁପିଆଇ କାରବାର ସୀମା ବୃଦ୍ଧି
# ଦିନକରେ କରିହେବ ୧୦ ଲକ୍ଷ

■ **ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି):** ସମ୍ପ୍ରତି ଅନ୍‌ଲାଇନ୍ କାରବାର ଢେ଼ର ବଢ଼ିଯାଇଛି। ଆଜିକାଲି ଅଧିକାଂଶ ଲୋକ ନଗଦ ପରିବର୍ତ୍ତେ ଅନ୍‌ଲାଇନରେ ଦେୟ ଦେବାକୁ ପସନ୍ଦ କରୁଛନ୍ତି। ଏବେ ଏଥିରେ ଏକ ବଡ଼ ଅପଡେଟ୍ ଆସିଛି, ଯାହା ବଡ଼ ପରିମାଣର ପେମେଣ୍ଟକୁ ଆହୁରି ସହଜ କରିଦେବ। କାରଣ ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ୟୁପିଆଇ ପେମେଣ୍ଟ ନିୟମରେ ବଡ଼ ଧରଣର ପରିବର୍ତ୍ତନ କରିଛି। ଏଥିରେ ଦୈନିକ ୟୁପିଆଇ ପେମେଣ୍ଟ ସୀମାରେ ସରକାର ବୃଦ୍ଧି ଘଟାଇଛନ୍ତି। ଏହାଫଳରେ ଜଣେ ବ୍ୟକ୍ତି ଗୋଟିଏ ଦିନରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିପାରିବେ। ଏନ୍‌ପିସିଆଇ




**କିଣିହେବ ୬ ଲକ୍ଷର ସୁନା ଅଳଙ୍କାର**

ପର୍ସନ୍-ଟୁ ମର୍ଚ୍ଚାଣ୍ଟ (ପିଟୁଏମ୍) ପେମେଣ୍ଟର ଅନେକ ବର୍ଗରେ ଦୈନିକ ସୀମା ୨ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହି ପରିବର୍ତ୍ତନ ସେପ୍ଟେମ୍ବର ୧୫ରୁ କାର୍ଯ୍ୟକାରୀ ହୋଇଛି।

ଏହି ନୂଆ ପରିବର୍ତ୍ତନଗୁଡ଼ିକ ସାଧାରଣ ଲୋକଙ୍କ ସହିତ ୟୁପିଆଇ ମାଧ୍ୟମରେ କାରବାର କରୁଥିବା ଦୋକାନୀ/ବ୍ୟବସାୟୀମାନଙ୍କୁ ମଧ୍ୟ ବଡ଼ ଆଶ୍ୱସ୍ତି ପ୍ରଦାନ କରିବ। ଏନ୍‌ପିସିଆଇ ବୀମା ପ୍ରିମିୟମ, ପୁଞ୍ଜି ବଜାର, କ୍ରେଡିଟ୍ କାର୍ଡ ବିଲ୍ ପେମେଣ୍ଟ ଭଳି କିଛି ବିଶେଷ ବର୍ଗ ପାଇଁ ୟୁପିଆଇ କାରବାରର ସୀମା ପ୍ରତି କାରବାର ପାଇଁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏପରି କାରବାର ପାଇଁ ଆପଣ ଗୋଟିଏ ଦିନରେ ▶ପୃଷ୍ଠା-୧୦

**ବଢ଼ିଲାନି ଖରିଫ୍ ପଞ୍ଜୀକରଣ ଅବଧି**

# ଘୋଷଣା କରି ଭୁଲିଗଲେ ସରକାର

■ **ଭୁବନେଶ୍ୱର, ୧୬।୯ (ସମିସ):** ଚାଷୀଙ୍କ ସମସ୍ୟା ସମାଧାନ କରିପାରୁନାହାନ୍ତି ସରକାର। ଧାନ ପଞ୍ଜୀକରଣଠାରୁ ଆରମ୍ଭ କରି ସାର ସଂକଟ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାରେ ଚାଷୀ ଘାଣ୍ଟି ହେଉଛି। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିକରି ଚାଷୀ ନୟାନ୍ତ ହେଲେଣି। ହେଲେ କେହି ଶୁଣୁନାହାନ୍ତି। ଚଳିତ ଖରିଫ୍ ଋତୁରେ ଆରମ୍ଭରୁ ଜଟିଳ ପଞ୍ଜୀକରଣ ପ୍ରକ୍ରିୟାରେ ସନ୍ତୁଳି ହୋଇଥିଲେ ଚାଷୀ। ଏଥିଯୋଗୁଁ, ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ଅଧିକାଂଶ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଥିଲେ। ତେଣୁ, ପଞ୍ଜୀକରଣ ଅବଧି ବୃଦ୍ଧି କରାଯିବ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ କରାଯାଇନାହିଁ। ତେଣୁ ପୁଣି କେବେ ପଞ୍ଜୀକରଣ ଆରମ୍ଭ ହେବ, ଚାଷୀକୁଳକୁ ଏବେ ▶ପୃଷ୍ଠା-୧୦

**ରାଜ୍ୟବ୍ୟାପୀ ଚାଷୀ ଅସନ୍ତୋଷ**

**ଗାଁ ଗାଁରେ ଧାନ ବେପାରୀଙ୍କ ଡେରା**

## ସାର ପାଇଁ ଅଖା ଧାଡ଼ି

■ **ସାନଖେମୁଣ୍ଡି, ୧୬।୯ (ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍‌ରେ ଏବେ ଧାନ ଚାଷ ପାଇଁ ୟୁରିଆ ସାରର ଘୋର୍ ଅଭାବ ଦେଖାଦେଇଛି। ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଥିବା ନେଇ ମନ୍ତ୍ରୀ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ଓଲଟା। ସାର ନପାଇ ଚାଷୀ ହନ୍ତସନ୍ତ ହେଉଛି। ଏହାର ପ୍ରତିବାଦରେ ଚାଷୀ କେଉଁଠି ରାଜରାସ୍ତା ଅବରୋଧ କରୁଛି ତ କେଉଁଠି ସେବା ସମବାୟ ସମିତି ଅଫିସ ଆଗରେ ଧାରଣା ଦେଉଛି। ଏପରି ସ୍ଥିତିରେ ଆଜି ବ୍ଲକର ରାଧାଦେଇପୁର ସମବାୟ ସମିତି ଆଗରେ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି।

ସକାଳୁ ସକାଳୁ ସମବାୟ ସମିତି ଆଗରେ ଆଧାରକାର୍ଡ ଓ ଅଖା ରଖି ଚାଷୀଙ୍କ ଲମ୍ବା ଲାଇନ୍ ଲାଗିଥିଲା। ଏହି ସେବା ସମବାୟ ସମିତିରେ ପ୍ରାୟ ୪ଦିନ ତଳୁ ୟୁରିଆ ସାର ଆସିବ ବୋଲି ସୂଚନା ପାଇ ଚାଷୀମାନେ ମଙ୍ଗଳବାର୍ ଭୋର୍‌ରୁ ସେବା ସମବାୟ କେନ୍ଦ୍ରରେ ପହଞ୍ଚି ଭୋକଉପାସରେ ଲାଇନ୍‌ରେ ଛିଡ଼ା ହେବା ସହ ରାସ୍ତାକଡ଼ରେ ଲମ୍ବା ଲାଇନରେ ପାଲ, ଚପଲ ରଖିଥିଲେ। ମାତ୍ର ▶ପୃଷ୍ଠା-୧୦



## ଧର୍ମାନ୍ତରୀକରଣ ବିରୋଧୀ ଆଇନ ମାମଲାରେ ରାଜ୍ୟଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୧୬।୯: ଧର୍ମାନ୍ତରୀକରଣ ଆଇନ ବିରୋଧରେ ଆଗତ ପିଟିସନକୁ ବିଚାର ପାଇଁ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। ଏହାକୁ ନେଇ କେନ୍ଦ୍ର ସରକାର ସହିତ ଅନେକ ରାଜ୍ୟଙ୍କୁ ନୋଟିସ ଜାରିଛନ୍ତି। ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ବିଭିନ୍ନ ଧର୍ମାବଲମ୍ବୀଙ୍କୁ ବିବାହ କରିଥିବା ଦଂପତିଙ୍କୁ ହଇରାଣ କରିବା ଲାଗି ଧର୍ମାନ୍ତରୀକରଣ-ବିରୋଧୀ ଆଇନର ଦୁରୁପଯୋଗ କରାଯାଉଛି। ଉତ୍ତର ପ୍ରଦେଶ ସମେତ ମଧ୍ୟ ପ୍ରଦେଶ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଛତିଶଗଡ଼, ଗୁଜରାଟ, ହରିଆଣା, ଝାଡ଼ଖଣ୍ଡ ଓ କର୍ଣ୍ଣାଟକ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ଜବାବ ପାଇଁ ୪ ସପ୍ତାହର ସମୟ ଦିଆଯାଇଛି। ନୋଟିସର ଜବାବ ମିଳିବା ପରେ ଧର୍ମାନ୍ତରୀକରଣ ବିରୋଧୀ ଆଇନ ଉପରେ ରୋକ ଲଗାଯିବ କି ନାହିଁ ତାହା ବିଚାର କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜମିଅତ ଉଲେମା-ଇ-ହିନ୍ଦ ସମେତ ଅନେକ ସଂଗଠନ ପକ୍ଷରୁ ଦାଏର ପିଟିସନରେ ଅଭିଯୋଗ କରାଯାଇଛି ଯେ ବିଭିନ୍ନ ଧର୍ମର ଲୋକମାନଙ୍କୁ ଏହି ଆଇନ ଆଳରେ ହଇରାଣ କରାଯାଉଛି।

## ଯୁବରାଜ ସିଂହ, ରବିନ ଉଥପ୍ପାଙ୍କୁ ଇଡି ସମନ

ନୂଆଦିଲ୍ଲୀ, ୧୬।୯ (ଏଜେନ୍ସି): ଅନ୍‌ଲାଇନ ବେଟିଂ ଆପ୍‌ର ପ୍ରଚାରପ୍ରସାର ମାମଲାରେ ଭାରତୀୟ କ୍ରିକେଟ ଟିମ୍‌ର ପୂର୍ବତନ ଖେଳାଳି ଯୁବରାଜ ସିଂହ ଏବଂ ରବିନ ଉଥପ୍ପାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ ଜାରି କରିଛି। ବେଟିଂ ଆପ୍ '୧xବେଟ୍' ମାମଲାରେ ଜେରା ପାଇଁ ଡକାଇଛି। ଉଥପାଙ୍କୁ ୨୨ ତାରିଖରେ ଏବଂ ଯୁବରାଜଙ୍କୁ ୨୩ରେ ଦିଲ୍ଲୀ ସ୍ଥିତ ଇଡି ମୁଖ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ବଲିଉଡ ଅଭିନେତା ସୋନୁ ସୁଦ୍‌ଙ୍କୁ ମଧ୍ୟ ୨୪ ତାରିଖରେ ହାଜର ହେବା ପାଇଁ ନୋଟିସ ପଠାଯାଇଛି। ମନି ଲଣ୍ଡରିଂ ମାମଲାରେ ସମସ୍ତଙ୍କୁ ପଚରାଉଚୁରା କରାଯିବ। ଅନ୍ୟପଟେ ଆଜି ଅଭିନେତ୍ରୀ ଉର୍ବଶୀ ରୌତେଲାଙ୍କୁ ଜେରା ପାଇଁ ଡକାଯାଇଛି। ସୋମବାର ଏହି ମାମଲାରେ ଟିଏମ୍‌ସିର ପୂର୍ବତନ ସାଂସଦ ତଥା ଅଭିନେତ୍ରୀ ମିମି ଚକ୍ରବର୍ତ୍ତୀଙ୍କୁ ଇଡି ଜେରା କରି ବୟାନ ରେକର୍ଡ କରିଥିଲା। ପୂର୍ବରୁ ଶିଖର ଧାୱନ, ସୁରେଶ ରୈନା ଏବଂ ହରଭଜନ ସିଂହଙ୍କୁ ମଧ୍ୟ ଜେରା କରାଯାଇଥିଲା। ସେଲିବ୍ରିଟିଙ୍କ ମାଧ୍ୟମରେ ବିଜ୍ଞାପନ କରି ଏହି ଅନ୍‌ଲାଇନ ବେଟିଂ ଆପ୍ କୋଟି କୋଟି ଟଙ୍କାର ମନି ଲଣ୍ଡରିଂ ତଥା ଟିକସ ଚୋରି କରିଥିବା ଅଭିଯୋଗ ଲାଗିଛି।

## ମାନିଲା ଜୈସ: ଅପରେସନ ସିନ୍ଦୂରରେ ମାସୁଦ ଆଝାର ପରିବାର ନିହତ

ଇସଲାମାବାଦ, ୧୬।୯ (ଏଜେନ୍ସି): ପ୍ରଥମ ଥର ପାଇଁ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ସତ ସ୍ୱୀକାର କରିଛି। ଅପରେସନ ସିନ୍ଦୂର ସମୟରେ ଭାରତର ଆକ୍ରମଣରେ ଏହାର ମୁଖ୍ୟ ମୌଲାନା ମସୁଦ ଆଝାର ପରିବାରର ଅନେକ ସଦସ୍ୟ ନିହତ ହୋଇଥିଲେ। ଜୈସର କମାଣ୍ଡର ମାସୁଦ ଇଲିଆସ କାଶ୍ମୀର ଏହା ସ୍ୱୀକାର କରିଛି। ଏହି ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ସେ କହିଥିଲା ଯେ ମେ' ୭ ତାରିଖରେ ବାହାବଲପୁରରେ ଭାରତର କାର୍ଯ୍ୟାନୁଷ୍ଠାନ ସମୟରେ ଆଝାରଙ୍କ ପରିବାର ସଦସ୍ୟଙ୍କ ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଥିଲା। ଏଥିରେ ପରିବାରର ୧୦ ସଦସ୍ୟଙ୍କ ସମେତ ମାସୁଦର ୪ ସହଯୋଗୀ ପ୍ରାଣ ହରାଇ ଥିଲେ। ତେବେ ଆକ୍ରମଣ ସମୟରେ କ୍ୟାମ୍ପରେ ନ ଥିବାରୁ ଜୈସ ମୁଖ୍ୟ ମାସୁଦ ଆଝାରର ଜୀବନ ବର୍ତ୍ତି ଯାଇଥିଲା।

# ମହିଳା ଅଧିକାରୀଙ୍କ ଘରୁ ୨ କୋଟିର ଅଳଙ୍କାର, ୯୨ ଲକ୍ଷ ଟଙ୍କା ଜବତ



ଗୌହାଟୀ, ୧୬।୯ (ଏଜେନ୍ସି): ଦୁର୍ନୀତିରେ ମହିଳା ଅଧିକାରୀଙ୍କ ସମ୍ପୃକ୍ତି ବଢ଼ିବାରେ ଲାଗିଛି। ବହୁତ କମ୍ ବର୍ଷ ହେଲା ଚାକିରି କରିଥିଲେ ମଧ ନବାଗତ ଅଧିକ ଧନ ଲୋଭରେ ପଡ଼ି ଦୁର୍ନୀତି କରୁଛନ୍ତି। ଏବେ ଆସାମ ସିଭିଲ ସେବା (ଏସିଏସ) ଅଧିକାରୀ ନୂପୁର ବୋରାଙ୍କୁ ଦୁର୍ନୀତି ମାମଲାରେ ଗିରଫ କରାଯାଇଛି। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଚାକିରିର ମାତ୍ର ୬ ବର୍ଷ ମଧ୍ୟରେ ସେ କୋଟିପତି ହୋଇଯାଇଛନ୍ତି। ତାଙ୍କ ସମ୍ପତ୍ତି ଅହେତୁକ ଭାବେ ବଢ଼ିବାରେ ଲାଗିଛି। ଏହି ମାମଲାରେ ସୋମବାର ସ୍ପେସିଆଲ ଭିଜିଲାନ୍ସ ଟିମ୍ ନୂପୁରଙ୍କ ଗୌହାଟୀ ସ୍ଥିତ ଘରେ ଚଢ଼ଉ କରିଥିଲା। ଏଠାରୁ ୯୨ ଲକ୍ଷ ଟଙ୍କା ଏବଂ ପ୍ରାୟ ୨ କୋଟି ଟଙ୍କାର ଅଳଙ୍କାର ଜବତ କରାଯାଇଥିଲା। ଆଉ ଏକ ଟିମ୍ ନୂପୁରଙ୍କ ବାରପେଟା ସ୍ଥିତ ଭଡ଼ା ଘରେ ଚଢ଼ଉ କରି ୧୦ ଲକ୍ଷ ଟଙ୍କା ଜବତ କରିଥିଲା। ଏହି ମହିଳା ଅଧିକାରୀଙ୍କ ସହଯୋଗୀ ଲାଟ ମଣ୍ଡଳ ସୁରଜିତ ଡେକାଙ୍କ ଘରେ ମଧ ଚଢ଼ଉ ହୋଇଛି। ବାରପେଟା ରାଜସ୍ୱ ସର୍କଲରେ ଥିବା ସମୟରେ ନୂପୂର ଲାଞ୍ଚ ନେଇ ଜମି କାରବାର କରିଥିବା ଅଭିଯୋଗ ହୋଇଥିଲା। ଏବେ ସେ କାମରୁପର ଗୋରୋଇମାରିରେ ସର୍କଲ ଅଫିସର ଭାବେ କାର୍ଯ୍ୟରତ।

ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି ଯେ ବିବାଦୀୟ ଜମି ମାମଲାରେ ନାମ ସାମ୍ନାକୁ ଆସିବା ପରେ ଗତ ୬ ମାସ ହେଲା ନୂପୁରଙ୍କ ଉପରେ ନଜର ରଖାଯାଇଥିଲା। ଏଥିପାଇଁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନା ଅନୁଯାୟୀ ୨୦୧୯ରେ ନୂପୁର ସିଭିଲ ସେବାରେ ସାମିଲ ହୋଇଥିଲେ। ସେ ୧୯୮୯ ମାର୍ଚ୍ଚ ୩୧ରେ ଜନ୍ମଗ୍ରହଣ କରିଥିଲେ। ସେ କାମରୁପ ଜିଲ୍ଲା ଗୋଲାଘାଟର ବାସିନ୍ଦା। ସେ କାର୍ବି ଆଙ୍ଗଲୋଙ୍ଗରେ ସହାୟକ କମିସନର ଭାବେ ପ୍ରଶାସନିକ କ୍ୟାରିୟର ଆରମ୍ଭ କରିଥିଲେ। ଏହି ପଦରେ ସେ ୨୦୨୩ ଜୁନ୍ ପର୍ଯ୍ୟନ୍ତ ଥିଲେ। ଏଠାକାର ବିଭିନ୍ନ ଦୁର୍ନୀତି ମାମଲାରେ ତାଙ୍କ ନାମ ସାମ୍ନାକୁ ଆସିଥିଲା। ନୂପୁରଙ୍କ ସହଯୋଗୀ ସୁରଜିତ ଏବେ ବାରପେଟାରେ ନିଯୁକ୍ତ ଅଛନ୍ତି। ନୂପୁରଙ୍କ ସହ ମିଶି ସେ ବାରପେଟାରେ ଅନେକ ସମ୍ପତ୍ତି ନିଜ ନାମରେ କରିଥିବା ଅଭିଯୋଗ ହୋଇଛି।

# ଗାଜାରେ ପଶିଲା ଇସ୍ରାଏଲ ସେନା

### ୭୮ ମୃତ; ସହର ଛାଡ଼ିଲେ ୩ ଲକ୍ଷ ନାଗରିକ

### ଗାଜା ଜଳୁଛି କହିଲେ ପ୍ରତିରକ୍ଷା ମନ୍ତ୍ରୀ



ତେଲ ଆଭିଭ, ୧୬।୯ (ଏଜେନ୍ସି): ଇସ୍ରାଏଲ-ହମାସ ସଂଘର୍ଷ ବନ୍ଦ ହେବାର ନା ଧରୁନି। ଦୀର୍ଘ ଦିନ ହେଲା ଆକ୍ରମଣ ଜାରି ରହିଥିବାବେଳେ ଗାଜା ଅଧିବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଖାଦ୍ୟ ନ ପାଇ ମୃତ୍ୟୁ ସହ ଲଢ଼େଇ କରୁଛନ୍ତି। ଏପରି ସମୟରେ ପୁଣିଥରେ ଇସ୍ରାଏଲ ଗାଜା ସିଟିରେ ଜୋରଦାର ଆକ୍ରମଣ କରିଛି। ଏହି ସହରକୁ ଦଖଲ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ମଙ୍ଗଳବାର ସକାଳେ ଇସ୍ରାଏଲ ସେନା ସ୍ଥଳ ଭାଗରେ ଆକ୍ରମଣ ଆରମ୍ଭ କରି ଗାଜା ସିଟିର ବାହ୍ୟ ଅଞ୍ଚଳକୁ ପ୍ରଥମେ କବ୍‌ଜା କରିବାରେ ଲାଗିଛି। ଏହି ଅଞ୍ଚଳରେ ଆଇଡିଏଫ ରାତି ସାରା ଆକାଶ ମାର୍ଗରୁ ଆକ୍ରମଣ କରିଥିଲେ। ବୋମା ମାଡ଼ରେ ସମ୍ପୂର୍ଣ୍ଣ ଅଞ୍ଚଳ ଥରି ଉଠିଛି। ଲୋକେ ଭୟରେ ଘରଦ୍ୱାର ଛାଡ଼ି ପଳାଇବାରେ ଲାଗିଛନ୍ତି। ଏହି ଆକ୍ରମଣରେ ୭୮ ଜଣ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ଫୁଟବଲ ଏକାଡେମିର ୧୦ ଶିଶୁ ସାମିଲ ଅଛନ୍ତି। ଶତାଧିକ ମଧ ଆହତ ହୋଇଛନ୍ତି। ୩.୨ ଲକ୍ଷରୁ ଅଧିକ ଲୋକ ସହର ଛାଡ଼ି ଚାଲି ଯାଇଛନ୍ତି ବୋଲି ଜଣେ ଇସ୍ରାଏଲ ଅଧିକାରୀ କହିଛନ୍ତି।

ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ କାଟ୍‌ଜ କହିଛନ୍ତି ଯେ ହମାସ କବ୍‌ଜାରେ ଥିବା ନାଗରିକଙ୍କୁ ମୁକ୍ତ କରିବାକୁ ଏବଂ ହମାସକୁ ହରାଇବା ପାଇଁ ସେନା ସାହସର ସହ ଲଢ଼େଇ କରୁଛି। ଏବେ ଗାଜା ଜଳୁଛି। ସେନା ସମ୍ପୂର୍ଣ୍ଣ କ୍ଷମତାର ସହ ଆତଙ୍କବାଦୀଙ୍କ ଠିକଣାରେ ଆକ୍ରମଣ କରୁଛି। ଅଭିଯାନ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଇସ୍ରାଏଲ ପଛଘୁଞ୍ଚା ଦେବ ନାହିଁ କି ଅଟକିବ ନାହିଁ। ଏହା ପୂର୍ବରୁ ଗତ ମାସରେ ଗାଜା ସିଟି କବ୍‌ଜା ଯୋଜନାକୁ ଇସ୍ରାଏଲ କ୍ୟାବିନେଟ ମଞ୍ଜୁରି ଦେଇଥିଲା। ଏହା ଅଧିନରେ ୬୦ ହଜାର ସଂରକ୍ଷିତ ସୈନିକଙ୍କୁ ଡକାଇବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଯୋଜନା ଅନୁଯାୟୀ ଗାଜା ସହରକୁ କବ୍‌ଜା ପାଇଁ ମୋଟ ୧.୩୦ ଲକ୍ଷ ସୈନିକଙ୍କୁ ମୁତୟନ କରାଯିବ। କାର୍ଯ୍ୟରେ ଯୋଗଦେବା ପାଇଁ ସୈନିକଙ୍କୁ ଦୁଇ ସପ୍ତାହ ତଳେ ନୋଟିସ ଜାରି କରାଯାଇଥିଲା।

ପ୍ରଥମ ପର୍ଯ୍ୟାୟରେ ୪୦ରୁ ୫୦ ହଜାର ସୈନିକଙ୍କୁ ଡକାଇବା ପାଇଁ ଗତ ୨ ତାରିଖରେ ନିଷ୍ପତ୍ତି ନିଆଯାଇଥିଲା। ପରେ ନଭେମ୍ବର-ଡିସେମ୍ବର ଏବଂ ଫେବୃଆରୀ-ମାର୍ଚ୍ଚରେ ଅନ୍ୟ ସୈନିକଙ୍କୁ ଡକାଯିବ। ଏହି ଅଭିଯାନର ନାମ 'ଗିଦୋନସ ଚେରିଏଟ୍ସ-ବି' ରଖାଯାଇଛି। ଏହା ସହିତ ପୂର୍ବରୁ କାର୍ଯ୍ୟରେ ଯୋଗ ଦେଇଥିବା ସଂରକ୍ଷିତ ସୈନିକଙ୍କ ସେବା ଅବଧିକୁ ୪୦-୫୦ ଦିନ ପାଇଁ ବୃଦ୍ଧି କରାଯାଇଛି।

ଏହି ଅଭିଯାନରେ ଆର୍ମି ଡିଭିଜନର ୫ଟି ଟିମ୍ ଏବଂ ୧୨ଟି ବ୍ରିଗେଡସ୍ତରୀୟ ଟିମ୍ ସାମିଲ ହେବ। ଏହା ମଧ୍ୟରେ ପଦାତିକ ବାହିନୀ, ଟ୍ୟାଙ୍କ, ତୋପ, ଇଞ୍ଜିନିୟରିଂ ଏବଂ ସପୋର୍ଟ ୟୁନିଟ ସାମିଲ ରହିଛି। ଏହା ବ୍ୟତୀତ ଗାଜା ଡିଭିଜନର ଉତ୍ତର ଏବଂ ଦକ୍ଷିଣ ବ୍ରିଗେଡ ମଧ ସାମିଲ ହେଉଛି।

ଇସ୍ରାଏଲର ଆକ୍ରମଣ ଯୋଗୁଁ ଗାଜା ଷ୍ଟ୍ରିପ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ଏପରି ସମୟରେ ଇସ୍ରାଏଲର ନୂଆ ଅଭିଯାନ ସମସ୍ୟାକୁ ଅଧିକ ବଢ଼ାଇ ଦେଇଛି। ଏବେ ଗାଜାର ୮୦ ପ୍ରତିଶତ ଅଞ୍ଚଳରେ ପାଲେଷ୍ଟିନୀୟଙ୍କ ପ୍ରବେଶକୁ ବାରଣ କରିଦିଆଯାଇଛି। ଏହି ଅଭିଯାନରେ ହମାସ କବ୍‌ଜାରେ ଥିବା ବନ୍ଦୀଙ୍କୁ ମୁକ୍ତ କରିବାକୁ ଇସ୍ରାଏଲ ଲକ୍ଷ୍ୟ ରଖିଛି। ଏ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଇସ୍ରାଏଲ ସେନା ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ନ ଥିଲା। ଆଇଡିଏଫ ଅନୁଯାୟୀ ଗାଜା ଷ୍ଟ୍ରିପ୍‌ର ପ୍ରାୟ ୭୫ ପ୍ରତିଶତ ଅଞ୍ଚଳ ଦେଶ ନିୟନ୍ତ୍ରଣରେ ରହିଛି। ମାତ୍ର ୨୫ ପ୍ରତିଶତ ଅଞ୍ଚଳକୁ ଦଖଲ କରାଯାଇ ନାହିଁ। ଏଠାରେ ଇସ୍ରାଏଲ ବନ୍ଦୀଙ୍କୁ ରଖାଯାଇଥିବା ଅନୁମାନ କରାଯାଉଛି। ତେଣୁ ଏହି ଅଭିଯାନ ଆରମ୍ଭ ହୋଇଛି। ଏବେ ଗାଜାରେ ହମାସ ପାଖରେ ପ୍ରାୟ ୫୦ ଜଣ ବନ୍ଦୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୨୦ ଜଣ ଜୀବିତ ଥିବାବେଳେ ୨୮ ଜଣ ପ୍ରାଣ ହରାଇଥିବା ସନ୍ଦେହ କରାଯାଉଛି।

## ନିଟ୍ ଛାତ୍ରଙ୍କୁ ହତ୍ୟା କଲେ ପଶୁ ଚୋରାଚାଲାଣକାରୀ

ଗୋରଖପୁର, ୧୬।୯ (ଏଜେନ୍ସି): ଉତ୍ତର ପ୍ରଦେଶ ଗୋରଖପୁରରେ ପଶୁ ଚୋରାଚାଲାଣକାରୀ ଏବଂ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଏହି ସମୟରେ ଚୋରାଚାଲାଣକାରୀ ନିଟ୍ ପାଇଁ ପ୍ରସ୍ତୁତ ହେଉଥିବା ଜଣେ ଛାତ୍ରଙ୍କୁ ଟାଣି ନେଇ ପିଟି ପିଟି ହତ୍ୟା କରିଦେଇଛନ୍ତି। ମୃତଦେହକୁ ଘରଠୁ ୪ କିମି ଦୂରରେ ନେଇ ଫୋପାଡ଼ିଛନ୍ତି। ସାଢ଼େ ଚାରି ଘଣ୍ଟା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛାତ୍ରଙ୍କ ମୃତଦେହ ମିଳିଥିଲା। ତାଙ୍କ ମୁଣ୍ଡକୁ ପିଟି ପିଟି ନଷ୍ଟ କରିଦିଆଯାଇଥିଲା। ଏହାକୁ ନେଇ ଗ୍ରାମବାସୀ ତୀବ୍ର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଜଣେ ଚୋରକୁ ଧରି ମଧ୍ୟ ପ୍ରବଳ ମାଡ଼ ମାରିଛନ୍ତି। ଛଡ଼ାଇବାକୁ ଆସିବାରୁ ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି। ସୋମବାର ରାତି ୧୧ଟାରେ ଏହି ହଙ୍ଗାମା ଆରମ୍ଭ ହୋଇଥିଲା। ୧୦-୧୨ ଜଣ ପଶୁ ଚୋରାଚାଲାଣକାରୀ ପିକ୍‌ଅପରେ ପିପରାଇଚରୁ ମଓଆଚାପି ଗାଁରେ ପହଞ୍ଚି ଥିଲେ। ଏଠାରେ ଗ୍ରାମବାସୀଙ୍କ ସହ ହଙ୍ଗାମା ହେବା ପରେ ଆଗରେ ଥିବା ନିଟ୍ ଛାତ୍ର ଦୀପକଙ୍କୁ ନେଇ ପଳାଇ ଥିଲେ।

ସୂଚନା ଅନୁଯାୟୀ ଗାଁର ପ୍ରବେଶ ପଥ ନିକଟରେ ଦୁର୍ଗେଶ ପାଠକଙ୍କ ଆସବାବ ଦୋକାନ ଥିଲା। ଶୂନଶାନ ସ୍ଥାନ ଦେଖିବା ପରେ ସୋମବାର ରାତିରେ ଚୋରା ଲୁଟ୍ କରିବା ପାଇଁ ଦୋକାନ ତାଲା ଭାଙ୍ଗିବାରେ ଲାଗିଥିଲେ। ତେବେ ଦୋକାନର ଉପର ମହଲାରେ ଥିବା ଟ୍ରାଭେଲ ଅଫିସରେ ଦୁର୍ଗେଶଙ୍କ ଭଉଣୀର ପୁଅ ଶୋଇଥିଲେ। ସେ ୧୦-୧୨ ଚୋରଙ୍କୁ ଦେଖି ମାମୁଁ ଦୁର୍ଗେଶଙ୍କ ପୁଅ ଦୀପକକୁ କଲ୍ କରି ଡକାଇ ଥିଲେ। ଅନ୍ୟମାନଙ୍କୁ ଧରି ସେ ଆସୁଥିବାର ଶବ୍ଦ ଶୁଣି ଚୋର ପଳାଉ ଥିଲେ। ଗ୍ରାମବାସୀଙ୍କ ଉପରେ ଗୁଳିମାଡ଼ କରି ଆଗରେ ଥିବା ଦୀପକକୁ ସାଥିରେ ଭିଡ଼ି ନେଇଥିଲେ। ଏହି ସମୟରେ ଗ୍ରାମବାସୀ ଜଣେ ଚୋରକୁ ଧରି ନେଇ ପ୍ରବଳ ମାଡ଼ ମାରିଥିଲେ। ପୁଲିସ ପହଞ୍ଚି ଗିରଫ କରିବାକୁ ପ୍ରୟାସ କରୁଥିବାବେଳେ ଗ୍ରାମବାସୀ ଏସ୍‌ପିଙ୍କ ସହ ମୁହାଁମୁହିଁ ହୋଇଥିଲେ। ଏଥିରେ ଏସ୍‌ପି ଜିତେନ୍ଦ୍ର ଶ୍ରୀବାସ୍ତବ ଏବଂ ପିପରାଇଚ ଥାନା ପ୍ରଭାରୀ ଆହତ ହୋଇଥିଲେ।

## ହିଂସା ପାଇଁ ମସ୍କଙ୍କୁ ଦାୟୀକଲେ ବ୍ରିଟେନ ପ୍ରଧାନମନ୍ତ୍ରୀ

ଲଣ୍ଡନ, ୧୬।୯ (ଏଜେନ୍ସି): ଆପ୍ରବାସନ ନୀତିକୁ ବିରୋଧ କରି ବ୍ରିଟେନରେ ହୋଇଥିବା ହିଂସା ପାଇଁ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ଆମେରିକା ବ୍ୟବସାୟୀ ଏଲନ ମସ୍କଙ୍କୁ ଦାୟୀ କରିଛନ୍ତି। ସେ ଟେସ୍‌ଲା ମାଲିକଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଉତ୍ତେଜନାପୂର୍ଣ୍ଣ ଏବଂ ବିପଜ୍ଜନକ ଭାଷଣ ପାଇଁ ଦକ୍ଷିଣ ପନ୍ଥୀ କର୍ମୀଙ୍କ ବିକ୍ଷୋଭ ପ୍ରଦର୍ଶନ ସମୟରେ ହିଂସା ହେଲା ବୋଲି କହିଛନ୍ତି। ଷ୍ଟାର୍ମରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ବ୍ରିଟେନ ଏକ ସହିଷ୍ଣୁ ଦେଶ। ଏଠାରେ ହିଂସାକୁ ଉସୁକାଉଥିବା ଭାଷାର କୌଣସି ସ୍ଥାନ ନାହିଁ। ସୂଚନାଯୋଗ୍ୟ ଯେ ଦେଶରେ ବେଆଇନ ପ୍ରବାସୀଙ୍କ ବର୍ଦ୍ଧିତ ଜନସଂଖ୍ୟାକୁ ନେଇ ଲଣ୍ଡନରେ ପ୍ରତିବାଦ ହୋଇଥିଲା। ଅନଲାଇନ୍ ମାଧ୍ୟମରେ ମସ୍କ ଏଥିରେ ଯୋଗ ଦେଇଥିଲେ। ସେ ବ୍ରିଟେନ ସଂସଦ ଭଙ୍ଗ କରିବାକୁ ଦାବି କରିଥିଲେ। ଲଢ଼େଇ କରନ୍ତୁ, ନଚେତ ମରିବେ ବୋଲି କହିଥିଲେ। ଏହା ପରେ ପ୍ରଦର୍ଶନକାରୀ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ୨୬ ଜଣ ପୋଲିସ ଆହତ ହୋଇଥିଲେ।

## 'ଦ ନ୍ୟୁୟର୍କ ଟାଇମ୍ସ' ବିରୋଧରେ ଟ୍ରମ୍ପଙ୍କ ମାନହାନୀ ମାମଲା




ୱାଶିଂଟନ, ୧୬।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ଦ ନ୍ୟୁୟର୍କ ଟାଇମ୍ସ' ବିରୋଧରେ ବଡ଼ ଅଭିଯୋଗ ଲଗାଇ ୧୫ ବିଲିୟନ ଡଲାର ତଥା ୧.୩ ଲକ୍ଷ କୋଟି ଟଙ୍କାରର ମାନହାନୀ ମାମଲା ଦାଏର କରିଛନ୍ତି। କିଛି ଦଶନ୍ଧି ହେଲା ଏହି ଖବରକାଗଜ ତାଙ୍କ ବିରୋଧରେ ଭୁଲ୍ ରିପୋର୍ଟ ପ୍ରଚାରପ୍ରସାର କରି ଛବି ଖରାପ କରୁଥିବା ଟ୍ରମ୍ପ ଅଭିଯୋଗ ଲଗାଇଛନ୍ତି। ଏହା ମଧ୍ୟରେ ଦିବଙ୍ଗତ ସେକ୍ସ ଅପରାଧୀ ଜେଫରି ଏପଷ୍ଟିନ ସାମିଲ ଅଛନ୍ତି। ନିଜ ସାମାଜିକ ଗଣମାଧମ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ କହିଛନ୍ତି ଯେ ନ୍ୟୁୟର୍କ ଟାଇମ୍ସ ତାଙ୍କ ପରିବାର, ବ୍ୟବସାୟ, ରାଷ୍ଟ୍ରପତି ଏବଂ ସାରା ଦେଶ ବିରୋଧରେ ମିଛ ପ୍ରଚାରପ୍ରସାର କରୁଛି। ଏହି ଖବରକାଗଜ ଚରମପନ୍ଥୀ 'ଲେଫ୍ଟ ଡେମୋକ୍ରାଟ ପାର୍ଟି'ର ପ୍ରବକ୍ତା ପାଲଟି ଯାଇଛି। କମଳା ହ୍ୟାରିସଙ୍କ ସମର୍ଥନରେ ପ୍ରଥମ ପୃଷ୍ଠାରେ ଆଲେଖ୍ୟ ଲେଖିଥିଲା। ଏହା ଆମେରିକା ଫାଷ୍ଟ ମୁଭମେଣ୍ଟ ଏବଂ ମାଗାର ମଧ ବିରୋଧୀ। ଏହି ମାମଲା ଫ୍ଲୋରିଡ଼ାରେ ଦାଏର କରାଯାଇଛି ବୋଲି ଟ୍ରମ୍ପ କହିଛନ୍ତି।

ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ଏହି ଖବରକାଗଜ ଦୀର୍ଘ ଦିନ ହେଲା ଭିଡିଓ ଏବଂ ପ୍ରମାଣପତ୍ରରେ ଜାଲିଆତି କରି ମିଥ୍ୟା ଖବରର ପ୍ରଚାରପ୍ରସାର କରୁଛି। ଏହା ବେଆଇନ। ଏହାକୁ ରୋକିବାକୁ ହେବ। ଏପରି କରିବାକୁ ଯାଉଥିବାରୁ ମୋତେ ଗର୍ବ ଲାଗୁଛି। ଟ୍ରମ୍ପ ଏବଂ ବଦ୍‌ନାମ ହୋଇଥିବା ଫାଇନାନ୍ସର ଜେଫରି ଏପଷ୍ଟିନଙ୍କ ସମ୍ପର୍କକୁ ନେଇ ନ୍ୟୁୟର୍କ ଟାଇମ୍ସ ଖବର ଛାପିବା ପରେ ଆମେରିକା ରାଷ୍ଟ୍ରପତି ଏହି ପଦକ୍ଷେପ ନେଇଛନ୍ତି। ସେ ନ୍ୟୁୟର୍କ ଟାଇମ୍ସକୁ ଆମେରିକାର ସବୁଠୁ ଖରାପ ଏବଂ ବର୍ବାଦ ହୋଇଯାଇଥିବା ଖବରକାଗଜ କହିଛନ୍ତି। ତେବେ ଏ ପର୍ଯ୍ୟନ୍ତ ଟ୍ରମ୍ପଙ୍କ ଅଭିଯୋଗ ଉପରେ ନ୍ୟୁୟର୍କ ଟାଇମ୍ସ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

ସୂଚନାଯୋଗ୍ୟ ଯେ ଏହି ଖବରକାଗଜ ଭାରତ ବିରୋଧରେ ମଧ ଅନେକ ମିଥ୍ୟା ଖବର ପ୍ରଚାରପ୍ରସାର କରିଥିଲା। ଭିତ୍ତିହୀନ ରିପୋର୍ଟିଂ କରି ଭାରତରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ଆକ୍ରମଣ କରିଥିଲା। କଶ୍ମୀରରେ ଗଣମାଧ୍ୟମର ସ୍ୱାଧୀନତା ଉପରେ ଅଙ୍କୁଶ ଲଗାଯାଇଥିବା ଦାବି କରିଥିଲା। ଏହା ମଧ ଅନେକ ସମୟରେ କଶ୍ମୀର ପ୍ରସଙ୍ଗରେ ଭାରତ ବିରୋଧୀ ଖବର ଛାପିଥିଲା।

### ଟ୍ରମ୍ପଙ୍କ ଦାବିକୁ ଖାରଜ କଲେ ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ

## ତୃତୀୟ ପକ୍ଷର ମଧ୍ୟସ୍ଥତାକୁ କେବେ ସ୍ୱୀକାର କରିନି ଭାରତ

ଦୋହା, ୧୬।୯ (ଏଜେନ୍ସି): ପୁଣିଥରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମିଛ ପଦାରେ ପଡ଼ିଯାଇଛି। 'ଅପରେସନ ସିନ୍ଦୂର' ପରେ ଭାରତ ଏବଂ ପାକିସ୍ତାନ ସଂଘର୍ଷକୁ ଅଟକାଇଥିବା ନେଇ ଟ୍ରମ୍ପ ବାରମ୍ବାର ଦାବି କରିଆସୁଛନ୍ତି। ଏଥିପାଇଁ ନୋବେଲ ଶାନ୍ତି ପୁରସ୍କାର ନିମନ୍ତେ ତାଙ୍କୁ ମନୋନୀତ କରିବାକୁ ଟ୍ରମ୍ପ ଭାରତ ଉପରେ ଚାପ ପକାଉଛନ୍ତି। ଏପରି ସମୟରେ ଟ୍ରମ୍ପଙ୍କ ମିଛ ଉପରୁ ଖୋଦ ପାକିସ୍ତାନ ଉପ-ପ୍ରଧାନମନ୍ତ୍ରୀ ଇସାକ ଡାର୍ ପରଦା ଉଠାଇ ଦେଇଛନ୍ତି। ଏହା ସହିତ ସାରା ବିଶ୍ୱରେ ପୁଣିଥରେ ଟ୍ରମ୍ପଙ୍କ ଅସଲ ମୁଖା ଖୋଲି ଯାଇଛି। ଭାରତ-ପାକିସ୍ତାନ ଯୁଦ୍ଧ ରୋକିଥିବା ନେଇ ଟ୍ରମ୍ପଙ୍କ ଦାବିକୁ ଡାର୍ ଖାରଜ କରିଦେଇଛନ୍ତି।

ଅଲଜଜିରାକୁ ମଙ୍ଗଳବାର ଦେଇଥିବା ଏକ ସାକ୍ଷାତକାରରେ ଡାର୍ ସ୍ୱୀକାର କରିଛନ୍ତି ଯେ ଉଭୟ ଦେଶ ମଧ୍ୟରେ କୌଣସି ତୃତୀୟ ରାଷ୍ଟ୍ରର ମଧ୍ୟସ୍ଥତାକୁ ଭାରତ କେବେ ସ୍ୱୀକାର କରି ନାହିଁ। ଏହି ସମୟରେ ଉପସ୍ଥାପକ ତାଙ୍କୁ ସଂଘର୍ଷ ସମାଧାନ ଲାଗି ତୃତୀୟ ପକ୍ଷର ହସ୍ତକ୍ଷେପ ନିମନ୍ତେ ପାକିସ୍ତାନ ପ୍ରସ୍ତୁତ ଥିଲା କି ବୋଲି ପଚାରି ଥିଲେ। ଏହା ଉପରେ ପାକିସ୍ତାନର କୌଣସି ଆପତ୍ତି ନ ଥିଲା ବୋଲି ଡାର୍ କହିଥିଲେ। କିନ୍ତୁ ଏଥିପାଇଁ ଭାରତ ମନା କରିଦେଇଥିଲା। ସୂଚନା ଅନୁଯାୟୀ ମେ'୭ରେ ସଂଘର୍ଷ ଆରମ୍ଭ ହେବାର ତିନି ଦିନ ପରେ ୧୦ରେ ଭାରତ-ପାକିସ୍ତାନ ମଧ୍ୟରେ ଟ୍ରମ୍ପ ଅସ୍ତ୍ରବିରତିର ସୂଚନା ଦେଇଥିଲେ। ପରେ ସେ ପ୍ରାୟ ୩୦ ଥର ଏହି ଯୁଦ୍ଧ ବନ୍ଦ କରିଥିବାର ଶ୍ରେୟ ନିଜକୁ ଦେଲେଣି। କିନ୍ତୁ ଭାରତ ଟ୍ରମ୍ପଙ୍କ ଦାବିକୁ ଖାରଜ କରିଆସିଛି। ଅସ୍ତ୍ରବିରତିରେ ତୃତୀୟ ପକ୍ଷର କୌଣସି ଭୂମିକା ନାହିଁ ବୋଲି କୁହାଯାଇଛି। ଏହା ପରେ ଇସାକ ଡାର୍ ସଂଘର୍ଷର ସମାଧାନ ନେଇ ଆମେରିକା ବିଦେଶ ମନ୍ତ୍ରୀ ମାର୍କ ରୁବିୟୋଙ୍କୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ମଧ ଭାରତ ଆଉ କାହାର ହସ୍ତକ୍ଷେପ ଚାହୁଁ ନ ଥିବା କହିଥିଲେ।

ଡାର୍ କହିଥିଲେ ଯେ ଜୁଲାଇ ୨୫ରେ ୱାଶିଂଟନରେ ରୁବିୟୋଙ୍କ ସହ ବୈଠକ ହୋଇଥିଲା। ଏଠାରେ ମଧ ଅନ୍ୟ କୌଣସି ଦେଶରେ ପାକିସ୍ତାନ ସହ ଆଲୋଚନା କରିବା ପାଇଁ ଭାରତ ରାଜି ହୋଇ ନ ଥିଲା।

# ୪୦ ବର୍ଷ ପରେ ପାକିସ୍ତାନରେ 'ରାବି' ବିପର୍ଯ୍ୟୟ



ଇସଲାମାବାଦ, ୧୬।୯ (ଏଜେନ୍ସି): ଦୀର୍ଘ ୪୦ ବର୍ଷ ପରେ ଭାରତରେ ପ୍ରବାହିତ ରାବି ନଦୀ ପାକିସ୍ତାନରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଦୀର୍ଘ ଚାରି ଦଶନ୍ଧି ପର୍ଯ୍ୟନ୍ତ ଶାନ୍ତ ରହିବା ପରେ ଏହି ନଦୀ ନିଜର ଭୟଙ୍କର ରୂପକୁ ଦେଖାଇଛି। ଚଳିତ ମୌସୁମୀର ଭୀଷଣ ବର୍ଷାରେ ଅଗଷ୍ଟରେ ରାବି ନଦୀ ପୁଣି ଫୁଲି ଉଠିଛି। ଏହା ସୀମା ସରହଦ ଡେଇଁ ପାକିସ୍ତାନର ଲାହୋରକୁ ବ୍ୟାପି ଯାଇଛି। ଏହା ଘର ଏବଂ କ୍ଷେତ ଭିତରେ ପଶି ବିପୁଳ କ୍ଷତି ଘଟାଇଛି। ଏବେ ବି ଅନେକ ଅଞ୍ଚଳ ବନ୍ୟାରେ ବୁଡି ରହିଛି। ଲୋକେ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏହା ପୁଣିଥରେ ଲୋକଙ୍କୁ ୪୦ ବର୍ଷ ତଳେ ହୋଇଥିବା ବିପର୍ଯ୍ୟୟର କରୁଣ ଦୃଶ୍ୟକୁ ମନେ ପକାଇ ଦେଇଛି। ପ୍ରକୃତି ସହ ଖେଳି ହେଉଥିବା ବିକାଶ କାର୍ଯ୍ୟର ଏହା କୁପରିଣତି ବୋଲି କିଛି ଲୋକ କହୁଛନ୍ତି। ଆଉ କିଛି ଲୋକେ ଏହାକୁ ରାବି ନଦୀର ଚମତ୍କାର ବୋଲି ଆଖ୍ୟା ଦେଇଛନ୍ତି। ରାବି ବୁଡେଇଲା, ଭସେଇଲା ଆଉ ପୁରୁଣା ସ୍ମୃତିକୁ ସତେଜ କରିଦେଲା ବୋଲି ପୁରୁଖା ଲୋକ କହୁଛନ୍ତି। ତେବେ ଏହି ବନ୍ୟା ପାଇଁ ପାକିସ୍ତାନ ଭାରତକୁ ଦୋଷ ଦେଉଛି। ଭାରତ ପାଣି ଅଟକାଇ ଛାଡ଼ିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା ବୋଲି କୁହାଯାଉଛି।

ସିନ୍ଧୁ ନଦୀ ପ୍ରଣାଳୀର ନଦୀଗୁଡ଼ିକ ପାକିସ୍ତାନ ଏବଂ ଭାରତରେ ଥିବା ପଞ୍ଜାବ ପ୍ରଦେଶର ଲୋକକଥା ଏବଂ ସଂସ୍କୃତିର ଅଂଶ ହୋଇ ରହିଛି। ବିଭାଜନକୁ ମଧ୍ୟ ନଦୀ ପରି ଉଲ୍ଲେଖ କରାଯାଇଛି। ଏହାକୁ ନେଇ ଗୁରଦାସ ମାନ-ଦିଲଜିତ୍ ଦୋସାଞ୍ଜ୍ ପଞ୍ଜାବୀ ଗୀତ ଲେଖିଛନ୍ତି। ପାକିସ୍ତାନର ପଞ୍ଜାବର ରାଜଧାନୀ ଲାହୋରର ସହିତ ରାବୀ ନଦୀର ପ୍ରେମକାହାଣୀ ବହୁ ଶତାବ୍ଦୀ ପୁରୁଣା। ତେଣୁ ଚାରି ଦଶନ୍ଧିରୁ ଅଧିକ ସମୟ ପରେ ରାବି ଲାଗି ଲାହୋରରେ ବନ୍ୟା ଆସିବାରୁ କେବଳ ବ୍ୟାପକ କ୍ଷତି ଘଟାଇନଥିଲା, ବରଂ ସ୍ମୃତିର ଏକ ବନ୍ୟା ମଧ ଆସିଥିଲା।

ସତଲେଜ୍ ଏବଂ ଚେନାବ ସହିତ ରାବି ପଞ୍ଜାବର ସବୁଠୁ ଭୟଙ୍କର ବନ୍ୟା ସୃଷ୍ଟି କରିଥିଲା। ଲାହୋରର ଅଧିବାସୀ ସେତୁ ଉପରେ ଏକାଠି ହୋଇ ପରିବାର ସହ ନଦୀ ବଢି ଦେଖୁଥିଲେ। ଚଳିତ ଥର ଉଭୟ ପଞ୍ଜାବକୁ ରାବି କ୍ରୋଧର ସମ୍ମୁଖୀନ ହେବାକୁ ପଡିଛି। ଭାରତର ଗୁରୁଦାସପୁର ଏବଂ ପଠାନକୋଟରୁ ପାକିସ୍ତାନର ନାରୋୱାଲ, ସାହିୱାଲ, କସୁର ଏବଂ ଲାହୋର ପର୍ଯ୍ୟନ୍ତ ସହରଗୁଡିକୁ ରାବି ବୁଡାଇ ଦେଇଛି। କରତାରପୁରର ଗୁରୁଦ୍ୱାର ସାହିବକୁ ମଧ ବନ୍ୟାପାଣି ପ୍ରବେଶ କରିଛି।

### ବୁଡ଼େଇଲା, ଭସେଇଲା, କନ୍ଦେଇ ସତେଜ କଲା ସ୍ମୃତି

ରାବି ନଦୀ ହିମାଚଳ ପ୍ରଦେଶର ବାରା ଭଙ୍ଗାଲ ଅଞ୍ଚଳରୁ ବାହାରି ଚମ୍ବା ଉପତ୍ୟକା ଦେଇ ପଞ୍ଜାବରେ ପ୍ରବେଶ କରିଛି। ପାକିସ୍ତାନର ନାରୱାଲରେ ପ୍ରବେଶ କରିବା ପୂର୍ବରୁ ପଞ୍ଜାବର ପଠାନକୋଟ, ଅମୃତସର ଏବଂ ଗୁରୁଦାସପୁର ଜିଲ୍ଲା ଦେଇ ପ୍ରବାହିତ ହୋଇଛି। ସେଠାରୁ ଏହା ଲାହୋର ଆଡକୁ ଯାଇ ଶେଷରେ ଚେନାବ ନଦୀରେ ମିଶିଛି। ରାବି ଲାହୋରରେ ପ୍ରବେଶ କରି ଏହି ସହରର ଦୁର୍ବଳ ଭିତ୍ତିଭୂମିକୁ ବିପର୍ଯ୍ୟସ୍ତ କରିଦେଇଛି। ନଦୀବନ୍ଧ ଭାଙ୍ଗି ଯାଇଛି, ସହରୀ ଯୋଜନା ଭୁଶୁଡ଼ି ପଡ଼ିଛି ଏବଂ ସହରର ପରିବେଶଗତ ଅବହେଳା ପଦାରେ ପଡ଼ିଯାଇଛି। ରାବି ନଦୀ ବନ୍ଧ ପ୍ରକଳ୍ପକୁ ବିକାଶ ଭାବେ ଦେଖାଯାଉଥିବାବେଳେ ଏବେ ଏହା ଇତିହାସରୁ କିଛି ଶିକ୍ଷା ଗ୍ରହଣ କରିନାହିଁ ବୋଲି ଲାଗୁଛି। କାରଣ ପୂର୍ବରୁ ହୋଇଥିବା ଭୁଲ୍‌ଗୁଡ଼ିକର ପୁନରାବୃତ୍ତି ହେବାର ଆଶଙ୍କା ରହିଛି। ଶେଷ ଥର ପାଇଁ ୧୯୮୮ରେ ରାବି ଯୋଗୁଁ ଲାହୋରରେ ପ୍ରଳୟଙ୍କରୀ ବନ୍ୟା ଆସିଥିଲା। ଏହା ପରଠାରୁ କୌଣସି ବନ୍ୟା ଆସି ନ ଥିବାରୁ ମୁକାବିଲା ପାଇଁ ପାକିସ୍ତାନ ପ୍ରସ୍ତୁତ ନ ଥିଲା। ଫଳରେ ରାବିରେ ୧୪ ଲକ୍ଷ କ୍ୟୁସେକ ଜଳ ମାଡ଼ି ଆସି ସୀମାରେ ଥିବା ୩୦ କିମିର ଲୁହା ବାଡ଼କୁ ଭସାଇ ନେଇଥିଲା। ପହଲଗାମ ଆକ୍ରମଣକୁ ନେଇ ସିନ୍ଧୁ ଚୁକ୍ତି ରଦ୍ଦ କରିବା ପରେ ଏପରି ହୋଇଛି। 'ଇଷ୍ଟର୍ଣ୍ଣ ଇଣ୍ଡସ ରିଭର ସିଷ୍ଟମ'ରେ ପ୍ରବାହିତ ହେଉଥିବା ଏହି ରାବି ନଦୀ ଆଣିଥିବା ବନ୍ୟାକୁ ନେଇ ସାମାଜିକ ଗଣମାଧ୍ୟମରେ ମଧ୍ୟ 'ମେମେ'ର ବନ୍ୟା ଆସିଥିଲା। ପାଣି ରୋକିବାକୁ ଭାରତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପାକିସ୍ତାନର ସିଂହ ଭାଗ କେମିତି ବୁଡିଗଲା ବୋଲି ଲୋକେ ପଚାରୁଛନ୍ତି।

## ରାଜ୍ୟରେ ମହିଳା ସୁରକ୍ଷା ବିପର୍ଯ୍ୟସ୍ତ

# ଆଜି ସବୁ ଏସ୍‌ପି ଅଫିସ ଘେରିବ ମହିଳା ବିଜେଡି

ଭୁବନେଶ୍ୱର,୧୬।୯(ସମିସ): ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ଏପରି ଲୋମଟାଙ୍କୁରା ଘଟଣାରୁ ରାଜ୍ୟରେ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଡ଼ିଥିବା ପ୍ରମାଣିତ ହେଉଛି। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଏପରି ଅଭିଯୋଗ କରିବା ସହ ରାଜ୍ୟ ସରକାରଙ୍କ ଉପରେ ଭୀଷଣ ବର୍ଷିଛି।

ଏହି ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତି ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆସନ୍ତାକାଲି (ବୁଧବାର) ରାଜ୍ୟର ସମସ୍ତ ଜିଲ୍ଲା ଏସ୍‌ପି ଅଫିସ ସମ୍ମୁଖରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ଧାରଣା ଦିଆଯିବା ସହ ଏସ୍‌ପିମାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି।

ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ ଓ ମହିଳାଙ୍କୁ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମା' ବାଲିହରଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଘଟିଥିବା ଗଣଦୁଷ୍କର୍ମ ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିର ସଦ୍ୟତମ ନମୁନା। ଏହି ଘଟଣା ଗୋପାଳପୁର ବେଳାଭୂମିରେ



ଘଟିଥିବା ଗଣଦୁଷ୍କର୍ମ ଘଟଣାର ପୁନରାବୃତ୍ତି। ରାଜ୍ୟରେ ଗଣଦୁଷ୍କର୍ମ, ନାରୀ ନିର୍ଯାତନା ଇତ୍ୟାଦି ଘଟଣା ଯେପରି ଥମିବାର ନାଁ ନେଉନାହିଁ। ଦୁଷ୍କର୍ମ ଓ ନାରୀ ନିର୍ଯାତନା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଥିବାରୁ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହେଉଛି। ଗୋପାଳପୁର ଘଟଣା ପରେ ଆମେରିକା ପକ୍ଷରୁ ଜାରି ଆଡଭାଇଜରିରେ ମହିଳା ସୁରକ୍ଷା ସ୍ଥିତି ଠିକ୍ ନଥିବା ଦର୍ଶାଇ ଓଡ଼ିଶା ସମେତ ୬ଟି ରାଜ୍ୟକୁ ତାଙ୍କ ଦେଶର ମହିଳାମାନଙ୍କୁ ଯିବାକୁ ବାରଣ କରାଯାଇଥିଲା। ସେହିପରି, ଏଫଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ଓ ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଲଜ୍ଜାଜନକ ବୋଲି ଦେଇଥିବା ମନ୍ତବ୍ୟ ପାଇଁ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଥିଲା। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ଆସନ୍ତାକାଲି ରାଜ୍ୟର ସମସ୍ତ ଜିଲ୍ଲାରେ ମହିଳା ସୁରକ୍ଷା ପ୍ରସଙ୍ଗରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଧାରଣା ଦେବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯିବ।


ଡ. ସାମନ୍ତସିଂହାର କହିଥିଲେ ଯେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ମହିଳାଙ୍କ ବିରୋଧରେ ଅପରାଧ ସୀମା ସରହଦ ଉଲ୍ଲଙ୍ଘନ ହୋଇଛି। ରାଜ୍ୟରେ ପ୍ରତିଦିନ ୧୫ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ଗତ ୧୪ ମାସର ବିଜେପି ଶାସନରେ ସମସ୍ତ ବର୍ଗର ବ୍ୟକ୍ତିମାନଙ୍କ ଭିତରୁ ମହିଳାମାନେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ମାତ୍ର ରାଜ୍ୟ ସରକାର ମହିଳା ସୁରକ୍ଷାର ଡିଣ୍ଡିମ ପିଟୁଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରାଜ୍ୟର ସମସ୍ତ ଲଭର୍ସ ପଏଣ୍ଟରେ ସୁରକ୍ଷା ପ୍ରଦାନ ପାଇଁ ଘୋଷଣା କରିଥିଲେ। ବାଲିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣା ପରେ ଶ୍ରୀମତୀ ପରିଡ଼ାଙ୍କ ଘୋଷଣା ପାଣିରେ ଗାର ସଦୃଶ୍ୟ ହୋଇଛି। ରାଜ୍ୟ ପୁଲିସ କର୍ତ୍ତୃପକ୍ଷ ପୁଲିସ କର୍ମଚାରୀ ଅଭାବ ରହିଛି ବୋଲି ସଫେଇ ଦେଉଛନ୍ତି। ରାଜ୍ୟର ନେତା, ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ପୁଲିସ ବ୍ୟସ୍ତ ଅଛି, କିନ୍ତୁ ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ କର୍ମଚାରୀଙ୍କ ଅଭାବ ରହିଛି ବୋଲି ଦର୍ଶାଯିବାକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ।

ବିଜେଡି ନେତ୍ରୀ ମିନତି ବେହେରା କହିଥିଲେ ଯେ ମହିଳାମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ପାଇଁ ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ମହିଳା ଓ ଶିଶୁ ଡେସ୍କଗୁଡ଼ିକ ବର୍ତ୍ତମାନ କାର୍ଯ୍ୟ କରୁନାହିଁ। ଫଳରେ ଅତ୍ୟାଚାରର ଶିକାର ହେଉଥିବା ମହିଳାମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାଛଡ଼ା ୧୮୧ ହେଲ୍ପଲାଇନ ମଧ୍ୟ କାର୍ଯ୍ୟ କରୁନାହିଁ। ଗତ ୧୪ମାସର ବିଜେପି ଶାସନରେ ରାଜ୍ୟରୁ ଯୁବତୀ ଚାଲାଣ ମଧ୍ୟ ବୃଦ୍ଧି ପାଇଛି। କିନ୍ତୁ ରାଜ୍ୟ ସରକାରଙ୍କ ଏଥିପ୍ରତି ନିଘା ନାହିଁ। ତେଣୁ ବିଜୁ ମହିଳା ଜନତା ଦଳ ରାଜ୍ୟର ମହିଳାଙ୍କ ସୁରକ୍ଷା ପାଇଁ ଲଢ଼େଇ ଜାରି ରଖିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ସବୁ ଜାଣି ବି ସରକାର ନିରବ ରହିବା କ୍ଷୋଭର ବିଷୟ: ନବୀନ

## ଚାଷୀଙ୍କ ପାଇଁ ସ୍ୱର ଆହୁରି ଶାଣିତ କରିବ ବିଜେଡି

ଭୁବନେଶ୍ୱର, ୧୬।୯(ସମିସ): ସରକାର ଯେତେ ବାହାସ୍ଫୋଟ ମାରିଲେ ମଧ୍ୟ ରାଜ୍ୟରେ ସାର ସଂକଟର ସମାଧାନ ହେଉନାହିଁ। ସମସ୍ୟାକୁ ନେଇ ଚାଷୀ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ସରକାରୀ ଅପାରଗତାକୁ ନେଇ ବିରୋଧୀ ଦଳ ବର୍ଷୁଛନ୍ତି। ଏହି କ୍ରମରେ ଚାଷୀଙ୍କ ସମସ୍ୟାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି



ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଉଲ୍ଲେଖ କରିଛନ୍ତି ଯେ ସାର ପାଇଁ ଚାଷୀମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। କେଉଁଠି ଘଣ୍ଟାଘଣ୍ଟା ଲମ୍ବା ଧାଡ଼ି ତ କେଉଁଠି ସାରା ରାତି ଅନିଦ୍ରା ପରେ ବି ସାର ମିଳୁ ନାହିଁ। ଚାଷ ସମୟରେ ସାର ନ ପାଇ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। କିନ୍ତୁ ସାର ସଙ୍କଟ ନେଇ ସବୁ ଜାଣି ବି ସରକାର ନିରବ ରହିବା ସବୁଠୁ କ୍ଷୋଭର ବିଷୟ। ଏନେଇ ବିଜୁ ଜନତା ଦଳ ଜୋରଦାର ପ୍ରତିବାଦ କରିଛି। ଚାଷୀ ଭାଇଭଉଣୀଙ୍କ ସହ ଦୃଢ଼ ଭାବେ ଠିଆ ହୋଇଛି। ସାର ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦଳ ଗଣଧାରଣା ଦେବା ସହ ରାଜ୍ୟପାଳଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଛି। ଯଥାଶୀଘ୍ର ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଚାଷୀଙ୍କ ହକ୍ ପାଇଁ ବିଜୁ ଜନତା ଦଳର ସ୍ୱର ଆହୁରି ଶାଣିତ ହେବ ବୋଲି ନବୀନ କହିଛନ୍ତି।

# ନୂଆପଡ଼ା ଉପନିର୍ବାଚନ: ୭ରେ ଚୂଡ଼ାନ୍ତ ଭୋଟର ତାଲିକା

ଭୁବନେଶ୍ୱର,୧୬।୯(ସମିସ): ଉପନିର୍ବାଚନ ହେବାକୁ ଥିବା ନୂଆପଡ଼ା ବିଧାନସଭାରେ ଆଉ ୫୬ଟି ନୂତନ ମତଦାନ କେନ୍ଦ୍ର ଖୋଲାଯିବ। ପୂର୍ବରୁ ମୋଟ୍ ୩୦୨ଟି ମତଦାନ କେନ୍ଦ୍ର ଥିବାବେଳେ ଏହା ୩୫୮କୁ ବୃଦ୍ଧି ପାଇଛି। ତନ୍ମଧ୍ୟରୁ ସହରାଞ୍ଚଳରେ ୩୬ଟି ଏବଂ ଗ୍ରାମାଞ୍ଚଳରେ ୩୨୨ଟି ମତଦାନ କେନ୍ଦ୍ର କରାଯାଇଛି। ଏହାସହ ୫୨ଟି କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୂର୍ବରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ (ଏସ୍‌ଏସ୍‌ଆର୍) କରିବାକୁ ଆୟୋଗ ସୂଚନା ଦେଇଥିଲେ। ତଦନୁଯାୟୀ ଗତକାଲି ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଭୋଟର ତାଲିକା ନେଇ କାହାର ଆପତ୍ତି ଥିଲେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଅଭିଯୋଗ ଦାଖଲ କରିପାରିବେ। ସମସ୍ତ ଅଭିଯୋଗକୁ ଅକ୍ଟୋବର ୭ ତାରିଖ ମଧ୍ୟରେ ସମାଧାନ କରାଯିବ। ଏହାପରେ ୯ ତାରିଖ ଦିନ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ନିର୍ବାଚନ ଅଧିକାରୀଙ୍କ ତଥ୍ୟ ଅନୁଯାୟୀ, ନୂଆପଡ଼ାରେ ମୋଟ୍ ୨ଲକ୍ଷ ୪୮ହଜାର ୨୫୬ ଭୋଟର୍ ରହିଛନ୍ତି। ତନ୍ମଧ୍ୟରୁ ୧ଲକ୍ଷ ୨୨ହଜାର ୧୦୩ ପୁରୁଷ ଥିବାବେଳେ ୧ଲକ୍ଷ ୨୬ହଜାର ୧୩୨ ମହିଳା ଓ ୨୧ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି।

## ଡବଲ ଇଞ୍ଜିନ ସରକାର ଆଦିବାସୀ ବିରୋଧୀ

# ୫ ମାସ ହେବ ମିଳୁନି ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି

ଭୁବନେଶ୍ୱର,୧୬।୯(ସମିସ): ରାଜ୍ୟର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ଏବଂ ଦେଶର ରାଷ୍ଟ୍ରପତି ମଧ୍ୟ ଆଦିବାସୀ। ଏହାଫଳରେ ରାଜ୍ୟର ଆଦିବାସୀମାନଙ୍କୁ ଉଚିତ ନ୍ୟାୟ ମିଳିବ ବୋଲି ଆଶା ରହିଥିଲା; କିନ୍ତୁ ଆଦିବାସୀଙ୍କ ଦୁଃଖ ଦୂର ହେବା ପରିବର୍ତ୍ତେ ରାଜ୍ୟର ଆଦିବାସୀ ଛାତ୍ର ଛାତ୍ରୀଙ୍କୁ ମୌଳିକ ଅଧିକାରରୁ ସରକାର ବଞ୍ଚିତ କରିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଦଳ ପକ୍ଷରୁ ମଙ୍ଗଳବାର ଲକ୍ଷ୍ମୀପୁର କଂଗ୍ରେସ ଯୁବ ବିଧାୟକ ପବିତ୍ର ସାଉଁନ୍ତା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟର ନବମ ଓ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପ୍ରାକ ମାଟ୍ରିକ ଛାତ୍ର ବୃତ୍ତିକୁ ରାଜ୍ୟ ସରକାର ଦୀର୍ଘ ୫ ମାସ ହେଲା ବନ୍ଦ କରି ରଖିଛନ୍ତି। ବୃତ୍ତି ବନ୍ଦ ହୋଇଯିବା ଫଳରେ ରାଜ୍ୟର ୫୩ ହଜାର ଗରିବ ଆଦିବାସୀ ପିଲାଙ୍କୁ ଅନେକ କଷ୍ଟ ଭୋଗିବାକୁ ପଡୁଛି। ଯଦି ସରକାର ଛାତ୍ର ଛାତ୍ରୀଙ୍କ ବୃତ୍ତି ପୁନଃଲାଗୁ ନ କରନ୍ତି, ତେବେ ନିକଟରେ ହେବାକୁ ଥିବା ବିଧାନସଭା ଅଧିବେଶନରେ କଂଗ୍ରେସ ଦଳ ଏହି ପ୍ରସଙ୍ଗରେ ସରକାରଙ୍କୁ ଉଚିତ ଜବାବ ମାଗିବ ବୋଲି ବିଧାୟକ ଶ୍ରୀ ସାଉଁନ୍ତା ପ୍ରକାଶ କରିଛନ୍ତି।

କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ରାଜ୍ୟରେ ୫୩ ହଜାର ଛାତ୍ର ଛାତ୍ରୀଙ୍କୁ ଆଜିକୁ ୫ମାସ ହେଲାଣି ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଏପର୍ଯ୍ୟନ୍ତ ମିଳିନାହିଁ। ସୁନ୍ଦରଗଡ଼ ଜିଲ୍ଲାରେ ଗଣଶିକ୍ଷା ବିଭାଗ ଦ୍ୱାରା ୨୮୭ ଟି ଛାତ୍ରବାସରେ ୨୮ ହଜାର ଅନୁସୂଚିତ ଜାତି ଓ ଆଦିବାସୀ ବର୍ଗର ଛାତ୍ର ଛାତ୍ରୀ ମାନେ ପାଠ ପଢୁଛନ୍ତି। ସେହିଭଳି ଭାବରେ ଅନୁସୂଚିତ ଜାତି ଓ ଜନଜାତି ଉନୟନ



ଓ ସଂଖ୍ୟା ଲଘୁ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ୧୩୮ ଛାତ୍ରାବାସରେ ୨୫ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗତ ଏପ୍ରିଲ ମାସ ଠାରୁ ଆଜି ପର୍ଯ୍ୟନ୍ତ ଅନୁଦାନ ବା ଛାତ୍ରବୃତ୍ତି ମିଳିଲା ନାହିଁ। ସରକାର ଛାତ୍ର ବୃତ୍ତି ସ୍ୱରୂପ ନବମ ଓ ଦଶମ ଶ୍ରେଣୀର ଛାତ୍ର ମାନଙ୍କୁ ୧୦୫୦ ଟଙ୍କା ଦେଉଥିବା ବେଳେ ଛାତ୍ରୀ ମାନଙ୍କୁ ୧୧୦୦ ଟଙ୍କା ଦେଉଛନ୍ତି। ଏହି ଅର୍ଥରାଶିକୁ ମାସକ ମଧ୍ୟରେ ସେମାନେ ଚାରି ଓଳି ସକାଳ ଜଳଖିଆ, ଦୁଇ ପହର ଭାତ, ଅପରାହ୍ନ ଜଳଖିଆ ଓ ରାତ୍ରି ଭୋଜନ କରିଥାନ୍ତି। ଏଥିରେ ମଧ୍ୟ ନିତ୍ୟ ବ୍ୟବହାର ଜିନିଷ(ସାବୁନ, ତେଲ, ପେନ୍)। ଏହି ପଞ୍ଚମାସ କାଳ ଛାତ୍ରବୃତ୍ତି ନ ଦେବା ହେତୁ ଏବେଠାରୁ ଛାତ୍ରାବାସ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ହାତ ଟେକି ଦେଇଛନ୍ତି ବୋଲି ସେ କହିଛନ୍ତି।

ପ୍ରି-ମାଟ୍ରିକ ଛାତ୍ର ବୃତ୍ତି-ଏସଟି ଛାତ୍ର ବୃତ୍ତି କେନ୍ଦ୍ର

**ବୃତ୍ତି ଅପେକ୍ଷାରେ ୫୩ ହଜାର ଛାତ୍ରଛାତ୍ରୀ**

ସରକାର ୭୫ ପ୍ରତିଶତ ଦେଉଥିବା ବେଳେ ରାଜ୍ୟ ସରକାର ୨୫ ପ୍ରତିଶତ ଦେଉଛନ୍ତି। ସେହିଭଳି ଅନୁସୂଚିତ ଜାତିବର୍ଗଙ୍କ ପାଇଁ ୬୦ ପ୍ରତିଶତ ଦେଉଥିବା ବେଳେ ୪୦ ପ୍ରତିଶତ ରାଜ୍ୟ ସରକାର ଦେଉଛନ୍ତି। ପଛୁଆବର୍ଗଙ୍କ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୫୦ ପ୍ରତିଶତ ଦେଉଛନ୍ତି। ଏହି ଛାତ୍ର ବୃତ୍ତି ପ୍ରଦାନ କ୍ଷେତ୍ରରେ ରାଜ୍ୟ ସରକାର ତାଙ୍କ ଭାଗ ପ୍ରଦାନ କରିସାରିବାର ପ୍ରମାଣ ଦେବା ପରେ କେନ୍ଦ୍ର ସରକାର ତାଙ୍କ ଅଂଶଧନ ସିଧାସଳଖ ଡିବିଟି ମାଧ୍ୟମରେ ବ୍ୟାଙ୍କ୍ ଖାତାକୁ ଆସିଥାଏ। ଉଭୟ ରାଜ୍ୟ ଓ କେନ୍ଦ୍ରର ବିଜେପି ସରକାର ଆଦିବାସୀ ବିରୋଧୀ ବୋଲି ଏଥିରୁ ପ୍ରମାଣିତ ହୋଇଥିଲା କଂଗ୍ରେସ କହିଛି।

# ଦୁର୍ଦ୍ଦାନ୍ତ ଦୀପକକୁ ଏନ୍‌କାଉଣ୍ଟର୍

ସମ୍ବଲପୁର, ୧୬।୯ (ସମିସ): ସମ୍ବଲପୁରରେ ପୁଣି ଏନ୍‌କାଉଣ୍ଟର୍। ବିଭିନ୍ନ ଥାନାରେ ୨୧ରୁ ଊର୍ଦ୍ଧ୍ୱ ସଂଗୀନ ମାମଲାରେ ଜଡ଼ିତ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ଦୀପକ ମଣ୍ଡଳକୁ ଆଜି ସଂଧ୍ୟାରେ ରେଙ୍ଗାଲି ପୁଲିସ ଏନ୍‌କାଉଣ୍ଟର୍ କରିଛି। ତା'ର ଡାହାଣ ଗୋଡ଼ରେ ଗୁଳି ବାଜିଛି। ଚିକିତ୍ସା ଲାଗି ତାକୁ ବୁର୍ଲା ଭୀମସାରରେ ଭର୍ତ୍ତି କରାଯାଇଛି। ତା' ପାଖରୁ ପୁଲିସ ୭.୬୫ ଏମ୍‌ଏମ୍ ବିଶିଷ୍ଟ ଗୋଟିଏ ଦେଶୀ ବନ୍ଧୁକ, ୨ଟି ଗୁଳି ଓ ଗୋଟିଏ ସ୍କୁଟି ଜବତ କରିଛି।

ସୂଚନାନୁଯାୟୀ, ରମ୍ପେଲା ଜଙ୍ଗଲ ନିକଟରେ ଦୀପକ ଥିବା ସୂଚନା ପାଇ ପୁଲିସ୍ ସେଠାରେ ଚଢ଼ଉ



(ଫାଇଲ୍ ଫଟୋ)

କରିଥିଲା। ପୁଲିସ ତାକୁ ଧରିବାକୁ ଚେଷ୍ଟା କରୁଥିବା ବେଳେ ଦୀପକ ପ୍ରଥମେ ପୁଲିସ ଉପରକୁ ୩ରାଉଣ୍ଡ ଗୁଳି ଚଳାଇଥିଲା। ଜବାବରେ ପୁଲିସ ମଧ୍ୟ ତା' ଉପରକୁ ଗୁଳି ଚାଳନା କରିଥିଲା। ଏଥିରେ ଦୀପକରୁ ଡାହାଣ ଗୋଡ଼ରେ ଗୋଟିଏ ଗୁଳି ବାଜିଥିଲା। ପରେ ପୁଲିସ ତାକୁ କାବୁ କରିନେଇଥିଲା।

ଉଲ୍ଲେଖଯୋଗ୍ୟ, ଦୀପକ ନାଁରେ ସମ୍ବଲପୁରର ବିଭିନ୍ନ ଥାନାରେ ୨୧ଟି ମାମଲା ରହିଛି। ଅଇଁଠାପାଲି ଥାନାରେ ୧୦ଟି ମାମଲା ଥିବା ବେଳେ ବୁର୍ଲା ଥାନାରେ ୩ଟି, ଧନୁପାଲି ଥାନାରେ ୧, କ୍ଷେତରାଜପୁର ଥାନାରେ ୨ଟି, ସଦରରେ ଗୋଟାଏ ଓ ଟାଉନ ଥାନାରେ ୪ଟି ମାମଲା ରହିଛି। ଅଭିଯୁକ୍ତ ଅନେକ ସମୟରେ ଫେରାର ରହିଥିଲା। ପୁଲିସ ବାରମ୍ବାର ଚେଷ୍ଟା ପରେ ମଧ୍ୟ ଧରିବାରେ ବିଫଳ ହେଉଥିଲା।

# ଆତ୍ମସମର୍ପଣ କଲେ ମହିଳା ମାଓବାଦୀ

ନୂଆପଡ଼ା,୧୬।୯(ସମିସ): ଛତିଶଗଡ଼ ରାଜ୍ୟ ଗରିଆବନ୍ଧ ଏସପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ଜଣେ ମହିଳା ମାଓବାଦୀ। ତାଙ୍କ ନାମ ଜାନସି ଉର୍ଫ ବଛେଲା ଅଟାମୀ। ସେ ନଗରୀ ଏରିଆ ମାଓ ସଂଗଠନର ସଚିବ ଥିଲେ। ଜାନସି



ମହାରାଷ୍ଟ୍ର ଗଡ଼ଚିରୋଲିର ମୂଳବାସିନ୍ଦା। ଦୀର୍ଘ ୨୦ବର୍ଷ ହେବ, ସେ ଧମତରୀ-ଗରିଆବନ୍ଧ- ନୂଆପଡ଼ା ଡିଭିଜନ କମିଟିର ସକ୍ରିୟ ସଦସ୍ୟ ଥିଲେ। ଜାନସୀ, କେନ୍ଦ୍ର କମିଟି ସଦସ୍ୟ ଚଳପତିର ଘନିଷ୍ଠ ସହଯୋଗୀ ସତ୍ୟମ ଗାବଡେଙ୍କ ସ୍ତ୍ରୀ। ଗତ ଜାନୁଆରୀ ମାଓ ଏନକାଉଣ୍ଟର୍‌ରେ ଚଳପତି ସହ ସତ୍ୟମ ଗାବଡେ ମଧ୍ୟ ନିହତ ହୋଇଥିଲା। ଜାନସିଙ୍କ ନାମରେ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଜାନସୀ ମାଓ ସଂଗଠନ ଛାଡ଼ି ଗରିଆବନ୍ଧ ଏସ୍‌ପି ନିଖିଲ ରଖେଚାଙ୍କ ନିକଟରେ ଆତ୍ମସମର୍ପଣ କରିଛି।


# 'ଉତ୍କଳ'ରେ ଭୟଙ୍କର ଆର୍ଥିକ ଅନିୟମିତତା

## ୨୪୧ କୋଟି ଭରଣା ନିମନ୍ତେ ଅଡ଼ିଟ ଟିମ୍‌ର ସୁପାରିସ

ଭୁବନେଶ୍ୱର,୧୬।୯(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟରୁ ହୋଇଛି ବ୍ୟାପକ ଅର୍ଥ ହରିଲୁଟ୍। ଲୁଚା ଛପାରେ ନୁହେଁ; ସମସ୍ତଙ୍କ ଜ୍ଞାତସାରରେ ଲୁଟ୍ ହୋଇଛି। ବିଭିନ୍ନ କାର୍ଯ୍ୟକ୍ରମରେ ଚାରଣା ଖର୍ଚ୍ଚକୁ ବାରଣା ଦର୍ଶାଯାଇଛି। ବିଶ୍ୱବିଦ୍ୟାଳୟ କୋଷାଗାରରୁ ଅଧିକାରୀମାନେ ମିଳିମିଶି ଟଙ୍କା ଉଠାଇ ନେଇଛନ୍ତି; ହେଲେ ଅଡିଟ୍ ସମୟରେ ଖର୍ଚ୍ଚର ହିସାବ ଦେଇ ପାରୁ ନାହାନ୍ତି। ଆବଶ୍ୟକ ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରି ନ ପାରି ଅଡ଼ିଟ୍‌ରେ ଧରା ପଡ଼ିଛନ୍ତି। ୨୦୧୫-୧୬ ରୁ ୨୦୧୯-୨୦ ଆର୍ଥିକବର୍ଷ ଅର୍ଥାତ୍ ମାତ୍ର ୫ ବର୍ଷରେ ୨୪୧କୋଟିରୁ ଅଧିକ ଟଙ୍କା ଆତ୍ମସାତ୍ ହୋଇଥିବା ଧରିଛି ଅଡ଼ିଟ୍ ଟିମ୍। ଏସବୁ ଅର୍ଥ ଭରଣା କରିବାକୁ ଅଡିଟ୍ ରିପୋର୍ଟରେ ସୁପାରିସ୍ କରାଯାଇଥିଲେ ମଧ୍ୟ ଅଧିକାରୀମାନେ ଅର୍ଥ ଦାଖଲ କରିବା ପରିବର୍ତ୍ତେ ସମୟ ଗଡ଼ାଇ ଚାଲିଛନ୍ତି।

ଲୋକାଲ୍ ଫଣ୍ଡ ଅଡିଟ୍ ରିପୋର୍ଟ ଅନୁସାରେ ୨୦୧୫-୧୬ ଆର୍ଥିକ ବର୍ଷରେ ସମୁଦାୟ ୨୦କୋଟି ୧୫ଲକ୍ଷ ୯୦ହଜାର ୬ଟଙ୍କା ହଡ଼ପ କରାଯାଇଛି। ସମୁଦାୟ ୪୪ଜଣ ଅଧିକାରୀ ଏହି ଟଙ୍କା ଆତ୍ମସାତ୍ କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତନ୍ମଧ୍ୟରୁ ୨ଜଣ ଅଧିକାରୀ ତାଙ୍କଠାରୁ ଆଦାୟ ହେବାକୁ ଥିବା ଟଙ୍କା ଭରଣା କରିଛନ୍ତି। ତତ୍କାଳୀନ କୁଳସଚିବ ପ୍ରାୟ ୧୩ଲକ୍ଷ ଟଙ୍କା ଭରଣା କରିବାକୁ ଥିବାବେଳେ ୮ଜଣ ଅଧିକାରୀ ଲକ୍ଷାଧିକ ଟଙ୍କା ଫେରସ୍ତ କରିବାକୁ ସୁପାରିସ୍ ହୋଇଛି। ସେହିପରି ୨୦୧୬-୧୭ରେ ଲୁଟ୍ ଅର୍ଥ ଶହେକୋଟି ଅତିକ୍ରମ କରିଛି। ସମୁଦାୟ ୬୭ ଜଣ ଅଧିକାରୀ ଓ କର୍ମଚାରୀଙ୍କ ଠାରୁ ୧୦୧ କୋଟି ୫୯ଲକ୍ଷ ୮୬ହଜାର ୭୩୮ଟଙ୍କା ଭରଣା କରିବାକୁ ଅଡ଼ିଟ୍ ଟିମ୍ ସୁପାରିସ କରିଛି। ତତ୍କାଳୀନ କୁଳସଚିବଙ୍କ ନାମରେ ୯ଲକ୍ଷରୁ ଅଧିକ ଟଙ୍କା ବକେୟା ରହିଛି, ଏପରିକି ଜଣେ ତତ୍ତ୍ୱାବଧାରକ (କେୟାରଟେକର)ଙ୍କ ଠାରୁ ୪ଲକ୍ଷ ୩୪ହଜାରରୁ ଅଧିକ ଟଙ୍କା ଭରଣା କରିବାକୁ କୁହାଯାଇଛି। କେୟାରଟେକର୍ ଏତେ ଟଙ୍କାର କାରବାର କିପରି କରୁଥିଲେ ନା ତାଙ୍କ ନାମରେ ଆଉ କେଉଁ ଅଧିକାରୀ ନେଣଦେଣ କରୁଥିଲେ ତାକୁ ନେଇ ପଶ୍ନବାଚୀ ସୃଷ୍ଟି ହୋଇଛି। ୨୦୧୭-୧୮ରେ ୫୨ ଜଣ ଅଧିକାରୀ ମିଳିତ ଭାବେ ୫୫କୋଟି ୮୧ଲକ୍ଷ ୨୬ହଜାର ୮୬୪ ଟଙ୍କା ହଡ଼ପ କରିଛନ୍ତି। ତନ୍ମଧ୍ୟରୁ ମାତ୍ର ୨ଜଣ କର୍ମଚାରୀ ଟଙ୍କା ଫେରସ୍ତ କରିଛନ୍ତି। ୨୦୧୮-୧୯ରେ ୪୦ ଜଣ କର୍ମଚାରୀ ୬୩କୋଟି ୫୫ଲକ୍ଷ ୭୨ହଜାର ୯୫୮ ଟଙ୍କା, ୨୦୧୯-୨୦ରେ ୭୩ଲକ୍ଷ ୭୫ହଜାର ୪୪୮ ଟଙ୍କା ହେରଫେର୍ କରାଯାଇଥିବା ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି। ଏସବୁ ଅର୍ଥ ଭରଣା କରିବାକୁ ସୁପାରିସ୍ କରିବା ସହ କେଉଁ ଅଧିକାରୀ କେତେ ଟଙ୍କା ହଡ଼ପ କରିଛନ୍ତି, ତାହାର ତାଲିକା ମଧ୍ୟ କରାଯାଇଛି।

ଅଡିଟ୍‌ରେ ତଞ୍ଚକତା ଧରା ପଡ଼ିବା ପରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମୟ ଉପଯୋଗୀ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଅର୍ଥ ଭରଣା କରିବା ପୂର୍ବରୁ ବହୁ ଅଧିକାରୀ ଅବସର ନେଇ ସାରିଲେଣି। କିଛି ଅଧ୍ୟାପକ ଓ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ମଧ୍ୟ ହୋଇ ସାରିଛି। ହେଲେ ସେମାନଙ୍କ ଠାରୁ ଏହି ଅର୍ଥ ଆଦାୟ କରିବାକୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏପରିକି ସେମାନଙ୍କୁ ନୋଅବଜେକସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ପ୍ରଦାନ କରାଯାଇଥିବାରୁ ବିନା ଦ୍ୱନ୍ଦ୍ୱରେ ସେମାନେ ପେନସନ୍ ପାଉଛନ୍ତି। ସରକାରୀ ଅର୍ଥ ହେରଫେର କରିବା ପରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାହା ଆଦାୟ କରିବାକୁ କୌଣସି ପଦକ୍ଷେପ ନେଉ ନ ଥିବାରୁ ପୂର୍ବତନ ଛାତ୍ରଛାତ୍ରୀ ଓ ଶିକ୍ଷାବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟରେ ମାତ୍ର ୫ ବର୍ଷରେ ଏତେ ପରିମାଣରେ ଟଙ୍କା ହଡ଼ପ ହେଉଥିବାରୁ କ୍ରମାଗତ ଭାବେ ଶିକ୍ଷାନୁଷ୍ଠାନର ଶୈକ୍ଷିକ ମାନ ହ୍ରାସ ପାଉଛି। ଏପରିକି ବ୍ୟାପକ ଦୁର୍ନୀତି ହିଁ ଏନ୍‌ଆଇଆର୍‌ଏଫ୍ ଓ ନାକ୍ ପରି ମାନ୍ୟତା ହ୍ରାସ ପାଇବାର ପ୍ରମୁଖ କାରଣ ବୋଲି ଅଭିଯୋଗ ହୋଇଛି।

# ମା' ଶାରଳାଙ୍କ ଶାରଦୀୟ ପୂଜା



ଜଗତସିଂହପୁର,୧୬।୯ (ସମିସ)

ଓଡ଼ିଶାର ସମସ୍ତ ଶକ୍ତିପୀଠ ଶାରଦୀୟ ପାର୍ବଣ ପୂଜା ପାଇଁ ଚଳଚଞ୍ଚଳ ହୋଇପଡିଥିବାବେଳେ ଜଗତସିଂହପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଝଙ୍କଡସ୍ଥ ମା' ଶାରଳାଙ୍କ ପୀଠରେ ମଧ ରବିବାର ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଛି ପାର୍ବଣ ପୂଜା। ଏହି ସାର୍ବଜନୀନ ଶାରଦୀୟ ପାର୍ବଣ ପୂଜା ଆସନ୍ତା ସେପ୍ଟେମ୍ବର ୨୯ ତାରିଖ ସୋମବାର ମହାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ୧୬ ଦିନ ପର୍ଯ୍ୟନ୍ତ ବୈଦିକ ବିଧିବିଧାନରେ ପାଳିତ ହେବ। ଏହି ପୂଜାର ଅନେକ ବିଶେଷତ୍ୱ ଓ ମହତ୍ତ୍ୱ ରହିଥିବା ଆଲୋଚନା ହୁଏ।

ପ୍ରତିଦିନ ପ୍ରାତଃ ସମୟରେ ମଙ୍ଗଳ ଆଳତୀ, ମଧୁସ୍ନାନ, ଦଶଦିଗପାଳ ପୂଜା, ପାଶ୍ୱର୍ ଦେବଦେବୀ ପୂଜା, ପଞ୍ଚାମୃତ ମାର୍ଜନା ପରେ ଅପୂର୍ବ ମନୋରମ ବେଶରେ ମାଆଙ୍କୁ ସଜ୍ଜିତ କରାଯାଇଥାଏ। ଦୈନିକ ପାଞ୍ଜିପାଠ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ପ୍ରଥମ ପ୍ରହର ଧୂପ, ବଡସିଂହାର, ଷୋଡ଼ଶ ଉପଚାର ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞରେ ଆହୂତି ପ୍ରଦାନ କରାଯାଇଥାଏ।ସେହିପରି ସନ୍ଧ୍ୟାଆରତୀ ବେଶ ଦର୍ଶନ ପରେ, ନାଟ୍ୟ ମଣ୍ଡପରେ ପୁରାଣ ପଣ୍ଡାଙ୍କ ଦ୍ୱାରା ଶୂଦ୍ରମୁନି ଆଦିକବି ସାରଳା ଦାସଙ୍କ ବିରଚିତ ଚଣ୍ଡୀ ପୁରାଣ ପାଠ ସହିତ ପ୍ରତିଦିନ ରାତି ୧୦ଟାବେଳେ ସମ୍ପୂର୍ଣ୍ଣ ସୁନାବେଶ ଦର୍ଶନ ଆଦି ନୀତିକାନ୍ତି ସମାହିତ ହୋଇଥାଏ। ଆସନ୍ତା ୨୨ ତାରିଖଠାରୁ ନବରାତ୍ର ଉପଲକ୍ଷେ ରାତି ୯ଟା ବେଳେ ମା'ଙ୍କ ଚଳନ୍ତି ବିଜେ ପ୍ରତୀମାଙ୍କୁ ଏକ ସୁସଜ୍ଜିତ ମଣିମୟ ବିମାନ ଆରୋହଣ କରାଯାଇ, ନଗରପରିକ୍ରମା ବା ଦାଣ୍ଡଯାତ୍ରାରେ ବିଜେ କରାଯାଏ। ସମ୍ମୁଖରେ ବନ୍ଧିଆ ଜଳୁଥାଏ, ଆଲଟ, ଚାମର ପଡୁଥାଏ, ଛତା, ତରାସ ଚଳିବା ସହିତ ଘଣ୍ଟ ଘଣ୍ଟା କାହାଳୀ, ଭେରି ତୁରୀ, ଢୋଲ ମହୁରୀ, ନାମ ସଂକୀର୍ତ୍ତନ ଓ ହରିବୋଲ ହୁଳହୁଳି ଧ୍ୱନିରେ ଝଙ୍କଡର ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଉଠେ। ପ୍ରଥମ ଦିନ ପାଚିରୀ କଣ ବାଟ, ୨ୟ ଦିନ ଗୋବିନ୍ଦଜୀଉଙ୍କ ମଠ, ୩ୟ ଦିନ ଗୋପାଳମାନଙ୍କ ଗୋଠ, ୪ର୍ଥ ଦିନ ଶାରଳା ପର୍ଶୁରାମ ଭେଟ, ୫ମ ଦିନ ଗୁପ୍ତ ଚନ୍ଦ୍ରଭାଗା ନଦୀର ବିଶ୍ୱମ୍ବର ଘାଟ ଓ ଷଷ୍ଠ ଦିବସରୁ ଦଶହରା ପର୍ଯ୍ୟନ୍ତ ବଡଶାରୋଳ ଗ୍ରାମର ଲଣ୍ଡାଦେଉଳସ୍ଥ ପ୍ରାଚୀନ ପୀଠ ସ୍ଥଳୀକୁ ଯାତ୍ରା କରି ପୁନଶ୍ଚ ସ୍ୱପୀଠକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି। ଆସନ୍ତା ୨୭,୨୮,୨୯ ତାରିଖ ତିନି ଦିନ ଷଷ୍ଠୀ, ସପ୍ତମୀ ଓ ମହାଷ୍ଟମୀ ଦିନ ସଂଧ୍ୟାର ଅପୂର୍ବ ମହିଷମର୍ଦ୍ଦିନୀ ବେଶରେ ମା' ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ଦେଇଥା'ନ୍ତି। ରାତି ୧୦ଟା ବେଳେ କାକିକା ନୃତ୍ୟ ପରିବେଷଣ କରାଯାଏ। ମହାଷ୍ଟମୀ ଦିନ ମା' ପ୍ରାଚୀନ ପୀଠ ଲଣ୍ଡାଦେଉଳରୁ ଫେରିବା ପରେ, ମନ୍ଦିର ସୌଧ କରାଯାଇ, ବିଦ୍ୟୁତ ସରବରାହ ବିଚ୍ଛିନ୍ନ କରାଯିବା ପରେ ସନ୍ଧିପୂଜା ବସେ। ଅଷ୍ଟମୀ ଯାଉଥିବ ଓ ନବମୀ ଆସୁଥିବ ଏହି ସନ୍ଧି କ୍ଷଣକୁ ସନ୍ଧିପୂଜା ବୋଲି ଅଭିହିତ କରାଯାଏ। ପୂର୍ବ କାଳରେ ଏହି ପୂଜାରେ ଏକ ଜୀବନ୍ତ ମହିଁଷିକୁ ହତ୍ୟା କରାଯାଉଥିଲା। ମାତ୍ର ୧୯୪୬ରେ ଏ ଅଞ୍ଚଳର ସଂସ୍କାରବାଦୀ, ସର୍ବଭାରତୀୟ ଶ୍ରମିକ ନେତା ତଥା ତିର୍ତ୍ତୋଲର ପୂର୍ବତନ ବିଧାୟକ ସଂଗ୍ରାମୀ ନିଶାମଣି ଖୁଣ୍ଟିଆଙ୍କ ଗଣଆନ୍ଦୋଳନ ଫଳରେ ଏହି ଜଘନ୍ୟ ବଳୀପ୍ରଥାର ଉଚ୍ଛେଦ ଘଟିଛି। ତେବେ ଏହି ବଳୀ ପରିବର୍ତ୍ତେ, ସନ୍ଧିପୂଜାରେ ୧୦୮ ପ୍ରକାରର ଭୋଗ ସହିତ ଏକ ବଳୀପଣା ହାଣ୍ଡି ମା'ଙ୍କୁ ଅର୍ପଣ କରାଯାଇଥାଏ। ଏହି ପାର୍ବଣ ପୂଜାରେ ମଣ୍ଡଭୋଗ ଏକ ସ୍ୱତନ୍ତ୍ର ନୀତି କରାଯାଇଥିବାବେଳେ ନୂଆ ଧାନରୁ ପ୍ରସ୍ତୁତ ଚୁଡାଘଷା ଭୋଗ ମଧ ଭକ୍ତମାନେ ନିଜ ହାତରେ ପ୍ରସ୍ତୁତ କରି ମା'ଙ୍କୁ ଭୋଗ ଲାଗି କରିଥା'ନ୍ତି। ୩୦ ତାରିଖ ଓ ଅକ୍ଟୋବର ୧ ତାରିଖ ଦୁଇଦିନ ବିଶ୍ରାମ ପଡୁଥିବାରୁ ଏହି ସମୟରେ ମନ୍ଦିରର ସମ୍ମୁଖ ଦ୍ୱାର ବନ୍ଦ ରହେ। ଦକ୍ଷିଣ-ପଶ୍ଚିମ ଦ୍ୱାର ଦେଇ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥା'ନ୍ତି। ସମସ୍ତ ନୀତିକାନ୍ତି ଯଥାରୀତି କରାଯାଉଥିବାବେଳେ ନିଶବ୍ଦ ପୂଜା ପାଇଁ ଘଣ୍ଟ ଘଣ୍ଟା କାହାଳୀ ଆଦି କୌଣସି ବାଦ୍ୟ ବାଦନ କରାଯାଏନାହିଁ। ୨ ତାରିଖ ଦିନ ପୀଠେ ଦଶହରା ଉପଲକ୍ଷେ ମନ୍ଦିରର ମୁଖ୍ୟଦ୍ୱାର ଓ ଯଜ୍ଞଶାଳାରେ ବସିଥିବା ସମର୍ଜନୀ କଳସକୁ ଏକ ବର୍ଣ୍ଣାଢ୍ୟ ପଟୁଆରରେ ବେଢ଼ା ପରିକ୍ରମା କରିବା ପରେ ଚନ୍ଦନ ପୁଷ୍କରିଣୀରେ ବିସର୍ଜନ ସହିତ ଏହି ଶାରଦୀୟ ପାର୍ବଣ ପୂଜାର ପରିସମାପ୍ତି ହେଇଥାଏ। ତେବେ ଏହି ସମସ୍ତ ନୀତିକାନ୍ତି ପରିଚାଳନା କରିବା ନିମନ୍ତେ ମା'ଙ୍କ ବଡପଣ୍ଡା, ପରିଛା, ପୁରୋହିତ, ପୁସ୍ତକକ୍ଷ ଚାର୍ଯ୍ୟ, ସମସ୍ତ ସେବାୟତ ଓ ଛତିଶା ନିଯୋଗ ସହିତ ଦେବୋତ୍ତର ବିଭାଗର ଶାରଳା ମନ୍ଦିରର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ସକ୍ରିୟ ସହଯୋଗ ରହିଥାଏ।

# 'ଜୈବ ବିବିଧତା ସୁରକ୍ଷାରେ ଫଳଗଛର ଅବଦାନ ଅତୁଳନୀୟ'

ଜଗତସିଂହପୁର,୧୬।୯ (ସମିସ): ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ୍ ଅନ୍ତର୍ଗତ ଗଜରାଜପୁରସ୍ଥ ଗୋପାଳଜୀଉ ମନ୍ଦିରର ଫାର୍ମହାଉସ୍ ପରିସରରେ ଓଡିଶା ପରିବେଶ ସମିତି ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପାରାଦୀପ ଆଂଚଳିକ ଶାଖା ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନଡିଆ, ଗୁଆ, ଆମ୍ବ, ପଣସ, ସପେଟା, ଜାମୁଡୋଳ, ଲିଚୁ, ଲେମ୍ବୁ, ପିଜୁଳି, ନେଉଆ, ଜାମୁକୋଳି, ବଉଳ ଆଦି ପନ୍ଦର ପ୍ରଜାତିର ଫଳଚାରା ରୋପଣ ଚାରାରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ମନ୍ଦିରର ଟ୍ରଷ୍ଟି ଆର୍ତ୍ତତ୍ରାଣ ଦାସ ଓ ସମାଜସେବୀ ସୂର୍ଯ୍ୟନାରାୟଣ ଦାସଙ୍କ ସହଯୋଗ ସାଙ୍ଗକୁ ସ୍ଥାନୀୟ ଆର୍ତ୍ତତ୍ରାଣ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟକ୍ରମକୁ ସମ୍ପାଦିତ କରିଥିଲେ। ମୁଖ୍ୟଅତିଥି ଶ୍ରୀ ଜେନା ଛାତ୍ରଛାତ୍ରୀଙ୍କୁ ଜୀବଜଗତ ତିଷ୍ଠି ରହିବା ଅର୍ଥାତ୍ ଜୈବବିଧତା ସୁରକ୍ଷାରେ ବିଭିନ୍ନ ଫଳଗଛର ଆବଶ୍ୟକତା ଓ ମହନୀୟ ଅବଦାନ ଅତୁଳନୀୟ ବୋଲି ସୂଚାଇ ଦେଇଥିଲେ।




କରାଯାଇଥିଲା। ସମିତିର ଆଜୀବନ ସଦସ୍ୟ ତଥା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ନାଉଗାଁ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଶଶାଙ୍କ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ମୁଦୁଲି, ଶିକ୍ଷକ ଅଜୟ ଭୋଇ, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସେଠୀ, ଲିଜାରାଣୀ ନାୟକ, ସ୍ୱର୍ଣ୍ଣପ୍ରଭା ଶତପଥୀ ପ୍ରମୁଖ ଚାରାରୋପଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଶିବିର




ବାଲିକୁଦା,୧୬।୯ (ସମିସ): ବାଲିକୁଦା ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩ର ୨୦୨୫-୨୬ ଆର୍ଥିକ ବର୍ଷର ସାମାଜିକ ସମୀକ୍ଷା ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୨୦୨୪-୨୫ ବର୍ଷର ଦ୍ୱିତୀୟ ଅର୍ଦ୍ଧ ୧ ଅକ୍ଟୋବର ୨୦୨୪ରୁ ୩୧ ମାର୍ଚ୍ଚ ୨୦୨୫ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପ ଓ କାର୍ଯ୍ୟକ୍ରମର କରାଯାଇଥିବା ସାମାଜିକ ସମୀକ୍ଷା ଜନୟଶୁଣାଣି ଶିବିରରେ ଜଗତସିଂହପୁର ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ଅଧିକାରୀ ରବିନାରାୟଣ ଜେଠି ସଭାପତିତ୍ୱ କରିଥିବାବେଳେ ବିଭିନ୍ନ ସମସ୍ୟାର ସମାଧାନ କରିଥିଲେ। ବିଡ଼ିଓ ସାଗର ନନ୍ଦ ଇସ୍ୟୁର ସମାଧାନ ପାଇଁ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିପିଡିଓ ରୋଜାଲିନ ତ୍ରିପାଠୀ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସମୀକ୍ଷକ ରମେଶ ଚନ୍ଦ୍ର ବହିରା ଇସ୍ୟୁ ବିବରଣୀ ପାଠ କରିବା ସହ ସାମାଜିକ ସମୀକ୍ଷାର ଆଭିମୁଖ୍ୟ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଉଦ୍ୟାନ ଓ କୃଷି ବିଭାଗର ଏଏଚଓ ଶୁଭଲକ୍ଷ୍ମୀ ବାରିକ, ଏଚଇଡବ୍ଲ୍ୟୁ ସୌଭାଗ୍ୟ ସ୍ୱାଇଁ, ପଞ୍ଚାୟତର ଜନପ୍ରତିନିଧି, ବ୍ଲକ କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ, ଜେଇ, ଏଡିଇଓ, ଜିଆରଏସ ଓ ଜନସାଧାରଣ ଉପସ୍ଥିତ ଥିଲେ।

ଏହି ଆର୍ଥିକ ବର୍ଷରେ ୨୭୯୬୯୩ଟି କାର୍ଯ୍ୟ ଦିବସ ଧାର୍ଯ୍ୟ ଥିବାବେଳେ ୨୨୪୮୨୦ଟି କାର୍ଯ୍ୟ ଦିବସ ସମାପନ ହୋଇଥିବା କୁହାଯାଇଥିଲା। ୯୨୭୯ଟି ପ୍ରକଳ୍ପ ହାତକୁ ନିଆଯାଇଥିବାବେଳେ ୬୬୭ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ଓ ୫୦୧ଟି କାର୍ଯ୍ୟ ଚାଲୁ ରହିଥିବା ସୂଚନା ଦିଆଯାଇଥିଲା। ବ୍ଲକରେ ପିଏଚଏଚ କାର୍ଡ ୩୫୨୮୫ରେ ୧୨୫୫୮୬ ଜଣ, ଏଏୱାଇ କାର୍ଡ ୩୪୫୦ରେ ୧୦୪୫୯ ଜଣ ଓ ଏସଏଫଏସଏସ କାର୍ଡ ୩୯୫ରେ ୯୫୫ଜଣ ହିତାଧିକାରୀ ସୁବିଧା ପାଉଥିବା କୁହାଯାଇଥିଲା। ଏମଜିଏନଆରଜିଏ ଅଧୀନରେ ୨୦ଟି ଇସ୍ୟୁ ଓ ପଞ୍ଚଦଶ ଅର୍ଥ କମିଶନ ଅନୁଦାନର ୨୯୪ଟି ଇସ୍ୟୁ ଓ ଉପସ୍ଥିତ ଜନସାଧାରଣଙ୍କ ଇସ୍ୟୁ ଉପରେ ଆଲୋଚନା କରାଯାଇ ସମାଧାନ କରାଯାଇଥିଲା। ବାଲିକୁଦା ସରପଞ୍ଚ ଭିଆରପିଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। କୃଷ୍ଣଦାସପୁର, ବୋରିକିନା, ଆମ୍ବଶାଳ, ତିତିରା, ଗରାମ, ବାହାରଣା ଓ ଅଳାଭରର ସରପଞ୍ଚ ଓ ସମିତି ସଭ୍ୟ ଜେଇମାନଙ୍କ ବଦଳି ଯୋଗୁ ସୃଷ୍ଟି ହୋଇଥିବା ସମସ୍ୟା ନେଇ ଅଭିଯୋଗ କରିଥିଲେ। ଏପିଓ ଜ୍ୟୋତିର୍ମୟ ନାୟକ ଧନ୍ୟବାଦ ପ୍ରଦାନ କରିଥିବାବେଳେ ଏନଆରଜିଏ ସହାୟକ ସମୀର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୋରିକିନା ସତସଙ୍ଗ କେନ୍ଦ୍ରରେ ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ

ବାଲିକୁଦା,୧୬।୯ (ସମିସ): ବାଲିକୁଦା ବ୍ଲକ ବୋରିକିନା ସତସଙ୍ଗ କେନ୍ଦ୍ରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଆବିର୍ଭାବ ଦିବସ ଓ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏ ଉପଲକ୍ଷେ ଏକ ଆଧାତ୍ମିକ ଆଲୋଚନାଚକ୍ର ଓ ସତସଙ୍ଗ ଯାଜକ କାର୍ତ୍ତିକ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଡଃ. ବୀରନାରାୟଣ ପାତ୍ର, ଶିବପ୍ରସାଦ ବେହେରା, ସୁଜିତ୍ ବେହେରା ପ୍ରମୁଖ ଏହି ସତସଙ୍ଗ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ଆଜିର ସମସ୍ତ ମାନବ ସମାଜ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାଣୀ ବିଶେଷ ପ୍ରଣିଧାନ ଯୋଗ୍ୟ ଏବଂ ସମାଜରେ ଶାନ୍ତି, ସଂହତି ଓ ଭାଇଚାରା ପ୍ରତିଷ୍ଠା କେବଳ ସତସଙ୍ଗ, ଶତନାମ ଓ ସଦଗୁରୁଙ୍କ ଆଶ୍ରୟ ଦ୍ୱାରା ସମ୍ଭବ ବୋଲି ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ଠାକୁରଙ୍କ ଅନୁଗାମୀ ରବୀନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଆର୍ତ୍ତବନ୍ଧୁ ସାହୁ, କେଦାର ପାତ୍ର, ପ୍ରଶାନ୍ତ ବାରିକ, ଗଗନ ରାଉତ, ବଳରାମ ଜେନା, ବରଦା ପ୍ରସନ୍ନ ସାହୁ, ପ୍ରକାଶ ସାହୁ, ଈଶ୍ୱର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଜନନେତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ପ୍ରସ୍ତୁତି ବୈଠକ



ତିର୍ତ୍ତୋଲ, ୧୬।୯ (ସମିସ): ଜଗତସିଂହପୁର ବିକାଶ ପରିଷଦ ଆନୁକୂଲ୍ୟରେ ତିର୍ତ୍ତୋଲ ବୀଣାପାଣି ମଣ୍ଡପରେ ତିର୍ତ୍ତୋଲ ମାଟିର ଦିବଂଗତ ଜନନେତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବେନ୍ଦ୍ର ମଲ୍ଲିକଙ୍କ ଆବାହକତ୍ୱରେ ଓ ଆଇନଜୀବୀ ଅମରଜ୍ୟୋତି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ତିର୍ତ୍ତୋଲ ମାଟିର ଦିବଂଗତ ଜନନେତା ତିର୍ତ୍ତୋଲର ପ୍ରଥମ ବିଧାୟକ ନିଶାମଣି ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳ ଓ ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାମନ୍ତରାୟଙ୍କ ପ୍ରତିମୂର୍ତ୍ତି ନିର୍ମାଣ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ତିର୍ତ୍ତୋଲ ମାଟିର ଏହି ୪ ଜଣ ଦିବଂଗତ ଜନନେତା ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ୧୫ ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ଅକ୍ଷୟ ଦାସ, ପ୍ରେମାନନ୍ଦ ମହାନ୍ତି, ବିବେକାନନ୍ଦ ହୋତା, ନାରାୟଣ ଜେନା, ରମାକାନ୍ତ ରାଉଳ, ଦେବପ୍ରାସାଦ ନାୟକ, ବିଜୟ ନାୟକ, ଦେବବ୍ରତ ମହାନ୍ତି, ଯଶୋବନ୍ତ ରାଉତ, ଦେବାଶିଷ ଶର୍ମା, ଅଶ୍ୱିନୀ ସ୍ୱାଇଁ, ଚିତ୍ତରଞ୍ଜନ ସିଂହ, ବରଦା ପ୍ରସାଦ ରାଉତ, ଶ୍ରୀକାନ୍ତ ଦାଶ, ମାନସ ସୂତାର, ରଞ୍ଜନ ଖୁଣ୍ଟିଆ ଓ ଚନ୍ଦ୍ରକାନ୍ତ ବାରିକଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ସେହିପରି ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ପୂର୍ବତନ ବିଧାୟକ ଚିରଞ୍ଜିବୀ ବିଶ୍ୱାଳ, ପ୍ରମୋଦ ଚନ୍ଦ୍ର ମହାନ୍ତି, ସଂଘମିତ୍ରା ଖୁଣ୍ଟିଆ, ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ, ସାଂସଦ ବିଭୁପ୍ରାସାଦ ତରାଇ ଓ ତିର୍ତ୍ତୋଲ ବିଧାୟକ ଡ଼ ରମାକାନ୍ତ ଭୋଇଙ୍କୁ ମନୋନୀତ କରାଯାଇଥିଲା। ବିକ୍ରମ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କୁ ଖୁଣ୍ଟରେ ବାନ୍ଧିଲେ ବସ୍ତିବାସିନ୍ଦା

ପାରାଦୀପ,୧୬।୯ (ସମିସ): ପାରାଦୀପ ପୌର ପରିଷଦ ଅଧୀନ ୧୩ ନମ୍ବର ୱାର୍ଡ ମୁଣ୍ଡାପଡା ବସ୍ତିରେ କିଛିଦିନ ପୂର୍ବରୁ ବସ୍ତିର ଜଣେ ଯୁବକକୁ ତିନିଜଣ ଅଚିହ୍ନା ଯୁବକ ମାରଣାସ୍ତ୍ର ଧରି ଗୋଡାଇଥିବାବେଳେ ଆଜି ସେମାନଙ୍କ ମଧ୍ୟରୁ ଜଣଙ୍କୁ ବସ୍ତିବାସିନ୍ଦା ଅଟକ ରଖି ଏକ ଗଛରେ ବାନ୍ଧି ପକାଇ ପୁଲିସ ଜିମା ଦେଇଛନ୍ତି। ଭୟଭୀତ ଥିବା ବସ୍ତିବାସିନ୍ଦା ଉକ୍ତ ଯୁବକ ସାଙ୍ଗରେ ଆଉ କେତେଜଣ ଅଛନ୍ତି, ସେମାନଙ୍କୁ ଖୋଜି ବାହାର କରିବାକୁ ସେମାନେ ଦାବି କରିଛନ୍ତି। ତେବେ ସେମାନେ କେଉଁ ଉଦ୍ଦେଶ୍ୟରେ ବସ୍ତିରେ ଏଭଳି କାଣ୍ଡ ଘଟାଇଛନ୍ତି, ପିଲା ଚୋରି କିମ୍ବା ଡକାୟତି କରିବା ଉଦ୍ଦେଶ୍ୟରେ ଏଭଳି କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଦୁର୍ବୃତ୍ତ ଜଣଙ୍କ ମୁମ୍ବାଇରୁ ପାରାଦୀପ ଆସିଥିବା କହିଛି। ବସ୍ତିବାସିନ୍ଦା ଉକ୍ତ ଯୁବକକୁ ପୁଲିସ ଜମା ଦେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। କିଛିଦିନ ହେବ ଉକ୍ତ ଅଚିହ୍ନା ଯୁବକ ମାନେ ପାରାଦୀପ ସହରରେ ଥିବା ବସ୍ତି ମାନଙ୍କରେ ବୁଲି ଭୁଜାଲି ଅଖା ଧରି ଦିନରାତି ବୁଲୁଛନ୍ତି। ଫଳରେ ସନ୍ଧ୍ୟା ହେଲେ ବସ୍ତି ଲୋକେ ବାହାରକୁ ନ ବାହାରି ଭୟଭୀତ ଅବସ୍ଥାରେ ଘରେ ରହୁଛନ୍ତି।

● କାର୍ ସହ ଦେଶୀ ଓ ବିଦେଶୀମଦ ଜବତ ଘଟଣା

# ଫେରାର ନିଶା ମାଫିଆ ହଡ଼ା ଗିରଫ




ଜଗତସିଂହପୁର,୧୬।୯ (ସମିସ): ରାଜ୍ୟ ଅବକାରୀ କମିସନରଙ୍କ ନିର୍ଦ୍ଦେଶ ଓ ଜଗତସିଂହପୁର ଜିଲ୍ଲାପାଳଙ୍କ ପରାମର୍ଶକ୍ରମେ ଜିଲ୍ଲା ଅବକାରୀ ଅଧିକ୍ଷୀକା ଅନୀତା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ପକ୍ଷରୁ ନିୟମିତ ଚଢ଼ଉ ଜାରି ରହିଛି। ଏହି କ୍ରମରେ ଅବକାରୀ ମୋବାଇଲ୍ ୟୁନିଟ୍‌ର ନିରୀକ୍ଷକ, ବାଲିକୁଦା ଓ ଜଗତସିଂହପୁର ଅବକାରୀ ଥାନା ସହ ମିଳିତ ଅଭିଯାନରେ ନାଉଗାଁ ଥାନା ଅଧୀନ ଜାମୁଗାଁରେ ଗତ ଅଗଷ୍ଟ ୧୧ ତାରିଖରେ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ୨୧ଟି ଦେଶୀ ମଦ ପେଟି ତଥା ୧୦୫ ଲିଟର ଦେଶୀମଦ ଓ ୭.୨୦୦ ଲିଟର ବିଦେଶୀମଦ ସହ କାର୍‌କୁ ଜବତ କରାଯାଇଥିଲା। ତେବେ ଗାଡ଼ି ଚାଳକ ପେଷାଦାର ନିଶା ବେପାରୀ ପ୍ରଶାନ୍ତ କୁମାର ସାହୁ ଓରଫ ହଡା, ଯିଏ ପୂର୍ବରୁ ମଧ ଅନେକ ଥର ସମାନ ଅପରାଧରେ ଜଡିତ ଥିଲା, କୌଶଳ କ୍ରମେ ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଥିଲା। ଏକମାସ ପାଞ୍ଚଦିନ ପରେ ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ ହଡାକୁ ଗିରଫ କରିବାରେ ସଫଳ ହୋଇଛି। ଅବକାରୀ ନିରୀକ୍ଷକ ପ୍ରଭାସ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏସଆଇ ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସଆଇ ଶ୍ରୀଧର ସିଂ, ଜଗତସିଂହପୁର ଅବକାରୀ ଥାନା ଓଆଇସି ସନ୍ତୋଷ ନାୟକ, କନେଷ୍ଟବଲ ପିନାକୀ ରାଉତରାୟ, ସବିତା ନାୟକ ଓ ସୁକାନ୍ତ ମାଝି ପ୍ରମୁଖ ଏହି ଟିମରେ ସାମିଲ ଥିଲେ।

## ଶ୍ରୀଜଗନ୍ନାଥ କଲେଜ ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ନାଉଗାଁ,୧୬।୯ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପରିଚାଳନା କମିଟି ସଭାପତି ଜଗତସିଂହପୁରର ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଜଏନ କରି ମଙ୍ଗଳବାର ଦିନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବିଭୂତି ଭୂଷଣ ସ୍ୱାଇଁଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଶ୍ରୀ ପାତ୍ର ସ୍ଥାନୀୟ ଅଳକା ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଭାବେ ଦୀର୍ଘଦିନ ଧରି କାର୍ଯ୍ୟରତ ଥିଲେ। ସେ ଜଣେ ଛାତ୍ର ବତ୍ସଳ ଅଧ୍ୟାପକ ସହିତ ଜଣେ ଦକ୍ଷ ଶୃଙ୍ଖଳିତ ପ୍ରଶାସକ ଭାବେ ଜଣାଶୁଣା। ଶ୍ରୀ ପାତ୍ରଙ୍କ ଦାୟିତ୍ୱ ଗ୍ରହଣ ଅବସରରେ ମହାବିଦ୍ୟାଳୟ ପରିବେଶରେ ଉତ୍ସାହ ଓ ଆଶାର ପରିବେଶ ସୃଷ୍ଟି ହୋଇଥିଲା। ଏ ଅବସରରେ ପ୍ରାକ୍ତନ ଅଧ୍ୟକ୍ଷ ଜ୍ୟୋତି ପ୍ରକାଶ ଲେଙ୍କା, ପ୍ରାଧ୍ୟାପକ ଚନ୍ଦ୍ରଶେଖର ପୁହାଣ, ହୃଦାନନ୍ଦ ସ୍ୱାଇଁ, ପ୍ରଭାତ ଶତପଥୀ, ତୁଷାରକାନ୍ତ ଦାସ, ବିଜୟ ଦାଶ, ସୁଶୀଳ ବିଶ୍ୱାଳ, ସରୋଜ ଲେଙ୍କା ଓ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।



## ନିଖୋଜ ହେଡ୍ କନଷ୍ଟେବଲ ଶୁଭମିତ୍ରା ସାହୁଙ୍କୁ ଉଦ୍ଧାର ଦାବି

ପାରାଦୀପ, ୧୬।୯ (ସମିସ): ପାରାଦୀପ ମହାବିଦ୍ୟାଳୟର ପୁରାତନ ଛାତ୍ରୀ ଓ ଏନସିସି କ୍ୟାଡେଟ୍ ତଥା କମିଶନରେଟ ପୁଲିସରେ ହେଡ୍ କନଷ୍ଟେବଲ ଭାବେ କାର୍ଯ୍ୟରତ ଶୁଭମିତ୍ରା ସାହୁ ଗତ ୬ ତାରିଖରୁ ନିଖୋଜ ଅଛନ୍ତି। ପରିବାର ପକ୍ଷରୁ ଭୁବନେଶ୍ୱର ଥାନାରେ ଅଭିଯୋଗ କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କୁ ଉଦ୍ଧାର କରାଯାଇନାହିଁ। ତାଙ୍କୁ ଉଦ୍ଧାର କରାଯିବାକୁ ପାରାଦୀପ ଏନସିସି ଆଲୁମ୍ନି ଆସୋସିଏସନ ନେତୃତ୍ୱରେ ପାରାଦୀପ ମହାବିଦ୍ୟାଳୟରୁ ଆଦର୍ଶ ଥାନା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଗଲା। ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି, ବର୍ତ୍ତମାନ ଆମେ ଟେକ୍ନୋଲୋଜିର ସାହାଯ୍ୟ, ସିସିଟିଭି ଫୁଟେଜ ଓ ସୋସିଆଲ ମିଡିଆ ଆଧାରରେ ତାଙ୍କୁ ତୁରନ୍ତ ଖୋଜିପାରିବା। ଯାହା ପୁଲିସ ପ୍ରଶାସନ ବିଗତ ଦିନରେ କରିଛି। ଜଣେ ମହିଳା ପୁଲିସ କର୍ମଚାରୀ ୧୦ ଦିନ ହେବ ନିଖୋଜ ହେବା ଘଟଣା ଦୁର୍ଭାଗ୍ୟଜନକ। ପାରାଦୀପ କଲେଜର ବର୍ତ୍ତମାନ ଓ ପୁରାତନ ଛାତ୍ରଛାତ୍ରୀ ଦାବିପତ୍ର ପ୍ରଦାନ କରିଛୁ ଯେ ପ୍ରଶାସନ ତୁରନ୍ତ ଶୁଭମିତ୍ରା ସାହୁଙ୍କୁ ଉଦ୍ଧାର କରାଯାଉ।




# ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ବାଲିକୁଦା,୧୬।୯ (ସମିସ): ବାଲିକୁଦା ମହିଳା ଜୁନିୟର ମହାବିଦ୍ୟାଳୟରେ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ନାରୀ ନ୍ୟାୟ ବାହିନୀ ପକ୍ଷରୁ ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଚି। ଅତିଥି ଭାବେ ନାରୀ ନ୍ୟାୟ ବାହିନୀର ଅବାହିକା ପ୍ରଫେସର ଡଃ ଗାୟତ୍ରୀ ବିଶ୍ୱାଳ, ଆଇନୀଜୀବୀ ସୁଖବିନ୍ଦର କୌର, ସମାଜସେବୀ ମଧୁମିତା ଦାସ, ସମାଜସେବୀ ଶେଫାଳି ଶର୍ମା, ବାଲିକୁଦା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ତନୁଜାବାଳା କାନୁନଗୋ, ଏନଏସଏସ ଅଧିକାରୀ ପ୍ରତୀମା ମିଶ୍ର ଯୋଗଦେଇ ଆଜିର ଆଧୁନିକ ସମାଜରେ ମହିଳାମାନେ ଅସୁରକ୍ଷିତ। ସୁରକ୍ଷା ପାଇଁ ଉପସ୍ଥିତ ଛାତ୍ରୀଙ୍କୁ କିପରି ଏହାର ମୁକାବିଲା କରିବେ ତା'ଉପରେ ମାର୍ଗଦର୍ଶନ କରିଥିଲେ। ଯେବେ ଜଣେ ମହିଳା ରାତି ୧୨ଟାରେ ଏକୁଟିଆ ନିଜ ଘରକୁ ସୁରକ୍ଷିତ ଭାବେ ଫେରିବ, ତେବେ ସେଦିନ ନାରୀଙ୍କୁ ଉପଯୁକ୍ତ ସମ୍ମାନ ମିଳଲା ଓ ଦେଶ ବାସ୍ତବରେ ସ୍ୱାଧୀନ ହୋଇଛି ବୋଲି ଅନୁଭବ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଇଂରାଜୀ ଅଧ୍ୟାପକ ସୌଗତ କୁମାର ସାହୁ ସ୍ୱାଗତ ଭାଷଣ ଓ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଜିତେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଓ ଅଧ୍ୟାପିକା ଆରତୀ ସ୍ୱାଇଁ, ସସ୍ମିତା ପରିଜା, ଅନୀତା ରାୟ, ଟୁଇଙ୍କିଲି ବିଶ୍ୱାଳ, ସ୍ୱସ୍ତିକା ମହାନ୍ତି, ପ୍ରିୟଦର୍ଶିନୀ ସାହୁ, ପ୍ରିୟଙ୍କା ଖଟୁଆ, ମିର୍ଜା ବେଗ, ସୌମ୍ୟରଞ୍ଜନ ଦଳାଇ, ନିକୁଞ୍ଜ ରାଉତ, ସରୋଜ ପାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆଜି ବିଶ୍ୱକର୍ମା; ଦୁଲୁକିବ ପାରାଦୀପ**

# ୬ ପ୍ଲାଟୁନ ପୁଲିସ, ୬୦ ଅଫିସରଙ୍କୁ ଶୃଙ୍ଖଳା ଦାୟିତ୍ୱ







ପାରାଦୀପ, ୧୬।୯ (ସମିସ)

ବନ୍ଦର ନଗରୀ ପାରାଦୀପର ଗଣପର୍ବ ବିଶ୍ୱକର୍ମା ପୂଜା ପାଇଁ ସମଗ୍ର ସହରରେ ପ୍ରସ୍ତୁତି ସରିଛି। ପୂଜା ମଣ୍ଡପରେ ସାଜସଜ୍ଜା ମଧ ଶେଷ ହୋଇଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକ ସଜ୍ଜା ଉଚ୍ଚକୋଟୀର କରାଯାଇଛି। ଚଳିତ ବିଶ୍ୱକର୍ମା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଚଳିତ ପୂଜାରେ ଜନସମାଗମକୁ ଆଖିଆଗରେ ରଖି ପୁଲିସ ବିଶେଷକରି ପକେଟ ମାର୍ ଓ ଛିନତାଇ ଉପରେ କଡ଼ା ନଜର ରଖିବାକୁ ପ୍ରୟାସ ଆରମ୍ଭ କରିଛି। ଏ ନେଇ ପୁଲିସ ପକ୍ଷରୁ ସହରରେ ୬ ପ୍ଲାଟୁନ ନୂଲିସ ଫୋର୍ସ ମୁତୟନ କରାଯାଇଛି। ୫୦ ଜଣ ଅଫିସରଙ୍କ ତଦାରଖରେ ୯୦ ଜଣ ହୋମଗାର୍ଡ ଓ ୪୦୦ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ତେବେ ଭିତରେ ଅପରାଧ ନିୟନ୍ତ୍ରଣ ପାଇଁ ପ୍ରଥମଥର ପାଇଁ ୨୦ଟି ସମ୍ବେଦନଶୀଳ ଜାଗାରେ ସିସି କ୍ୟାମେରା ଲଗାଯାଇଥିବା ଜଣାପଡିଛି।

ପୂଜାକୁ ସଫଳ କରିବାକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଚଳିତ ବର୍ଷ ପାରାଦୀପରେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରାୟ ୩୦ଟି ପୂଜା ମଣ୍ଡପରେ ବିଶ୍ୱକର୍ମା ପୂଜା ପାଳନ କରାଯାଉଛି। ସେଥିମଧ୍ୟରୁ ବ୍ୟାଙ୍କ ଲାଇନ ନିକଟରେ ଆୟୋଜିତ ମେଢ ପ୍ରତିଯୋଗିତାରେ ପାଖାପାଖି ୧୨ଟି ସଂଗଠନ ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରେ ପାରାଦୀପ ଡମ୍ଫର ମାଲିକ ସଙ୍ଘ, ପାରାଦୀପ ପୋର୍ଟ ଇଲେକ୍ଟ୍ରିକାଲ ଡିଭିଜନ, ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଙ୍ଘ, ପାରାଦୀପ ଟ୍ରକ ମାଲିକ ସଙ୍ଘ, ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ, ମେରାଇନ ବିଭାଗ, ପାରାଦୀପ ପୋର୍ଟ ଡକ ମଜଦୂର ୟୁନିଅନ, ଉତ୍କଳ ପୋର୍ଟ ଡକ ମଜଦୂର ୟୁନିଅନ, ବନ୍ଦର ପିଏଚଡି ବିଭାଗ ଓ ଭାରତୀୟ ବନ୍ଦର ମଜଦୂର ସଙ୍ଘ ପ୍ରମୁଖ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ପାରାଦୀପ ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ, ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଙ୍ଘ, ଟେଲର ମାଲିକ ସଙ୍ଘ, ପାରାଦୀପ ପୋର୍ଟ ଶ୍ରମିକ ସଙ୍ଘ, ବାବା ବିଶ୍ୱନାଥ ଡମ୍ଫର ମାଲିକ ସଙ୍ଘ, ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଙ୍ଘ, ଟ୍ୟାକ୍ସି ଚାଳକ ସଙ୍ଘ, ବସ୍ ମାଲିକ ସଙ୍ଘ, ଟେଲିଫୋନ ବିଭାଗ, ଗ୍ୟାରେଜ ମାଲିକ ସଙ୍ଘ, ପାରାଦୀପ ଶିଳ୍ପାଞ୍ଚଳ ଯୁବ ବିକାଶ ପରିଷଦ, ପୂର୍ବ ଓଡ଼ିଶା ଶିଳ୍ପାଞ୍ଚଳ ବିକାଶ ପରିଷଦ, ଇଫକୋ, ପିପିଏଲ, ଆରସେଲର ମିତ୍ତଲ, ଗୋଆ କାର୍ବନ, ବିଅର ଫ୍ୟାକ୍ଟ୍ରି, ଆଇଓସିଏଲ, ଆଦାନୀ ଉଇଲମାର, ଅଠରବାଙ୍କୀ ଗ୍ୟାରେଜ ମେକାନିକ, ଏଚପିସିଏଲ ଓ ବିପିସିଏଲ ପ୍ରମୁଖ ଶିଳ୍ପାନୁଷ୍ଠାନରେ ବିଶ୍ୱକର୍ମା ପୂଜା ଧୂମଧାମରେ ପାଳନ କରାଯାଉଛି। ଚଳିତ ବର୍ଷ ବେଲଟଲାଇନ ତଳେ ଗୋଟିଏ ପେଣ୍ଡାଲ ରେ ଗୋଟିଏ ଅପେରା ୫ ରାତ୍ରି ନାଟକ ମଞ୍ଚସ୍ଥ କରିବ ବୋଲି ଜଣାପଡ଼ିଛି।

# ରାଜନଗର ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ



କେନ୍ଦ୍ରାପଡ଼ା,୧୬।୯(ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ରାଜନଗର ନିର୍ବାଚନମଣ୍ଡଳୀର ଦ୍ୱିତୀୟ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଡିଏଫଓ ଭରଦରାଜ ଗାଉଁକର, ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ, ରାଜନଗର ଓ ପଟ୍ଟାମୁଣ୍ଡାଇ ବିଡିଓ, ତହସିଲଦାର, ବ୍ଲକ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ଚେୟାରମ୍ୟାନ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ, ପାନୀୟଜଳ, ପରିମଳ, ବିଦ୍ୟୁତ, ସାମାଜିକ ସୁରକ୍ଷା, ଜଳସେଚନ, ରାସ୍ତା ଓ କୋଠାବାଡି ବିଭାଗ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପଟ୍ଟାମୁଣ୍ଡାଇ ପୌର ପରିଷଦର ବିଭିନ୍ନ ସମସ୍ୟା, ଯୋଗାଣ ବିଭାଗ ସମେତ ଅନ୍ୟ ବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ। ବିଭାଗୀୟ ଅଧିକାରୀ ବିଭାଗର ବିଭିନ୍ନ କାର୍ଯ୍ୟ ସଂକ୍ରାନ୍ତରେ ବିଧାୟକଙ୍କୁ ଅବଗତ କରାଇଥିଲେ। ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ସମସ୍ୟାର ସମାଧାନ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଉପଜିଲ୍ଲାପାଳ ଅରୁଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମାଞ୍ଚଳ ଥାନା ପକ୍ଷରୁ ଗାଡ଼ି ଯାଞ୍ଚ

ପଟ୍ଟାମୁଣ୍ଡାଇ,୧୬।୯(ସମିସ): ଆଗାମୀ ଶାରଦୀୟ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ଅଭିଯାନ ଆରମ୍ଭ କରିଛି। ପୂଜା ସମୟରେ ନିଶା କାରବାର ରୋକିବାକୁ କଡ଼ା ପଦକ୍ଷେପ ନେଇଛି। ଅସାମାଜିକ ତତ୍ୱ ଉପରେ କଡ଼ା ନଜର ରଖିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୱାରେଣ୍ଟଙ୍କୁ ଧରିବା ପାଇଁ ଅଭିଯାନ ଜାରି ରଖିଛି। ଆଜି ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ବିଭିନ୍ନ ଗାଡ଼ିର କାଗଜପତ୍ର ଓ ହେଲମେଟ ଯାଞ୍ଚ କରାଯାଇ ପ୍ରାୟ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଚାଷୀଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ

# ଧୋୟାଞ୍ଚଳର ଉର୍ବର ପାଳଜମି ଏବେ ବେଣା ଜଙ୍ଗଲ

ପଟ୍ଟାମୁଣ୍ଡାଇ,୧୬।୯(ସମିସ)

ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ ଧୋୟାଞ୍ଚଳର ଯୁବକ ଚାଷରୁ ମୁହଁ ଫେରାଇ ରାଜ୍ୟ ଓ ଦେଶ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ଫଳରେ ଧୋୟାଞ୍ଚଳର ଉର୍ବର ପାଳ ଜମି ବେଣା ଜଙ୍ଗଲରେ ପରିଣତ ହୋଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର କଷଣଅଣ୍ଡା, ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା,

### ଦାଦନ ଖଟିବାକୁ ଯାଉଛନ୍ତି ଧୋୟାଞ୍ଚଳ ଯୁବକ

ତନୁପୁର, ନନ୍ଦିନନଗର, ନୂଆଗାଁ, କାକୁଡ଼ିପଲ୍ଲୀ, ଅଳଭା ଆଦି ଅଞ୍ଚଳରେ ହଜାର ହଜାର ଏକର ଉର୍ବର ପାଳଜମି ଏବେ ବେଣା ଜଙ୍ଗରେ ପରିଣତ ହୋଇଛି।

ବ୍ରାହ୍ମଣୀ ନଦୀ ଅବବାହିକାରେ ଥିବା ପାଳ ଜମିରେ ଦିନେ ବିଭିନ୍ନ କିସମର ପନିପରିବା ହେଉଥିଲା। ବାଛରା ନାସୀ ଶାଖା ନାଳ ଦେଇ ବ୍ରାହ୍ମଣୀ ନଦୀ ଜଳ ପ୍ରବାହିତ ହେଉଥିଲା। ଏହି ନାଳରୁ ଚାଷୀ ବିଭିନ୍ନ ଉପାୟରେ ବିଲକୁ ପାଣି ମଡ଼ାଇ ଚାଷ କରୁଥିଲେ। ପରେ ଜଳସେଚନ ବ୍ୟବସ୍ଥା ସୁଗମ କରିବାକୁ ଉଠା ସେଚ ପଏଣ୍ଟ ସ୍ଥାପନ କରାଗଲା। ଉଠା ଜଳସେଚନ ବିଭାଗ



ଅଧୀନରେ ସ୍ଥାପନ କରାଯାଇଥିବା ସେଚ ପଏଣ୍ଟ ସମୟ କ୍ରମେ ଅଚଳ ହୋଇଯିବା ପରେ ବିଭାଗ ପକ୍ଷରୁ ମରାମତି କରାଗଲାନାହିଁ। ଫଳରେ ଜମିକୁ ପାଣି ମଡ଼ାଇବା ସହଜ ହେଲାନାହିଁ। ଅନ୍ୟପକ୍ଷରେ କୃଷି ବିଭାଗର ଅସହଯୋଗ ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ଚାଷୀ ବଜାରରୁ ଚଢା ଦାମରେ ବିହନ, ମଞ୍ଜି, କୀଟନାଶକ ଓ ସାର ପ୍ରଭୃତି କିଣି ଚାଷରୁ ଲାଭବାନ ହେବା ପରିବର୍ତ୍ତେ ଋଣ କରି ଗାଁ ସାହୁକାରଙ୍କ ଶୋଷଣର ଶିକାର ହେଲେ।

ସେହିପରି ବାଛରା ନାସୀର ବ୍ରାହ୍ମଣୀ ସଂଯୋଗ ସ୍ଥଳ ପୋତି ହୋଇପଡ଼ିବା ଫଳରେ ପୂର୍ବଭଳି ଏହା ମଧ୍ୟକୁ ନଦୀ ଜଳ ଠିକ୍ ଭାବେ ପ୍ରବେଶ କରିବା ସମ୍ଭବ ହେଲାନାହିଁ। କ୍ରମେ ଏହି ନାଳ ଗଛଲତା ଓ ଦଳର ଭର୍ତ୍ତି ହୋଇ ପୋତି ହୋଇପଡ଼ିଲା। ଫଳରେ ପାଣି ଅଭାବରୁ ପନିପରିବା କରିବା ଚାଷୀଙ୍କ ପକ୍ଷେ ସମ୍ଭବପର ହେଲାନି। ଦୀର୍ଘଦିନ ଧରି ଏହା ପଡ଼ିଆ ପଡ଼ିବା ପରେ ଏବେ ବେଣା ଜଙ୍ଗଲରେ ପରିଣତ ହୋଇଛି। ପୂର୍ବରୁ ପାଳ ଜମିରେ ବହୁଳ ଭାବେ ପନିପରିବା ଚାଷ କରାଯାଉଥିବାବେଳେ ଅର୍ଥକରୀ ଫସଲ ଚିନାବାଦାମ, ମୁଗ, ବିରି, କୋଳଥ, ମାଣ୍ଡିଆ, ସୋରିଷ, ଧଣିଆ, ଫେସି, ଯଅ, ଧାନ ଆଦି ଚାଷ କରାଯାଉଥିଲା। ଧୋୟାଞ୍ଚଳର ଚାଷୀ ଉତ୍ପାଦିତ ପନିପରିବା ଓ ଶସ୍ୟଜାତ ପଦାର୍ଥ ପଟ୍ଟାମୁଣ୍ଡାଇ ବଜାର, ସାପ୍ତାହିକ ହାଟ ସମେତ କେନ୍ଦ୍ରାପଡ଼ା, ମହାକାଳପଡ଼ା, ରାଜନଗର, ଆଳି, ରାଜକନିକା ଆଦି ଅଞ୍ଚଳର ବିଭିନ୍ନ ହାଟରେ ବିକ୍ରି କରି ଲାଭବାନ ହେଉଥିଲେ। ତେବେ କ୍ରମାଗତ ବନ୍ୟା, ବାତ୍ୟା ଫସଲ ହାନିର କାରଣ ହେବା ସହିତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ କୌଣସି ସହାୟତା ନ ମିଳିବା, କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ତାଲିମ ପ୍ରଦାନ ସହିତ ସବସିଡରେ ବିହନ ଓ ସାର କୀଟନାଶକ ଯୋଗାଇ ଦିଆ ନ ଯିବା କାରଣରୁ ଚାଷୀ ଚାଷରୁ ଦୂରେଇ ଯାଇଛନ୍ତି।

୧୫ ବର୍ଷ ପୂର୍ବେ ବାଛରା ନାଳର ପୁନରୁଦ୍ଧାର ପାଇଁ ସରକାରୀ ଅନୁଦାନ ଯୋଗାଇ ଦିଆଯାଇଥିଲା। ଠିକାଦାର ଖନନ କାର୍ଯ୍ୟ ଆରମ୍ଭ କରି ମଝିରୁ ଛୁ ମାରିଥିଲେ। ଫଳରେ ଖନନ କାର୍ଯ୍ୟ ହୋଇ ନ ପାରିବାରୁ ବ୍ରାହ୍ମଣୀରୁ ଜଳ ପ୍ରବାହ ସ୍ୱାଭାବିକ ହୋଇପାରିଲାନାହିଁ। ଫଳରେ ବିବିଧ ସମସ୍ୟାକୁ ନେଇ ଧୋୟାଞ୍ଚଳ ଚାଷୀ ଚାଷ ପ୍ରତି ବିମୁଖ ହେବାରୁ ଯୁବପିଢି ଚାଷ ପ୍ରତି ମନ ବଳାଇଲେ ନାହିଁ। ଚାଷୀ ପରିବାରର ଯୁବକ ଅନ୍ୟ ରାଜ୍ୟ ଓ ଦେଶ ବାହାରକୁ ଦାଦନ ଖଟିବାକୁ ଚାଲିଯାଉଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ଧୋୟାଞ୍ଚଳର ଉର୍ବର ପାଳ ଜମିରେ ଚାଷୀଙ୍କୁ ପୁନର୍ବାର କୃଷି କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଯୋଗାଇ ଦେବା ସହ ବେଣା ଜଙ୍ଗଲ ଟ୍ରାକ୍ଟର ଯୋଗେ ସଫା କରିବା ପାଇଁ ଅନୁଦାନ ଯୋଗାଇଦେଲେ, ପୂର୍ବବତ୍ ବିଭିନ୍ନ ପନିପରିବା ଓ ଅର୍ଥକରି ଫସଲ ହେବା ସହ କୃଷି ଉପରେ ନିର୍ଭର କରୁଥିବା କୃଷକ ପରିବାର ମୁହଁରେ ହସ ଫୁଟିପାରନ୍ତା ବୋଲି ପଟ୍ଟାମୁଣ୍ଡାଇ ଅଞ୍ଚଳର ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ଉତ୍ତର-ପୂର୍ବ ସମ୍ଭାଗ ପ୍ରଧାନଆଚାର୍ଯ୍ୟ ସମ୍ମିଳନୀ ଉଦ୍‌ଯାପିତ




ପଟ୍ଟାମୁଣ୍ଡାଇ,୧୬।୯(ସମିସ): ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚାଲିଥିବା ଉତ୍ତର-ପୂର୍ବ ସମ୍ଭାଗ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ସମ୍ଭାଗ ସଭାପତି ଶିବନାରାୟଣ ସିଂଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ଜିଲ୍ଲା ପ୍ରମୁଖ କପିଳ ଚରଣ ମିଶ୍ର ଯୋଗଦେଇ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ ଓ କ୍ରିୟାନୟୋନ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ପ୍ରଭାତ ନାୟକ ସ୍ୱାଗତ ଭାଷଣ ଓ ସଂଯୋଜକ ତୁଷାର ରଞ୍ଜନ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଭିଲେଖାଗାର ପ୍ରମୁଖ ପ୍ରସନ୍ନ ବିଶ୍ୱାଳ ପ୍ରଧାନ ଆଚାର୍ଯ୍ୟମାନେ କୌଣସି ଦିଗରେ କମ୍ ନୁହନ୍ତି। ଉତ୍ତମ ଛାତ୍ର ଗଠନରେ ପ୍ରଧାନଆଚାର୍ଯ୍ୟଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ଭାରତୀ କୃଷ୍ଣ ଗଣିତ ପ୍ରତିଭା, ପ୍ରାଦେଶିକ ମେଧା ପରୀକ୍ଷାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ଶ୍ରୀଧର ରାଉତ ବିଦ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା, ଶିକ୍ଷା ବିକାଶ ସମିତି ଅଧିକାରୀ, ବିଦ୍ୟାମନ୍ଦିର ଗୁରୁଜୀ, ଗୁରୁମା, ଅଭିଭାବକ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ଶିକ୍ଷାବିତ ପ୍ରମୋଦ ନାୟକ, ସହସମ୍ପାଦକ ଦେବାଶିଷ ପଣ୍ଡା ଓ କୋଷାଧ୍ୟକ୍ଷ ଡା. ରବୀନ୍ଦ୍ର ଦାଶଙ୍କ ନେତୃତ୍ୱରେ ବିଦ୍ୟାମନ୍ଦିର ଗୁରୁଜୀ ଓ ଗୁରୁମା ସମ୍ମିଳନୀ ପରିଚାଳନା କରିଥିଲେ।

# ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା




ଡେରାବିଶ,୧୬।୯(ସମିସ): ବାଲିଆ ପଞ୍ଚାୟତ ଅନ୍ତର୍ଗତ ବାବା ସନାତନ ବିଦ୍ୟାପୀଠରେ ଆଜି ଡେରାବିଶ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡ. କାନନବାଳା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ମନ୍ତ୍ରୀ, ସମ୍ମାନିତ ଅତିଥି ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ସଚିକାନ୍ତ ମିଶ୍ର ଓ ବାବା ସନାତନ ବିଦ୍ୟାପୀଠ ପ୍ରଧାନଶିକ୍ଷକ ରବୀନ୍ଦ୍ର ରଥ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସଭାକୁ ସିଆରସିସି ପ୍ରଶାନ୍ତ ଶତପଥୀ ସଂଯୋଜନା କରିଥିବାବେଳେ ସିଆରସିସି ବେଣୁଧର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ପୂର୍ବତନ ମଣ୍ଡଳ ସମ୍ପାଦକ ଗିରିଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ମଣ୍ଡଳ ସମ୍ପାଦକ ମଧୁସୂଦନ ଦାସ, ପୂର୍ବ ଉପମଣ୍ଡଳ ସମ୍ପାଦକ ରିତାରାଣୀ ମଲିକ, ପଶ୍ଚିମ ଉପମଣ୍ଡଳ ସମ୍ପାଦକ ସୁବ୍ରତ ଦାସ, ଉତ୍ତର ଉପମଣ୍ଡଳ ସମ୍ପାଦକ ନାରାୟଣ କାଣ୍ଡି ଓ ଦକ୍ଷିଣ ଉପମଣ୍ଡଳ ସମ୍ପାଦକ ପ୍ରତିଜ୍ଞା ପରିଜା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୨୭ଟି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ୨୭୬ ଜଣ ଛାତ୍ରଛାତ୍ରୀ ଖୋ-ଖୋ, କବାଡ଼ି, ଭଲିବଲ, ବ୍ୟାଡ଼ମିଣ୍ଟନ, ଚେସ୍, ଫୁଟବଲ୍ ଓ ଯୋଗ ବିଭାଗରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ କ୍ରୀଡ଼ା ନିମନ୍ତେ ମନୋନୀତ କରାଯାଇଥିଲା।

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ପ୍ରସ୍ତୁତି ବୈଠକ

ରାଜନଗର, ୧୬।୯(ସମିସ): ଆସନ୍ତାକାଲିଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ସଫଳ କରାଯିବାକୁ ପ୍ରସ୍ତୁତି ବୈଠକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଶ୍ମିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଡଃ ଆଦିତ୍ୟ ପ୍ରଧାନ, ଡଃ ରୁଦ୍ରପ୍ରସାଦ ରାୟ, ଡଃ ଲଳିତ ମୋହନ ରଥ, ଡଃ ଜ୍ଞାନରଞ୍ଜନ ସାହୁ, ଡଃ ସତ୍ୟଜିତ ନାୟକ, ଡଃ ଉପାସନା ବିଶ୍ୱାଳ, ଡଃ ବିଶ୍ୱଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନରେ ଶିଶୁକନ୍ୟାଠାରୁ ଆରମ୍ଭ କରି ପ୍ରସୂତି ମହିଳା ପର୍ଯ୍ୟନ୍ତ ଚିକିତ୍ସା କରାଯିବା ନେଇ ଆଲୋଚନା କରାଯାଇଥିଲା।

## ମାର୍ଶାଘାଇ କଲେଜରେ ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ

ମାର୍ଶାଘାଇ,୧୬।୯(ସମିସ): ମାର୍ଶାଘାଇ ମହାବିଦ୍ୟାଳୟର ଗାନ୍ଧୀ ଭବନରେ ଜାତୀୟ ସେବା ଯୋଜନାର +୨ ବାଳିକା ବିଭାଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଶଶୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଜାତୀୟ ସେବା ଯୋଜନା ସଂଯୋଜକ ଡକ୍ଟର ବିଶ୍ୱମୋହନ ଜେନା ପ୍ରଶିକ୍ଷକ ଭାବେ ଯୋଗଦେଇ ସେବା ଯୋଜନାର ବିଭିନ୍ନ ନିୟମ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ପଦ୍ମଜା କବି ଶତପଥୀ ଯୋଗଦେଇ ଜାତୀୟ ସେବା ଯୋଜନାର ଉପକାରିତା ଉପରେ ପ୍ରେରଣା ଦେଇଥିଲେ। ମାର୍ଶାଘାଇ କଲେଜ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଡକ୍ଟର ଲୁସିସ୍ମିତା ଜେନା, ପ୍ରଭାସିନୀ ସ୍ୱାଇଁ, ଶୈକ୍ଷିକ ଅଧିକାରୀ ପ୍ରାଧ୍ୟାପକ ଡକ୍ଟର ପ୍ରଭାତ ରଞ୍ଜନ ଲେଙ୍କା ଓ କାର୍ଯ୍ୟକ୍ରମ ଉପଦେଷ୍ଟା ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ।

## ମଇଁଷି ଚଢ଼ିଯିବାରୁ ଯୁବକ ମୃତ

ରାଜନଗର,୧୬।୯(ସମିସ): ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ବଳରାମପୁର ଗ୍ରାମର ପ୍ରଫୁଲ୍ଲ ପଲାଇଙ୍କ ପୁଅ ନିରଞ୍ଜନ ପଲାଇ (୩୭)ଙ୍କ ମୃତ୍ୟୁ ହୋଇଯାଇଛି। ନିରଞ୍ଜନ ତଳପଡ଼ା ଗ୍ରାମ ନିକଟରେ ମଇଁଷି ଚରାଉ ଥିଲେ। ରବିବାର ସନ୍ଧ୍ୟାରେ ମଇଁଷି ଦୁହିଁବା ସମୟରେ ମଇଁଷି ଚଢିଯିବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା କୁହାଯାଉଛି। ନିରଞ୍ଜନଙ୍କ ଦୁଇଝିଅ ଓ ଗୋଟିଏ ପୁଅ ଥିବାବେଳେ ରୋଗୀଣା ସ୍ତ୍ରୀ ଥିବା ଜଣାପଡିଛି। ତେବେ ଶବ ବ୍ୟବଚ୍ଛେଦ ହୋଇ ନ ଥିବାରୁ ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ପଟ୍ଟାମୁଣ୍ଡାଇ ବ୍ଲକ୍ ଯାତ୍ରା କମିଟି ବୈଠକ



ପଟ୍ଟାମୁଣ୍ଡାଇ,୧୬।୯(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଯାତ୍ରା କମିଟି ବୈଠକ ସାବିତ୍ରୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପତିତପାବନ ଭଦ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବ୍ଲକର ୩୩ଟି ଯାତ୍ରା କମିଟି ଯୋଗ ଦେଇଥିଲେ। ସମ୍ପ୍ରତି କମିଟି ମଧ୍ୟରେ ସମନ୍ୱୟ ଅଭାବ, ଯାତ୍ରା ଟିକେଟର ମାତ୍ରାଧିକ ମୂଲ୍ୟ ବୃଦ୍ଧି ଯୋଗୁଁ ଦର୍ଶକଙ୍କ ସଂଖ୍ୟା କମି ଯାଉଥିବାରୁ ଅଧିକାଂଶ ଯାତ୍ରା କମିଟି କ୍ଷତିଗ୍ରସ୍ତ ହେଉଛନ୍ତି। ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଜିଲ୍ଲାରେ କଳା ସଂସ୍କୃତି ଲୋପ ପାଇବ ବୋଲି ବୈଠକରେ ଆଶଙ୍କା ପ୍ରକାଶ କରାଯିବା ସହିତ ଉଦ୍‌ବେଗ ପ୍ରକାଶ ପାଇଥିଲା। ତେଣୁ ପ୍ରତ୍ୟେକ ବ୍ଲକ୍‌ରେ ୫ ଜଣିଆ ଯାତ୍ରା କମିଟି ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଜି ବ୍ଲକ ଯାତ୍ରା କମିଟି ସମ୍ପାଦକ ବୀରେନ୍ଦ୍ର ପଣ୍ଡାଙ୍କ ବିୟୋଗରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକ ଯାତ୍ରା କମିଟି କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ପତିତପାବନ ଭଦ୍ର, କାର୍ଯ୍ୟକାରୀ ସଭାପତି ପ୍ରବୀର ନାୟକ, ସାଧାରଣ ସମ୍ପାଦକ ମିଟୁ ମନୋଜ ନାୟକ, ସହସମ୍ପାଦକ ତୀର୍ଥ ପରିଡା, କୋଷାଧ୍ୟକ୍ଷ ଭାବେ ସଞ୍ଜୟ ସାଇଁଙ୍କୁ ଚୟନ କରାଯାଇଥିଲା। ଏହି ବୈଠକରେ କେନ୍ଦ୍ରାପଡା ଜିଲ୍ଲା ସଭାପତି ମିହିର ସାମଲ, ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡା, ସହସମ୍ପାଦକ ନିରାକାର ଆଚାର୍ଯ୍ୟ, ରାଜେଶ ଦେ, ମନୋଜ ତରାଇ, କିଶୋର ପଣ୍ଡା, ସୁଶାନ୍ତ ଦାସ ପ୍ରମୁଖ ଭାଗ ନେଇଥିଲେ।

## ଶ୍ରୀଜଗନ୍ନାଥ କଲେଜରେ ବିଶ୍ୱ ଓଜୋନ ଦିବସ

ରାଜନଗର,୧୬।୯(ସମିସ): ଶ୍ରୀଜଗନ୍ନାଥ କଲେଜରେ ବିଶ୍ୱ ଓଜୋନ ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ଅନୁସୟା ବେହେରା, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ପୁଷ୍ପରଞ୍ଜନ ରାଉତ, ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଯୋଗଦେଇ ଓଜୋନର ରାସାୟନିକ ଗଠନ ଓ ପ୍ରତିକ୍ରିୟା, ମନଟ୍ରିଲ ଚୁକ୍ତି, ଓଜୋନ ସ୍ତରର ବିଲୁପ୍ତ, ପୋଲାର ଷ୍ଟ୍ରୋଟୋସ୍ପେରିକ କ୍ଲାଉଡ୍ ଉପରେ ଆଲୋଚନା କରିଥିଲେ। +୨ ଛାତ୍ରୀ ଜ୍ୟୋତିର୍ମୟୀ ଲେଙ୍କା, +୩ ପ୍ରାଣୀ ବିଜ୍ଞାନ ଛାତ୍ର ସତ୍ୟବ୍ରତ ପରିଡା ଓ ସୁବ୍ରତ ପରିଡ଼ା, +୩ ଉଭିଦ ବିଜ୍ଞାନର ଜଗମୋହନ ସୂତାର ଓ ପିନୁଶ୍ରୀ ଦାସ ଏହାର ବିଭିନ୍ନ ଦିଗ ଉପରେ ବର୍ଣ୍ଣନା କରିଥିଲେ।

## ପ୍ରେସ୍ କର୍ମଚାରୀଙ୍କ ପରଲୋକ

ପଞ୍ଚୁପାଣ୍ଡବ,୧୬।୯(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରିପାଟଣା ଗ୍ରାମର ଖଗେଶ୍ୱର ସାହୁ (୪୫)ଙ୍କ ପରଲୋକ ହୋଇଯାଇଛି। ଜଣ୍ଡିସ ରୋଗରେ ପୀଡ଼ିତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ କଟକ ବିଡ଼ାନାସିରେ ଜଗନ୍ନାଥ ପ୍ରେସ୍‌ରେ କାମ କରୁଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



## ଦୋକାନରୁ ଚୋରି କରି ଜଣେ ଗିରଫ

ରାଜକନିକା,୧୬।୯(ସମିସ): ରାଜକନିକା ଥାନା ଓଳାଭର ବଜାରର ପ୍ରଦୀପ ସାହୁଙ୍କ ଦୋକାନରୁ



ନଗଦ ୧୫ ହଜାର ଟଙ୍କା ସହ ଅନ୍ୟ ସାମଗ୍ରୀ ଚୋରି କରିଥିବା ଚୋରକୁ ରାଜକନିକା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିବା ସହ ଟଙ୍କା ଓ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ସପଲାଙ୍ଗ (ଅଦାସାହି) ଗାଁର ସ୍ୱରୂପ ନାଥ ଓରଫ କାଳିଆକୁ ଗିରଫ କରାଯାଇଥିଲା।

■ ଶିକ୍ଷୟିତ୍ରୀଙ୍କ ବେକରୁ ଚେନ୍ ଛିଣ୍ଡାଇ ନେବା ଉଦ୍ୟମ ଘଟଣା

## ପରିଚାଳନା କମିଟି ଥାନାର ଦ୍ୱାରସ୍ଥ

ପଞ୍ଚୁପାଣ୍ଡବ,୧୬।୯(ସମିସ):ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ବେକରୁ ଲୁଟେରା ଚେନ୍ ଛିଣ୍ଡାଇବା ଉଦ୍ୟମ କରି ବିଫଳ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ଘଟଣାକୁ ନେଇ ପରିଚାଳନା କମିଟି ପକ୍ଷରୁ ନିନ୍ଦା କରାଯିବା ସହ ଆଜି ଶିକ୍ଷକଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି ସନ୍ତୋଷ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସମିତି ସଭ୍ୟ ବାସୁଦେବ ଦାସ ଓ ଅନ୍ୟ ସଦସ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀଙ୍କ ନିରାପଦ ପାଇଁ ଡେରାବିଶ ଥାନାରେ ଅଭିଯୋଗ କରିଥିବା ପୂର୍ବତନ ସମିତି ସଭ୍ୟ କହିଛନ୍ତି। ଆଜି ବୈଠକରେ ସମ୍ପାଦକ ବନପ୍ରଭା ବାରିକ, କାଳନ୍ଦୀ କାଣ୍ଡି, ରଞ୍ଜନ ବାରିକ, ଉମାକାନ୍ତ ଦାସ, ଅନୀଲ ବାରିକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ଜଗୁଆଳି ନିଯୁକ୍ତ କରାଯିବା ସହ ସିସିଟିଭି ଲଗାଇବାକୁ ଦାବି କରିଥିଲେ।

# କାନ୍ଥରେ ଫଳକ ଲେଖି ପ୍ରକଳ୍ପ ଅର୍ଥ ଲୁଟ୍ ଅଭିଯୋଗ

### କନିକା ସଦରର ଏକ ଘର କାନ୍ଥରେ ଲେଖାଯାଇଛି ୫ ପଞ୍ଚାୟତର ୭ ପ୍ରକଳ୍ପ

କେନ୍ଦ୍ରାପଡ଼ା,୧୬।୯(ସମିସ)

ଲୋକଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ବ୍ଲକ ଜେଇଙ୍କ ନାମରେ ଥିବା ବିଭିନ୍ନ ପ୍ରକଳ୍ପର ଆଦୌ କାମ କରା ନ ଯାଇ କେବଳ ଫଳକ ଲେଖି ଲକ୍ଷ ଲକ୍ଷ ଟଙ୍କା ଲୁଟ ହୋଇଥିବା ଦୃଷ୍ଟିକୁ ଆସିଛି। ରାଜକନିକା ଥାନା ସମ୍ମୁଖ ଏକ ଘରର ଲାଟିନ, ଗାଧୁଆ ଘର, ବାରଣ୍ଡା, ବାଉଣ୍ଡାରୀ ୱାଲରେ ପ୍ରକଳ୍ପ ନାଁ ଲେଖି ପାରିନୂଆପଡ଼ା ହାବଳଗଣ୍ଡ, ହାଟସାହି, ଜାଗୁଳାଇପଡ଼ା ପଞ୍ଚାୟତର ବହୁ ପ୍ରକଳ୍ପ ଅର୍ଥ ଲୁଟ୍ କରାଯାଇଛି। କନିକା ସଦରର ଏହି ବାସଗୃହ ଜାଗୁଳାଇପଡ଼ା ପଞ୍ଚାୟତ ଅଧୀନରେ ଥିବାବେଳେ ଏହି ଘରର କାନ୍ଥରେ ଅନ୍ୟ ପଞ୍ଚାୟତର ଫଳକ ଲେଖାଯାଇଛି। ବିଡିଓ ନିଜେ ଯାଇ ଏ ସ୍ଥାନ ଦେଖିବାକୁ ଅନୁରୋଧ କରାଯାଇଛି।

ଦେଉଳତରା, ବଳରାମପୁର, ଜାଗୁଳାଇପଡ଼ା, ପାରିନୂଆପଡ଼ା ହାବଳଗଣ୍ଡ, ହାଟସାହି ଆଦି ପଞ୍ଚାୟତର ୭ଟି ପ୍ରକଳ୍ପ ଫଳକ ଗୋଟିଏ ପରିବାରର ଘର କାନ୍ଥ, ଲାଟିନ, ଗାଧୁଆଘର, ବାରଣ୍ଡା, ପାଚେରୀରେ ଲେଖାଯାଇଛି। ଏହି କାନ୍ଥରେ ଲେଖାଯାଇଥିବା ପ୍ରକଳ୍ପ ଫଳକରେ ରାଜକନିକା ପଞ୍ଚାୟତ ସମିତିର ପାରିନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତର ଗ୍ରାମ ରାସ୍ତା ନିର୍ମାଣ ପାଇଁ ପଞ୍ଚମ ଅର୍ଥ କମିଶନ ଦ୍ୱାରା ୩ ଲକ୍ଷ ଟଙ୍କା ୨୦୨୩-୨୪ ଆର୍ଥିକ ବର୍ଷ, ସେହି ଫଳକକୁ ଲାଗି ଆଉଏକ ଫଳକରେ ଜାଗୁଳାଇପଡ଼ା ପଞ୍ଚାୟତର ନଳକୂପ ରିଚାର୍ଜ ନାମରେ ସ୍ୱଚ୍ଛ ଭାରତ ମିଶନ ଅନୁଦାନରେ ବୁଢ଼ୀ ଜାଗୁଳାଇ ଠାକୁରାଣୀଠାରୁ ଡଙ୍କାରୀ ବଜ୍ରପୋଖରୀ ପର୍ଯ୍ୟନ୍ତ ରାସ୍ତା ପାଇଁ ୩ ଲକ୍ଷ, ହାଟସାହି ପଞ୍ଚାୟତର ସୁବାସ ଲେଙ୍କା ଘରଠାରୁ ଗାଲେଖ ଲେଙ୍କା ଘର ଯାଏ ରାସ୍ତା ମେଣ୍ଟେନାନ୍ସ ନାମରେ ୨୦୨୩-୨୪ରେ ପଞ୍ଚମ ଅର୍ଥ କମିଶନ ପାଣ୍ଠିରୁ ୨ ଲକ୍ଷ, ଜାଗୁଳାଇପଡ଼ା ପଞ୍ଚାୟତର ମାଟିଆ ଗାଁ ରାସ୍ତା ମେଣ୍ଟେନାନ୍ସ ନାମରେ ଏମଭି ଟାଙ୍କ ଆକାଉଣ୍ଟରେ ୨୦୨୨-୨୩ରେ ୩ ଲକ୍ଷ ଓ ଏହି ପକଳ୍ପ ଫଳକକୁ ଲାଗି ବଳରାମପୁର ପଞ୍ଚାୟତର ବଳରାମପୁର ଗ୍ରାମ ରାସ୍ତାର ମେଣ୍ଟେନାନ୍ସ ନାମରେ ଏଡବ୍ଲ୍ୟୁସି ଆକାଉଣ୍ଟ ହେଡ୍‌ରେ ୨୦୨୨-୨୩ରେ ୨ ଲକ୍ଷ ୫୦ ହଜାର, ଦେଉଳତରା ପଞ୍ଚାୟତ ପାଇଁ ଏଠାରେ ଲେଖାଯାଇଥିବା ଫଳକ ଉପରେ ଘର ମାଲିକ ଏକ ସ୍କୁଲର ପ୍ରବେଶ ଉତ୍ସବ ବ୍ୟାନର ଲଗାଇଥିବାରୁ ସମ୍ପୂର୍ଣ୍ଣ ବିବରଣୀ ଦୃଶ୍ୟମାନ ହେଉନାହିଁ। ଏସବୁ ପ୍ରକଳ୍ପର ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯିବାକୁ ସାଧାରଣରେ ଦାବି କରାଯାଇଛି।


## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ରାଜନଗର,୧୬।୯(ସମିସ): କୁରୁଣ୍ଟି ପଞ୍ଚାୟତ ନୁଧାବସନ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ମାଆ ଇନ୍ଦୁମତୀ ଜେନା ପରଲୋକ ଘଟିଛି। ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେ ଜଣେ ଧର୍ମପ୍ରାଣ, ପରୋଉପକାରୀ ଓ ମିଷ୍ଟଭାଷୀ ମହିଳା ଥିଲେ। ତାଙ୍କ ନାମରେ ଇନ୍ଦୁମତୀ ସରସ୍ୱତୀ ବିଦ୍ୟାଳୟ ରହିଛି। ତାଙ୍କ ପରଲୋକରେ ଆଜି ବିଦ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ରାଜନଗର ଶାଖା ପରିଚାଳକ ବିଶ୍ୱପ୍ରକାଶ ସାମଲ, କୁରୁଣ୍ଟିର ପୂର୍ବତନ ସରପଞ୍ଚ ରଞ୍ଜନ ମହାନ୍ତି, ସରପଞ୍ଚ ସସ୍ମିତା ମହାନ୍ତି, ମହିଷାସୁର ସରପଞ୍ଚ ଅଶୋକ ମହାନ୍ତି, ନୋଧାବସନ୍ତ ସେବା ସମବାୟ ସମିତି ସଭାପତି ରତ୍ନାକର ଦାସ, ଯୁବ ନେତା ସୁକାନ୍ତ ଦାସ, ହିମାଂଶୁ ପାଣି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ ଶୋକ ପ୍ରକାଶ କରିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ପାଠପଢ଼ାର ଅନୁଭୂତି ତିକ୍ତ ହୋଇପାରେ, କିନ୍ତୁ ଏହାର ଫଳ ମଧୁର।
-ଆରିଷ୍ଟୋଟଲ୍

## ମାଧୁରୀର ଲୁହ

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଗତ ସୋମବାରେ ଏକ ରାୟ ଆସିଛି, ଯାହା ଅନେକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ, ଅଥଚ ଭାବାବେଗ ସମ୍ପର୍କିତ ଏକାଧିକ ପ୍ରଶ୍ନ ଉତ୍ଥାପନକାରୀ। ମାନବ ସ୍ୱାର୍ଥ-ପରିବେଶ-ପଶୁ ଅଧିକାର ସମ୍ବନ୍ଧିତ ଏହି ରାୟଟି ମଧ୍ୟ ଖବରର ଗହଳି ଭିତରେ ଲୁଚି ଯାଇଥା'ନ୍ତା କିମ୍ବା ସେତେ ଗୁରୁତ୍ୱ ପାଇ ନ ଥା'ନ୍ତା, ଯଦି ତାହା ତା'ପରଦିନ(ମଙ୍ଗଳବାର) ହିଁ ମୁଖ୍ୟସ୍ରୋତ ମୁଦ୍ରିତ ଖବରକାଗଜର ପ୍ରଥମ ପୃଷ୍ଠାର ଅର୍ଦ୍ଧାଧିକ ମଣ୍ଡନ କରି ନ ଥା'ନ୍ତା। ବସ୍ତୁତଃ ବିଜ୍ଞାପନଧର୍ମୀ ଏହି ଦେୟଯୁକ୍ତ ଖବରଟି ପ୍ରକାଶ ପାଇବା ପରେ ହିଁ ଅଧିକାଂଶ ପାଠକ ପ୍ରସଙ୍ଗର ଗୁରୁତ୍ୱ ବିଷୟରେ ଜାଣିବାକୁ ପାଇଛନ୍ତି। ପ୍ରସଙ୍ଗଟି ସାଧାରଣ ଲାଗୁଥିଲେ ମଧ୍ୟ କୋଟିକୋଟି ଟଙ୍କା ବ୍ୟୟରେ ଖବର-ବିଜ୍ଞାପନ ଆକାରରେ ରାୟଟିର ବିସ୍ତୃତ ବିବରଣୀ ପ୍ରକାଶିତ ହେବା ପଛରେ ଯେ ଏହାର ଅସାଧାରଣତା ଲୁଚି ରହିଛି, ତାହା ଅନସ୍ୱୀକାର୍ଯ୍ୟ।

ଗତ ଜୁଲାଇ ମାସରେ ସାମାଜିକ ଗଣମାଧ୍ୟମରେ ଏକ ରିଲ୍ସ(ସୂଚନା) ପ୍ରସାରିତ ହୋଇଥିଲା, ଯେଉଁଥିରେ ମହାରାଷ୍ଟ୍ରର କୋହ୍ଲାପୁର ଜିଲ୍ଲା ଅଧୀନସ୍ଥ ଶିରୋଲ୍ ତାଲୁକାର ନନ୍ଦିନୀ ଗ୍ରାମରେ ଥିବା ଏକ ଜୈନ ମଠରେ ବହୁବର୍ଷ ଧରି ରହିଆସୁଥିବା ମହାଦେବୀ (ଡାକନାମ ମାଧୁରୀ) ନାମ୍ନୀ ହାତୀକୁ ବଳପୂର୍ବକ ଜନୈକ ବିଶିଷ୍ଟ ଶିଳ୍ପପତିଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରାଣୀ ଉଦ୍ଧାର କେନ୍ଦ୍ର(ଅଭୟାରଣ୍ୟ)କୁ ନିଆଯାଉଥିବାର ଦୃଶ୍ୟ ସହିତ ଆଶ୍ରମବାସୀଙ୍କ ବିବଶତା, ଅନ୍ତେବାସୀଙ୍କ ମାଧୁରୀ ପ୍ରତି ସମବେଦନା ଜନିତ ଲୁହ ଓ କୋହର ଦୃଶ୍ୟ ଭରି ରହିଥିଲା। ସବୁଠାରୁ ହୃଦୟବିଦାରକ ଥିଲା ମାଧୁରୀର ଆଖିରୁ ଅନବରତ ଝରୁଥିବା ଲୁହ। ଘଟଣା ପଛର ପୃଷ୍ଠଭୂମି ଥିଲା ଏହିପରି - ମାଧୁରୀର ଚିକିତ୍ସା ଓ ଯତ୍ନ ଜରୁରୀ ଦର୍ଶାଇ ଏକ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ପଶୁ ଅଧିକାର କ୍ଷେତ୍ରରେ କାର୍ଯ୍ୟ କରୁଥିବା ଏକ ସ୍ୱେଚ୍ଛାସେବୀ ସଂଗଠନ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବମ୍ବେ ଉଚ୍ଚ ନ୍ୟାୟାଳୟ ମାଧୁରୀକୁ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ମାଧୁରୀକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ କାଏମ୍ ରଖିଥିଲେ।

ମାଧୁରୀ ଅଞ୍ଚଳବାସୀଙ୍କ ଏତେ ପ୍ରିୟ ଥିଲା ଯେ ସମ୍ପୃକ୍ତ ଶିଳ୍ପପତିଙ୍କ ସମସ୍ତ ବ୍ୟବସାୟିକ ସଂସ୍ଥା ସହିତ ଆଖପାଖ ତିନି ଗ୍ରାମବାସୀ ଅସହଯୋଗ କରିବା ସହିତ ୩୦ ହଜାର ଲୋକ ୪୫ କିମି ବ୍ୟାପୀ ମାନବ ଶୃଙ୍ଖଳ ଓ ନିରବ ପଦଯାତ୍ରା କରିଥିଲେ। ମାତ୍ର ଚାରିଦିନ ମଧ୍ୟରେ ଦେଢ଼ ଲକ୍ଷ ମୋବାଇଲ୍ ଫୋନ୍ ଗ୍ରାହକ ସମ୍ପୃକ୍ତ ସଂସ୍ଥାର ସେବାରୁ ଓହରି ଆସିଥିଲେ। ଏହାପରେ ମାମଲା ସର୍ବୋଚ୍ଚ ନ୍ୟାୟାଳୟକୁ ଯାଇଥିଲା ଏବଂ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ଅବୈଧ ଦର୍ଶାଇ ତା'ର କାର୍ଯ୍ୟକଳାପ ଉପରେ କଟକଣା ଜାରି କରିବାକୁ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ଏପରିକି ପଶୁ ଅଧିକାର ପାଇଁ ଲଢୁଥିବା ସମ୍ପୃକ୍ତ ଆମେରିକୀୟ ବେସରକାରୀ ସଂସ୍ଥା ବିପୁଳ ଅର୍ଥଲୋଭରେ ମାଧୁରୀକୁ ସ୍ଥାନାନ୍ତର କରିବା ପାଇଁ ମସୁଧା କରିଥିବା ଅଭିଯୋଗ ଆସିଥିଲା ଏବଂ ସଂସ୍ଥାର ଭାରତୀୟ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ମଧ୍ୟ ଜନମତ ସୃଷ୍ଟି ହୋଇଥିଲା। ମାଧୁରୀକୁ ପୁଣି ଆଶ୍ରମକୁ ଫେରାଇ ଆଣିବା ଲାଗି ୨ ଲକ୍ଷ ଦସ୍ତଖତ ସଂଗ୍ରହ କରାଯାଇଥିଲା।

ଘଟଣା ସମ୍ପର୍କରେ ବିସ୍ତୃତ ଓ ପୁଙ୍ଖାନୁପୁଙ୍ଖ ତଥ୍ୟ ସଂଗ୍ରହ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସ୍ୱତନ୍ତ୍ର ତଦନ୍ତକାରୀ ଦଳ(ଏସ୍ଆଇଟି) ଗଠନ କରିଥିଲେ। ଏସ୍ଆଇଟିର ରିପୋର୍ଟ ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ଅଭୟାରଣ୍ୟର ପ୍ରତିଷ୍ଠା, କାର୍ଯ୍ୟକଳାପ ଓ ଲକ୍ଷ୍ୟକୁ ତ୍ରୁଟିଶୂନ୍ୟ ଓ ସର୍ବଆଇନ ସମ୍ମତ ଦର୍ଶାଇଛନ୍ତି। ତେଣୁ ସ୍ୱାଭାବିକ ଭାବେ ସମ୍ପୃକ୍ତ ଶିଳ୍ପପତି ନିଜ ଉପରେ ଆସିଥିବା ଅଭିଯୋଗର ବହୁ ପ୍ରଶ୍ନବାଣରୁ ମୁକ୍ତ ହେବାର ଆନନ୍ଦ ଗଣମାଧ୍ୟମ ଜରିଆରେ ପ୍ରକାଶ କରିଛନ୍ତି।

ସମ୍ପୃକ୍ତ ପଶୁ ଅଧିକାର ସଂଗଠନର ଅଭିଯୋଗ ଅନୁଯାୟୀ ମାଧୁରୀକୁ ଅତି ଅମାନବୀୟ ଭାବେ ୨୦୧୨ରୁ ୨୦୨୩ ମଧ୍ୟରେ ମହାରାଷ୍ଟ୍ରରୁ ତେଲେଙ୍ଗାନାକୁ ବିନା ବିଭାଗୀୟ ଅନୁମତିରେ ୧୩ ଥର ବ୍ୟବସାୟିକ ଉଦ୍ଦେଶ୍ୟରେ ଚଲାଇ ଚଲାଇ ନିଆଯାଇଛି। ୨୦୧୭ରେ ମାଧୁରୀ ଗୁରୁତର ହେବା ପରେ ତା'ର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। ୨୦୨୩ ଜାନୁଆରୀ ମାସରେ ତେଲେଙ୍ଗାନାର ଜଙ୍ଗଲ ବିଭାଗ ବନ୍ୟଜନ୍ତୁ(ସୁରକ୍ଷା) ଆଇନ୍ ୧୯୭୨ ଅନୁଯାୟୀ ସମ୍ପୃକ୍ତ ଜୈନ ମଠ ବିରୋଧରେ ଏକ ଅଭିଯୋଗ ଦାଖଲ କରିଥିଲା। ସମ୍ପୃକ୍ତ ବେସରକାରୀ ସଂସ୍ଥା ମାଧୁରୀର ଗୁରୁତର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ୨୦୨୩ ଅକ୍ଟୋବର ମାସରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଆଗରେ ଅଭିଯୋଗ ପରେ ୨୦୨୩ ଅଗଷ୍ଟରେ ଏକ ଡାକ୍ତରୀ ଦଳ ପରୀକ୍ଷା କରି ମାଧୁରୀର ପାଦ ଓ ଗୋଡ଼ରେ ଘା' ହୋଇଥିବା ଏବଂ ସେ ମାନସିକ ଅବସାଦ ଭିତରେ ଥିବା ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟ ଆଧାରରେ ମାଧୁରୀର ଚିକିତ୍ସା ପାଇଁ କର୍ତ୍ତୃପକ୍ଷ ଆଶ୍ରମକୁ ତିନିମାସ ସମୟ ଦେଇଥିଲେ। ନଭେମ୍ବର ୨୦୨୪ରେ ପୁନଃ ଯାଞ୍ଚ ବେଳେ ଜଣାପଡ଼ିଲା ଯେ ଆଶ୍ରମ ପକ୍ଷରୁ ମାଧୁରୀର ସ୍ୱାସ୍ଥ୍ୟାବସ୍ଥାରେ ଗୁରୁତର ଅବହେଳା ପ୍ରଦର୍ଶନ କରାଯାଇଛି। ସେହି ସମୟ ମଧ୍ୟରେ ମାଧୁରୀକୁ ଦୁଇଦୁଇ ଥର ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ପୁଣି ମୂଳ ଆଶ୍ରମକୁ ଫେରାଇ ଅଣାଯାଇଥିଲା। ଶେଷରେ ସମ୍ପୃକ୍ତ ଶିଳ୍ପପତିଙ୍କ ଅଭୟାରଣ୍ୟକୁ ମାଧୁରୀର ସ୍ଥାନାନ୍ତର ପାଇଁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ।

ଯଦି ଡାକ୍ତରୀ ଦଳ ଓ ଏସ୍ଆଇଟି ରିପୋର୍ଟ ଆଧାରରେ ସମ୍ପୂର୍ଣ୍ଣ ଘଟଣାକୁ ତର୍ଜମା କରାଯାଏ ତେବେ ସାମାଜିକ ଗଣମାଧ୍ୟମରେ ମାଧୁରୀ ପ୍ରତି ସମ୍ବେଦନଶୀଳତା ଆଳରେ ସମ୍ପୃକ୍ତ ଶିଳ୍ପପତିଙ୍କ ବିରୋଧରେ କେବଳ ଏକ ଉଚ୍ଚାଟ ସୃଷ୍ଟି କରାଯାଇଥିଲା ବୋଲି କୁହାଯାଇପାରେ। ଅପରପକ୍ଷରେ ଯଦି ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ବିଶ୍ୱାସକୁ ନିଆଯାଏ ତେବେ ଆମ ବ୍ୟବସ୍ଥାରେ ଅର୍ଥ ଓ ପ୍ରତିପତ୍ତିର ପ୍ରଭାବକୁ ସ୍ୱୀକାର କରିବାକୁ ପଡ଼ିବ। ଅର୍ଥ, ପ୍ରତିପତ୍ତି ଓ ଛଦ୍ମ ଭାବାବେଗର ପ୍ରଚାରପ୍ରସାରର ଏହି ଲୁଚକାଳି ଖେଳରେ ବିଚରା ମାଧୁରୀ କିନ୍ତୁ ମୋହରା ହୋଇସାରିଛି। ତା' ଆଖିରୁ ଝରୁଥିବା ଲୁହ ଆଶ୍ରମରୁ ବିଦାୟ ଜନିତ ଭାବପ୍ରବଣତା କିମ୍ବା ଶ୍ରମକ୍ଳାନ୍ତ ଜନିତ ଦୁଃଖ ଲାଘବର ଆନନ୍ଦାଶ୍ରୁ ତାହା ବୁଝିବାର ଶକ୍ତି ମଣିଷର ନାହିଁ। ଅର୍ଥ ଓ ପ୍ରତିପତ୍ତି ଆଗରେ ଭାବପ୍ରବଣତା ବିବଶ ହୋଇଛି ନା ଭକ୍ତି, ପରମ୍ପରାର ରୁଢ଼ିବାଦରେ ପଶୁମନର ଭାବ ବୁଝିବାରେ ଅବହେଳା ହୋଇଛି ତା'ର ଉତ୍ତର ଖୋଜି ପାଇବା ଆମ ବ୍ୟବସ୍ଥାରେ ନାହିଁ। ବାସ୍ତବତା ଓ ଛଳନାକୁ ବୁଝିପାରୁଥିବା ମାଧୁରୀ ହିଁ କହିପାରନ୍ତା ତା' କୋହ ଓ ଲୁହ ପଛର କାରଣ ଓ କାହାଣୀ।

## 'ଜେନ୍ ଜେଡ୍'ଙ୍କ ଈପ୍ସିତ ବିଶ୍ୱ

ଡ. ବିମଳ ଷଡ଼ଙ୍ଗୀ

୨୦୨୫ମସିହା ସେପ୍ଟେମ୍ବର ମାସର ପ୍ରାରମ୍ଭରେ ନେପାଳରେ ଶାସକ ବିରୋଧୀ ହିଂସାତ୍ମକ ଆନ୍ଦୋଳନରେ 'ଜେନ୍ ଜେଡ୍'ଙ୍କ ଭୂମିକା ସାରା ବିଶ୍ୱରେ ଚର୍ଚ୍ଚାକୁ ଆସିଛି। ତେବେ ଏ 'ଜେନ୍ ଜେଡ୍' କିଏ ଓ ସେମାନେ କାହିଁକି ଏପରି ପଦକ୍ଷେପ ନେଲେ ତାହା ଆଲୋଚନାସାପେକ୍ଷ। ବିଶ୍ୱରେ ୧୯୯୭-୨୦୧୨ମସିହା ମଧ୍ୟରେ ଜନ୍ମିତ ଯୁବବର୍ଗଙ୍କୁ 'ଜେନ୍ ଜେଡ୍' ବା 'ଜେଡ୍ ଜେନେରେସନ' କୁହାଯାଉଛି। ସେହି ସମୟରେ ଜନ୍ମିତ ପିଲାମାନେ ବହୁତ ସଂବେଦନଶୀଳ ଓ ଇଣ୍ଟରନେଟ ବ୍ୟବହାରରେ କୁଶଳୀ। ସେମାନେ ଏପରି ଏକଯୁଗରେ ଜନ୍ମିତ, ଯାହା ସେମାନଙ୍କୁ ପ୍ରତିକ୍ଷଣରେ ଇଣ୍ଟରନେଟ, କୃତ୍ରିମ ବୁଦ୍ଧିମତ୍ତା ଆଦି ବିକଶିତ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ସଶକ୍ତ କରିଥାଏ। ସେମାନେ ମୁଖ୍ୟତଃ ସାମାଜିକ ଗଣମାଧ୍ୟମ ଦ୍ୱାରା ଜଳବାୟୁ ପରିବର୍ତ୍ତନ, ଦୁର୍ନୀତି, ବେକାରୀ, ବେରୋଜଗାରୀ, ସମାଜର ଅସମାନତା ଏବଂ ପ୍ରଦୂଷଣ ଭଳି ସମସ୍ୟାଗୁଡ଼ିକୁ ଅତି କମସମୟରେ ଖୁବ ନିକଟରୁ ଅନୁଭବ କରନ୍ତି। ସେଥିପାଇଁ ସେମାନେ ଏକ ସ୍ୱଚ୍ଛ, ନିରପେକ୍ଷ ଓ ନ୍ୟାୟପୂର୍ଣ୍ଣ ସମାଜ ପାଇଁ ଦୃଢ଼ ଆଶା ରଖିଥିବା ଏକ ପିଢ଼ି ଭାବରେ ପରିଚିତ।

୧୯୯୦ଦଶକ ପୂର୍ବରୁ ଯେତେବେଳେ ସାମାଜିକ ଗଣମାଧ୍ୟମ ବୋଲି କିଛି ନ ଥିଲା, ସେତେବେଳେ କୌଣସି ଘଟଣା ବା ଦୁର୍ଘଟଣାକୁ ଆମେମାନେ ବହୁତ ପରେ ଜାଣିବାକୁ ପାଉଥିଲେ। ମାତ୍ର 'ଜେନ୍ ଜେଡ୍' ବର୍ଗର ପିଲାମାନେ ଖୁବକମ୍ ସମୟ ମଧ୍ୟରେ ସାରା ବିଶ୍ୱ କିପରି ପରିଚାଳିତ ହେଉଛି ତାହା ଜାଣିବାକୁ ସକ୍ଷମ ହେଉଛନ୍ତି। ଯାହାଫଳରେ ଅତିଶୀଘ୍ର ପ୍ରତ୍ୟେକ କାର୍ଯ୍ୟକୁ ତୁଳନା କରିବାକୁ ସେମାନେ ପଛାଉନାହାନ୍ତି। କେଉଁମାନେ ଅନ୍ୟାୟ କରି ଟଙ୍କା ଠୁଳ କରୁଛନ୍ତି, କେଉଁମାନେ ଶିକ୍ଷା ବ୍ୟବସାୟ ନାମରେ ସାରା ଦେଶକୁ ଲୁଟି ଦେଶର ଭବିଷ୍ୟତଙ୍କୁ ବିନା ଶିକ୍ଷାରେ ଖାଲି ସାର୍ଟିଫିକେଟ ବିକୁଛନ୍ତି, କେଉଁମାନେ ସ୍ୱାସ୍ଥ୍ୟ ବ୍ୟବସାୟରେ ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରୁଛନ୍ତି, କେଉଁମାନେ ଜାଲିଆତି କରି କିଣା ପିଏଚଡି ଡିଗ୍ରୀ ସହିତ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ହୋଇଛନ୍ତି, ଜାଲ ସାର୍ଟିଫିକେଟ ଧାରଣ କରି ଶିକ୍ଷକତା କରୁଛନ୍ତି, କେଉଁମାନେ ଜନତାଙ୍କ ଟଙ୍କାରେ ବିଦେଶ ବୁଲି, ନିଜ ପିଲାଙ୍କୁ ବିଦେଶରେ ପାଠ ପଢ଼ାଇ ଭଲ ଚାକିରି ହାତେଇବାକୁ ସକ୍ଷମ ହେଉଛନ୍ତି, କେଉଁମାନେ ଭ୍ରଷ୍ଟାଚାର ଲିପ୍ତ ହୋଇ ନିଜ ପରିବାରକୁ ଭଲରେ ରଖୁଛନ୍ତି, ଅଥଚ ସାଧାରଣ ବ୍ୟକ୍ତି ଅନାହାରରେ ମରୁଛନ୍ତି, କେଉଁମାନେ ଦେଶର ଖଣି ଖାଦାନ ଲୁଟ କରୁଛନ୍ତି ଆଦି ସମ୍ବାଦ ତୀବ୍ର ଅସନ୍ତୁଷ୍ଟ ଓ ବିବ୍ରତ କରୁଛି ଏବଂ ବେଳେ ବେଳେ ତାହା ବିସ୍ଫୋରକର ରୂପ ନେଉଛି। ନେପାଳରେ ଏବେ ତାହା ହିଁ ଘଟିଛି।

ପୂର୍ବ ପିଢ଼ି ଅପେକ୍ଷା 'ଜେନ୍ ଜେଡ୍' ଅଧିକ ଶିକ୍ଷିତ ଓ ସଚେତନ। ବିଶ୍ୱ ଜଳବାୟୁ ଆନ୍ଦୋଳନରେ ଗ୍ରେଟା ଥନବର୍ଗଙ୍କ ପରି ଅଭିଯାନ ସେମାନଙ୍କୁ ଏକ ସ୍ୱଚ୍ଛ ବିଶ୍ୱସୃଷ୍ଟି ପାଇଁ ଦୃଢ଼ ଭାବରେ ପ୍ରଭାବିତ କରିଛି। ସେମାନେ କେବଳ ଅଭିଯୋଗ କରନ୍ତି ନାହିଁ ସଚେତନତା ବୃଦ୍ଧି କରିବା, ଅଭିଯାନ ଆୟୋଜନ କରିବା ଏବଂ ପରିବର୍ତ୍ତନ ପାଇଁ ଚାପ ପକାଇବା ପାଇଁ ସାମାଜିକ ଗଣମାଧ୍ୟମ ଓ ନବସୃଜନର ବ୍ୟବହାର କରନ୍ତି। ସେମାନେ ବିଶ୍ୱାସ କରନ୍ତି ଯେ ପ୍ରଯୁକ୍ତିବିଦ୍ୟା ସହିତ ଏକ ସ୍ୱଚ୍ଛ ଓ ଅଧିକ ନୈତିକ ସମାଜର ଗଠନ ସମ୍ଭବ। ସେଥିପାଇଁ ଯେତେବେଳେ ନେପାଳରେ ସାମାଜିକ ଗଣମାଧ୍ୟମକୁ ବନ୍ଦ କରାଯାଇଥିଲା ସେତେବେଳେ ସେମାନେ ଭାବିଥିଲେ ଯେ ସେମାନଙ୍କ ସ୍ୱରକୁ ଚାପିବାର ଉଦ୍ୟମ ହୋଇଛି।

ଅରପପକ୍ଷରେ ଯେତେବେଳେ ସେମାନେ ଅନୁଭବ କରିବେ ଯେ ଆଜିର ମାତ୍ରାଧିକ ସାମାଜିକ ଗଣମାଧ୍ୟମ ସେମାନଙ୍କ ଜୀବନପ୍ରତି ବିପଦ, ସେତେବେଳେ ନୂଆ ରୂପରେ ବିଦ୍ରୋହ ଆସିପାରେ। ଯେପରି ନେପାଳ ସରକାର ଗୋଟିଏ କିମ୍ବା ଦୁଇ ଦିନ ମଧ୍ୟରେ ସାମାଜିକ ଗଣମାଧ୍ୟମ ପ୍ରତିବନ୍ଧକକୁ ଉଠାଇ ଦେଇଥିଲେ ଏବଂ ଭାବିଥିଲେ 'ଜେନ୍ ଜେଡ୍' ଗୋଷ୍ଠୀ ଶାନ୍ତ ହୋଇଯିବେ। ମାତ୍ର ତାହା ହୋଇନଥିଲା। କାରଣ ଅଧିକାଂଶ ନେପାଳୀ ଯୁବକ ଓ ଯୁବତୀ ଯେତେବେଳେ କୌଣସି ରୋଜଗାର ମାଧ୍ୟମ ପାଇବାକୁ ଏବଂ ବଞ୍ଚିବାକୁ ସଂଘର୍ଷ କରିବା ସହିତ ଘୋର ଆର୍ଥିକ ସଙ୍କଟରେ କାଳାତିପାତ କରୁଥିଲେ, ସେତେବେଳେ ଧନୀ ଓ ଆର୍ଥିକ ସମ୍ବଳ ଥିବା ପିତାମାତାଙ୍କ, ବିଶେଷକରି ଚଳଚ୍ଚିତ୍ର, ସଙ୍ଗୀତ, ରାଜନୀତି କିମ୍ବା ବ୍ୟବସାୟ ଭଳି ଶିଳ୍ପର ମାଲିକମାନଙ୍କ ସନ୍ତାନସନ୍ତତିମାନେ ଖୁବ ଆୟସରେ ଜୀବନ ବିତାଉଥିଲେ। ଏ ସବୁ ମଧ୍ୟ 'ଜେନ୍ ଜେଡ୍' ବର୍ଗ ସାମାଜିକ ଗଣମାଧ୍ୟମ ଜରିଆରେ ଜାଣିପାରୁଥିଲେ। ତେଣୁ ସାମାଜିକ ଗଣମାଧ୍ୟମ ନିଷେଧକୁ 'ଜେନ୍ ଜେଡ୍' ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଦୁର୍ନୀତି ଓ ଅସମାନତାକୁ ପ୍ରକାଶ କରିବାର କ୍ଷମତା ଉପରେ ଆକ୍ରମଣ ଭାବରେ ଦେଖିଥିଲେ। ଯାହାଫଳରେ ସେମାନଙ୍କ ମନରେ କ୍ରୋଧ ଜାତ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ତାହା ଗଣଆନ୍ଦୋଳନରେ ପରିଣତ ହୋଇଥିଲା।

ବାଂଲାଦେଶ, ଶ୍ରୀଲଙ୍କା ପରେ ନେପାଳର ଘଟଣା ବର୍ତ୍ତମାନ ସମୟର ଭ୍ରଷ୍ଟାଚାର, ଦୁର୍ନୀତି, ପ୍ରିୟାପ୍ରୀତି ତୋଷଣ, ପରିବେଶ ସମସ୍ୟା, ବେରୋଜଗାରୀ, ବେକାରୀ, ପୋଷଣ ବିହୀନ ଖାଦ୍ୟର ଅଭାବ ଆଦି ସାମାଜିକ ବ୍ୟବାସ୍ଥା ବିରୁଦ୍ଧରେ 'ଜେନ୍ ଜେଡ୍' ଯୁବପିଢ଼ିଙ୍କ ଏକ ଯୁଦ୍ଧ କହିଲେ ଭୁଲ ହେବନାହିଁ। ଯଦି କେହି ଦୁର୍ନୀତିକୁ ସମାଧାନ କରିବା ପରିବର୍ତ୍ତେ କ୍ରୋଧକୁ ଚୁପ୍ କରିବାକୁ ଚେଷ୍ଟା କରନ୍ତି ତା'ହେଲେ ନେପାଳ ଅବସ୍ଥା ଅନ୍ୟରାଷ୍ଟ୍ରରେ ହୋଇପାରେ ବୋଲି ସେମାନେ ସାରା ବିଶ୍ୱକୁ ଏକ ବାର୍ତ୍ତା ମାଧ୍ୟମରେ ଚେତାଇ ଦେଇଛନ୍ତି। ବୃଦ୍ଧି ପାଉଥିବା ପ୍ରଦୂଷଣ ସ୍ତର, ପ୍ଲାଷ୍ଟିକର ଅଧିକ ବ୍ୟବହାର, ବେକାରୀ, ପୋଷଣଯୁକ୍ତ ଖାଦ୍ୟର ଅଭାବ, ଦରଦାମ ବୃଦ୍ଧି, ଶିକ୍ଷାର ଘରୋଇକରଣ, ବ୍ୟୟବହୁଳ ସ୍ୱାସ୍ଥ୍ୟସେବା, ଦୁର୍ନୀତି, ଖଣି ଖଦାନ ମାଧ୍ୟମରେ ଦେଶର ଅର୍ଥ ଲୁଟ ଏବଂ ପରିବେଶଗତ ସମସ୍ୟା ସହିତ ଅଳ୍ପସଂଖ୍ୟକ ଖଳବ୍ୟକ୍ତିଙ୍କର ପରିବାର ରାଜକୋଷ ଲୁଟ୍ କରି ଆୟସରେ ଜୀବନଯାପନ ସେମାନଙ୍କ ଭବିଷ୍ୟତକୁ ସିଧାସଳଖ ପ୍ରଭାବିତ କରିଥିଲା। ସେମାନେ କେବଳ ନିଜ ପାଇଁ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ମଧ୍ୟ ଏକ ସ୍ୱଚ୍ଛ ପରିବେଶ ଓ ସମାଜ ଚାହିଁଥିଲେ।

'ଜେନ୍ ଜେଡ୍' ସାମାଜିକ ବ୍ୟବସ୍ଥା ଏବଂ ସ୍ୱଚ୍ଛତାର ଅଭାବ ଥିବା ବ୍ୟବସ୍ଥାକୁ ପ୍ରଶ୍ନ କରିବାକୁ ବ୍ୟଗ୍ର ରହିଥା'ନ୍ତି। ସେମାନଙ୍କ ପାଇଁ ଏକ ସ୍ୱଚ୍ଛ ସମାଜର ଅର୍ଥ ହେଉଛି ସାର୍ବଜନୀନ ଜୀବନରେ ସଚ୍ଚୋଟତା ଏବଂ ପ୍ରତିଷ୍ଠାନରେ ନିରପେକ୍ଷତା। ଏହି କାରଣରୁ ଦୁର୍ନୀତି ବିରୁଦ୍ଧରେ ଆନ୍ଦୋଳନ ଏବଂ ଦାୟିତ୍ୱ ପାଇଁ ଦାବି ନେପାଳରେ ଛାତ୍ରଛାତ୍ରୀ, ଯୁବକମାନେ ବୟସ୍କଙ୍କଠାରୁ ଦୃଢ଼ ସମର୍ଥନ ପାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, 'ଜେନ୍ ଜେଡ୍' ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଏବଂ ସମାଧାନ-ମୁଖୀ। ଯେଉଁ ବ୍ୟକ୍ତି ମୋବାଇଲ, କମ୍ପ୍ୟୁଟର, ଇଣ୍ଟରନେଟ୍, ଡିଜିଟାଲ ଉପକରଣ ବାବଦରେ ଜ୍ଞାନୀ ଏବଂ ସେଗୁଡ଼ିକୁ ସହଜରେ ବ୍ୟବହାର କରିପାରେ, ନୂଆ-ନୂଆ ଟେକ୍ନୋଲୋଜିକୁ ଗ୍ରହଣ କରିପାରେ ଏବଂ ଯେଉଁ ବ୍ୟକ୍ତି ସମସ୍ୟାରେ ବୁଡ଼ିରହିବା ଅପେକ୍ଷା ସମାଧାନ ଖୋଜିବାକୁ ଧ୍ୟାନ ଦେଇଥାଏ ସେମାନେ ହିଁ ପରିବର୍ତ୍ତନ ଆଣିପାରିବେ।

'ଜେନ୍ ଜେଡ୍' କେବଳ ଅଭିଯୋଗ କରନ୍ତି ନାହିଁ ଉପାୟ ମଧ୍ୟ ଦେଇଥା'ନ୍ତି। ଆବର୍ଜନାର ପୃଥକୀକରଣ ଅଭିଯାନ ହେଉ, ସମାଜ ସଚେତନତା କାର୍ଯ୍ୟକ୍ରମ ହେଉ କିମ୍ବା ଅନଲାଇନର ବ୍ୟବହାର ହେଉ, ସବୁକ୍ଷେତ୍ରରେ ସମସ୍ୟା ସମାଧାନରେ ସେମାନେ ପାରଙ୍ଗମ। ସେମାନେ ବିଶ୍ୱାସ କରିଥିଲେ ଯେ ପ୍ରଯୁକ୍ତିବିଦ୍ୟା ପ୍ରକୃତ ପରିବର୍ତ୍ତନ ଆଣିପାରେ, ଏକ ସୁସ୍ଥ ସମାଜ ଗଢ଼ିବାରେ ସହାୟକ ହୋଇପାରେ। କିନ୍ତୁ ବର୍ତ୍ତମାନର ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟିକ, ରାଜନୈତିକ, ଆର୍ଥିକ ଓ ସାମାଜିକ ବ୍ୟବସ୍ଥାରେ ଯେପରି ଭାବରେ ଦ୍ରୁତ ଅବକ୍ଷୟ ଘଟିଚାଲିଛି, ତାହାକୁ ସେମାନେ ଖୁବ ସମ୍ବେଦନଶୀଳ ଭାବରେ ପର୍ଯ୍ୟବେକ୍ଷଣ କରୁଛନ୍ତି। ସମୟ ପୂର୍ବରୁ ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଉତ୍ତମ ଶିକ୍ଷାବ୍ୟବସ୍ଥା, ସୁଲଭ ସ୍ୱାସ୍ଥ୍ୟ ସେବା, ପ୍ରଦୂଷଣ ମୁକ୍ତ ପରିବେଶ, ରୋଜଗାର ମାଧ୍ୟମ, ସମାଜବାଦୀ କାର୍ଯ୍ୟକ୍ରମ, ପୋଷଣ ଯୁକ୍ତ ଖାଦ୍ୟବ୍ୟବସ୍ଥା, ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ଆଦି ପ୍ରଚଳିତ ନହେଲେ ଖୁବ ଶୀଘ୍ର ସାରା ବିଶ୍ୱରେ ଏକ ନୂତନ ସମୀକରଣ ସୃଷ୍ଟି ହେବ, ଯାହାକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ। କାରଣ ବିଶ୍ୱର ଭବିଷ୍ୟତର ମାଲିକ 'ଜେନ୍ ଜେଡ୍' ପିଢ଼ି।

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

## ଡିଜିଟାଲ୍ ସହାନୁଭୂତି

ଡ. ସନ୍ତୋଷ କୁମାର ବିଶ୍ୱାଳ

ଏହା କହିବା ପାଇଁ ପର୍ଯ୍ୟାପ୍ତ ଯେ ସାରାବିଶ୍ୱକୁ ଏବେ ସହାନୁଭୂତି ଓ ଆରୋଗ୍ୟର ଆବଶ୍ୟକତା ଅଛି। ବିଶ୍ୱ ଏବେ ବିଭାଜନ, ଦ୍ୱନ୍ଦ୍ୱ ଓ ସଂଘର୍ଷ ଦେଇ ଗତି କରୁଛି, ଯାହା ବୁଝାମଣା ଓ କରୁଣାର ଅଭାବରୁ ସୃଷ୍ଟି ହୋଇଛି। ୟୁକ୍ରେନରେ ରୁଷିଆ ଆକ୍ରମଣ ହେଉ କିମ୍ବା ନୂଆଦିଲ୍ଲୀର ଅନେକ ସ୍କୁଲକୁ ସମ୍ପ୍ରତି ବୋମା ଧମକ କିମ୍ବା ଦିଲ୍ଲୀରେ ବୁଲା କୁକୁରଙ୍କ ଉପରେ ଭାରତର ସୁପ୍ରିମକୋର୍ଟଙ୍କ ରାୟ। ଏସବୁ ଘଟଣା ଏହି ବର୍ଷରେ ଘଟିଛି।

ନୂଆଦିଲ୍ଲୀରେ ଗୋଟିଏ ସପ୍ତାହରୁ କମ୍ ସମୟ ମଧ୍ୟରେ ଚତୁର୍ଥ ଥର ପାଇଁ ଅନେକ ସ୍କୁଲକୁ ବୋମା ଧମକ ଦିଆଯାଇଥିଲା, ଯାହା ଫଳରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ସତର୍କତା ଏବଂ ସୁରକ୍ଷା ବୃଦ୍ଧି କରାଯାଇଥିଲା। ଯଦିଓ ବୋମା ଧମକ ଏକ ମିଥ୍ୟା ସତର୍କତା ବୋଲି ଜଣାପଡ଼ିଥିଲା, ଆଇନ ପ୍ରବର୍ତ୍ତନ ଏବଂ ଜନ ସୁରକ୍ଷା ଅଧିକାରୀମାନେ ପ୍ରତ୍ୟେକ ବୋମା ଧମକ ଉପରେ ତତ୍ପରତାର ସହିତ କାର୍ଯ୍ୟ କରିଥିଲେ। ଏହି ଧମକଗୁଡ଼ିକୁ ନେଇ ସର୍ବସ୍ତରୀୟ ନିନ୍ଦା ପ୍ରକାଶ ହୋଇଛି ଏବଂ ଏହା ଜାତୀୟ ମନୋବିକାଶର ଆକାର ନେଇ ସୋସିଆଲ ମିଡିଆରେ ସହାନୁଭୂତି ପ୍ରକାଶ କରୁଥିବା ପୋଷ୍ଟରେ ଭରି ରହିଛି।

ନେଟିଜେନ୍‌ମାନେ ସୋସିଆଲ ମିଡିଆ ମାଧ୍ୟମରେ ସେମାନଙ୍କର ଭାବନା ପ୍ରକାଶ କରୁଛନ୍ତି। ଅଧିକାଂଶ କ୍ରୋଧ ଓ ସହାନୁଭୂତି ପ୍ରକାଶ କରୁଛି, ଯାହା ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକରେ ସାମୂହିକ ପ୍ରତିକ୍ରିୟାକୁ ଆକାର ଦେଇଛି। ସଂଘର୍ଷକୁ ସାବଧାନତାର ସହିତ ପରିଚାଳନା କରିବାର ଅଭ୍ୟାସ, ଡିଜିଟାଲ୍ କ୍ଲାନ୍ତି ବିଷୟରେ ସଚେତନତା ଏବଂ ଡିଜିଟାଲ୍ ସମ୍ପ୍ରେଷଣରେ ନିଜ ପ୍ରତି ସହାନୁଭୂତି ଏହି ସବୁକିଛି ଡିଜିଟାଲ୍ ସହାନୁଭୂତିକୁ ସମର୍ଥନ କରିବାର ସର୍ବୋତ୍ତମ ମାନକ ବୋଲି ଗ୍ରହଣ କରାଯାଇଛି। ଏହା ଡିଜିଟାଲ୍ ମିଡିଆ ସାକ୍ଷରତାର ଆବଶ୍ୟକତାକୁ ସ୍ପଷ୍ଟ କରେ। ଡିଜିଟାଲ୍ ସହାନୁଭୂତି ଓ ସମ୍ମିଶ୍ରଣ ସଂସ୍କୃତି ସହିତ ଜଡ଼ିତ, ଯାହା ଲୋକମାନଙ୍କର ମାଧ୍ୟମ ସହିତ ସମ୍ପର୍କରେ ଏକ ପରିବର୍ତ୍ତନକୁ ପ୍ରକାଶ କରେ। ସମବେଦନା ଖୋଜିବା ପାଇଁ ସୋସିଆଲ ମିଡିଆର ବୃଦ୍ଧି ମଧ୍ୟରେ ଆଧୁନିକ ଜୀବନଶୈଳୀ ଆମକୁ ଆମ ଡିଜିଟାଲ ଜୀବନରେ ଡିଜିଟାଲ ସହାନୁଭୂତି ଖୋଜିବାକୁ ବାଧ୍ୟ କରିଛି। ଦିଲ୍ଲୀର ବୁଲା କୁକୁର ନୀତି ପରିବର୍ତ୍ତନ ପରେ, ଡିଜିଟାଲ୍ ସହାନୁଭୂତି ନୂଆ ଦୃଷ୍ଟିକୋଣ ସହିତ ପ୍ରମୁଖ ହୋଇଥିଲା। ଡିଜିଟାଲ ଦୃଶ୍ୟରେ କିଛି ରାଜନେତାଙ୍କ ମତ ବିଭାଜିତ ହୋଇଥିଲା। ନେଟିଜେନମାନେ ସାର୍ବଜନୀନ ସୁରକ୍ଷା ଏବଂ ପଶୁକଲ୍ୟାଣର ଆଲୋଚନାରେ ନିୟୋଜିତ ଥିଲେ।

ଡିଜିଟାଲ୍ ସାର୍ବଜନୀନ କ୍ଷେତ୍ରରେ ସମାନ ପ୍ରକାରର ସମବେଦନା ଦେଖାଯାଇଛି। ଏହି ବର୍ଷ ଆରମ୍ଭରେ ବେଙ୍ଗାଲୁରୁର ଜଣେ ପିତା ଏବଂ ୟୁଆଣ୍ଡଆଇର ସହପ୍ରତିଷ୍ଠାତା ଅଜିତ ଶିବରାମ, ଯିଏ ଶିକ୍ଷା ଓ ଅବହେଳିତ ପିଲାମାନଙ୍କ ପ୍ରତି ତାଙ୍କର ସମର୍ପଣ ପାଇଁ ଜଣାଶୁଣା, ଲିଙ୍କଡିନ୍‌ରେ ଏକ ପୋଷ୍ଟ ଲେଖିଥିଲେ ଯେ ଭାରତରେ ଝିଅମାନଙ୍କୁ ପାଳନ ପୋଷଣ କରିବା ଏକ କ୍ରାନ୍ତିକାରୀ କାର୍ଯ୍ୟ। ଯେତେବେଳେ ମହାକୁମ୍ଭ ସାରା ବିଶ୍ୱରେ ଭକ୍ତ, ଦାର୍ଶନିକ ଓ ଗବେଷକଙ୍କ ଭିଡ଼ ଜମିଥିଲା, ସେତେବେଳେ ଆଇଆଇଟି ବମ୍ବେର ପୂର୍ବତନ ଛାତ୍ର ଅଭୟ ସିଂହ, ଯିଏ ବାୟୁମଣ୍ଡଳ ଇଞ୍ଜିନିୟରିଂରେ ନିଜ କ୍ୟାରିଅରକୁ ଛାଡ଼ି ଆଧ୍ୟାତ୍ମିକତାକୁ ଅନୁସରଣ କରିଛନ୍ତି, ତାଙ୍କର ବ୍ୟକ୍ତିଗତ ସଂଘର୍ଷ ଓ ସାଧନା ପଥଗୁଡ଼ିକୁ ସେୟାର କରିଥିଲେ, ଯାହା ସୋସିଆଲ ମିଡିଆ ଉପଭୋକ୍ତାମାନଙ୍କ ମଧ୍ୟରେ ସହାନୁଭୂତିପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିଥିଲା।

ଯେତେବେଳେ ଆମର କାର୍ଯ୍ୟ ସମ୍ପର୍କ ସ୍କ୍ରିନ୍ ଦ୍ୱାରା ମଧ୍ୟସ୍ଥତାରେ ପରିଣତ ହୁଏ, ବ୍ୟକ୍ତିବିଶେଷମାନେ ସଚେତନ ଭାବରେ ନିଜର କାର୍ଯ୍ୟସ୍ଥଳରେ ସହକର୍ମୀମାନଙ୍କ ପାଇଁ ସହାନୁଭୂତି ପ୍ରକାଶ କରିବା ଦରକାର। ଆମେ ଏପରି ଏକ ଯୁଗରେ ଅଛୁ, ଯେଉଁଠାରେ ବୈଷୟିକ ଦକ୍ଷତା ଆବଶ୍ୟକ। କିନ୍ତୁ ସେମାନେ ନିଜେ ପର୍ଯ୍ୟାପ୍ତ ନୁହେଁ। ଭାବପ୍ରବଣ ବୁଦ୍ଧିମତ୍ତା, ବିଶେଷକରି ଡିଜିଟାଲ୍ ସହାନୁଭୂତି ପ୍ରଭାବଶାଳୀ ନେତୃତ୍ୱ ପାଇଁ ଏକ ମୁଖ୍ୟ କୌଶଳ ହୋଇଛି। କୋଭିଡ୍ ସମୟରେ ଏହିପ୍ରକାରର ସହାନୁଭୂତି ଖୁବ୍ ପ୍ରକାଶ ପାଇଥିଲା, ଯେତେବେଳେ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଭାବପ୍ରବଣ ସଂଯୋଗ, ମାନସିକ ସ୍ୱାସ୍ଥ୍ୟ ସହାୟତା ପାଇଁ ଏକ ମଧ୍ୟସ୍ଥତା ସ୍ଥାନରେ ପରିଣତ ହୋଇଥିଲା।

ଭୌଗୋଳିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ କାରଣଗୁଡ଼ିକୁ ବିଚାର କରି ଡିଜିଟାଲ୍ ସହାନୁଭୂତିର ଅନ୍ତର୍ଦୃଷ୍ଟି, ପ୍ରକାଶନ ଓ ଅଭ୍ୟାସ ଭିନ୍ନ ହୁଏ। ଏହା ସ୍ପଷ୍ଟ ଭାବରେ ଗ୍ଲୋବାଲ୍ ଉତ୍ତର ଓ ଗ୍ଲୋବାଲ୍ ଦକ୍ଷିଣ ମଧ୍ୟରେ ଏକ ଦ୍ୱିଭାଜନ ସୃଷ୍ଟି କରେ। ଗ୍ଲୋବାଲ୍ ଉତ୍ତରରେ, ଡିଜିଟାଲ୍ ସହାନୁଭୂତି ଏକ ବ୍ୟକ୍ତିଗତ ପ୍ରକୃତିର ଥାଏ, ଯାହାର ବୃହତ ସାମାଜିକ ପ୍ରଭାବ ଥାଏ। ପ୍ରତିପକ୍ଷରେ, ଗ୍ଲୋବାଲ୍ ଦକ୍ଷିଣରେ ଏପରି ସହାନୁଭୂତି ସାଧାରଣତଃ ସମୁଦାୟକେନ୍ଦ୍ରିତ ଥାଏ, ଯାହା ପ୍ରଧାନତଃ ତତ୍କାଳିକ ଆବଶ୍ୟକତା ପୂରଣ ପାଇଁ ଏବଂ ପ୍ରାୟତଃ ଭିତ୍ତିଭୂମି ଚ୍ୟାଲେଞ୍ଜ ଏବଂ ସାମାଜିକ-ଆର୍ଥିକ ଅସମାନତା ଦ୍ୱାରା ସୃଷ୍ଟି ହୋଇଥିବା ବାଧା ହୁଏ।

ଭାରତରେ ଡିଜିଟାଲ୍ ସହାନୁଭୂତି ଏବେ ବି ପ୍ରାରମ୍ଭିକ ଅବସ୍ଥାରେ ଅଛି। ଡିଜିଟାଲ୍ ସାର୍ବଜନୀନ କ୍ଷେତ୍ରରେ ମାନବୀୟ ସମ୍ପର୍କ ଓ ସମ୍ବେଦନଶୀଳତାକୁ ରକ୍ଷା କରିବା ପ୍ରାଥମିକତା ପାଇବା ଆବଶ୍ୟକ। ସେହି ସମୟରେ ଡିଜିଟାଲ୍ ବିଭାଜନକୁ ସମାଧାନ କରିବା, ସମାବେଶୀ ଓ ସୁରକ୍ଷିତ ସ୍ଥଳକୁ ପୁନଃକଳ୍ପନା କରିବା, ସାମାଜିକ ଉପକାର ପାଇଁ ଡିଜିଟାଲ୍ ସହାନୁଭୂତିକୁ ପ୍ରୋତ୍ସାହିତ କରିବା ଏବଂ ଆନ୍ତଃସଂସ୍କୃତି ସହାନୁଭୂତିକୁ ବୃଦ୍ଧି କରିବା ଆବଶ୍ୟକ ହୋଇଛି।

(ସହଯୋଗୀ ପ୍ରାଧ୍ୟାପକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ)

ଭୁବନେଶ୍ୱର, ମୋ: ୮୩୩୧୮୧୪୫୮୨

## ବିଦୁର ଛତା-ମୂଳକ ଚୌରା ମଠ

ସ୍ୱପ୍ନେଶ୍ୱର

### ଲୋକକଥାରେ ଲୋକଦେବତା

ମହାଭାରତ ଯୁଦ୍ଧ ପୂର୍ବରୁ ଶେଷପ୍ରୟାସ ସ୍ୱରୂପ ଶ୍ରୀକୃଷ୍ଣ ଶାନ୍ତିଦୂତ ଭାବେ ହସ୍ତିନା ଦରବାରକୁ ଯାଇଥିବା ବେଳେ ମହାତ୍ମା ବିଦୁରଙ୍କ ଘରେ ବିନା ଡାକରାରେ ଅତିଥି ହୋଇ ଖାଇବାକୁ ପହଞ୍ଚି ଗଲେ। ବିଦୁର ଥିଲେ ସମ୍ପର୍କରେ ରାଜା ଧୃତରାଷ୍ଟ୍ରଙ୍କ ଭାଇ ଓ ହସ୍ତିନା ଦରବାରର ମହାମନ୍ତ୍ରୀ। ଗୁରୁତ୍ୱପୂର୍ଣ୍ଣ ପଦବୀ ମଣ୍ଡନ କରୁଥିଲେ ମଧ୍ୟ ସେ ରାଜକୋଷରୁ ପାରିଶ୍ରମିକ ବାବଦରେ କଡ଼ାଏ କଉଡ଼ି ଗ୍ରହଣ କରୁ ନ ଥିଲେ। ତେଣୁ ଅଭାବ ଅନଟନ ଭିତରେ ତାଙ୍କର ଜୀବନ ବିତୁଥିଲା। ଦ୍ୱାରକାଧୀଶଙ୍କ ପରି ଜଣେ ରାଜକୀୟ ଅତିଥିଙ୍କ ସତ୍କାରରେ ବିଦୁର ପତିପତ୍ନୀ ଅତ୍ୟନ୍ତ ଭକ୍ତି ସହକାରେ ତିନୋଟି ଖୁଦପିଠା ପରଶି ଦେଲେ। ଖୁଦପିଠା ଖାଇ ଶ୍ରୀକୃଷ୍ଣ ପରମ ତୃପ୍ତିଲାଭ କଲେ। ସେ ପିଠାର ସ୍ୱାଦରେ ମୁଗ୍ଧ ହୋଇ ବାରମ୍ବାର ଖାଇବା ପାଇଁ ତାଙ୍କ ମନରେ ଅଭିଳାଷ ସୃଷ୍ଟି ହେଲା। ଭକ୍ତ ବିଦୁର ମଧ୍ୟ ଶ୍ରୀକୃଷ୍ଣଙ୍କ ସନ୍ତୋଷ ଭାବ ଦେଖି ବାରମ୍ବାର ସେ ପିଠା ଖୁଆଇବା ପାଇଁ ଅଭିଳାଷ ପୋଷଣ କଲେ।

ଦ୍ୱାପର ଯୁଗର ଅବସାନ ପରେ ଶ୍ରୀକୃଷ୍ଣ କଳି ଯୁଗରେ ଜଗନ୍ନାଥ ରୂପେ ନୀଳାଚଳରେ ଆବିର୍ଭୂତ ହେଲେ। ମହାତ୍ମା ବିଦୁର ତାଙ୍କର ପୂର୍ବଇଚ୍ଛା ଚରିତାର୍ଥ କରିବା ପାଇଁ ପୁଣି ଥରେ ନର ଦେହ ଧରି ଶ୍ରୀକ୍ଷେତ୍ରରେ ଆବିର୍ଭୂତ ହେଲେ। ସେ ସ୍ୱର୍ଗଦ୍ୱାର ନିକଟରେ ଏକ ଚଉରା ପାଖରେ ଗୋଟିଏ ଛତା ତଳେ ବାସ କଲେ ଏବଂ ତିନୋଟି ଖୁଦପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ସମର୍ପଣ କଲେ। ମହାପ୍ରଭୁ ଏ ପ୍ରକାର ମଉକାକୁ ଅପେକ୍ଷା କରିଥିଲେ। ତେଣୁ ସେ ବିଦୁରଙ୍କ ପାଖକୁ ଯାଇ ଖୁଦ ପିଠା ଭୋଜନ କରିବାକୁ ଲାଗିଲେ। ଏ ପଟେ ମହାପ୍ରଭୁଙ୍କ ମଣୋହି ପାଇଁ ସେବକମାନେ ଛପନଭୋଗ ବାଢ଼ିଲେ। କିନ୍ତୁ ସେତେବେଳେ ପ୍ରଭୁ ଶ୍ରୀମନ୍ଦିରରେ ଅନୁପସ୍ଥିତ ଥିବାରୁ ଚଳୁରେ ଦର୍ଶନ ଦେଲେ ନାହିଁ। କୌଣସି କାରଣରୁ ପ୍ରସାଦ ଅଶୁଦ୍ଧ ହୋଇଛି ବୋଲି ବିଚାର କରି ସେବକମାନେ ସେ ପ୍ରସାଦକୁ ପୋତି ଦେଇ ପୁଣି ନିଷ୍ଠାର ସହ ପ୍ରସାଦ ପ୍ରସ୍ତୁତ କଲେ। ପୁଣି ଥରେ ଧୂପ ବସିଲେ ମଧ୍ୟ ମହାପ୍ରଭୁ ଚଳୁରେ ଦର୍ଶନ ଦେଲେ ନାହିଁ। କଥାଟା ରାଜାଙ୍କ କାନକୁ ଗଲା। ପଣ୍ଡିତମାନଙ୍କ ସହ ବିଚାରବିମର୍ଶ ପରେ ମଧ୍ୟ ସେମାନେ କୌଣସି ନିର୍ଣ୍ଣୟରେ ପହଞ୍ଚି ପାରିଲେ ନାହିଁ।

ଶ୍ରୀକ୍ଷେତ୍ରରେ ମୁଳକ ଦାସ ନାମରେ ଜଣେ ପରମ ଭକ୍ତ ସନ୍ନ୍ୟାସୀ ବାସ କରୁଥିଲେ। ମହାପ୍ରସାଦ ବିନା ସେ ଅନ୍ୟ କୌଣସି ଖାଦ୍ୟ ଗ୍ରହଣ କରୁ ନ ଥିଲେ। ଠାକୁର ଚଳୁରେ ଦର୍ଶନ ଦେଉ ନ ଥିବାରୁ ଖାଇବା ପାଇଁ ତାଙ୍କୁ ମହାପ୍ରସାଦ ମିଳିଲା ନାହିଁ। ଉପବାସ ରହି ସେ ଶଯ୍ୟାଶାୟୀ ହୋଇଗଲେ। ଦିନେ ମହାପ୍ରଭୁ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଲେ। ମୁଳକ ସ୍ୱପ୍ନରେ ଦେଖିଲେ ଯେ ସମୁଦ୍ର କୂଳରେ ଏକ ଛତା ତଳେ ବିଦୁରଙ୍କ ଦ୍ୱାରା ପ୍ରସ୍ତୁତ ତିନୋଟି ଖୁଦ ମହାପ୍ରଭୁ ପରମ ସନ୍ତୋଷରେ ଭୋଜନ କରୁଥିଲେ। ତେଣୁ ସେ ଚଳୁରେ ଦର୍ଶନ ଦେଉ ନ ଥିଲେ। ତା'ପର ଦିନ ମୁଳକ ଦାସ ମନ୍ଦିର ଯାଇ ସେବକମାନଙ୍କ ଆଗରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ। ବଡ଼ପଣ୍ଡାଙ୍କ ନେତୃତ୍ୱରେ କିଛି ସେବକ ସମୁଦ୍ର କୂଳକୁ ଯାଇ ଚଉରା ଆଢୁଆଳରେ ରହି ସମସ୍ତ କଥା ନିଜ ଆଖିରେ ଦେଖିଲେ ଏବଂ ମହାପ୍ରଭୁଙ୍କ ପ୍ରତ୍ୟକ୍ଷ ଦର୍ଶନ ଲାଭ କରି କୃତ୍ୟକୃତ୍ୟ ହେଲେ।

ତା' ପରଦିନ ବଡ଼ପଣ୍ଡା ଓ ପରିଚ୍ଛାମାନଙ୍କ ନିର୍ଦ୍ଦେଶରେ ସୁଆରମାନେ ବିଦୁରଙ୍କ ଖୁଦପିଠା ଅନୁରୂପ ତିନୋଟି ଖୁଦପିଠା ପ୍ରସ୍ତୁତ କରି ଧୂପରେ ସମର୍ପଣ କଲେ। ଆଶ୍ଚର୍ଯ୍ୟର ବିଷୟ ଯେ ଖୁଦ ପିଠା ପାଇଲା ପରେ ମହାପ୍ରଭୁ ଚଳୁରେ ଦର୍ଶନ ଦେଲେ ଏବଂ ମନ୍ଦିରର ନୀତିକାନ୍ତି ପୂର୍ବପରି ଚାଲିଲା। ରାଜା ଏ ଖବର ପାଇ ମହାତ୍ମା ବିଦୁରଙ୍କୁ ଦର୍ଶନ କରିବା ପାଇଁ ସମୁଦ୍ର କୂଳରେ ପହଞ୍ଚିଲେ। କିନ୍ତୁ ସେତେବେଳକୁ ଭକ୍ତ ବିଦୁର ଅନ୍ତର୍ହିତ ହୋଇ ଯାଇଥିଲେ। ସନ୍ନ୍ୟାସୀ ମୁଳକ ଦାସ ଏହି ସତ୍ୟ ଉଦ୍‌ଘାଟନ କରିଥିବାରୁ ରାଜା ତାଙ୍କୁ ସମ୍ବର୍ଦ୍ଧିତ କଲେ ଏବଂ ସେ ଯାଗାକୁ ତାଙ୍କୁ ଆଶ୍ରମ କରିବା ପାଇଁ ଦାନ କରିଦେଲେ।

ମୁଳକ ଦାସ ଜଣେ ସିଦ୍ଧ ସାଧକ ଥିଲେ। ସେ ମହାତ୍ମା ବିଦୁରଙ୍କ ଭକ୍ତିର ପରାକାଷ୍ଠା ଜାଣିଥିଲେ। ତେଣୁ ସେ ରାଜା ପ୍ରଦତ୍ତ ଜମିରେ ଏକ ମଠ ନିର୍ମାଣ କରି ତା'ର ନାମ 'ବିଦୁର ଛତା ମଠ' ରଖିଲେ। ସେ ମଧ୍ୟ ବିଦୁରଙ୍କ ସ୍ମୃତିରକ୍ଷା କରି ଦୈନିକ ତିନୋଟି ଖୁଦ ପିଠା ତିଆରି କରି ମହାପ୍ରଭୁଙ୍କ ସମର୍ପଣ କରିବାକୁ ଲାଗିଲେ। ମଠଟି ସନ୍ଥ ମୁଳକ ଦାସ ନିର୍ମାଣ କରିଥିବାରୁ କ୍ଷେତ୍ରବାସୀମାନେ ସେ ମଠକୁ 'ମୁଳକ ଚୌରା ମଠ' ବୋଲି କହିବାକୁ ଲାଗିଲେ। ସେହିଦିନଠାରୁ ମଠଟି ଦୁଇଟି ନାମରେ ପରିଚିତ ହେଲା - ବିଦୁର ଛତା ମଠ ଓ ମୁଳକ ଚୌରା ମଠ। ଆଜି ମଧ୍ୟ ମଠରେ ପ୍ରସ୍ତୁତ ଏବଂ ମହାପ୍ରଭୁଙ୍କୁ ସମର୍ପିତ ଖୁଦ ରୋଟିର ପ୍ରସାଦ ପାଇ ଭକ୍ତମାନେ ତୃପ୍ତ ହେଉଛନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।


# ଅପରାଧ ଅଭିଯୁକ୍ତ କେନ୍ଦ୍ରମନ୍ତ୍ରୀଙ୍କ ଖଣି ପ୍ରତିନିଧି ନିଯୁକ୍ତ

■ ନିଯୁକ୍ତିର ବୈଧତା ଓ ଔଚିତ୍ୟକୁ ନେଇ ଉଠିଲା ପ୍ରଶ୍ନ
■ ଦଳରେ ବଢୁଛି ଅସନ୍ତୋଷ; ଖଣି ଶ୍ରମିକଙ୍କ ରୋଷ
■ ବାଧାପ୍ରାପ୍ତ ହୋଇପାରେ ଖଣିଜ ସାମଗ୍ରୀ ପରିବହନ

ଭୁବନେଶ୍ୱର୧୬/୯ (ସମିସ): ସାଧାରଣତଃ ବିଧାୟକ, ସାଂସଦମାନେ ସେମାନଙ୍କ ନିର୍ବାଚନ କ୍ଷେତ୍ର ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା, ଅନୁଧାନ ଆଦି ନିମନ୍ତେ ପ୍ରତିନିଧି ନିଯୁକ୍ତି ଦେଇଥାଆନ୍ତି । ବ୍ଲକ, ପୌର ପରିଷଦ ଓ ଜିଲ୍ଲା ପରିଷଦ ସହ ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନରେ ଏହି ପ୍ରତିନିଧିମାନେ ସମ୍ପୃକ୍ତ ସାଂସଦ ବା ବିଧାୟକଙ୍କ ପ୍ରତିନିଧିତ୍ୱ କରିଥାଆନ୍ତି। ମାତ୍ର ସୁନ୍ଦରଗଡ଼ ଜିଲ୍ଲାରେ ଏବେ ଦେଖିବାକୁ ମିଳିଛି ଏକ ଭିନ୍ନ ଘଟଣା । ସୁନ୍ଦରଗଡ଼ ସାଂସଦ ତଥା କେନ୍ଦ୍ର ଆଦିବାସୀ କଲ୍ୟାଣମନ୍ତ୍ରୀ ଜୁଏଲ୍ ଓରାମ ଓଡ଼ିଶା ଖଣି ନିଗମ ଦ୍ୱାରା ପରିଚାଳିତ ଖଣ୍ଡାଧାର କୁର୍ମିତରା ଖଣି ନିମନ୍ତେ ବରସୁଆଁର ବାଗୁନ ଗାଗରାଇ ନାମକ ଜଣେ ବ୍ୟକ୍ତିଙ୍କୁ ନିଜ ପ୍ରତିନିଧି ଭାବରେ ନିଯୁକ୍ତି ଦେଇଛନ୍ତି। ଓଡ଼ିଶା ଖଣି ନିଗମ ରିଜିଓନାଲ ମ୍ୟାନେଜର ପି.କେ.ନାୟକଙ୍କୁ ଶ୍ରୀ ଓରାମଙ୍କ ସ୍ୱାକ୍ଷର ଥିବା ଏହି ଚିଠିଟି ଏବେ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। କୌତୂହଳର କଥା ହେଉଛି ଏପରି ପ୍ରତିନିଧି ନିଯୁକ୍ତିର ଯୌକ୍ତିକତା ଓ ବୈଧତାକୁ ନେଇ ପ୍ରଶ୍ନ ଉଠିଥିବାବେଳେ ସରକାରଙ୍କ କୌଣସି ଖଣିରେ କୌଣସି ସାଂସଦ ବା ବିଧାୟକଙ୍କ ପ୍ରତିନିଧି ନିଯୁକ୍ତି ସମ୍ଭବତଃ ଏହା ପ୍ରଥମ ଘଟଣା ବୋଲି ଚର୍ଚ୍ଚା ହେଉଛି।

ସାଂସଦ ଓ ବିଧାୟକମାନେ ସ୍ଥାନୀୟ ପ୍ରତିନିଧି ନିଯୁକ୍ତି ସଂକ୍ରାନ୍ତ ନିୟମକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଥାଏ । ଏହା ସତ୍ତ୍ୱେ ଏହା ଏକ ପ୍ରଚଳିତ ବ୍ୟବସ୍ଥାରେ ପରିଣତ ହୋଇଛି ଏବଂ ସ୍ଥାନୀୟ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସାଂସଦ ବା ବିଧାୟକଙ୍କ ନିକଟରେ ସୂଚନା ପହଞ୍ଚାଇବା ଏପରି ପ୍ରତିନିଧି ନିଯୁକ୍ତିର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଏ । ମାତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଖଣିରେ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମଙ୍କ ପ୍ରତିନିଧି ନିଯୁକ୍ତିର ଆଧାରର ଔଚିତ୍ୟକୁ ନେଇ ଏବେ ପ୍ରଶ୍ନ ଉଠିଛି । ଚିଠିରେ କୁହାଯାଇଛି ଯେ ତାଙ୍କ ପ୍ରତିନିଧି ବାଗୁନ୍ ଗଗ୍ରାଇ ସାଂସଦଙ୍କ ପକ୍ଷରୁ ଖଣିର ବିଭିନ୍ନ କଥା ବୁଝାବୁଝି କରିବେ, ଅଫିସରମାନଙ୍କ ସହ କଥା ହେବେ । ଖଣି ପରିଚାଳନା ବୈଠକରେ ସଂସଦଙ୍କ ପକ୍ଷରୁ ଯୋଗ ଦେଇ ନିଜ ପରାମର୍ଶ ଦେବେ।

ଅନ୍ୟପକ୍ଷରେ ଖଣ୍ଡାଧାର କୁର୍ମିତରା ଖଣିରେ ପ୍ରତିନିଧି ରୂପେ ବାଗୁନ୍ ଗଗ୍ରାଇଙ୍କୁ କେନ୍ଦ୍ରମନ୍ତ୍ରୀ ବାଛିବା ଓ ନିଜ ସରକାରୀ




ଲେଟରପ୍ୟାଡ଼୍‌ରେ ଓମ୍‌ସି ରିଜିଓନାଲ ମ୍ୟାନେଜରଙ୍କୁ ଚିଠି ଲେଖିବା ସୁନ୍ଦରଗଡ଼ ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି ।

ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ରୂପେ ନିଯୁକ୍ତି ପତ୍ର ପାଇବା ପରେ ବାଗୁନ୍ ଗଗ୍ରାଇଙ୍କ ନିଯୁକ୍ତିକୁ ନେଇ ସ୍ଥାନୀୟ ବିଜେପି ନେତା ଓ ଖଣି ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଲହୁଣୀପଡ଼ା ସହ ଜିଲ୍ଲାର ବିଭିନ୍ନ ଥାନାରେ ବିଭିନ୍ନ ସଙ୍ଗୀନ ଓ ସାଂଘାତିକ ଅପରାଧ ମାମଲା ରୁଜୁ ହୋଇଥିବା ଜଣେ ବ୍ୟକ୍ତିଙ୍କୁ କେନ୍ଦ୍ରମନ୍ତ୍ରୀ ନିଜ ପ୍ରତିନିଧି ନିଯୁକ୍ତି ଦେବାକୁ ଅନେକ ନାପସନ୍ଦ କରିଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ହେବା ପରେ ଖଣିରେ ନିଜର ପତିଆରା ଜାହିର କରିବା ପାଇଁ ପୁରା ଦମ୍ ଲଗାଇ ଦେଇଛନ୍ତି ବାଗୁନ୍। ଖଣିରୁ ଖଣିଜ ସାମଗ୍ରୀ ପରିବହନ ନିମନ୍ତେ ନିଯୁକ୍ତ ଠିକାଦାରଙ୍କୁ ଚିଠି ଲେଖି ବିଭିନ୍ନ ଦାବି ପୂରଣ ପାଇଁ ଚେତାବନୀ ଦେଇଛନ୍ତି। ଯାହା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି ଓ ଖଣିରୁ ଖଣିଜ ସାମଗ୍ରୀ ପରିବହନ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

# ପୀଡ଼ିତାଙ୍କୁ ଭେଟିଲା ବିଜେଡିର ମହିଳା ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ପୁରୀ,୧୬।୯ (ସମିସ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ମହିଳା ଫ୍ୟାକ୍ଟଫାଇଣ୍ଡିଂ ଟିମ୍ ଆଜି ବାଲିହରଚଣ୍ଡୀ ଗଣଦୁଷ୍କର୍ମ ପୀଡ଼ିତାଙ୍କୁ ଭେଟିଛନ୍ତି। ଆଜି ସଂଧ୍ୟାରେ ପୁରୀ କୋର୍ଟରେ



## ଏସ୍‌ପିଙ୍କୁ ଭେଟି ପୀଡ଼ିତାଙ୍କୁ ସୁରକ୍ଷା ଦେବା ପାଇଁ ଦାବି ରଖିଲେ

ବୟାନ ରେକର୍ଡ ପାଇଁ ହାଜର ହେବା ଅବସରରେ ପୀଡ଼ିତା ଓ ତାଙ୍କ ପରିବାରକୁ ବିଞ୍ଝାରପୁର ବିଧାୟିକା ତଥା ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ମହିଳା ଟିମ୍ ଭେଟି ଘଟଣା ସଂପର୍କରେ ପଚାରି ବୁଝିଥିଲେ। ପୀଡ଼ିତାଙ୍କୁ ଆଶ୍ୱାସନା ଦେବା ସହ ତାଙ୍କ ପରିବାରକୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ବିଜେଡି ସାଥୀରେ ରହିବ ବୋଲି କହିଥିଲେ। ପରେ ଏହି ଫ୍ୟାକ୍ଟଫାଇଣ୍ଡିଂ ଟିମ୍ ଏସ୍‌ପି ପ୍ରତୀକ ସିଂଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଘଟଣାର ତଦନ୍ତ ଓ ଅଗ୍ରଗତି ସଂପର୍କରେ ଆଲୋଚନା କରିଥିଲେ। ଏହାସହ ପୀଡ଼ିତା ଓ ତାଙ୍କ ପରିବାର ଭୟରେ ଥିବାରୁ ସୁରକ୍ଷା ଯୋଗାଇବା ପାଇଁ ଏସ୍‌ପିଙ୍କୁ କହିଥିଲେ। ସେହିପରି, ଘଟଣାର ଶୀଘ୍ର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ।

ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ସଂଯୋଜନାରେ ଆସିଥିବା ଏହି ଟିମ୍‌ରେ ପୂର୍ବତନ ସାଂସଦ ଡା. ରାଜଶ୍ରୀ ମଲ୍ଲିକ, ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନମାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ସ୍ଥାନୀୟ ସରପଞ୍ଚ ରାଧାରାଣୀ ଦଳାଇ ପ୍ରମୁଖ ସାମିଲ ଥିଲେ।

ପୁରୀ ଜିଲ୍ଲାରେ ଥିବା ବିଭିନ୍ନ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଓ ଦର୍ଶନୀୟ ସ୍ଥାନଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି କରିଛନ୍ତି ବିଜେଡି ରାଜ୍ୟ ଉପସଭାପତି ସଞ୍ଜୟ ଦାସବର୍ମା। ବ୍ରହ୍ମଗିରି ବାଲିହରଚଣ୍ଡୀ ପୀଠରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣା କେବଳ ବ୍ରହ୍ମଗିରି କି ପୁରୀ ଜିଲ୍ଲା ନୁହେଁ, ସମଗ୍ର ରାଜ୍ୟ ପାଇଁ ଲଜ୍ଜା ଆଣିଛି। ବାଲିହରଚଣ୍ଡୀ ପୀଠରେ ଏକ ପୁଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ସେ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ତେବେ ମହିଳା ଟିମ୍ ସମ୍ପର୍କରେ ଏସ୍‌ପିଙ୍କ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ଅନ୍ୟପକ୍ଷରେ ସେ କହିଛନ୍ତି, ଗଣଦୁଷ୍କର୍ମ ଘଟଣାରେ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତକୁ ତିରୁପତିରୁ ଗିରଫ କରାଯାଇ ଓଡ଼ିଶା ଅଣାଯାଉଛି।

## ବଜ୍ରପାତରେ ଯୁବକ ମୃତ

ବଡ଼ସାହି,୧୬।୯ (ସମିସ): ବଡ଼ସାହି ଥାନା ଅଧୀନ ପ୍ରତାପପୁର ପଞ୍ଚାୟତ ମଙ୍ଗଗଡ଼ିଆ ଗ୍ରାମର ଜଣେ ଯୁବକ ଆଜି ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେ ହେଲେ, ଗ୍ରାମର ସ୍ୱର୍ଗତ ଧନିରାମ ମୁର୍ମୁଙ୍କ ପୁଅ ଲସ (୪୫)। ଆଜି ଅପରାହ୍ଣରେ ସେ କ୍ଷେତରୁ ଘରକୁ ଫେରୁଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଏଥିରେ ସେ ତଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ପରିବାରଲୋକେ ତାଙ୍କୁ ଉଦ୍ଧାର କରି ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# କର୍ମଚାରୀଙ୍କ ଧାରଣା; ଆମ ବସ୍ ସେବା ଠପ୍

ବ୍ରହ୍ମପୁର,୧୬।୯ (ସମିସ): 'ଆମ ବସ ସେବା'ରେ କାର୍ଯ୍ୟରତ ଡ୍ରାଇଭରମାନେ ୭ଦଫା ଦାବି ନେଇ ହଳଦିଆପଦର ବସ ଟର୍ମିନାଲରେ ଧାରଣା ଦେବା ସହ କାର୍ଯ୍ୟବନ୍ଦ କରିଛନ୍ତି। ବସ୍ ପରିଚାଳନା କରୁଥିବା ସିଆର୍‌ୟୁଟି (କ୍ରୁଟ) ସଂସ୍ଥା ପକ୍ଷରୁ କାର୍ଯ୍ୟରତ ଡ୍ରାଇଭରଙ୍କ ସଠିକ ସମୟରେ ଇପିଏଫ୍ ଓ ଇଏସ୍‌ଆଇ ପ୍ରଦାନ କରାଯାଉ ନଥିବା ଅଭିଯୋଗ ହୋଇଛି। ସେହିପରି ମାସିକ ୪ଦିନ ଛୁଟି, ଡ୍ରାଇଭରଙ୍କ ପରିବାରକୁ ମାଗଣା ବସ୍ ସେବା, ଏପ୍ରିଲ୍‌ଠାରୁ ଦରମା ଦୈନିକ ମଜୁରୀ ୬୧୨ ଟଙ୍କା ବୃଦ୍ଧି ହୋଇଥିବା ବେଳେ ବର୍ତ୍ତମାନ ୬୦୨ ଟଙ୍କା ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଉଥିବା ଅଭିଯୋଗ ସମେତ ୭ ଦଫା ଦାବି ନେଇ ବସ୍ ଚଳାଚଳ ବନ୍ଦ ରହିଥିଲା। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଡ୍ରାଇଭରମାନେ କହିଛନ୍ତି। ବନ୍ଦ ଫଳରେ ସହର ସମେତ ଏହାର ଆଖପାଖ ଅଞ୍ଚଳକୁ ୬ଟି ରୁଟରେ ଚଳପ୍ରଚଳ କରୁଥିବା ୧୯ଟି ବସ୍ ହଳଦିଆପଦର ଟର୍ମିନାଲରେ ପଡ଼ି ରହିଛି। ଫଳରେ ବିଭିନ୍ନ ସ୍ଥାନକୁ ଯାତାୟାତ କରିବାକୁ ଅପେକ୍ଷା କରି ରହିଥିବା ଶତାଧିକ ଯାତ୍ରୀ ହନ୍ତସନ୍ତ ହୋଇଥିଲେ।




■ ଶ୍ରୀଜଗନ୍ନାଥଙ୍କ ସଂପତ୍ତିର ସୁରକ୍ଷା ଉପରେ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

# ତାଳବଣିଆସ୍ଥିତ ଜମି ବିକ୍ରି କବଲା ପାଇଁ ଦାୟର ଆବେଦନ ଖାରଜ

କଟକ,୧୬।୯ (ସମିସ): ପୁରୀ ତାଳବଣିଆସ୍ଥିତ ଶ୍ରୀଜଗନ୍ନାଥଙ୍କ ମୂଲ୍ୟବାନ ଜମିର ସୁରକ୍ଷା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏପରିକି, ଶ୍ରୀମନ୍ଦିର ପ୍ରଶାସନକୁ ଧାର୍ଯ୍ୟ ଅର୍ଥ ପାଇଠ ପରେ ଆବେଦନକାରୀଙ୍କ ନାଁରେ ସଂପୃକ୍ତ ଜମିର ବିକ୍ରି କବଲା କରିବାକୁ ୨୦୧୬ରେ ହାଇକୋର୍ଟ ଦେଇଥିବା ଏକ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ଦାୟର ଅନ୍ତରୀଣ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଲାଲା ନଳିନୀ କୁମାର ରାୟଙ୍କ ଉତ୍ତରାଧିକାରୀ ସ୍ୱର୍ଣ୍ଣଲତା ମହାନ୍ତି ଓ ଦେବଦତ୍ତ ରାୟ ଦାୟର କରିଥିବା ଅନ୍ତରୀଣ ଆବେଦନର ଶୁଣାଣି କରି ଜଷ୍ଟିସ କୃଷ୍ଣ ରାମ ମହାପାତ୍ର ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମନ୍ଦିର ପରିଚାଳନା କମିଟି ୨୦୧୭, ଜୁଲାଇ ୧୩ରେ ଜମି ଉପରେ ଅତିଥି ଭବନ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ରିହାତିରେ ରହଣି ପାଇଁ ଅତିଥି ଭବନ ନିର୍ମାଣ ଶ୍ରୀଜଗନ୍ନାଥଙ୍କ ସ୍ୱାର୍ଥରେ ହେଉଛି। ଏଣୁ ଏହି ଜମିର ବିକ୍ରି କବଲା

## ଶ୍ରଦ୍ଧାଳୁଙ୍କ ପାଇଁ ଅତିଥି ଭବନ ନିର୍ମାଣ ନିଷ୍ପତ୍ତି କାଏମ

କାର୍ଯ୍ୟକାରୀ ଓ ହସ୍ତାନ୍ତର ପ୍ରସଂଗ ନେଇ ଦାୟର ଏହି ଅନ୍ତରୀଣ ଆବେଦନ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ତାଳବଣିଆରେ ଶ୍ରୀଜଗନ୍ନାଥଙ୍କ ନାଁରେ ଥିବା ୧୨୦ ଡିସିମିଲ ଜମି ମାଲିକାନା ପ୍ରସଙ୍ଗକୁ ନେଇ ଲାଲା ନଳିନୀ କୁମାର ରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜମିର ବଜାର ଦର ଅନୁସାରେ ଅର୍ଥ ଆବେଦନକାରୀ ପାଇଠ କରିବା ପରେ ଏ ସଂପର୍କିତ ବିକ୍ରି କବଲା ଶ୍ରୀମନ୍ଦିର ପ୍ରଶାସନ ସଂପାଦନ କରିବ ବୋଲି ହାଇକୋର୍ଟ ୨୦୧୬, ଜୁନ୍ ୨୮ରେ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ ହେବାରୁ ଏକ ଅନ୍ତରୀଣ ଆବେଦନ ଦାୟର ହୋଇଥିଲା। ଏହି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଭବାନୀ ପଣ୍ଡା ନାମକ ଜନୈକ ବ୍ୟକ୍ତିଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏସଏଲପି ଦାୟର ହୋଇଥିଲା। ଏହି ଜମି ପ୍ରସଂଗରେ ସ୍ଥିତାବସ୍ଥା ବଜାୟ ରଖିବାକୁ ସୁପ୍ରିମକୋର୍ଟ ୨୦୧୬, ଅକ୍ଟୋବର ୨୮ରେ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ। ଏସଏଲପି ବିଚାରାଧୀନ ଥିବା ବେଳେ 'ଶ୍ରୀଜଗନ୍ନାଥ ମନ୍ଦିର ପରି.ଳନା କମିଟି ଏବଂ ମୃଣାଳିନୀ ପାଢୀ' ମାମଲାରେ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ରାୟ ଆଧାରରେ ଏହି ଜମି ଉପରେ ତୀର୍ଥଯାତ୍ରୀଙ୍କ ପାଇଁ ଏକ ଅତିଥି ଭବନ ନିର୍ମାଣ ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ୨୦୧୭, ଜୁଲାଇ ୧୩ରେ ପ୍ରସ୍ତାବ ଗୃହୀତ ହୋଇଥିଲା। ପରେ ୨୦୨୪, ଫେବୃଆରି ୧୨ରେ ସୁପ୍ରିମକୋର୍ଟ ଏସଏଲପିକୁ ଖାରଜ କରିଥିଲେ। ଗତବର୍ଷ ଆବେଦନକାରୀ ଏକ ଅନ୍ତରୀଣ ଆବେଦନ ଦାୟର କରି ବିକ୍ରି କବଲା ସଂପାଦନ ସଂପର୍କିତ ୨୦୧୬ର ଦୁଇ ନିର୍ଦ୍ଦେଶର କାର୍ଯ୍ୟକାରୀ ପାଇଁ ନିବେଦନ କରିଥିଲେ।

ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ଦର୍ଶାଯାଇଥିଲା ଯେ ୨୦୧୭ରେ ଅତିଥି ଭବନ ନିର୍ମାଣ ସଂପର୍କିତ ଗୃହୀତ ପ୍ରସ୍ତାବକୁ ଆବେଦନକାରୀଙ୍କ ତରଫରୁ କେବେ ଚାଲେଞ୍ଜ କରାଯାଇ ନଥିଲା। ଏଥିସହ ଭବାନୀ ପଣ୍ଡାଙ୍କ ତରଫରୁ ଦାୟର ଏସଏଲପିରେ ଆବେଦନକାରୀ ମାନେ ପକ୍ଷ ଥିଲେ ସୁଦ୍ଧା ଏସଏଲପିର ଚୂଡ଼ାନ୍ତ ଶୁଣାଣି ବେଳେ ସେମାନଙ୍କ ତରଫରୁ କୌଣସି ଆପତ୍ତି କରାଯାଇନଥିଲା। ଜଣେ ବ୍ୟକ୍ତିଙ୍କୁ ଏହି ଜମି ପ୍ରଦାନ ନକରି ଜନସ୍ୱାର୍ଥ ଦୃଷ୍ଟିରୁ ଏହି ଜମିରେ ଅତିଥି ଭବନ ନିର୍ମାଣ କରି ଶ୍ରଦ୍ଧାଳୁଙ୍କୁ ରିହାତି ଦରରେ ରହିବା ସୁବିଧା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଦର୍ଶାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ଆଇନଜୀବୀ ଆନନ୍ଦ ଚନ୍ଦ୍ର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।


**OFFICE OF THE NODAL PRINCIPAL, KORAPUT**
**AT ODISHA MINING ADARSHA VIDYALAYA**
AT-Phulbad, PO-Umuri, Jeypore, Dist-Koraput (Odisha), Pin-764002
(An English Medium Secondary School Under Ministry of S & M E, Govt. of Odisha, Sponsored by Odisha Mining Corporation)
Phone: 7978897651 E-mail: principalomavjeypore@gmail.com

Letter No. 008/25 Date: 16-09-2025

**EMPANELMENT OF PART TIME CONTRACTUAL TEACHER PGT (CHEMISTRY)**

It is hereby notified that a Walk-in-Interview will be conducted for one post of PGT (CHEMISTRY) currently vacant at OAV, Nilabadi of Bandhugaon Block as well as for empanelment for the said post for future vacancy in the District of Koraput purely on contractual basis for the academic session 2025-26.The prescribed application form can be downloaded by scanning the attached QR code and eligibility details can be referred from the Archival Section of Koraput District Website: **https://koraput.odisha.gov.in/notice/recruitment/archive-recruitment** (published on 25 March 2025). Deserving candidates will have to be physically present along with the prescribed filled-in application form along with all self-attested copies of relevant documents on 19 September 2025, 11 AM at OAV, Machhara, near Koraput Town.

**Current Vacancies:** PGT (CHEMISTRY) – 01

(By order of Collector & DM, Koraput)

Sd/- **Principal, OMAV, Jeypore** &
Nodal Principal, OAVs. Koraput



ପୌର ପରିଷଦ କାର୍ଯ୍ୟାଳୟ : ଭବାନୀପାଟଣା
C-1096 **OFFICE OF THE MUNICIPAL COUNCIL : BHAWANIPATNA**
Bhawanipatna, Dist- Kalahandl, Pin-766001, Odisha, Phone No- (06670) 230424 Mall- eobptm@yahoo.com

**No. 277 /BPM.** **Date: 16-09-2025**

Sealed tenders are invited from eligible, experienced, and authorized vendors for the supply, installation, commissioning, and maintenance of Outdoor Full Colour LED Display Panels with a content management system as per the technical specifications, scope of work, and terms and conditions provided in this document.. Quotationer's having up to date GST Registration Copy/PAN Card Copy / Registration Copy for Supplying, fitting and fixing outdoor LED Display Board. The material should be installed at Bhawanipatna Municipality as per the specification mentioned in BOQ & Technical Specification.

| Sl. No | Title of Project | EMD | Time for completion of Projects | Tender Paper Cost |
|---|---|---|---|---|
| 1 | 2 | 3 | 4 | 5 |
| 1 | Supplying, fitting and fixing of outdoor LED Display Board alongwith allied works at Bhawanipatna Municipality | Rs. 10000/- | One Month | Rs. 6000/- |

The Bid documents to be downloaded from the official Website of Kalahandi District www.kalahandi.gov.in & Bhawanipatna Municipality Website www. bhawanipatnamunicipality.in from dt. 16.09.2025 to 26.09.2025. The quotation shall be submit in the address of Executive Officer, Bhawanipatna Municipality, Dist-Kalahandi, Pin-766001. Last date of receipt of bid is 5.30 PM, on 26.09.2025 through speed post/ registered post only . Bhawanipatna Municipality will in no way be responsible for any delay in receipt of the Bid documents. Authority reserves &ILrieht to reject any or all quotations without assigning any reason thereof.

**Sd/- Executive Officer**
**Bhawanipatna Municipality**

**OIPR-13100/11/0014/2526**



**NOTICE**

By virtue of an affidavit sworn before E.M Danagadi, Dtd - 04.09.2025 I Azad Khan D.O.B - 06.04.2001, Vill- Jagannathsahi, Nizigarh, Po/Ps - Sukinda, Dist - Jajpur declare that I have changed my name from Manoj Khan D.O.B- 20.06.1999 to Azad Khan D.O.B - 06.04.2001. Henceforth I shall be known as Azad Khan D.O.B - 06.04.2001 for all purposes.

**Sd/- Azad Khan**

**AFFIDAVIT**

I Ashok Kumar Dash, S/o- Radha Krishna Dash resident of Qtr. no. B/153, Sector-1, Nalco Township, Po./Ps.- Damanjodi, Dist.- Koraput, PIN- 763008, by virtue of an affidavit no.330 dated 08/09/2025 sworn before the Executive Magistrate Semiliguda delcare that, I have changed my name from **Ashok Kumar Das** to **Ashok Kumar Dash**. Henceforth, I shall be known as **Ashok Kumar Dash** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 18/08/2025. I Balabhadra Sarangi, Address- Rairang, Po.- Bajapur, Ps.- Khordha Sadar, Odisha, Pin-752060 declare that, I have changed the Name of my daughter from **Nandini Sarangd** to **Nandini Sarangi**. Henceforth, she shall be known as **Nandini Sarangi** for all purposes.



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIBBS 2025039, ତା.08.09.2025ରିଖ

**କାର୍ଯ୍ୟର ନାମ :** ନିର୍ଗୁଣ୍ଡି-ବାରଙ୍ଗ (22 କି.ମି.), ଖୋର୍ଦ୍ଧା ରୋଡ୍-ବିଜୟନଗରମ (363 କି.ମି.) ଏବଂ ଭଦ୍ରକ-ବିଜୟନଗରମ ସେକ୍ସନ (385 କି.ମି.) ମଧ୍ୟରେ ତୃତୀୟ ଓ ଚତୁର୍ଥ ଲାଇନ ନିମନ୍ତେ ପ୍ରସ୍ତାବ ପାଇଁ ଅନୁରୋଧ (RFP) : EPC ମୋଡ୍‌ରେ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍ ନଂ. 539 (CH. 402521 M ଠାରେ ବିରୂପା ନଦୀ ଉପରେ 16 X 30.5 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 544 (CH. 406305 M ଠାରେ ମହାନଦୀ ନଦୀ ଉପରେ 32 X 65.84 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 553 (CH. 411589 M ଠାରେ କାଠଯୋଡ଼ି ନଦୀ ଉପରେ 18 X 45.70 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର), 557 (CH. 414607 M ଠାରେ କୁଆଖାଇ ନଦୀ ଉପରେ 20 X 45.70 ମିଟର ଓପନ୍ ୱେବ୍ ଷ୍ଟିଲ୍ ଗର୍ଡର) ର ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 135539.12 ଲକ୍ଷ, EMD : ₹ 2,00,00,000/-, କାର୍ଯ୍ୟ ଶେଷ ହେବା ଅବଧି : 36 (ଛତିଶି) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.11.2025ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-107/CI/25-26



**AFFIDAVIT**

By Virtue of an affidavit sworn before Executive Magistrate, Khordha Dtd. 18/08/2025. I Jagannath Sarangi, Address- Baniatangi, Po.- Bajapur, Ps.- Khordha Sadar, Odisha, Pin-752060 declare that Ihave changed the Name of my son from **Ronan Sarangi** to **Rohan Sarangi**. Henceforth he shall be known as **Rohan Sarangi** for all purposes.

**AFFIDAVIT**

By virtue of an affidavit No.732 dated. 06/09/2025, before Notary Public, Bangalore Metropolitant Area, Karnataka, that I have changed my name from **Sujay Panda** (Old Name) to **Sujay Arun Panda** (New name) **DOB: 22/03/2002,** S/o- Arun Panda, residing at: Immanuel English School, Jhinkarguda, Tankua, Jeypore, Dist-Koraput, Odisha, Pin-764003, India. Henceforth, I shall be known as **Sujay Arun Panda** (new name) for all future purposes.

**AFFIDAVIT**

I, Susanta Kumar Rautaray S/o Sasi Rautray, Resident of Vill/PO-Sunakhala, PS-Nachuni, Dist-Khorda, Odisha, declare by this affidavit No.1823 dtd 08.09.2025 that now onwards I shall be known as **SUSANT KUMAR RAUTRAY** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Berhampur, Dist-Ganjam, dated- 17/06/2025. I, **Tarun Kumar Sethy,** Address: Retang Colony, Jatani, Dist- Khorda, Odisha, PIN- 752050 declare that I have changed my name from **Tarun Kumar Swain to Tarun Kumar Sethy.** Henceforth, I shall be known as **Tarun Kumar Sethy** (new name), S/o Sombaru Sethy for all future purposes.

**Tarun Kumar Sethy**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 22/07/2025. I, **Sanjeev Kumar Jain** (new name), formerly called as Sanjib Jain, S/o- Anand Kumar Jain, permanent resident of At/Po/Ps- Titilagarh, Dist- Bolangir, (Odisha), PIN- 767033 now residing at the same place affirm that I have changed my name from **Sanjib Jain** (old name) to **Sanjeev Kumar Jain** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Sanjeev Kumar Jain** (new name).

**Sanjeev Kumar Jain**

**AFFIDAVIT**

By virtue of an affidavit no 4164 Swarn before the notary public swampatna on date 15/09/2025. I **Purnima Munda,** aged 19 years, D/O- Chhotray Munda, Resident of At- Ghatabalijodi, Po- Dumuria, Ps- Ghatagaon, Dist- Keonjhar, Odisha my name & date of birth in H.S.C is mentioned **Purnima Munda** & dtd-**25/10/2006** but in Aadhar Card is incorrectly mentioned as **Purnami Munda** & date of birth **01/01/2006.** Henceforth, I shall be known as **Purnima Munda,** D/o- Chhotray Munda & the date of birth **25/10/2006** for all future purposes.

**Purnima Munda**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on dated- 15/09/2025. I, **Pramod Kumar Parida,** S/o- Late Kelu Charan Parida, Address: Plot No. 202/203, Paikanagar, Ps- Nayapalli, Bhubaneswar, Dist- Khordha, PIN- 751003, Odisha declare that I have changed my name from **Pramod Parida** To **Pramod Kumar Parida.** Henceforth, I shall be known as **Pramod Kumar Parida** (new name) for all future purposes.

**Pramod Kumar Parida**

**AFFIDAVIT**

By virtue of an affidavit No. 2744 sworn before the Executive Magistrate, Khordha on dated- 03/09/2025. I **Rasmita Pradhan,** age 45 yrs, W/o- Dillip Kumar Pradhan, resident of At- Balipatana, Po- Kunjuri, Ps-Khordha Sadar, Dist- Khordha, Odisha, Pin- 752056, declare that as per certificate of my son's central board of secondary education, Roll No- 12178882 & name mentioned **Subhrajit Pradhan** but in Aadhar Card bearing No- 6660 2865 7285 name was **Sriman Subhrajit Pradhan** instead of Subhrajit Pradhan. Henceforth, **Subhrajit Pradhan** and **Sriman Subhrajit Pradhan** is one and same parson for all future purposes.

**Rasmita Pradhan**

**AFFIDAVIT**

By virtue of an affidavit before the Notary Public. Jeypore, on dt.15.08.2025. **I, Arun Panda** S/o - Ponuel Panda, At-Immanuel English School, Jhinkarguda, Po-Tankua, Ps-Jeypore Sadar, Dist-Koraput (Odisha) declare by this affidavit no.991 that, as per Aadhar card, my actual name is Arun Panda. But in my son Sujay Arun Panda's 10th certificate my name has been wrongly mentioned as Arun Ponuel Panda instead of Arun Panda. Both names belongs to one and same person. Henceforth. I shall be known as **Arun Panda** for all future Purposes.

**AFFIDAVIT**

I DOKI SANDHYARANI PATRO, W/o- DOKI HARI KRISHNA, resident of Jagat Janani Road, V.I.P Lane, Po./Ps.- Jeypore, Dt.- Koraput- 764001, Odisha declare by this Affidavit No.3674, Dated- 08/09/2025, that now onwards I shall be known as **DOKI SANDHYARANI** for all future purpose.

**AFFIDAVIT**

By virtue of an affidavit sworn before Executive Magistrate, Puri, No- 2733 on dated 01-05-2025 I, **DINDAYAL DAS,** S/o Ramakanta Mahalik resident of Village At.- Matittota 5th lane, PO/PS- Puri, Dist-Puri, State- Odisha, Pin- 752001, declare that I have changed my name from **DEBENDRA MAHALIK** (Old name) to **DINDAYAL DAS** (New name), Henceforth, I shall be known as **DINDAYAL DAS** for all purposes.

Sd-( **DINDAYAL DAS**)

**AFFIDAVIT**

I Satish Kumar Behera residing At/Po-Bodhanga, PS-Nischintakoili, Dist-Cuttack, Odisha-754207 have changed the name of my son from "Ivaan Kumar"to "Ivaan Kartikesh" vide affidavit sworn before Executive Magistrate, Bhubaneswar dated 10.09.25. Henceforth, he shall be known as "Ivaan Kartikesh" for all purposes.

**Sd/- Ivaan Kartikesh**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar vide CF. No. 6 on dtd. 15/09/2025. I, **LIPUN PRUSTY,** S/o- Laxmidhar Prusty, permanent resident of At- Danda Sahi, PO- Ranapur, PS- Ranapur, Dist- Nayagarh, Odisha, Pin-752026, currently residing At- Danda Sahi, PO- Ranapur, PS- Ranapur, Dist- Nayagarh, Odisha, Pin- 752026 declare that my name have changed from **Lipuni Prusty** to **Lipun Prusty.** Henceforth, I shall be known as **LIPUN PRUSTY** for all purposes.

**LIPUN PRUSTY**

**AFFIDAVIT**

I, Mohammad Shabbir, aged about 68 years, S/o- Late Ahamad Raza Khan, resident of At- Flat No. G-404, G-block, Akansha Apartment, Ward No-09, Tifra, Abhilasha Parisar, Bilaspur, Dist- Bilaspur, Pin- 495001, Chhatisgarh declare by this affidavit No.1920, dtd- 15.09.2025, that now onwards I shall be known as **MOHAMMAD SHABBIR KHAN** for all future purposes.

**AFFIDAVIT**

I **Bikrama Keshari Behera** father of Rajesh Behera (No **6495419M, Rank- Hav/Ash),** resident of **Village- Badapal, Teh- Kujang, Dist- Jagatsinghpur, State - Odisha Pin- 754140**. I have changed my name from **Bikrama Keshari Behera to Bikram Keshari Behera** vide affidavit No-2438, on dated 08/09/2025 before The Executive Magistrate, Kujang, Jagatsinghpur, Odisha. Henceforth, I shall be known as **Bikram Keshari Behera** tor all purpose.

**Bikram Keshari Behera**

**AFFIDAVIT**

I, Pradip Kumar Das, S/o- Raghunath Das, resident of Sayadpur, Narua, Dist- Jajpur, Pin- 755027, Odisha declared by this affidavit No. 746, dtd- 16/09/2025 that now onwards I shall be known as **PRADEEP KUMAR DAS** for all future purposes.

ସକାଳ
THE SAKALA



# ମଦନପୁର-ଗୋପାଳପୁର ରାସ୍ତା ମରଣଯନ୍ତା

ରାଜନଗର,୧୬।୯ (ସମିସ):



ରାଜନଗର ବ୍ଲକର ଅନ୍ୟତମ ମୁଖ୍ୟ ରାସ୍ତା ମଦନପୁର-ଗୋପାଳପୁର ଭାୟା କେରେଡାଗଡ଼ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାର ଅନେକ ସ୍ଥାନରେ ଦୁଇରୁ ଅଢେଇ ଫୁଟ ଗର୍ତ୍ତ ହୋଇ ଏଥିରେ ପାଣି ଜମି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଗୋଟିଏ କିମ୍ବା ଦୁଇଟି ନୁହେଁ, ରାସ୍ତାର ଅନେକ ସ୍ଥାନରେ ଗାତରେ ବର୍ଷା ପାଣି ଜମି ରହି କୃତ୍ରିମ ପୋଖରୀ ପାଲଟିଛି। ଫଳରେ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତାର ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।

ରାଜନଗର ବ୍ଲକ୍‌ରେ ପୂର୍ତ୍ତ ବିଭାଗ ସବଡିଭିଜନ କାର୍ଯ୍ୟାଳୟ ଶ୍ରୀହିନ ହୋଇଥିବାବେଳେ ବିଭାଗୀୟ ରାସ୍ତା ଅବସ୍ଥା ବି ଶୋଚନୀୟ ହୋଇପଡିଛି। ସବଡିଭିଜନ କାର୍ଯ୍ୟାଳୟକୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଏକାଧିକ ସ୍ଥାନରେ ଦାୟିତ୍ୱ ନେଇଥିବା ବାହାନାରେ ଆସୁ ନ ଥିବା ଅଭିଯୋଗ ହୋଇଛି। ସେହିପରି ଦୁଇଜଣ କନିଷ୍ଠ ଯନ୍ତ୍ରୀଙ୍କ ସ୍ଥାନରେ ଜଣେ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱରେ ଥିବାବେଳେ ତାଙ୍କର ମଧ ଦେଖାମିଳୁନି। କିରାଣି ଓ ଖଲାସୀଙ୍କ ଦୟାରେ ପୂର୍ତ୍ତ ବିଭାଗ ଚାଲିଥିବାବେଳେ ଗୋପାଳପୁର ଭାୟା କେରଡାଗଡ-ମଦନପୁର ୧୩ କିଲୋମିଟର ରାସ୍ତା ଅବସ୍ଥା ବେହାଲ ହେବା ସହ ଆଣ୍ଠୁଏ ଲେଖାଏଁ ଖାଲ ହୋଇଛି। ବିଭାଗର ଏଥିପ୍ରତି ନିଘାନାହିଁ। ଏହି ରାସ୍ତା ଉପରେ ସାନବଡ଼ଗୋପାଳପୁର, ବାଲିସାହିପାଟଣା, କେରଡାଗଡ଼, ରାଜପୁର, ବେଲପାଳ, ଓସ୍ତିଆ ଓ ବନ୍ଧପଡ଼ା ପଞ୍ଚାୟତର ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରନ୍ତି। ଆଳି ବ୍ଲକ ଏକମାଣିଆ ପଞ୍ଚାୟତ ଲୋକେ ମଧ ନିର୍ଭର କରନ୍ତି। ବ୍ଲକ ସଦର ମହକୁମାକୁ ଯିବାଆସିବା ସହ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ଆସିଥା'ନ୍ତି। ଗର୍ଭବତୀ, ପ୍ରସୂତୀ ମହିଳା ଓ ଗୁରୁତର ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଓ ମଦନପୁର ୟୁକେ ମହାବୀର ମହାବିଦ୍ୟାଳୟକୁ ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଯାତାୟାତ କରିଥା'ନ୍ତି। ଏହି ରାସ୍ତାର ଗୋପାଳପୁରଠାରୁ କେରଡାଗଡ ହେଉ କିମ୍ବା କେରଡାଗଡଠାରୁ ମଦନପୁର ପର୍ଯ୍ୟନ୍ତ ରାସ୍ତାର ଶତାଧିକ ସ୍ଥାନରେ ଗାଢ ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି।

## ଶିକ୍ଷାବିତଙ୍କ ପରଲୋକ

କେନ୍ଦ୍ରାପଡ଼ା,୧୬।୯ (ସମିସ): କଂସାର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡର ଗ୍ରାମର କାଙ୍ଗାଳି ଜେନାଙ୍କ (୮୬) ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ହୋଇଥିବାବେଳେ ଜ୍ୟେଷ୍ଠପୁତ୍ର



ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜେନା କଂସାର ସାହସପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଓ ସରସ୍ୱତୀ ଉଚ୍ଚ ବିଦ୍ୟାଳୟ କାଙ୍କଦିଆର ସଭାପତି, ଜିଲ୍ଲା ଶିଳ୍ପକେନ୍ଦ୍ରର ଆଇପିଏଲ ଭଳି ପଦରେ ରହି କାର୍ଯ୍ୟ କରୁଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରବୀନ୍ଦ୍ର ପଣ୍ଡା, ପରମାନନ୍ଦ ରାଉତ, ସମାଜସେବୀ ଚନ୍ଦ୍ରକାନ୍ତ ବେହେରା, କବିଚରଣ ବିଶ୍ୱାଳ, ଓସ୍ତପୁର ସମବାୟ ସମିତି ସଭାପତି ପ୍ରଦ୍ୟୁମ୍ନ ଜେନା, ମନୋଜ ନାୟକ, ପ୍ରଶାନ୍ତ ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ■ ଜବରଦଖଲ ଉଚ୍ଛେଦକୁ ୩ ମାସ ପୂରିଲା
## ଆଗେଉନି ରାସ୍ତା କାମ; ଯାତାୟାତରେ ସମସ୍ୟା



ପଞ୍ଚୁପାଣ୍ଡବ,୧୬।୯ (ସମିସ): ୩ ମାସ ପୂର୍ବେ ଡେରାବିଶ ତହସିଲ ଅଧୀନସ୍ଥ ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟି ବଜାରରେ ଜବରଦଖଲ ଉଚ୍ଛେଦ ହୋଇଛି। ତେବେ ରାସ୍ତା କାମ ଆଗେଇ ନ ଥିବାରୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଛୋଟି ବଜାରରୁ ଜବରଦଖଲ ଉଚ୍ଛେଦ ହେବା ସହ ଗଛ କଟାଯାଇ ରାସ୍ତା ସମ୍ପ୍ରସାରଣ ଯୋଜନା ଥିଲା। ତେବେ ଆଜି ପର୍ଯ୍ୟନ୍ତ କାମ ଆଗେଇ ପାରି ନ ଥିବା ଦେଖିବାକୁ ମିଳିଛି। କଟାଯାଇଥିବା ଗଛ ଗଣ୍ଡି ରାସ୍ତାରେ ପଡ଼ିଥିବାବେଳେ ବଡ଼ ବଡ଼ ଖାଲ ଥିବା ଦେଖିବାକୁ ମିଳୁଛି। ରାସ୍ତାରେ ମାଟି ପଡ଼ିଥିବାରୁ ରାସ୍ତା ଅବରୋଧ ହୋଇଛି। ଫଳରେ ଲୋକେ ଯାତାୟାତରେ ହଇରାଣ ହେଉଥିବାବେଳେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଜପୁର ଜିଲ୍ଲାକୁ ସଂଯୋଗ କରିବା ପାଇଁ ବିରୂପା ନଦୀରେ ବ୍ରିଜ ନିର୍ମାଣ ହୋଇଛି। ଛୋଟି ବଜାର ରାସ୍ତା ଓସାର ହେବା ପରେ ଏହି ବ୍ରିଜର ଉଦଘାଟନ ହେବ। ପୂର୍ବରୁ ସରକାରୀ ଜାଗାକୁ ଚିହ୍ନଟ କରି ମାପ ସରିଥିଲା। ଡେରାବିଶ ତହସିଲ ପକ୍ଷରୁ ତିନି ମାସ ପୂର୍ବେ ୨୯ ଟି ଦୋକାନ ଘର ଭଙ୍ଗାଯାଇଥିବାହବେଳେ କେତେକ ଦୋକାନର ଆଗ ଭଙ୍ଗାଯାଇଥିଲା। ତେବେ ପ୍ରଶାସନର ଅବହେଳା କାରଣରୁ ରାସ୍ତା କାମ ଆଗେଇ ନ ଥିବାରୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି। ଏହାର ତଦନ୍ତ କରାଯାଇ ରାସ୍ତାରେ ପଡ଼ିଥିବା ଗଛ ଗଣ୍ଡି ଉଠାଇବା ସହିତ ଖାଲ ପୋତିବାକୁ ଦାବି କରିଛନ୍ତି।

## ଛୋଟୀ ପଞ୍ଚାୟତରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ



ପଞ୍ଚୁପାଣ୍ଡବ/ଡେରାବିଶ,୧୬।୯ (ସମିସ): ଛୋଟି ପଞ୍ଚାୟତ କାର୍ଯ୍ୟାଳୟରେ "ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛୋଟୀ ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ଏହି କାର୍ଯ୍ୟକ୍ରମକୁ ଡେରାବିଶ ଅତିରିକ୍ତ ତହସିଲଦାର ଭାସ୍କର ଚନ୍ଦ୍ର ବେହେରା ଉଦଘାଟନ କରି ଗ୍ରାମାଞ୍ଚଳ ଜନସାଧାରଣଙ୍କ ବହୁବିଧ ସମସ୍ୟା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୂର ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ବିବିଧ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ, ପଟ୍ଟା ବଣ୍ଟନ ଓ ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ, ଦାଖଲ ଖାରଜ ମାମଲା, କିସମ ପରିବର୍ତ୍ତନ ମାମଲା, ଆପୋଷ ବୁଝାମଣାରେ ଜମି ବଣ୍ଟନ ମାମଲା, ସିକିମ ସତ୍ତ୍ୱ ଓ ବନ୍ଦୋବସ୍ତ ମାମଲାର ସମାଧାନ, ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗର ସମାଧାନ, ଜମି ପଟ୍ଟାର ପ୍ରଜାଖାନା ସଂଶୋଧନ ଓ ବସୁନ୍ଧରା ଯୋଜନା ମାଧ୍ୟମରେ ସ୍ଥାୟୀ ଘରଡିହ ପଟ୍ଟା ପ୍ରଦାନ ଏହି କାର୍ଯ୍ୟକ୍ରମର ରୂପରେଖ ବୋଲି ଅତିରିକ୍ତ ତହସିଲଦାର ଶ୍ରୀ ବେହେରା ଅବଗତ କରାଇଥିଲେ। ଏ ଅବସରରେ ୩୭୦ ଜଣଙ୍କୁ ପ୍ରଜାଖାନା ସଂଶୋଧନ ପଟ୍ଟା, ୧୬ ଜଣଙ୍କୁ ବିବିଧ ପ୍ରମାଣପତ୍ର, ୬ଟି ଦାଖଲ ଖାରଜ ମାମଲାର ଫଇସଲା, ୧ଟି କିସମ ପରିବର୍ତ୍ତନ ମାମଲା ଶୁଣାଣି, ୧୭ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗର ଶୁଣାଣି କରାଯାଇ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛୋଟୀ ସରପଞ୍ଚ ରଜନୀ ମଲିକ, ରାଜସ୍ୱ ପରିଦର୍ଶକ ମାନସ ନାଥ, ଛୋଟୀ ରାଜସ୍ୱ ନିରୀକ୍ଷକ ବିଶ୍ୱବିଜୟୀ ପରିଡ଼ା, ରାଜନଗର ରାଜସ୍ୱ ନିରୀକ୍ଷକ ସାରଦା ପ୍ରଧାନ, ଅତିରିକ୍ତ ରାଜସ୍ୱ ନିରୀକ୍ଷିକା ଲିପିସ୍ମିତା ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ।

## ଧୋୟାଞ୍ଚଳକୁ ବନ୍ୟା ପ୍ରଭାବିତ ଘୋଷଣା ଦାବି



ଗୋବିନ୍ଦପୁର,୧୬।୯ (ସମିସ): ଆଳି ଧୋୟାଞ୍ଚଳର ଗୋବିନ୍ଦପୁର, କୁଆଣିଆ, କେତୁଆପାଳ, ଦେସାହି, ଏରଡଙ୍ଗ, ପାଳିମି, ପେତପଡ଼ା, ଅର୍ଗଳ, ଡିମିରିପାଳ, ପଦନୀପାଳ, ଭୂଇଁପୁର ଆଦି ପଞ୍ଚାୟତରେ ଚଳିତ ଥର ଖରସ୍ରୋତା ଓ କାଣୀ ନଦୀରେ ୪ ଥର ବନ୍ୟା ଯୋଗୁଁ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଗଲା। ଚାଷୀ ସର୍ବସ୍ୱ ହରାଇଲେ। ମଜୁରିଆ ଶ୍ରେଣୀର ଲୋକେ କାମ ନ ପାଇ ହାତ ବାନ୍ଧି ଘରେ ବସିଛନ୍ତି। ଚାଷଜମି ବୁଡ଼ି ରହିଥିବାରୁ ଗୃହପାଳିତ ପଶୁ ୩ ମାସ ଧରି ଖାଦ୍ୟ ବିନା ହନ୍ତସନ୍ତ ହେଉଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ବନ୍ୟା ପ୍ରଭାବିତ ଅଞ୍ଚଳ ଘୋଷଣା କରାଯାଇ ନ ଥିବାରୁ ଜନଅସନ୍ତୋଷ ଆନ୍ଦୋଳନର ରୂପ ନେଉଛି।

ଏ ଅଞ୍ଚଳ ଲୋକେ ଚଳିତ ବର୍ଷ ଚାରିଥର ବନ୍ୟାରେ ୩୨ ଦିନ ଜଳବନ୍ଦୀ ହୋଇ ରହିଲେ। ପ୍ରଶାସନ ପକ୍ଷରୁ କେବଳ ୬ ଦିନ ପାଇଁ ଗୋଖାଦ୍ୟ ବ୍ୟତୀତ ଅନ୍ୟକୌଣସି ସହାୟତା ପହଞ୍ଚିପାରିନି। ମଧୁବନସ୍ଥ ରାଜୀବ ଗାନ୍ଧୀ ସୂଚନା କେନ୍ଦ୍ରରେ ଆଳି ଧୋୟାଞ୍ଚଳ ବିକାଶ ପରିଷଦ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ପରିଷଦର ସଭାପତି ନିଖିଳ ସାମଲ, ପ୍ରାକ୍ତନ୍ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ମଲ୍ଲିକ, ଡିମିରିପାଳର ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସାମଲଙ୍କ ସମେତ ବୁଦ୍ଧିଜୀବୀ, ଚାଷୀ ସୁରେନ୍ଦ୍ର ବେହେରା, ରତ୍ନାକର ମଲିକ, ସଦାଶିବ ଜେନା, ତ୍ରିଲୋଚନ ନାୟକ, ସୁରେନ୍ଦ୍ର ବେହେରା, ତ୍ରିଲୋଚନ ରାଉଳ ପ୍ରମୁଖ ଯୋଗଦେଇ ବ୍ଲକ୍ ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଯୋଗୁ ଅଞ୍ଚଳବାସୀ କୌଣସି ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇ ରହିଥିବା ପ୍ରକାଶ କରିଥିଲେ। ଏଥିସହ ବନ୍ୟାଞ୍ଚଳ ଘୋଷଣା ଓ ସହାୟତା ଦାବିରେ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ରିଲିଫ୍ କମିଶନର, ସାଂସଦ, ଜିଲ୍ଲାପାଳ, ବିଡିଓ, ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ତୁରନ୍ତ ଉପରୋକ୍ତ ୧୨ଟି ପଞ୍ଚାୟତକୁ ଆସନ୍ତା ରବି ଫସଲ ପାଇଁ ମାଗଣାରେ ବିହନ, ସାର, କୀଟନାଶକ ଯୋଗାଇବା ସହିତ ସମସ୍ତ କୃଷି ଋଣ ଛାଡ଼ କରିବାକୁ ଦାବି କରିଥିଲେ। ଏହା କାର୍ଯ୍ୟକାରୀ ନ କଲେ ଆଗମୀ ଦିନରେ ଅଞ୍ଚଳବସୀ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

## ସମାଜସେବୀ ଅର୍ଜୁନ ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ,୧୬।୯ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ସଂସାରଫଳ ପଞ୍ଚାୟତର ବରିଷ୍ଠ ରାଜନେତା ତଥା ଉତ୍ତିକଣ-କେରଡା ଅଞ୍ଚଳର ସମାଜସେବୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ପ୍ରହଲ୍ଲାଦ ମଲିକଙ୍କ ଘନିଷ୍ଠ ବନ୍ଧୁ ଅର୍ଜୁନ ସିଂହଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଆୟୋଜିତ ସ୍ମୃତିସଭାରେ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ସିଂହଙ୍କ ତ୍ୟାଗ ଓ ଜନସେବା ତାଙ୍କୁ ଅମର କରି ରଖିବ ବୋଲି ମତବ୍ୟକ୍ତ କରିଥିଲେ। ବହୁଚର୍ଚ୍ଚିତ ମଦନପୁର କଟ୍ ନିର୍ମାଣ ସମୟରେ ତାଙ୍କ ଭୂମିକା ଜନମାନସରେ ସବୁଦିନ ଉଜ୍ଜୀବିତ ହୋଇରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ସଭାରେ ଉତ୍ତିକଣ-କେରଡା ସଂଗ୍ରାମ ସମିତି ଅଧ୍ୟକ୍ଷ ଭାସ୍କର ରାଉତରାୟ, ସୁରେଶ ବେହେରା, ସୁଶାନ୍ତ ସାମନ୍ତରାୟ, ବୈଷ୍ଣବ ବାୟା, ଦେବେନ୍ଦ୍ର ସିଂହ, ଧ୍ରୁବ ସିଂହ, ରଞ୍ଜନ ସୂତାର, ଶଙ୍କର୍ଷଣ ମହାନ୍ତି, ଗୋପୀନାଥ ଦାଶ, କେଶବ ପ୍ରଧାନ, କବି ଅନ୍ତର୍ଯ୍ୟାମୀ ବେଜ, ଅମର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବବୁଲ ସିଂହ, ଶ୍ରୀକାନ୍ତ ସିଂହ, ପତିତ ସିଂହ, ସୁଶାନ୍ତ ସିଂହ, ବିଶ୍ୱନାଥ ସିଂହ, ଚିନ୍ମୟ ସିଂହ, ଚନ୍ଦନ ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜନୀତି ବିଜ୍ଞାନ ବିଭାଗ ପୁରାତନ ଛାତ୍ର ସମାବେଶ

ରାଜନଗର,୧୬।୯ (ସମିସ): ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପିକା ଡଃ ପ୍ରଣତୀ ନାୟକ, ଅଧ୍ୟାପକ ପ୍ରତାପ ସ୍ୱାଇଁ, ଆଲୋକ ବେହେରା ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ରଛାତ୍ରୀଙ୍କୁ ସମାବେଶର ଆଭିମୁଖ୍ୟ ସ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ପୂର୍ବତନ ଛାତ୍ର ସମ୍ବିତ ସ୍ୱାଇଁ ପୁସ୍ତକ କିଣିବା ପାଇଁ ବିଭାଗୀୟ ପାଠାଗାରକୁ ୫୦୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ଅବସରରେ ପୁରାତନ ଛାତ୍ରଛାତ୍ରୀ ସେମାନଙ୍କର ବିଭିନ୍ନ କାର୍ଯ୍ୟନିର୍ବାହୀ ଅଧିକାରୀ ଚୟନ କରିଥିଲେ। ସଭାପତି ଭାବେ ଅଧ୍ୟାପକ ବିଶ୍ୱସାରଥୀ ବଳ, ସାଧାରଣ ସମ୍ପାଦକ ଭାବେ ଅଧ୍ୟାପିକା ଅପରାଜିତା ଖଟୁଆ, କୋଷାଧ୍ୟକ୍ଷ ଭାବେ ଅଧ୍ୟାପକ ସମ୍ବିତ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା। ଅଧ୍ୟାପିକା ଡଃ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିମପୁର-ଶାସନ ହାଇସ୍କୁଲରେ ସ୍ୱଚ୍ଛତା ପକ୍ଷ




ପଟ୍ଟାମୁଣ୍ଡାଇ,୧୬।୯ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନିମପୁର ଶାସନ ନୋଡାଲ ଉଚ୍ଚବିଦ୍ୟାଳୟରେ ୧୫ ଦିନ ଧରି ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ତପନ ରାୟଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ କ୍ୟାପଟେନ୍ ମନୋଜ ପରିଡା ମୁଖ୍ୟଅତିଥି ଓ ସାମ୍ବାଦିକ ଜଗନ୍ନାଥ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱଚ୍ଛତା ପକ୍ଷ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ସ୍ମାରକୀ ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ପ୍ରଜ୍ଞା ମାହାଳି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ହରପ୍ରିୟା ସାହୁ, ପୂଜାରାଣୀ ମଲିକ, ଶୁଭଶ୍ରୀ ଶୁଭସ୍ମିତା ସାମଲ, ସରସ୍ୱତୀ ପଲାଇ, ମମତା ଷଡ଼ଙ୍ଗୀ ପ୍ରମୁଖ ପରିଚାଳନା କରିଥିବାବେଳେ ଗୀତାରାଣୀ ମିଶ୍ର, ନିବେଦିତା ଦାସ, ମିନତୀ ଜେନା, ହରିଶଙ୍କର ନାଥ, ଅଜୟ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱଚ୍ଛତା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବୁଲା ଗୋରୁଙ୍କ କବ୍‌ଜାରେ ଚନ୍ଦନପୋଖରୀ ଛକ

ରାଜକନିକା,୧୬।୯ (ସମିସ): ବ୍ୟସ୍ତବହୁଳ କଟକ-ଚାନ୍ଦବାଲି ରାସ୍ତାର ଚନ୍ଦନପୋଖରୀ ଛକ ଏବେ ବୁଲା ଗୋରୁଗାଈଙ୍କ କବଜାରେ ରହି ଟ୍ରାଫିକ ସମସ୍ୟା ସୃଷ୍ଟି କରିଛି। ଦିନକୁ ଦିନ ଅଧିକରୁ ଅଧିକ ବୁଲା ଗାଈ, ଷଣ୍ଢଙ୍କ ସଂଖ୍ୟା ବଢି ଚାଲିଥିବାବେଳେ ରାସ୍ତାକୁ ସେମାନଙ୍କ ବିଶ୍ରାମସ୍ଥଳୀ ଭାବେ ବାଛି ନେଇଛନ୍ତି। ରାଜକନିକା ସଦରର କଣ୍ଟପଡ଼ା, ଅଶୋକ ବଜାର, ବ୍ଲକ, ତହସିଲ, ଥାନା ସମ୍ମୁଖ ରାସ୍ତାରେ ଦିନରାତି ଏହି ବୁଲା ଗୋରୁ ପଲ ସେମାନଙ୍କ ଆଡ୍ଡା ଜମାଇ ଥିବାବେଳେ ଦୈନିକ ସାଇକଲ ଆରୋହୀ ଛାତ୍ରଛାତ୍ରୀ, ସାଧାରଣ ଲୋକ, ବାଇକ୍ ଆରୋହୀ, କାର ଆଦି ଗାଡ଼ି ଧକ୍କା ହୋଇ ଦୁର୍ଘଟଣା ଘଟିବାରେ ଲାଗିଛି। ଗୋରୁଙ୍କ ରାସ୍ତା ଉପରେ ଆତଯାତ ସମ୍ପର୍କରେ କିଏ କାହାକୁ କେମିତି ଅଭିଯୋଗ କରିବ ଓ ଏହାର ନିରାକରଣ ପାଇଁ କ'ଣ ବ୍ୟବସ୍ଥା ହେବ, ସେ ସମ୍ପର୍କରେ ରାଜକନିକା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ପଚାରିବାରୁ ସେ ଏହାର ସମାଧାନ ପାଇଁ କୌଣସି ବ୍ୟବସ୍ଥା ନ ଥିବା କହିଛନ୍ତି। ପର୍ଯ୍ୟାପ୍ତ ପରିମାଣର ଗୋଶାଳା କରାଗଲେ ଏହି ସମସ୍ୟାର ସମାଧାନ ହେବ ବୋଲି ସେ ସ୍ପଷ୍ଟ କରିଥିଲେ। କେବେ ଗୋଶାଳା ହେବ, କିଏ କେମିତି ଏତେ ସଂଖ୍ୟକ ଗୋରୁଙ୍କୁ ରାସ୍ତାରୁ ହଟାଇବ; ତାହା ସନ୍ଦେହରେ ଥିବାବେଳେ ବୁଲା ଗୋରୁଙ୍କ କବଜାରେ ଥିବା ରାସ୍ତା ଏମାନଙ୍କ ପାଇଁ ଦୁର୍ଘଟଣାପ୍ରବଣ ହୋଇପଡୁଛି। ଏ ସମ୍ପର୍କରେ କନିଜ ତହସିଲଦାରଙ୍କୁ ଫୋନରେ ପ୍ରତିକ୍ରିୟା ନେବାକୁ ଚେଷ୍ଟା କଲେ ବି ସେ ଫୋନ ଉଠାଇ ନ ଥିଲେ। ତେବେ ରାଜକନିକା ରାସ୍ତାଘାଟରେ ସକାଳୁ ବିଳମ୍ବିତ ରାତି ଯାଏ ରାସ୍ତାରେ ଶୋଇ ରହି ସମସ୍ୟା ସୃଷ୍ଟି କରୁଥିବା ଗୋରୁଙ୍କୁ ସେଠାରୁ ହଟାଇବାକୁ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବନ ବିଭାଗ ପକ୍ଷରୁ ପ୍ରତିଯୋଗିତା



ରାଜନଗର,୧୬।୯ (ସମିସ): ଡାଙ୍ଗମାଳସ୍ଥ ଭିତରକନିକା ଜାତୀୟ ଉଦ୍ୟାନରେ 'ଏକ୍ ପେଡ୍ ମା କେ ନାମ' କାର୍ଯ୍ୟକ୍ରମ ଉପଲକ୍ଷେ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିସହ ଛାତ୍ରଛାତ୍ରୀ ସାଇକଲ ଶୋଭାଯାତ୍ରାରେ ମାଆ, ମାତୃଭୂମି ଓ ସବୁଜିମା ବୃକ୍ଷରାଜିର ସମନ୍ୱୟ ବିଷୟରେ ବାର୍ତ୍ତା ପ୍ରଦାନ କରିଛନ୍ତି। ରାଜନଗର ବନଖଣ୍ଡ ଅଧିକାରୀ ବର୍ଦ୍ଧରାଜ ଗାଓଁକର ଓ ସହକାରୀ ବନ ସଂରକ୍ଷକ ମାନସ ଦାସ ମା' ପାଇଁ ଗଛଟିଏର ମାହାତ୍ମ୍ୟ ପ୍ରତିପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାଗାନାରାୟଣ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ, ବନପାଳ ପ୍ରଶାନ୍ତ ସିଂ, ବନରକ୍ଷୀ ବବୁଲ ପରିଡ଼ା, ବନରକ୍ଷୀ କଳ୍ପତରୁ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ହଳଦିଆପାଟଣାରେ କଳ୍ପପୂଜା



ପଞ୍ଚୁପାଣ୍ଡବ,୧୬।୯ (ସମିସ): ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ହଳଦିଆପାଟଣା ଗ୍ରାମରେ ଦୁର୍ଗାପୂଜା ପାଇଁ ବେଲଗଛ ମୂଳେ ଯୁଟିଆ ନବମୀ କଳ୍ପପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଦୁର୍ଗାପୂଜା ୧୯୮୧ରେ ଆରମ୍ଭ ହୋଇ ୪୪ ବର୍ଷରେ ପଦାର୍ପଣ କରିଛି। ପ୍ରତିବର୍ଷ ଭଳି ସକାଳୁ ପ୍ରାୟ ତିନିଘଣ୍ଟା ଧରି ବେଲଗଛ ମୂଳେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପୂଜାରେ କମିଟି ସଭାପତି ଉତ୍ତମ ମଲିକ, ସମ୍ପାଦକ ଗୌରାଙ୍ଗ ସାହୁ, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ଦାସ, କର୍ତ୍ତା ପ୍ରକାଶ ନାୟକ, ପୂଜା ସମ୍ପାଦକ ଭଞ୍ଜକିଶୋର ଦାସ, କୈଳାସ ସାହୁ, ସରୋଜ ସାହୁ, ଭବାନୀପ୍ରସାଦ ଓଝା, ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ-ବାବର ରାସ୍ତାରେ ତାଳମଞ୍ଜି ରୋପଣ

ପଟ୍ଟାମୁଣ୍ଡାଇ,୧୬।୯ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ମୁଲଗାଇ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରକୃତି ବନ୍ଧୁ ଅନ୍ତର୍ଯ୍ୟାମୀ ବେଜ ନିଜ ସ୍କୁଲର ଛାତ୍ରଛାତ୍ରୀଙ୍କ ସହାୟତାରେ ପଟ୍ଟାମୁଣ୍ଡାଇ-ବାବର ରାସ୍ତାରେ ୧୦ ହଜାର ତାଳମଞ୍ଜି ରୋପଣ କରିଛନ୍ତି। ତାଙ୍କର ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



## ଗଞ୍ଜା ଗାଁରେ ଗ୍ରୀଲ୍ ତାଡ଼ି ଚୋରି

ରାଜକନିକା, ୧୬।୯ (ସମିସ): ରାଜକନିକା ଥାନା ଅନ୍ତର୍ଗତ ଗଞ୍ଜା ଗ୍ରାମରେ ଚୋରି ହୋଇଛି। ଗତକାଲି ରାତିରେ ଘରେ କେହି ନ ଥିବା ସୁଯୋଗ ନେଇ ଘରର ଦୁଇଟି ଗ୍ରୀଲ ତାଡି କବାଟ ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ଟଙ୍କା, ସୁନା, ରୁପା ଅଳଙ୍କାର ଚୋରି କରିନେଇଥିବା ଅଭିଯୋଗ ହୋଇଛି। ରଞ୍ଜିତ ବିଶ୍ୱାଳଙ୍କ ଘରୁ ଚୋରି ହୋଇଥିବା ନେଇ ଆଜି ତାଙ୍କ ସମ୍ପର୍କୀୟ ରାଜକନିକା ଥାନାରେ ଏତଲା ଦେଇଥିଲେ। ପୁଲିସ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

## କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କର ଦକ୍ଷତା ବିକାଶ କର୍ମଶାଳା

କେନ୍ଦ୍ରାପଡ଼ା,୧୬।୯ (ସମିସ): ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଅର୍ବାନ କୋଅପରେଟିଭ ବ୍ୟାଙ୍କ କର୍ମଚାରୀଙ୍କ ଦକ୍ଷତା ବିକାଶ କର୍ମଶାଳା ବ୍ୟାଙ୍କର ମୁଖ୍ୟ ଶାଖା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ଗୁରୁପ୍ରସାଦ ମହାନ୍ତି ସମବାୟର ଆଦ୍ୟ ପ୍ରବର୍ତ୍ତକ ଉତ୍କଳ ଗୌରବ ମଧୁବାବୁ ଓ ବ୍ୟାଙ୍କର ପ୍ରତିଷ୍ଠାତା ସଭାପତି ଭାଗବତ ପ୍ରସାଦ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ସମବାୟ ୟୁନିଅନ ପକ୍ଷରୁ ନାବାର୍ଡର ସାଧାରଣ ପ୍ରବନ୍ଧକ ଭୁବନ ମୋହନ ପଟ୍ଟନାୟକ, ଅବସରପ୍ରାପ୍ତ ଗ୍ରାମ୍ୟ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ସୂର୍ଯ୍ୟପ୍ରସାଦ ରଥ, ଓଡ଼ିଶା କୋଅପରେଟିଭ ୟୁନିଅନ ଟ୍ରେନିଂ ଅଫିସର ବିପିନ ଦାସ, ଓଡ଼ିଶା ରାଜ୍ୟ କୋଅପରେଟିଭ ୟୁନିଅନର ଓଏସଡି ଚିନ୍ମୟୀ ଚାରୁଦର୍ଶିନୀ ପ୍ରମୁଖ ଯୋଗଦେଇ ଦକ୍ଷତା ବିକାଶ ଓ ସାମ୍ପ୍ରତିକ ପ୍ରତିଯୋଗିତାରେ କର୍ମଚାରୀ କିଭଳି ଗ୍ରାହକଙ୍କୁ ସେବା ଯୋଗାଇପାରିବେ, ସେ ସମ୍ପର୍କରେ ଅବତାରଣା କରିଥିଲେ। ଡିଜିଟାଲ ବ୍ୟାଙ୍କିଙ୍ଗ୍ ଓ ମୋବାଇଲ ବ୍ୟାଙ୍କ ସେବାର ବିସ୍ତୃତ ବ୍ୟବହାର ପାଇଁ ଦିଗଦର୍ଶନ କରିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ବାନ ବ୍ୟାଙ୍କର ସାଧାରଣ ପରିଚାଳକ ରାଜୀବଲୋଚନ ପଣ୍ଡା, ଜିଏମ ସୁରେଶ ପରିଡା, ରିକଭରି ମ୍ୟାନେଜର ହିମାଂଶୁ ଲେଙ୍କା, ସହକାରୀ ପରିଚାଳକ ଭଞ୍ଜକିଶୋର ଜେନା, ସିଷ୍ଟମ ମ୍ୟାନେଜର ଆଦିତ୍ୟ ଶତପଥି ପ୍ରମୁଖ ଯୋଗ ଦେଇଥିଲେ।

# ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରେ ବଢ଼ିଚାଲିଛି ମଦ କାରବାର

## ବାବର ବଜାରରୁ ନିୟନ୍ତ୍ରିତ ହେଉଛି ବେଆଇନ ମଦ ଚାଲାଣ

ମହାକାଳପଡ଼ା, ୧୬।୯ (ସମିସ):

ମହାକାଳପଡ଼ା ବ୍ଲକ୍‌ର ଉପାନ୍ତ ଅଞ୍ଚଳରେ ବେଆଇନ ମଦ ବିକ୍ରି ଚାଲିଛି। ଯଦ୍ୱାରା ପରିବାରରେ ଅଶାନ୍ତି ବଢୁଛି। ପାରିବାରିକ ହିଂସା ପାଇଁ ମହିଳା ବଳି ପଡୁଛନ୍ତି। ଦିନଦ୍ୱିପ୍ରହରରେ ଦୁଇଚକିଆ, ତିନିଚକିଆ ଓ ଚାରିଚକିଆ ଗାଡ଼ିରେ ମଦ କାରବାର ହେଉଛି। ଗ୍ରାମାଞ୍ଚଳରେ ବେଆଇନ ମଦ ଦୋକାନ ଖୋଲିବା ଯୋଗୁଁ ପରିବାରର ଆର୍ଥିକ ମେରୁଦଣ୍ଡ ଦୋହଲି ଗଲାଣି। ବିଷାକ୍ତ ମଦପିଇ ଲୋକେ ରୋଗରେ ପଡୁଛନ୍ତି। ମଦ ଯୋଗୁଁ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳ ଅପରାଧପ୍ରବଣ ହୋଇପଡ଼ିଲାଣି। ବିଗତ ଦିନରେ ଖଣ୍ଡା, ଭୁଜାଲି ବୁଲିଥିଲେ ମଧ କିଛି ବାବୁଙ୍କ ପାଇଁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହେଉଛି।

ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡ଼ାର ବାବର ବଜାର, ବଢ଼ିହ ପୋଲ, କାଂସପାଳ ଘାଟ, ମିଲନମୋଡ଼ ସେତୁ, ଜମ୍ବୁ ଫେରିଘାଟ ଦେଇ ବିପୁଳ ପରିମାଣର ଅପମିଶ୍ରିତ ମଦ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳକୁ ପ୍ରବେଶ କରୁଛି। ଖୋଲାମେଲା ଦିନ ଦ୍ୱିପ୍ରହରରେ ମଦ ବିକ୍ରି ହେଉଛି। ଏହି ବେଆଇନ କାରବାର ରୋକିବା, ଏମାନଙ୍କୁ ଦଣ୍ଡ ଦେବା ଅଧିକାର ଅବକାରୀ ବିଭାଗ ଓ ପୁଲିସର ରହିଛି। କେଉଁ ବିଭାଗର ପ୍ରୋତ୍ସାହନ କିମ୍ବା ଜାଣତରେ ଏଭଳି ବେଆଇନ ମଦ କାରବାର ହେଉଛି, ତାହା ଜଣାପଡୁନି। ଯାହାକୁ ନେଇ ବଢ଼ି, କଂସା ବଡ଼ଦାଣ୍ଡୁଆ, ଜମ୍ବୁ, ସୁନିତି, ଗଗୁଆ, ଲାଞ୍ଜୁଡ଼ା ପଞ୍ଚାୟତର ସଚେତନ ନାଗରିକ ମଦୁଆଙ୍କ ଦୌରାତ୍ମ୍ୟରେ ତ୍ରାହିତ୍ରାହି ଡାକିଲେଣି। ସବୁଠୁ ମଜା କଥା ହେଉଛି ଏ ଅଞ୍ଚଳରେ ଯେଉଁ ବେଆଇନ ମଦ କାରବାର ହେଉଛି, ତାକୁ ନିୟନ୍ତ୍ରଣ କରୁଛନ୍ତି ଜଣେ ଗ୍ରାମରକ୍ଷୀ ବୋଲି ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳରେ ଚର୍ଚ୍ଚା ହେଉଛି। ସେ ଗ୍ରାମରକ୍ଷୀଙ୍କ ଘର ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳରେ ନାଁ ଅନ୍ୟ କେଉଁ ଅଞ୍ଚଳରେ ଯାହାକୁ ଧରିବାର ସମୟ ଆସିଛି। ଏହି ଗ୍ରାମରକ୍ଷୀଙ୍କ ପାଖରେ କୁଆଡ଼େ ବାବୁଙ୍କ ଲଗାମ ରହିଛି। ଏପରିକି କିଛିଦିନ ତଳେ ଲକ୍ଷାଧିକ ଟଙ୍କାର ମଦ ଧରାଯାଇଥିଲେ ମଧ ଏହାକୁ ରଫାଦଫା କରାଯାଇଥିଲା। ଆଶା କରାଯାଉଥିଲା ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ। ତେବେ ୩୦ରୁ ୩୫ ହଜାର ଟଙ୍କା ଏହି ଗ୍ରାମରକ୍ଷୀଙ୍କ ଦ୍ୱାରା କାରବାର ହୋଇ ବାବୁ ଜଣକ ମଦ ଛାଡ଼ି ଦେଇ କାର୍ଯ୍ୟାଳୟକୁ ଫେରିଥିଲେ। ଅବକାରୀ ବିଭାଗ, ନା ପୁଲିସ୍ ନା ଅନ୍ୟ କେଉଁ ଅଧିକାରୀ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଅଛନ୍ତି; ଯାହା ତଦନ୍ତ ହେବା ଜରୁରୀ। ସବୁଠୁ ବଡ଼କଥା ହେଉଛି ବାବର ବଜାର ଅଞ୍ଚଳରୁ ବିଭିନ୍ନ ସ୍ଥାନକୁ ମଦ ଯାଉଥିବା ଆଲୋଚନା ହେଉଛି। ଜମ୍ବୁ, କାଂସପାଳ ଫେରିଘାଟ, ମିଲନମୋଡ଼ ସେତୁ, ଏକଲପୁର ଫେରିଘାଟ ଅଞ୍ଚଳରେ କଡ଼ା ପାଟ୍ରୋଲିଂ କରାଗଲେ, ଏମାନଙ୍କୁ ଧରିବା ସହଜ ହେବ ବୋଲି ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

### ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁଁ ଶିଶୁ ଗୁରୁତର ଘଟଣା

# ପୁଣି ହସ୍ପିଟାଲ ଆଗରେ ଧାରଣାରେ ବସିଲେ ପରିବାର

**ପଟ୍ଟାମୁଣ୍ଡାଇ, ୧୬।୯ (ସମିସ)**



ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମାଟିଆ ଗ୍ରାମର ଆନନ୍ଦ ମଲିକ ଗତ ୨୩ ତାରିଖରେ ତାଙ୍କ ୪ବର୍ଷର ପୁଅ ରୋହନକୁ ଅଣ୍ଡା ଜର ହୋଇ ଥିବାରୁ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ରୋହନର ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଓ ଇଞ୍ଜେକ୍ସନ ନେବା ପାଇଁ ପ୍ରେସକ୍ରିପସନରେ ଲେଖି ଦେଇଥିଲେ। ପରେ ରୋହନକୁ ଇଞ୍ଜେକ୍ସନ ଦେବାରୁ ସେ ହଠାତ ଅସୁସ୍ଥ ହୋଇପଡ଼ିବା ସହିତ ତା'ର ବାମ ଗୋଡ଼ ଆଉ ତଳେ ଲାଗିନଥିଲା ବୋଲି ଆନନ୍ଦ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ମେଡିକାଲ ପରିସରରେ ହୋହାଲ୍ଲା କରିଥିଲେ ଆନନ୍ଦଙ୍କ ପରିବାର। ଫଳରେ ମେଡିକାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଡାକ୍ତରଙ୍କ ଭୁଲ ଔଷଧ ଓ ଇଞ୍ଜେକ୍ସନ ଦ୍ୱାରା ରୋହନର ଏପରି ଅବସ୍ଥା ହୋଇଛି ବୋଲି ରୋହନର ବାପା ଓ ପରିବାର ଲୋକ ଅଭିଯୋଗ କରିଥିଲେ। ଉପଯୁକ୍ତ ତଦନ୍ତ ଓ ନ୍ୟାୟ ଦାବିରେ ଗତ ୨୮ ତାରିଖ ଦିନ ରୋହନର ପରିବାର ଲୋକେ ଓ ତାଙ୍କ ସମର୍ଥକ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ପରିସରରେ ଧାରଣା ଦେଇଥିଲେ। ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ କର୍ତ୍ତୃପକ୍ଷ ଧାରଣାସ୍ଥଳକୁ ଆସି ରୋହନକୁ ୨ ଜଣ ମେଡିକାଲ ଷ୍ଟାଫଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ କଟକ ଶିଶୁ ଭବନକୁ ପଠାଇବା ଓ ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଚିକିତ୍ସାଧୀନ ଥିବା ବେଳେ ରୋହନର ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି ବୋଲି ବାପା ଆନନ୍ଦ କହୁଥିବା ବେଳେ ଘଟଣାର ୨୦ଦିନ ପରେ ଆଜି ସନ୍ଧ୍ୟାରେ ରୋହନର ପରିବାର ଲୋକମାନେ ରୋହନ ସହିତ ପଟ୍ଟାମୁଣ୍ଡାଇ ହସ୍ପିଟାଲ ସମ୍ମୁଖରେ ପୁନର୍ବାର ଧାରଣା ଦେଇଥିଲେ। ଫଳରେ ରୋଗୀ ସେବା ବ୍ୟାହତ ହେବା ସହିତ ମେଡିକାଲ ପରିସରରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବରପାଇ ପଟ୍ଟାମୁଣ୍ଡାଇ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ସବଡିଭିଜନ ମେଡିକାଲ ଅଫିସର ଡା ନିରାକାର ପରିଡ଼ା ଘଟଣା ସ୍ଥଳରେ ପହଞ୍ଚି ରୋହନର ଚିକିତ୍ସା ଓ ସୁସ୍ଥ ହେବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯାଉଥିବା ବେଳେ ପୁନର୍ବାର ଧାରଣା ଦେବା ଘଟଣା ଅନୁଚିତ ବୋଲି କହିଥିଲେ। ଅନ୍ୟପକ୍ଷରେ ଆନନ୍ଦଙ୍କ ଏତଲାକୁ ଭିତ୍ତି କରି ଥାନାରେ ମାମଲା ରୁଜୁ ହୋଇଥିବା ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଉଥିବା ବେଳେ ବେଆଇନ ଭାବେ ଧାରଣା ଦେବା ଆଇନ ଅନୁମୋଦିତ ନୁହେଁ ବୋଲି ସ୍ପଷ୍ଟ କରିଥିଲେ ଓ ମେଡିକାଲ ପରିସରରେ ଧାରଣା ଦେବା ଦ୍ୱାରା ରୋଗୀ ସେବା ବ୍ୟାହତ ହେଉଥିବାରୁ ଆଇନକୁ ହାତକୁ ନ ନେବା ପାଇଁ ଅତିରିକ୍ତ ତହସିଲଦାରଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ବୁଝାଇବା ପରେ ଆନନ୍ଦଙ୍କ ପରିବାର ଧାରଣା ପ୍ରତ୍ୟାହୃତ କରି ନେଇ ଥିଲେ। ଅନ୍ୟପକ୍ଷରେ ରୋହନର ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରେଡ଼କ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିବା ଜଣା ଯାଇଛି।



ପାର୍ବଣର ତୃତୀୟ ସଂଧ୍ୟାରେ ମା' ଶାରଳାଙ୍କ ଚନ୍ଦ୍ରଘଣ୍ଟା ବେଶ

## ଡାଏଣିଗିରି-ବିରାଡ଼ିଆ ରାସ୍ତା ଶୋଚନୀୟ



**ରାଜକନିକା, ୧୬।୯ (ସମିସ):** ସବୁ ରାଜସ୍ୱ ଗ୍ରାମ ରାସ୍ତା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଆରଡି ବିଭାଗ ଦ୍ୱାରା ନିର୍ମାଣ ହୋଇଥିଲା। ତେବେ କାଟଣାବଣିଆ ପଞ୍ଚାୟତର ଏସବୁ ରାସ୍ତା ନିର୍ମାଣ ସମୟରେ ଆବଶ୍ୟକ ଭିତ୍ତିଭୂମି ପାଇଁ ଅର୍ଥ ବରାଦ ନ ଥିବା କହି ଅଧା ରାସ୍ତା ଛାଡିଦେଲେ। ଫଳରେ ୨୦୧୮ରୁ ଡାଏଣିଗିରି- ବିରାଡ଼ିଆ ରାସ୍ତା ମରଣଜନ୍ତା ପାଲଟିଛି।

ଏହି ରାସ୍ତା ନିର୍ମାଣ ସମୟରେ କାଟଣା କଲେଜ ନିକଟରୁ ଡାଏଣିଗିରି ଗାଁ ଯାଏ କଂକ୍ରିଟ ହେବା ପରେ ଗାଁ ଶେଷ ମୁଣ୍ଡରୁ ବିରାଡ଼ିଆ ଗାଁ ଯାଏ ଥିବା ରାସ୍ତାର ବାମ ପାର୍ଶ୍ୱରେ ପୋଖରୀ ଥିବାବେଳେ ଡାହାଣ ପଟରେ ଡ୍ରେନ ରହିଛି। ଏହି ପୋଖରୀ ଓ ଡ୍ରେନ ଉଭୟପଟରେ ଗାର୍ଡୱାଲ କରି କଂକ୍ରିଟ କରିବାକୁ ଗ୍ରାମବାସୀ ଦାବି କରିଥିଲେ ହେଁ ଠିକଦାର ଶୁଣି ନ ଥିଲେ। ଏ ନେଇ ଆରଡି ବିଭାଗକୁ ବହୁବାର ଅନୁରୋଧ କରିବା ପରେ ବି ଠିକାଦାର ଆଦୌ ରାସ୍ତା ନ କରି ଛାଡ଼ି ଦେଇଥିଲେ। ଏବେ ସେହି ରାସ୍ତାରେ ଯାତାୟାତ କରିବା ଯନ୍ତ୍ରଣାଦାୟକ ହୋଇଛି। ଚଳିତ ବର୍ଷ କ୍ରମାଗତ ଲଗାଣବର୍ଷା ଓ ବନ୍ୟା ଫଳରେ ରାସ୍ତା ଅବସ୍ଥା ବେହାଲ ହେବାରେ ଲାଗିଛି। ଆଗରୁ ପଞ୍ଚାୟତ ପକ୍ଷରୁ ନିର୍ମିତ ହୋଇଥିବା ରାସ୍ତାରେ ଯିବା ଆସିବା କରୁଥିବା ଗ୍ରାମବାସୀ ଓ ପଞ୍ଚାୟତବାସୀଙ୍କ ଦୁର୍ଦ୍ଦଶା ବଢ଼ିଛି। ନା ଅଛି ପଞ୍ଚାୟତର ଦାୟିତ୍ୱ ନା ବୁଝୁଚି ଆରଡ଼ି ବିଭାଗ। କାଟଣାବଣିଆ ପଞ୍ଚାୟତର ଏହି ଉପାନ୍ତ ଗାଁକୁ ସବୁଦିନିଆ ରାସ୍ତା କରାଯିବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି।

## ବ୍ଲକ୍ ଅଫିସ୍ ଆଗରେ ସିଆର୍‌ପିଙ୍କ ଧାରଣା

**ରଘୁନାଥପୁର, ୧୬।୯ (ସମିସ):** ରଘୁନାଥପୁର ବ୍ଲକ ବରାଗୋଳ ଜିପିଏଲଏଫରେ ଦୁର୍ନୀତିକୁ ନେଇ ଉକ୍ତ ପଞ୍ଚାୟତର ସିଆରପି ଭାବେ କାର୍ଯ୍ୟରତ ବିଧବା ମହିଳା ନମିତା ବେୱା ମଙ୍ଗଳବାର ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ବିଏଲଏଫ (ବ୍ଲକ ଲେବୁଲ ଫେଡରେସନ) ର ସଭାନେତ୍ରୀ ବିଷ୍ଣୁପ୍ରିୟା ଆଚାର୍ଯ୍ୟ କୌଣସି ମହିଳା ଏସଏଚଜିରେ ସଦସ୍ୟା ନ ଥାଇ କିପରି ଇସି ମେମ୍ବର ହେବା ଏହାଛଡା ତାଙ୍କୁ କିପରି ବ୍ଲକ ମହିଳା ମହାସଂଘରେ ସଭାନେତ୍ରୀ କରାଗଲା ଏସବୁକୁ ନେଇ ଧାରଣାକାରୀ ନମିତା ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାଛଡା ବଡତିହଡା ସିଏଲଏଫରେ ସଭାନେତ୍ରୀ ଆଚାର୍ଯ୍ୟଙ୍କ ଦୁର୍ନୀତିର ମାତ୍ରା ବଢ଼ି ଚାଲିଥିବାବେଳେ ବିଭିନ୍ନ ମହିଳା ଉତ୍ପାଦନକାରୀ ଗୋଷ୍ଠୀଙ୍କ ଟଙ୍କା ଆତ୍ମସାତ୍ କରିଥିବା ସେ ଅଭିଯୋଗ କରିଛନ୍ତି। ଏ ସମସ୍ତ କଥା ବ୍ଲକ ଅଧିକାରୀ ଜାଣି ସୁଦ୍ଧା ସଭାନେତ୍ରୀ ଆଚାର୍ଯ୍ୟଙ୍କ ପ୍ରତି କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ନମିତା ଅଭିଯୋଗରେ ଦର୍ଶାଇଛନ୍ତି। ସଭାନେତ୍ରୀ ଆଚାର୍ଯ୍ୟଙ୍କୁ ଯେପର୍ଯ୍ୟନ୍ତ ପଦବୀରୁ ଅପସାରିତ କରା ନ ଯାଇଛି ଓ ସେ ପାଇଥିବା ସମସ୍ତ ପ୍ରାପ୍ୟକୁ ଫେରସ୍ତ ନିଆଯିବା ଓ ବିଭିନ୍ନ ମହିଳା ଗ୍ରୁପରୁ ହଡପ କରିଥିବା ଟଙ୍କା ଫେରସ୍ତ ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ। ଏହାଛଡା ପ୍ରଶାସନ ଯଦି ଟାଳଟୁଳ ନୀତି ଅବଲମ୍ବନ କରି ଆଚାର୍ଯ୍ୟଙ୍କୁ ଗିରଫ ନ କରେ, ତେବେ ସେ ବାଧହୋଇ ଆତ୍ମାହୂତି ଦେବେ ବୋଲି ଚେତବନୀ ଦେଇଥିଲେ। କେଉଁ ରାଜନୈତିକ ନେତାଙ୍କ ହାତ ଥିବାରୁ ସଭାନେତ୍ରୀ ଆଚାର୍ଯ୍ୟଙ୍କ ପ୍ରତି ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଧାରଣାସ୍ଥଳରେ ପ୍ରଶାସନିକ ଅଧିକାରୀ ପହଞ୍ଚି ନମିତାଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେ ତାଙ୍କ ଜିଦିରେ ଅଟଳ ରହିଛନ୍ତି। ଶେଷରେ ବିଡିଓ ବିରତି ନାରାୟଣ ବେହେରା ଓ ତହସିଲଦାର ରାଜଲକ୍ଷ୍ମୀ ନାୟକ ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ପ୍ରତିଶ୍ରୁତି ଦେବାପରେ ନମିତା ଧାରଣାରୁ ଓହରିଯାଇଥିଲେ।




### ମିଶନ ଶକ୍ତି ଗୃହ ଅର୍ଥ ହଡ଼ପ ଅଭିଯୋଗ

## ଭିଜିଲାନ୍ସ ତଦନ୍ତ ଦାବିକଲେ ପେଗରପଡ଼ା ପଞ୍ଚାୟତବାସୀ

**ରାଜକନିକା, ୧୬।୯ (ସମିସ):** ମିଶନ ଶକ୍ତି ଗୃହର ଚିହ୍ନବର୍ଣ୍ଣ ନାହିଁ। କାଗଜପତ୍ରରେ କିନ୍ତୁ ଗୃହ କାମ ସାରିଯାଇଛି। କାମ ସରିଥିବା ଦର୍ଶାଇ ୫ ଲକ୍ଷ ଟଙ୍କା ଉଠାଣ ହୋଇଥିବା ଜଣାପଡ଼ିଛି। ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ପଞ୍ଚାୟତବାସୀ। ରାଜକନିକା ବ୍ଲକ ପେଗରପଡ଼ା ପଞ୍ଚାୟତରେ ଏଭଳି ଘଟଣା ଘଟିଛି।

ଗ୍ରାମାଞ୍ଚଳର ସ୍ୱୟଂସହାୟକ ଗୋଷ୍ଠୀ ମହିଳା ପ୍ରତିଦିନ ବ୍ଲକ ଅଫିସକୁ ନ ଆସି କିଭଳି ପଞ୍ଚାୟତ ସ୍ତରରେ ସୁବିଧାରେ ବୈଠକ କରିପାରିବେ ଓ ବିଭିନ୍ନ ତାଲିମ ନେଇପାରିବେ, ସେ ନେଇ ସରକାର ମିଶନ ଶକ୍ତି ଗୃହ ଯୋଗାଇ ଦେଇଛନ୍ତି। ତେବେ ପେଗରପଡ଼ା ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରା ନ ଯାଇ ଟଙ୍କା ଉଠାଣ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ପଞ୍ଚାୟତବାସୀ ଏହି ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ପେଗରପଡ଼ା ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇନାହିଁ। କାଗଜପତ୍ରରେ କାମ ସରିଛି। ଗୃହ ନିର୍ମାଣ କରା ନ ଯାଇ ରେକର୍ଡ ନଂ୫୧୭ ଓ ୨୦୨୧-୨୦୨୨ ମସିହାରେ କାମ ଆରମ୍ଭ ହୋଇଥିବାବେଳେ ୧୧।୯।୨୩ରେ ନିର୍ମାଣ ସରିଥିବା ଦର୍ଶାଯାଇଛି। ଚେକନଂ ୫୭୧୫୭୬ରେ ୪ଲକ୍ଷ ୮୩ହଜାର ୧୦୯ ଟଙ୍କା ଉଠାଯାଇଛି ଓ ୧୬ ହଜାର ୮୯୧ ଟଙ୍କା ଟ୍ୟାକ୍ସ ବାବଦରେ କଟାଯାଇଥିବା ଜଣାପଡ଼ିଛି। ମିଶନ ଶକ୍ତି ଗୃହ ନିର୍ମାଣ ଲାଗି ଆସୁଥିବା ପାଞ୍ଚ ଲକ୍ଷ ଟଙ୍କାରେ ଏକ ୧୫ ଫୁଟ ଲମ୍ବା ଓ ୧୦ ଫୁଟ ଚଉଡାର ବୈଠକ କକ୍ଷ, ଗୋଟିଏ ଅଫିସ ଘର, ସାମଗ୍ରୀ ବିକ୍ରିବଟା ଲାଗି ଘର, ଏକ ବାରଣ୍ଡା ଓ ଏକ ଶୌଚାଳୟ ନିର୍ମାଣ ଲାଗି ନିୟମ ରହିଛି। ଏଭଳି ଘର ପଞ୍ଚାୟତରେ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି।

## ଡେରାବିଶ ଓ ଚାନ୍ଦୋଳ କଲେଜରେ ବିଶ୍ୱ ଓଜୋନ୍ ଦିବସ

**ଡେରାବିଶ, ୧୬।୯ (ସମିସ):** ଡେରାବିଶ ଓ ଚାନ୍ଦୋଳ କଲେଜରେ ବିଶ୍ୱ ଓଜୋନ୍ ଦିବସ ପାଳିତ ହୋଇଯାଇଛି। ଦୁମୁକାହାଟସ୍ଥ ଡେରାବିଶ କଲେଜ ସଭାଗୃହରେ ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ ଓ ଆଇକ୍ୟୁଏସି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ଅଧ୍ୟକ୍ଷ ନଗେନ୍ଦ୍ର ପାଣି ସଭାପତିତ୍ୱ କରି ଓଜୋନ ସ୍ତରର ଗୁରୁତ୍ୱ ଓ ପୃଥିବୀର ଜୀବନ ସୁରକ୍ଷାରେ ଏହାର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ସୁଭାଷିନୀ ମିଶ୍ର ଯୋଗଦେଇ ପରିବେଶର ସୁରକ୍ଷା ନିମନ୍ତେ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ସଞ୍ଜୟ ମିଶ୍ର, ଅଧ୍ୟାପିକା ସୁଭଶ୍ରୀ ପଣ୍ଡା ଓ ଆକାଂକ୍ଷା ଦାସ ପ୍ରମୁଖ ଓଜୋନ ସ୍ତରର ସୁରକ୍ଷା ପାଇଁ ଛାତ୍ରଛାତ୍ରୀ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଯୁବ ରେଡକ୍ରସ୍ କନସେଲର ଡଃ ଶଶୀକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସଭାକକ୍ଷରେ ବିଶ୍ୱ ଓଜୋନ୍ ଦିବସ ପାଳନ କରାଯାଇଥିଲା। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ସ୍ମୃତି ଶ୍ରାବଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଅକ୍ଷୟ କୁମାର ବଳ, ମୁଖ୍ୟବକ୍ତା ଭାବେ ରସାୟନ ବିଜ୍ଞାନ ମୁଖ୍ୟ ଅଧ୍ୟାପକ ମାନସ ଦାଶ ଯୋଗଦେଇ ଓଜୋନ ସ୍ତର ପରିବେଶ ପ୍ରତି ଉପାଦେୟତା ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରତାପ ଜେନା, ହରେକୃଷ୍ଣ ସାହୁ, ବିମଳ ବାରିକ, ଦେବାଶିଷ ମହନ୍ତ, ଅଧ୍ୟାପିକା ଶର୍ମିଷ୍ଠା ବେହେରା ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ନାଥଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ମହାକାଳପଡ଼ା, ୧୬।୯ (ସମିସ):** ମହାକାଳପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଆଜି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦିନିକିଆ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୭୮୦ ଜଣ ବ୍ୟକ୍ତି ପଞ୍ଜିକୃତ କରିଥିବାବେଳେ ୭୩୯ ଜଣ ଉପସ୍ଥିତ ରହି ଚିହ୍ନଟ ପ୍ରକ୍ରିୟାରେ ଭାଗ ନେଇଥିଲେ। ଅସ୍ଥିଶଲ୍ୟ ବର୍ଗରେ ୪୦୭ ଜଣ, ଦୃଷ୍ଟିବାଧିତ ବର୍ଗରେ ୭୧ ଜଣ, ଶ୍ରବଣବାଧିତ ବର୍ଗରେ ୬୭ ଜଣ, ମାନସିକ ଅନଗ୍ରସର ବର୍ଗରେ ୧୫୦ ଜଣ, ମେଡିସିନ ବିଭାଗରେ ୮୫ ଜଣ ବ୍ୟକ୍ତି ପଞ୍ଜିକୃତ ହୋଇଥିବାବେଳେ ଅସ୍ଥିଶଲ୍ୟରେ ୨୩୫ ଜଣ, ମାନସିକ ଅନଗ୍ରସର ବର୍ଗରେ ୧୦୩ ଜଣ, ଦୃଷ୍ଟିବାଧିତ ବର୍ଗରେ ୬୮ ଜଣ, ଶ୍ରବଣବାଧିତ ବର୍ଗରେ ୭୨ ଜଣ, ମେଡିସିନ୍ ବିଭାଗରେ ୧୧୯ ଜଣ ଓ ଶିଶୁ ବିଭାଗରେ ୪୨ ଜଣ ବ୍ୟକ୍ତିଙ୍କ ପରୀକ୍ଷା ବିଭାଗୀୟ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା କରାଯାଇଥିଲା। ଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ କମ୍ପ୍ୟୁଟରୀକରଣ ପ୍ରମାଣପତ୍ର ଖୁବ୍ ଶୀଘ୍ର ଯୋଗାଇ ଦିଆଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା କହିଛନ୍ତି। ମହାକାଳପଡ଼ା ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗାପ୍ରସନ୍ନ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀରାରାଣୀ ମହାନ୍ତି ଓ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭୀମଭୋଇଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବ୍ଲକ କର୍ମଚାରୀ ଓ ଭିନ୍ନକ୍ଷମ ଶିକ୍ଷା ସ୍ୱେଚ୍ଛାସେବୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ସରିତା ସାହିତ୍ୟ ସଂସଦ ଉଦ୍‌ଘାଟିତ

**କୁଜଙ୍ଗ, ୧୬।୯ (ସମିସ):** ଓଡ଼ିଆ ସାହିତ୍ୟ ଜାତୀୟ ସ୍ତରରେ ନୁହେଁ, ଆଜି ବିଶ୍ୱ ସ୍ତରରେ ଗୌରବ ଆଣିପାରିଛି। ଏହି ମାଟି ଚଣ୍ଡାଶୋକରୁ ଧର୍ମାଶୋକ, ରାଜା ପାଇଁ କୋଟି ଓଡିଆଙ୍କ ପ୍ରାଣର ଠାକୁର୍ ଘୋଡ଼ା ଚଢ଼ି ଯୁଦ୍ଧ କରିବା, ମାଣିକ ହାତରୁ ଦହି ପିଇବା ସମ୍ଭବ ହୋଇପାରେ ବୋଲି ନବଗଠିତ ସରିତା ସାହିତ୍ୟ ସଂସଦ ଉଦ୍‌ଘାଟନୀ ଉତ୍ସବରେ ମତ ପ୍ରକାଶ ପାଇଛି। ତାଳଦଣ୍ଡାସ୍ଥ ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ନୂତନ ଭାବେ ଗଠିତ ସରିତା ସାହିତ୍ୟ ସଂସଦର ଉଦ୍‌ଘାଟନ ଉତ୍ସବ ଟିଭି ଉପସ୍ଥାପକ ଅଭିନନ୍ଦନ ଦାସଙ୍କ ସଂଯୋଜନାରେ ଆୟୋଜିତ ହୋଇ ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଗୀତିକାର ତଥା କବି ଦେବୀଦତ୍ତ ମହାନ୍ତି, ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ସଚିବ ସଞ୍ଜୟ ଛୁଆଲ ସିଂ, ବିଶିଷ୍ଟ ଅତିଥି ଭାବେ ଦୃଶ୍ୟ ଶ୍ରବ୍ୟ ସାମ୍ବାଦିକ ଜ୍ୟୋତ୍ସ୍ନାରାଣୀ ଦଳାଇ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ସ୍ନେହସ୍ରୀ ସ୍ୱାଇଁ ଓ ସାହିତ୍ୟିକ ଅସିତ୍ ମହାନ୍ତି ଯୋଗଦେଇଥିଲେ। ଓଡ଼ିଶା ଟିସିଏସ ପ୍ରମୁଖ ବ୍ରହ୍ମ ଜଗନ୍ନାଥ ମିଶନ ପ୍ରତିଷ୍ଠାତା ସ୍ୱର୍ଗତ ସରିତା ଦେବୀଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ ଉତ୍ସବ ପାଳନ ଅବସରରେ ଅନୁଷ୍ଠିତ କବି ସମ୍ମିଳନୀରେ ୭୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସାହିତ୍ୟ ସଂସଦ ସମ୍ପାଦିକା ରୁନିବାଳା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଶୁଚିକିତ୍ସା ଦିବସ ପାଳିତ

**କେନ୍ଦ୍ରାପଡ଼ା, ୧୬।୯ (ସମିସ):** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବରେଡକ୍ରସ ୟୁନିଟ ପକ୍ଷରୁ ବିଶ୍ୱ ଆଶୁ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଯୁବ ରେଡକ୍ରସର ପରାମର୍ଶଦାତା ତଥା ଜିଲ୍ଲା ସମ୍ପାଦକ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଚଳିତବର୍ଷର ବିଷୟବସ୍ତୁ 'ଆଶୁ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ' ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ଆଇ.କ୍ୟୁ.ଏ.ସି. ସଂଯୋଜିକା ଡ. ଦିପ୍ତୀ ରାୟ ଏବଂ ଏନସିସି ଅଫିସର(ବାଳକ ବିଭାଗ) ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ ଯୋଗଦେଇ ବିଷୟବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବରେଡକ୍ରସର ୧୫୦ରୁ ଅଧିକ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମହାବିଦ୍ୟାଳୟରେ ଏକ ଜିଲ୍ଲାସ୍ତରୀୟ ଆଶୁଚିକିତ୍ସା ପ୍ରଶିକ୍ଷଣ ଶିବିର ଆୟୋଜନ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ମନୋଜ କୁମାର ଲେଙ୍କା, ପ୍ରତିଭା ରାୟ, ଆଶୁତୋଷ ମାଝୀ, ସସ୍ମିତା ସାହୁ, ଭବାନିଶଙ୍କର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା, ୧୬।୯ (ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ, ଏଡିଏମଓ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ଗୌରାଙ୍ଗ ଚରଣ ମିଶ୍ର, ଡାକ୍ତର ଶ୍ୟାମ ସୁନ୍ଦର ଟୁଡୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡେପୁଟି ମ୍ୟାନେଜର ସୁଶାନ୍ତ ପ୍ରଧାନ ପ୍ରମୁଖ ବୈଠକରେ ଯୋଗଦେଇଥିବା ବେଳେ ଆଭାସୀ ମାଧ୍ୟମରେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ସାମିଲ ହୋଇଥିଲେ।

## ବଜ୍ରପାତ ସତର୍କତା ସଚେତନତା ରଥର ଶୁଭାରମ୍ଭ



**କେନ୍ଦ୍ରାପଡ଼ା, ୧୬।୯ (ସମିସ):** ବଜ୍ରପାତ ପ୍ରତି ଲୋକଙ୍କୁ ସଚେତନତା କରିବା ଉଦ୍ଦେଶ୍ୟ ନେଇ ଜିଲ୍ଲାର ୯ଟି ବ୍ଲକରେ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏ ପରିପ୍ରେକ୍ଷୀରେ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ସଚେତନତା ରଥ ପ୍ରତ୍ୟେକ ବ୍ଲକର ଗ୍ରାମାଞ୍ଚଳ ପରିଭ୍ରମଣ କରି ସଚେତନ କରିବ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ, ମହାକାଳପଡ଼ା ବିଡ଼ିଓ ସୌମଶ୍ରୀ ପାଣିଗ୍ରାହୀ, ମହାକାଳପଡ଼ା ତହସିଲଦାର ଶିବପ୍ରସାଦ ମଲ୍ଲିକ, ଜିଲ୍ଲା ଜରୁରିକାଳୀନ ଅଧିକାରୀ ଅମୀୟକେତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମିଳୁନି ମୁଖ୍ୟମନ୍ତ୍ରୀ ବସ୍ ସେବା, ତେଜୁଛି ଅସନ୍ତୋଷ

**ମାଳିପୁର, ୧୬।୯ (ସମିସ)**



ଅଛି ବସ୍‌ଷ୍ଟାଣ୍ଡ, ଆସୁନି ବସ୍

ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇ ଦେବା ପାଇଁ ଅନେକ ପଞ୍ଚାୟତରେ ବସ୍‌ଷ୍ଟାଣ୍ଡ ଓ ବସ ଯାତାୟାତ ପାଇଁ ଉପଯୁକ୍ତ ରାସ୍ତା ଥିବା ସତ୍ତ୍ୱେ ବସ୍ ସେବା ପହଞ୍ଚି ପାରିନାହିଁ। ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଗାଇ ଦେବା ପାଇଁ ସରକାର ଓଏସଆରଟିସିକୁ ଦାୟିତ୍ୱ ଦେଇଛନ୍ତି। ହେଲେ ଓଏସଆରଟିସି ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଅନେକ ପଞ୍ଚାୟତରେ ବସଷ୍ଟାଣ୍ଡ ସହିତ ରାସ୍ତା ଏବଂ ଅନ୍ୟାନ୍ୟ ସମସ୍ତ ସୁବିଧା ଥିବା ସତ୍ତ୍ୱେ ବି କୌଣସି ପଦକ୍ଷେପ ନେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ପଟ୍ଟାମୁଣ୍ଡାଇ ରାଜନଗର ରାସ୍ତା ଉପରେ ନିର୍ଭର କରୁଥିବା ସଂସାର ଫଳ, ଖଣତା, ବନ୍ଧପଡ଼ା, ଶ୍ରୀରାମପୁର ପ୍ରଭୃତି ପଞ୍ଚାୟତରେ ବସ୍‌ଷ୍ଟାଣ୍ଡ ନିର୍ମାଣ ସରି ଦୀର୍ଘଦିନ ବିତି ଯାଇଥିଲେବି ପଞ୍ଚାୟତବାସୀ ପାଇଁ ମୁଖ୍ୟମନ୍ତ୍ରୀ ବସ ସେବାରୁ ବଞ୍ଚିତ ହୋଇ ରହିଛନ୍ତି। ଅପର ପକ୍ଷରେ ଔପଦା ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ ସେବା ଯୋଗାଇ ଦିଆଯାଇଥିଲେ ମଧ୍ୟ ବସ୍‌ଷ୍ଟାଣ୍ଡ ନ ଥିବାରୁ ଲୋକ ଖରା ଏବଂ ବର୍ଷାରେ ମୁଣ୍ଡ ଗୁଞ୍ଜିବାକୁ ଜାଗା ଖଣ୍ଡେ ନପାଇ ନାହିଁ ନଥିବା ହଇରାଣ ହେଉଥିବା ନଜରକୁ ଆସିଛି। ଔପଦା ପଞ୍ଚାୟତରେ ବସ୍‌ଷ୍ଟାଣ୍ଡ ଅର୍ଦ୍ଧ ନିର୍ମିତ ଅବସ୍ଥାରେ କେବଳ ପିଲର ଉଠାଇ ଠିକାଦାର ଦୀର୍ଘଦିନ ହେଲା ଛାଡି ଚାଲି ଯାଇଛନ୍ତି। ଯାହାକି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଠିଆ ହୋଇଛି। ଅଧା କାମ କରି ଠିକାଦାର ବିଲ ଉଠାଇ ନେଇ ଚାଲି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ଯଥାଶୀଘ୍ର ଏହାର ତଦନ୍ତ କରି ବସ ଷ୍ଟାଣ୍ଡ କାର୍ଯ୍ୟ ସମ୍ପୂର୍ଣ କରିବା ସହିତ ଯେଉଁ ସବୁ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ବସ ସେବା ଦିଆଯାଇ ନାହିଁ ସେହିସବୁ ପଞ୍ଚାୟତକୁ ବସ ସେବା ଯୋଗାଇ ଦେବାକୁ ଦେବାଶିଷ ରାଉଳ, ମାନସ ଓଝା, ଈଶ୍ୱର ପ୍ରଧାନ, ପ୍ରଭାତ ମହାନ୍ତି, ରବୀନ୍ଦ୍ର ବରାଳ, ନିରଞ୍ଜନ ସେଠି, ଦେବପ୍ରସନ୍ନ ଦାସ, ବିଶ୍ୱଜିତ ପରିଡ଼ା, ମିଥୁନ ମଲିକ, ବିଚିତ୍ର ସେନାପତି, ସର୍ବେଶ୍ୱର ସେଠୀ ପ୍ରମୁଖ ସ୍ଥାନୀୟ ବାସିନ୍ଦା ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ଚୋରାମଦ ଜବତ, ୫ ଗିରଫ

**କେନ୍ଦ୍ରାପଡ଼ା, ୧୬।୯ (ସମିସ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ଆଳି, ରାଜକନିକା ଓ ମହାକାଳପଡ଼ା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଦଧିବାବନପୁର ଗ୍ରାମର ଉପେନ୍ଦ୍ର ମଲିକ(୩୨)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ଗଜରାଜପୁର ଗ୍ରାମର ଗୁରୁଚରଣ ପରିଡ଼ା(୪୧)ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ତିଖିରୀ ଗ୍ରାମର ଆଶିଷ ବେହେରା(୨୫)ଙ୍କ ଠାରୁ ୫୬୦ ଲିଟର ଦେଶୀ ରନ୍ଧା ମଦ, ମାଳିଆ ଗ୍ରାମର ଆଲୋକ ସ୍ୱାଇଁ(୪୮)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, କୁଆଁରପୁର ଗ୍ରାମର ଯଦୁମଣି ମୁର୍ମୁ(୪୩)ଙ୍କ ଠାରୁ ୨୧ ଲିଟର ଦେଶୀ ମଦ ଜବତ କରାଯାଇ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ସମୁଦାୟ ୬୬୧ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ମଦ ଜବତ କରାଯାଇଛି। ଆଗାମୀ ଦିନରେ ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି। ଚଢ଼ଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଲିକ, ପଦ୍ମଲୋଚନ ନାୟକ, ଅବକାରୀ ଉପ ନୀରିକ୍ଷକ ଧର୍ମପଦ ଦାସ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ।

**ବାଲିହରଚଣ୍ଡୀ ପୀଠରେ ଗଣଦୁଷ୍କର୍ମ ମାମଲା**

# ଆନ୍ଧ୍ରରୁ ଧରାହେଲା ମୁଖ୍ୟ ଅଭିଯୁକ୍ତ

ପୁରୀ/ବ୍ରହ୍ମଗିରି, ୧୬।୭(ସମିସ): ପୁରୀ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ବାଲିହରଚଣ୍ଡୀ ନିକଟ ଜଙ୍ଗଲରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାକୁ ନେଇ ପୂରା ରାଜ୍ୟ ଉଠୁଛି ପଡୁଛି। ଏହି ଘଟଣାରେ ପୁରୀ



ପୁଲିସ୍ ୩ ଅଭିଯୁକ୍ତଙ୍କୁ ଧରିଥିବା ବେଳେ ଆଜି ଆଉ ଜଣଙ୍କୁ ଆନ୍ଧ୍ରପ୍ରଦେଶ ତିରୁପତିରୁ ଗିରଫ କରିଛି। ସେ ହେଲା, ମନୋଜ ବେହେରା ଓରଫ୍ କାଳିଆ। ଏହି ଘଟଣାର ସେ ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଛି। ଅନ୍ୟ ଅଭିଯୁକ୍ତମାନେ ହେଲେ, ଶିବ ସାହୁ, ରାହୁଲ ସାହୁ ଓ ଆଦ୍ୟା ବେହେରା। ଶିବର ଆଜି ଡାକ୍ତରୀମାଇନା କରାଯିବା ପରେ ତାକୁ କୋର୍ଟଚାଲାଣକରାଯାଇଛି।ସମସ୍ତଙ୍କ ଘରବ୍ରହ୍ମଗିରି ବ୍ଲକ୍ ପଲଙ୍କ ପଞ୍ଚାୟତର ଗଡ଼ଚଣ୍ଡୀପୁଟ ଗ୍ରାମରେ।

ଅଭିଯୋଗ ଅନୁଯାୟୀ, ଗତ ଶନିବାର ମଧ୍ୟାହ୍ନରେ ଯୁବତୀଜଣଙ୍କ ତାଙ୍କ ପୁରୁଷବନ୍ଧୁଙ୍କ ସହ ବାଲିହରଚଣ୍ଡୀ ପୀଠକୁ ଯାଇଥିଲେ। ସେଠାରେ ମା'ଙ୍କ ଦର୍ଶନ କରିସାରିବା ପରେ ନିକଟସ୍ଥ ସମୁଦ୍ର କୂଳକୁ ଜଙ୍ଗଲ ଦେଇ ଯାଇଥିଲେ। ଜଙ୍ଗଲରେ ବସି କଥାବାର୍ତ୍ତା ହେଉଥିବା ବେଳେ ଅଭିଯୁକ୍ତମାନେ

**■ ପୀଡ଼ିତାଙ୍କୁ ଘଟଣାସ୍ଥଳକୁ ନେଇ ତଦନ୍ତ କଲା ପୁଲିସ**
**■ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କଲା ସାଇଣ୍ଟିଫିକ୍ ଟିମ୍**
**■ ଅଭିଯୁକ୍ତଙ୍କର ହେଲା ଡାକ୍ତରୀମାଇନା**

ପହଞ୍ଚି ସେମାନଙ୍କୁ ହଇରାଣ କରିଥିଲେ। ଏହାପରେ ଅଭିଯୁକ୍ତମାନେ ପୁରୁଷବନ୍ଧୁଙ୍କୁ ଏକ ଗଛରେ ବାନ୍ଧି ଦେଇଥିଲେ ଏବଂ ତାଙ୍କ ଆଗରେ ମନୋଜ ଓ ଶିବ ମିଶି ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ। ଏଥିରେ ରାହୁଲ ଏବଂ ଆଦ୍ୟା ସହଯୋଗ କରିଥିଲେ। ଗଣଦୁଷ୍କର୍ମ ପରେ ଅଭିଯୁକ୍ତମାନେ ସେମାନଙ୍କୁ ଧମକଚମକ ଦେଇ ପଳାଇ ଯାଇଥିଲେ। କିନ୍ତୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିଲା। ଏହି ଲଜ୍ଜାଜନକ ଘଟଣା ସମ୍ପର୍କରେ ବ୍ରହ୍ମଗିରି ଅଞ୍ଚଳରେ ଚର୍ଚ୍ଚା ହେବା ପରେ ପୁଲିସ ୩ ଜଣଙ୍କୁ ଉଠାଇନେଇ ପଚରାଉଚରା କରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ମନୋଜ ଫେରାର୍ ହୋଇଯାଇଥିଲା।

ପରେ ଏ ସଂପର୍କରେ ଅଭିଯୋଗ ହୋଇଥିଲା।

ଏଭଳି ସମ୍ବେଦନଶୀଳ ଘଟଣାକୁ ବେଶ୍ ଗୁରୁତ୍ୱର ସହ ନେଇ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ ପୁରୀ ଏସ୍‌ପି ପ୍ରତୀକ ସିଂ। ସଦର ଥାନା ଆଇଆଇସିଙ୍କ ନେତୃତ୍ୱରେ ଗଠିତ ଏହି ଟିମ୍ ଫୋନ୍‌କୁ ଟ୍ରାକ୍ କରି ମନୋଜଙ୍କୁ ଆନ୍ଧ୍ରପ୍ରଦେଶରୁ ଧରିବାରେ ସଫଳ ହୋଇଛି। ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟାରେ ପୀଡ଼ିତାଙ୍କର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଯାଇଥିଲା। ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟମାନଙ୍କର ଡାକ୍ତରୀମାଇନା କରାଯାଇଛି। ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପୀଡ଼ିତାଙ୍କୁ ସାଙ୍ଗରେ ନେଇ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ଏଥିସହ ସିନ୍-ରିକ୍ରିଏସନ୍ ମଧ୍ୟ କରାଯାଇଛି। ସେଦିନର ଲୋମହର୍ଷଣକାରୀ ଘଟଣାର ସବିଶେଷ ତଥ୍ୟ ପୁଲିସକୁ ଦେଇଛନ୍ତି ପୀଡ଼ିତା। ମଙ୍ଗଳବାର ଅଭିଯୁକ୍ତମାନଙ୍କର ଡାକ୍ତରୀମାଇନା କରାଯାଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାଲିହରଚଣ୍ଡୀ ରାଜ୍ୟର ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। ବଣଭୋଜି ନିମନ୍ତେ ଏହା ସବୁଠୁ ଆକର୍ଷଣୀୟ ସ୍ଥାନ ପାଲଟିଛି। ସାମୁଦ୍ରିକ ବେଳାଭୂମି ସାଙ୍ଗକୁ ପ୍ରାକୃତିକ ପରିବେଶ ବେଶ୍ ମନୋରମ। ପ୍ରତିଦିନ ବହୁସଂଖ୍ୟକ ପର୍ଯ୍ୟଟକ ଏଠାକୁ ବଣଭୋଜି କରିବାକୁ ଆସି ବେଳାଭୂମିକୁ ବୁଲିବାକୁ ଯାଇଥା'ନ୍ତି। ହେଲେ ଏଠାରେ ସୁରକ୍ଷା ବ୍ୟବସ୍ଥା କଥା ନ କହିଲେ ଭଲ। ଅନେକ ସମୟରେ ଅସାମାଜିକ ଯୁବକ ନିଶା ସେବନ କରି ଅନେକ ଘଟଣା ଘଟାଇଥା'ନ୍ତି। ଖବର ପାଇ ପୁଲିସ ଆସିବା ପୂର୍ବରୁ ଅପରାଧୀମାନେ ସ୍ଥାନ ଛାଡ଼ି ଚମ୍ପଟ ମାରିଥା'ନ୍ତି। ବିଶେଷକରି, ଏହି ପୀଠଟି ବ୍ରହ୍ମଗିରି ଥାନା ଓ ପୁରୀ ସଦର ଥାନା ଅଧୀନରେ ରହୁଛି। ଏପରିକି, ଅନେକ ପେସାଦାର ଅପରାଧୀ ଅପରାଧ ଘଟାଇ ଏହି ଅଞ୍ଚଳରେ ଲୁଚି ରହିଥା'ନ୍ତି। ସ୍ଥାନୀୟ ଅଞ୍ଚଳବାସୀ ଏବଂ ମନ୍ଦିରର ସେବାୟତମାନେ ଏଠାରେ ପୁଲିସ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ଦାବି କରି ଆସୁଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ। ଗତ ଶନିବାର ଘଟିଥିବା ଗଣଦୁଷ୍କର୍ମ ଭଳି ଲଜ୍ଜାଜନକ ଘଟଣାକୁ ସମସ୍ତେ ଘୋର୍ ନିନ୍ଦା କରିବା ସହ ବାଲିହରଚଣ୍ଡୀ ପୀଠରେ ଏକ ଫାଣ୍ଡି ପ୍ରତିଷ୍ଠା ନିମନ୍ତେ ଦାବି କରିଛନ୍ତି।

**କେବଳ ଅନ୍‌ଲାଇନ୍‌ରେ ହବିଷ୍ୟାଳି ପଞ୍ଜୀକରଣ**

# ଆଗୁଆ ହାତ ଟେକିଦେଲା ପ୍ରଶାସନ

ପୁରୀ, ୧୬।୯(ସମିସ): ଆସନ୍ତା ଅକ୍ଟୋବର ୭ରୁ କାର୍ତ୍ତିକ ବ୍ରତ ଆରମ୍ଭ ହୋଇ ନଭେମ୍ବର ୫ତାରିଖ ପର୍ଯ୍ୟନ୍ତ ପ୍ରାୟ ଏକ ମାସ ଧରି ଚାଲିବ। କେବଳ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରିଥିବା ହବିଷ୍ୟାଳି ମା'ମାନଙ୍କୁ ଧାର୍ଯ୍ୟ କରାଯାଇଥିବା ୪ଟି ରହଣି କେନ୍ଦ୍ରରେ ରଖାଯିବ। ଅନ୍‌ଲାଇନ୍ ପଞ୍ଜୀକରଣ ବିନା କାହାକୁ ମଧ୍ୟ ହବିଷ୍ୟାଳି କେନ୍ଦ୍ରରେ ରହଣି ସୁଯୋଗ ମିଳିବ ନାହିଁ ବୋଲି କହି ହାତ ଟେକିଦେଇଛି ଜିଲ୍ଲା ପ୍ରଶାସନ। ବିଗତ ବର୍ଷମାନଙ୍କରେ ଯଦି ବା କିଛି ବ୍ରତଧାରୀ କୌଣସି କାରଣ ପାଇଁ ପଞ୍ଜୀକରଣ

**■ ଅକ୍ଟୋବର ୭ରୁ କାର୍ତ୍ତିକ ବ୍ରତ**
**■ ବିନା ପଞ୍ଜୀକରଣରେ ଆସିବାକୁ ବାରଣ**

ନ କରି ପହଞ୍ଚିଥା'ନ୍ତି, ସେମାନଙ୍କ ରହଣି ସୁବିଧା କରାଯାଉଥିଲା। ହେଲେ ଗତବର୍ଷ ବିନା ପଞ୍ଜୀକରଣରେ ଆସିଥିବା ହବିଷ୍ୟାଳି ମା'ମାନଙ୍କୁ କନ୍ଦେଇ ଦେଇଥିଲେ ସରକାର ଓ ପ୍ରଶାସନ। ଏପରିକି, ରହିବା ପାଇଁ ବ୍ରତଧାରୀଙ୍କୁ ବଡ଼ଦାଣ୍ଡରେ ଧାରଣା ଦେବାକୁ ପଡ଼ିଥିଲା। ଶେଷରେ ଦିନକ ପରେ ସେମାନଙ୍କ ରହଣି ବ୍ୟବସ୍ଥା ହୋଇଥିଲା। ତେଣୁ ଏ ବର୍ଷ ଆଗୁଆ ହାତ ଟେକି ଦେଇଛି ଜିଲ୍ଲା ପ୍ରଶାସନ। ବିନା ପଞ୍ଜୀକରଣରେ ନ ଆସିବାକୁ ଅନୁରୋଧ କରିଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

ମଙ୍ଗଳବାର ସର୍କିଟ୍ ହାଉସ୍‌ଠାରେ ହବିଷ୍ୟାଳି ବ୍ରତ ବା ରାଇଦାମୋଦରବ୍ରତସମ୍ପର୍କରେଗଣମାଧ୍ୟମପ୍ରତିନିଧିମାନଙ୍କୁ ବିଶଦ୍ ସୂଚନା ଦେଇ ଜିଲ୍ଲାପାଳ ଶ୍ରୀ ପରିଡ଼ା ଚଳିତ ବର୍ଷ ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଲ୍‌ୱେ ଷ୍ଟେସନ ଆଶ୍ରୟସ୍ଥଳଠାରେ ହବିଷ୍ୟାଳି ମା'ମାନଙ୍କ ରହଣି ବ୍ୟବସ୍ଥା ହୋଇଛି ବୋଲି କହିଥିଲେ। ହବିଷ୍ୟାଳି ଯୋଜନାରେ ୭୦ବର୍ଷ ବୟସ୍କା ପର୍ଯ୍ୟନ୍ତ ବିଧବା ମା' ଓ ୫୦ରୁ ୭୦ ବର୍ଷ ବୟସ୍କା ବିବାହିତା ମହିଳା ଏହି ବ୍ରତ ପାଇଁ ଆବେଦନ କରିପାରିବେ। ଅନ୍‌ଲାଇନ୍ ମାଧ୍ୟମରେ ଚଳିତ ମାସ ୧୯ ତାରିଖ ପୂର୍ବାହ୍ନ ୧୦ଟାରୁ ପଞ୍ଜୀକରଣରେ ସାମିଲ ହୋଇପାରିବେ। ସେମାନଙ୍କ ସୁରକ୍ଷିତ ରହଣି, ସୁରକ୍ଷା, ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ଗମନାଗମନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା, ପରିମଳ, ପାନୀୟଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହାକୁ ତଦାରଖ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମା'ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗ ନିଆଯିବାର ବ୍ୟବସ୍ଥା ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଅଣପଞ୍ଜୀକୃତ ବ୍ୟକ୍ତିମାନେ କେନ୍ଦ୍ରମାନଙ୍କୁ ଆସି ଅଯଥା ଗହଳି ନ କରିବା କିମ୍ବା ରହଣି ପାଇଁ ଅନୁରୋଧ ନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିବା ସହ ଏହି ପବିତ୍ର କାର୍ଯ୍ୟରେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ବୈଠକରେ ଜିଲ୍ଲାର ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ୯୧୩ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୧୬।୯(ସମିସ): ଅଙ୍ଗନବାଡ଼ି କେନ୍ଦ୍ର ହେଉଛି ତୃଣମୂଳସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗର କେନ୍ଦ୍ରବିନ୍ଦୁ। ଆଜି ଆଭାସୀ ମାଧ୍ୟମରେ ରାଜ୍ୟର ୯୧୩ ଅଙ୍ଗନବାଡ଼ି କେନ୍ଦ୍ରକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏପରି କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୭୪,୨୨୪ ଅଙ୍ଗନବାଡ଼ି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ରୂପାନ୍ତରିତ କରାଯିବ। ଏହାସହ ବିପଦସଂକୁଳ ଅବସ୍ଥାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ବିଶେଷ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ରାଜ୍ୟର ସବୁ ଅଙ୍ଗନବାଡ଼ି କେନ୍ଦ୍ର ହେବ 'ସକ୍ଷମ': ଉପମୁଖ୍ୟମନ୍ତ୍ରୀ**

ସେହିପରି 'ଆସ ବୁଲିଯିବା ଅଙ୍ଗନବାଡ଼ି' ଅଭିଯାନରେ ୨ଲକ୍ଷ ୯୯ ହଜାରରୁ ଅଧିକ ଜନସାଧାରଣସାମିଲହୋଇଏହିଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣିତ କରିଛନ୍ତି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଆଭାସୀ ମାଧ୍ୟମରେ ଯୋଗଦେଇ ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ସହ ଅଙ୍ଗନବାଡ଼ି କେନ୍ଦ୍ରରେ ସ୍ୱଚ୍ଛତା ଓ ପାନୀୟଜଳ ସୁବିଧା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ପଞ୍ଚାୟତିରାଜ ବିଭାଗ ଅତିରିକ୍ତ ସଚିବ ଅରୂପ କୁମାର ସାହୁଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**■ ପୋର୍ଟ ଦେୟ ପ୍ରଦାନରେ ବିଫଳ**

# ଜାହାଜକୁ ଗିରଫ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୬। ୯(ସମିସ): ଏକ ସାମୁଦ୍ରିକ ବିବାଦ ମାମଲାର ଶୁଣାଣି କରି ପାରାଦୀପ ବନ୍ଦର ଅଞ୍ଚଳରେ ଥିବା ଜାହାଜ ଏମଭି ଡେନସାଲାୟନ (ଆଇଏମଓ ୯୪୩୨୪୬୪)କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ୱେ ପଏଣ୍ଟ ପୋର୍ଟ ସର୍ଭିସ ଲିମିଟେଡ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଚୁକ୍ତି ରାଜିନାମା ଅନୁସାରେ, ୪୨ ଲକ୍ଷ ୭୨ ହଜାର ୪୨୦ ଟଙ୍କା ପୋର୍ଟ ଦେୟ ପ୍ରଦାନରେ ବିଫଳ ହେବା କାରଣରୁ ହାଇକୋର୍ଟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ସଂସ୍ଥା ବିପୁଳ କ୍ଷତିର ସମ୍ମୁଖୀନ ହୋଇଆସୁଥିବା ବେଳେ ଜାହାଜକୁ ଗିରଫ କରିବାକୁ ପ୍ରାର୍ଥନା କରି ହାଇକୋର୍ଟରେ ଏକ ମାମଲା ସହ ଅନ୍ତରୀଣ ଆବେଦନ ଦାୟର କରିଥିଲା। ବନ୍ଦର ଅଧିକାରୀ ଓ କଷ୍ଟମ ବିଭାଗ ଏହି ଦୁଇ ଜାହାଜକୁ ପାରାଦୀପ ବନ୍ଦର ତଥା ଭାରତୀୟ ସାମୁଦ୍ରିକ ସୀମା ମଧ୍ୟରେ ଗିରଫ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ।

# ହୀରାକୁଦ ଜଳସ୍ତର ୬୨୯.୧୭ ଫୁଟ୍

ସମ୍ବଲପୁର, ୧୬।୯ (ସମିସ): ହୀରାକୁଦର ସର୍ବୋଚ୍ଚ କ୍ଷମତା ୬୩୦ଫୁଟ୍ ପାଖାପାଖି ଜଳଭଣ୍ଡାରର ଜଳସ୍ତର ହେବା ପରେ ଗତକାଲି ପର୍ଯ୍ୟାୟକ୍ରମେ ଆଉ ୪ଟି ଗେଟ୍ ଖୋଲାଯାଇଥିଲା। ମଙ୍ଗଳବାର ସନ୍ଧ୍ୟା ୬ଟାରେଜଳଭଣ୍ଡାରରଜଳସ୍ତର୬୨୯.୧୭ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି, ଏହିଭଳି ମୋଟ ୬ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୧୦,୪୩୦ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୩୫,୮୪୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୮,୨୫୦ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୨,୮୪୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୫୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୧୪ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୧.୪୭ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୧୯ ଫୁଟ୍ ରହିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ଭାରତରେ...

ହୋଇଯାଇଛନ୍ତି। ସେହିପରି ମାଲଦେବତା ସୌଙ୍ଗ ନଦୀରେ ୫ ଜଣ ଲୋକ ଭାସି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବାଦଲ ଫଟା ବର୍ଷା ଯୋଗୁଁ ଅଚାନକ ପାଣି ମାସି ଟପକେଶ୍ୱର ମହାଦେବ ମନ୍ଦିରରେ ପାଣି ଭର୍ତ୍ତି ହୋଇଯାଇଛି। ଏଠାରେ ଥିବା ଅନେକ ଦୋକାନ ମଧ୍ୟ ଭାସି ଯାଇଛି। ସହସ୍ରଧାରାରେ ୫ ଜଣଙ୍କୁ ଉଦ୍ଧାର କରାଯାଇଛି। ଏସ୍‌ଡିଆରଏଫ, ଏନ୍‌ଡିଆରଏଫ ଏବଂ ସ୍ଥାନୀୟ ପ୍ରଶାସନର ଟିମ୍ ପ୍ରଭାବିତ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି।

ଅନ୍ୟପକ୍ଷରେ ହିମାଚଳ ପ୍ରଦେଶ ମଣ୍ଡିରେ ମଙ୍ଗଳବାର ଭୂସ୍ଖଳନ ଯୋଗୁଁ ଏକ କୋଠା ଭୁଶୁଡ଼ି ଯାଇଛି। ଏଥିରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ଅବଶେଷ ତଳେ ଫସି ଯାଇଥିଲେ। ଏମାନଙ୍କ ମଧ୍ୟରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସେହିପରି ମଙ୍ଗଳବାରେ ସକାଳେ ମନ୍ଦିରକୁ ଯାଉଥିବାବେଳେ ମଣ୍ଡିର ଦରଙ୍ଗରେ ୨ ଜଣ ଲୋକ ସୁମା ଖଡ ନଦୀର ଧାରାରେ ଭାସି ଯାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ନିଖୋଜ ଥିବାବେଳେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଛି।

### ଦୁର୍ଗା ପୂଜାରେ...

ମାସରେ ଆରବ ସାଗରରେ 'ହୀକା' ବାତ୍ୟା ସୃଷ୍ଟି ହୋଇଥିଲା। ୧୮ ସେପ୍ଟେମ୍ବରରେ ବଙ୍ଗୋପସାଗରରେ 'ଡାଏ' ସୃଷ୍ଟି ହୋଇ ୨୧ ସେପ୍ଟେମ୍ବରେ ଏହା ଗୋପାଳପୁର ନିକଟରେ ସ୍ଥଳଭାଗ ଅତିକ୍ରମ କରିଥିଲା। ସେହିପରି ୨୦୨୧ରେ ବାତ୍ୟା 'ଗୁଲାବ' ମଧ୍ୟ ସେପ୍ଟେମ୍ବର ଶେଷ ବେଳକୁ ସୃଷ୍ଟି ହୋଇ ଓଡ଼ିଶାର ସାମାନ୍ୟ ଦୂରରେ ଅର୍ଥାତ ଆନ୍ଧ୍ର ନିକଟରେ ସ୍ଥଳଭାଗ ଅତିକ୍ରମ କରିଥିଲା। ହାଇଦ୍ରାବାଦ ସ୍ଥିତ ଭାରତୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ରର ରିପୋର୍ଟ ଅନୁଯାୟୀ ଆଣ୍ଡାମାନସାଗର ଅଞ୍ଚଳରେ ଆଭ୍ୟନ୍ତରୀଣ ତରଙ୍ଗ ପ୍ରଭାବରେ ସେପ୍ଟେମ୍ବର ମଧ୍ୟଭାଗରୁ ନଭେମ୍ବର ପ୍ରଥମାର୍ଦ୍ଧ ଯାଏଁ ସାମୁଦ୍ରିକ ତାପମାତ୍ରା ବଙ୍ଗୋପସାଗର ଅନ୍ୟ ଅଞ୍ଚଳ ତୁଳନାରେ ଅଧିକ ରହିଥାଏ। ତଥା ଏହି ସମୟରେ ଉତ୍ତର ପଶ୍ଚିମ ପ୍ରଶାନ୍ତ ମହାସାଗରରୁ ସୃଷ୍ଟି ବାତ୍ୟାଗୁଡ଼ିକର ଅଂଶବିଶେଷ ଏହି ଅଞ୍ଚଳକୁ ମାଡ଼ି ଆସିବା ଫଳରେ ସାମୁଦ୍ରିକ ତାପମାତ୍ରା ଓ ବାୟୁମଣ୍ଡଳର ପାରିପାର୍ଶ୍ୱିକ ସ୍ଥିତି ଶକ୍ତିଶାଳୀ ବାତ୍ୟା ସୃଷ୍ଟି କରିବାରେ ସହାୟକ ହୋଇଥାଏ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଝାଡ଼ଖଣ୍ଡ ଉପରେ ବର୍ତ୍ତମାନ ଏକ ଘୂର୍ଣ୍ଣିବଳୟ ରହିଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଏହି ସ୍ଥିତି ଜାରି ରହିବା ସହ ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ସୁବିଧା ଦେଇ...

ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ସୁପ୍ରିମ କୋର୍ଟର ପୂର୍ବତନ ବିଚାରପତି ବିଭିନ୍ନ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ପାଇଁ ସାକ୍ଷାତକାର ଦେଉଛନ୍ତି, କିନ୍ତୁ ନିଯୁକ୍ତି ସତ୍ତ୍ୱେ ଯୋଗ ଦେଉ ନାହାନ୍ତି। କେବଳ ଗୋଟିଏ କାରଣ ପାଇଁ ଏବଂ ତାହାହେଲା ସେମାନଙ୍କୁ ଆବଶ୍ୟକ ସୁବିଧା ମିଳୁନାହିଁ।

ଟ୍ରିବ୍ୟୁନାଲରେ ଖାଲି ପଡ଼ିଥିବା ପଦବୀ ନେଇ ଏନ୍‌ଜିଟି ବାର ଆସୋସିଏସନ ପକ୍ଷରୁ ଦାୟର ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଦୁଇ ଜଣ ପୂର୍ବ ବିଚାରପତିଙ୍କୁ ନିଯୁକ୍ତି ମିଳିଥିଲେ ମଧ୍ୟ ସେମାନେ ଯୋଗ ଦେଉ ନାହାନ୍ତି। କୋର୍ଟ ବିରକ୍ତି ପ୍ରକାଶ କରିବା ସହିତ କହିଥିଲେ ଯେ ନିଯୁକ୍ତି ପରେ ସୁବିଧା ସୁଯୋଗ ମିଳୁନାହିଁ। ସେମାନେ କାହିଁକି କାମରେ ଯୋଗଦେବେ। ଯେଉଁ ସଭ୍ୟଙ୍କ କାର୍ଯ୍ୟକାଳ ଶେଷ ହୋଇଛି ସେମାନଙ୍କୁ ଏହି ପଦବୀରେ ରହିବା ଲାଗି ଅନୁମତି ଦେବାକୁ କୋର୍ଟ ମନା କରିଦେଇଛନ୍ତି। କେନ୍ଦ୍ର ଉପରେ ବିରକ୍ତି ପ୍ରକାଶ କରି କୋର୍ଟ କହିଲେ ଯେ ଅଫିସ ପାଇଁ ଖର୍ଚ୍ଚ ଦିଆଯାଉ ନାହିଁ। ଛୋଟ ଛୋଟ ଜିନିଷ ପାଇଁ ସଭ୍ୟମାନେ ଅନୁରୋଧ କରୁଛନ୍ତି। ଏଥିପାଇଁ କେନ୍ଦ୍ର ହିଁ ଦାୟୀ। ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ ସେ ସରକାରଙ୍କୁ ଜଣାଇଦେବେ ବୋଲି ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ ବାନାର୍ଜୀ ମାନ୍ୟବର ଖଣ୍ଡପୀଠଙ୍କୁ ଆଶ୍ୱାସନା ଦେଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୬ ତାରିଖରେ ହେବ।

### ଦିନକ ପରେ...

ବିରୋଧୀ ବିଜେଡି, କଂଗ୍ରେସ ଓ ସିପିଏମ୍ ବିଧାୟକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ବୈଠକରେ ଉପସ୍ଥିତ ଥିଲେ। ଏହାସହ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ବୈଠକରେ ଶୃଙ୍ଖଳିତ ଅଧିବେଶନ ନେଇ ନିଜର ମତାମତ ରଖିଥିଲେ।

ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ରାଜ୍ୟ ସରକାରଙ୍କୁ ଘେରିବା ପାଇଁ ଦଳ ପାଖରେ ଏକାଧିକ ପ୍ରସଙ୍ଗ ରହିଛି। ବିଶେଷକରି ଚାଷୀ, ମହିଳା ସୁରକ୍ଷା, ଏସସି ଏସଟି, ଛାତ୍ରଛାତ୍ରୀ ପ୍ରସଙ୍ଗ ସମ୍ପର୍କିତ ଏକାଧିକ ରାଜସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୃହରେ ଉପସ୍ଥାପନ ହେବ। ଆସନ୍ତାକାଲି ଅପରାହ୍ନ ୫ଟା ବେଳେ ଶଙ୍ଖ ଭବନରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଅଧିବେଶନରେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ଗୃହ ପରିଚାଳନା କରିବାକୁ ଆମେ କହିବା ସହ ଗୃହ ପରିଚାଳନାରେ ସହଯୋଗ ପାଇଁ ସହମତି ଦେଲୁ। ରାଜ୍ୟରେ ପୁଳାପୁଳା ସମସ୍ୟା ରହିଛି। ଆସନ୍ତାକାଲି ଆମର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ବୈଠକରେ ଦଳର ରଣନୀତି ପ୍ରସ୍ତୁତ କରାଯିବ ବୋଲି ଶ୍ରୀ କାଡ଼ାମ କହିଛନ୍ତି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। ସମସ୍ତ ସକରାତ୍ମକ ଆଲୋଚନାକୁ ସରକାର ସ୍ୱାଗତ କରୁଛନ୍ତି ବୋଲି ଡ. ମହାଲିଙ୍ଗ କହିଛନ୍ତି।

### ଅସୁରକ୍ଷିତ ଓଡ଼ିଶା...

କରିବା ଘଟଣା ରାଜ୍ୟରେ ପୁଣି ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରୀଜଣକ ତାଙ୍କ ବନ୍ଧୁଙ୍କ ସହିତ ଗତ ଶନିବାର ମଧ୍ୟାହ୍ନରେ ବାଲି ହରଚଣ୍ଡୀପୀଠକୁ ଦର୍ଶନ ପାଇଁ ଯାଇଥିଲେ। ଏହାପରେ ସେମାନେ ନିକଟରେ ଥିବା ସମୁଦ୍ରକୂଳରେ ବସି କଥାବାର୍ତ୍ତା ହେଉଥିବା ବେଳେ ସେଠାରେ ଚଣ୍ଡିପୁଟ ଗାଁର କିଛି ଯୁବକ ସେମାନଙ୍କଠାରୁ ଟଙ୍କା ଛଡ଼ାଇ ନେବା ପରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଛନ୍ତି। କେବଳ ଏହି ଘଟଣା ନୁହେଁ, ନିକଟରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ନିଶା ବଟିକା ଦେଇ ୩ ଜଣ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଫଟୋ ସୁଟ୍ ବାହାନାରେ ଚନ୍ଦ୍ରଶେଖରପୁରରେ ଥିବା ପୋଖରୀନ୍ ଭିଲେଜ ପାଖ ସାଇମାର୍ଗ ଲଜରେ ଏହି ଯୁବତୀ ଗଣଦୁଷ୍କର୍ମର ଶିକାର ହୋଇଥିବା ଅଭିଯୋଗ ହୋଇଛି।

ଅଗଷ୍ଟ ୨୧ରେ ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡିରେ ଜଣେ ଯୁବତୀ ଗଣଦୁଷ୍କର୍ମ ହୋଇଛନ୍ତି । ବିବାହ ଏବଂ ଚାକିରି କରାଇବା ପ୍ରଲୋଭନ ଦେଖାଇ ୨ ଜଣ ଯୁବକ ସମ୍ପୃକ୍ତ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ସେପ୍ଟେମ୍ବର ୭ରେ ଅନୁଗୋଳର ଭାଲୁଖାଇ ନାଳରୁ ନିଖୋଜ ନାବାଳିକାର ମୃତଦେହ ମିଳିବା ପଛରେ ଗଣଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଅଗଷ୍ଟ ୩୧ରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗାଡ଼ି ଭିତରେ ଗଣଦୁଷ୍କର୍ମ କରି ରାସ୍ତାରେ ଫୋପାଡ଼ି ଦେଇଛନ୍ତି ଦୁର୍ବୃତ୍ତ। ଅଗଷ୍ଟ ୧୮ରେ ସମ୍ବଲପୁର ଯୁଯୁମୁରା ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣଦୁଷ୍କର୍ମର ଶିକାର ହୋଇଥିବାବେଳେ ଅଗଷ୍ଟ ୧୩ରେ ରାଜନଗରରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହୋଇଥିବା ଅଭିଯୋଗ ହୋଇଛି।

ଗତ ୧୦ ମାସରେ ରାଜ୍ୟରେ ସାଢେ ୪ହଜାର ଉପରେ ଦୁଷ୍କର୍ମ ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ ହୋଇଛି। ବିଶେଷକରି ଗଞ୍ଜାମ, ଖୋର୍ଦ୍ଧା, କନ୍ଧମାଳ, ବଲାଙ୍ଗୀର, ମୟୂରଭଞ୍ଜ ଆଦି ଜିଲ୍ଲାରେ ଅଧିକ ଦୁଷ୍କର୍ମ ମାମଲା ରୁଜୁ ହୋଇଛି। ଆହୁରି ମଧ୍ୟ ଅନେକ ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଏକାଧିକ ମାମଲାରେ ଅଭିଯୁକ୍ତଙ୍କୁ ପୁଲିସ ଧରିବାରେ ବିଫଳ ହୋଇଛି। ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ସମ୍ପୃକ୍ତଙ୍କୁ ଗିରଫ କରିବାରେ ଅନେକସ୍ଥାନରେ ପୁଲିସ ବିଫଳ ହୋଇଛି ।

### ଭୟଙ୍କର, ହୃଦୟ...

କ୍ଷୋଭ ପ୍ରକାଶ କରିଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ସାରା ଓଡ଼ିଶାରେ ମହିଳାମାନଙ୍କ ବିରୁଦ୍ଧରେ ହିଂସାର ଏପରି ଭୟଙ୍କର ଘଟଣା ଦେଖିବା ବେଶ୍ ହୃଦୟ ବିଦାରକ। ବିଜେପି ନେତାମାନେ ଘଟଣାକୁ ନେଇ ଚିନ୍ତାପ୍ରକାଶ କରୁଥିବାର ନାଟକ ପ୍ରଦର୍ଶନ କରୁଥିବା ବେଳେ ଅପରାଧୀମାନେ ସ୍ପଷ୍ଟ ଦିବାଲୋକରେ ନିର୍ଭୟ ହୋଇ ବୁଲୁଛନ୍ତି। ଗୋପାଳପୁର, ବାଲେଶ୍ୱର, ବଳଙ୍ଗା ପୀଡ଼ିତା; ଯେଉଁମାନେ ଗଭୀର ହତାଶା ମଧ୍ୟରେ ଆଖି ବୁଜିଲେ ସେମାନଙ୍କ ସହ ଅନ୍ୟ ପୀଡ଼ିତା ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ଏବେ ବି ନ୍ୟାୟ ପାଇଁ ଅପେକ୍ଷା କରିଛନ୍ତି। ମାତ୍ର ପ୍ରତ୍ୟେକ ଥର ଆମେ ପୁନରାବୃତ୍ତି ହେଉଥିବା ସମାନ ବକ୍ତବ୍ୟ ଶୁଣୁଛୁ। ଏପରି ଘଟଣା ବିରୁଦ୍ଧରେ 'କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉଛି', 'ଲୋକଙ୍କ ସରକାର', 'ମହିଳା ସୁରକ୍ଷା ସୁନିଶ୍ଚିତ କରୁଛୁ' ଏବଂ 'କାହାରିକୁ ଛଡ଼ାଯିବ ନାହିଁ' ପରି ବିବୃତି ବାରମ୍ବାର ଦୋହରାଉଛନ୍ତି। ନବୀନ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ଏପରି ଅପରାଧ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ନିକଟରେ ଘଟିବ, ଯେଉଁଠାରେ ବିଶ୍ୱର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସିଥାନ୍ତି, ତେବେ ଏହା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ଛବିକୁ ଖରାପ କରିବ। ବିଜେପି ସରକାର ଏପରି ଘଟଣାରେ ଯେତେ ଶୀଘ୍ର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ, ଓଡ଼ିଶାର ମହିଳାମାନେ ପୁଣି ସୁରକ୍ଷିତ ଅନୁଭବ କରିବେ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

### ଦିନକରେ କରିହେବ...

ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୧୦ ଲକ୍ଷ ଟଙ୍କାର କାରବାର କରିପାରିବେ। ଏହାବ୍ୟତୀତ, ଅନ୍ୟ ୧୨ଟି ବର୍ଗ ପାଇଁ ଦୈନିକ କାରବାର ସୀମା ମଧ୍ୟ ବୃଦ୍ଧି କରାଯାଇଛି। ଅପରପକ୍ଷେ ସାଧାରଣ ବ୍ୟବହାରକାରୀଙ୍କ ପାଇଁ ବ୍ୟକ୍ତିଙ୍କଠାରୁ ବ୍ୟକ୍ତିଙ୍କୁ (ପିଟୁପି) ପେମେଣ୍ଟ ସୀମା ଏବେ ବି ୧ ଲକ୍ଷ ଟଙ୍କା ରହିଛି, ଯେଉଁଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଯେତେବେଳେ କି ପିଟୁଏମ୍‌ରେ ଜଣେ ବ୍ୟକ୍ତି ଜଣେ ବ୍ୟବସାୟୀଙ୍କୁ ପେମେଣ୍ଟ କରୁଥିଲେ , ଯାହାର ସୀମା ଏବେ ୧୦ ଲକ୍ଷ ଟଙ୍କା ହୋଇଯାଇଛି। ଏହାଛଡା ଅଳଙ୍କାର କ୍ରୟରେ, ପ୍ରତି କାରବାର ସୀମା ଏବେ ବି ପୂର୍ବ ଭଳି ୨ ଲକ୍ଷ ଟଙ୍କା ରହିବ, କିନ୍ତୁ ଦୈନିକ ସୀମାକୁ ବର୍ତ୍ତମାନ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଟର୍ମ ଡିପୋଜିଟ୍ ଭଳି ବ୍ୟାଙ୍କିଂ ସେବା ପାଇଁ ପ୍ରତି କାରବାର ଏବଂ ଦୈନିକ ଉଭୟ ସୀମାକୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ସରକାରୀ ସିକ୍ୟୁରିଟିଜ୍‌ରେ ନିବେଶ ପାଇଁ ପ୍ରତିଦିନ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି।

ଏହି ନିଷ୍ପତ୍ତି ସିଧାସଳଖ ସେହି ଗ୍ରାହକମାନଙ୍କୁ ଲାଭ ଦେବ ଯେଉଁମାନେ ଏ ପର୍ଯ୍ୟନ୍ତ ବୀମା ପ୍ରିମିୟମ, ମ୍ୟୁଚୁଆଲ୍ ଫଣ୍ଡ, କିମ୍ବା କ୍ରେଡିଟ୍ କାର୍ଡ ବିଲ୍ ଭଳି ବଡ଼ ପେମେଣ୍ଟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏବେ ସେମାନେ ୟୁପିଆଇ ମାଧ୍ୟମରେ ଏହି ପେମେଣ୍ଟ ସହଜରେ କରିପାରିବେ। ଏହାବ୍ୟତୀତ, ଏହି ମାଧ୍ୟମରେ ରିଅଲ୍ ଇଷ୍ଟେଟ୍ କିମ୍ବା ଅନ୍ୟାନ୍ୟ ବଡ଼ କାରବାର ମଧ୍ୟ ସମ୍ଭବ ହେବ। ଅପରପକ୍ଷେ ଯଦିଓ ଏନ୍‌ପିସିଆଇ ଏହି ସୀମା ସ୍ଥିର କରିଛି, ଏହା ସଦସ୍ୟ ବ୍ୟାଙ୍କଗୁଡ଼ିକୁ ସେମାନଙ୍କର ନୀତି ଅନୁଯାୟୀ ସେମାନଙ୍କ ଗ୍ରାହକଙ୍କ ପାଇଁ ସୀମା ସ୍ଥିର କରିବାର ସ୍ୱାଧୀନତା ମଧ୍ୟ ଦେଇଛି। ଏନ୍‌ପିସିଆଇ ଅକ୍ଟୋବର ପହିଲାରୁ ଏନ୍‌ପିସିଆଇରେ ପିଅର-ଟୁ-ପିଅର (ପିଟୁପି) ଅନୁରୋଧ ସଂଗ୍ରହକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାର ଅର୍ଥ ହେଉଛି ଯେ, ଏଣିକି ଜଣେ ବ୍ୟକ୍ତି ୟୁପିଆଇ ମାଧ୍ୟମରେ ଟଙ୍କା ମାଗିବା ପାଇଁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅନୁରୋଧ ପଠାଇ ପାରିବେନାହିଁ।

### ଘୋଷଣା କରି...

ସେହି ଚିନ୍ତା ଘାରୁଛି। ସରକାର ଖୁବ୍‌ଶୀଘ୍ର ପଞ୍ଜୀକରଣ ପ୍ରକ୍ରିୟା ପୁଣି ଆରମ୍ଭ କରିବାକୁ ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ଦାବି କରାଯାଉଛି। ନଚେତ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ସୂଚନାନୁସାରେ, ଚଳିତ ବର୍ଷ ଜୁଲାଇ ୧୯ରୁ ଅଗଷ୍ଟ ୨୦ପର୍ଯ୍ୟନ୍ତ ଖରିଫ୍ ଚାଷ ପଞ୍ଜୀକରଣ ଚାଲିଥିଲା। ମାତ୍ର ଜଟିଳ ପ୍ରକ୍ରିୟା ଯଥା ଇ-କେୱାଇସି, ବଂଶାବଳୀ ପ୍ରମାଣପତ୍ର ଆଦି ବିଭିନ୍ନ କାରଣରୁ ଯୋଗ୍ୟ ଚାଷୀମାନେ ପଞ୍ଜୀକରଣ କରିପାରିନଥିଲେ। ପରେ ସରକାର ଆଉ ୫ ଦିନ ଅବଧି ବୃଦ୍ଧି କରିଥିଲେ। ହେଲେ, ଏତିକି ସମୟ ଚାଷୀଙ୍କ ପାଇଁ ଯଥେଷ୍ଟ ହୋଇନଥିଲା। ଏବେ ବି ରାଜ୍ୟରେ ୫୦ ହଜାରରୁ ଅଧିକ ଚାଷୀ ପଞ୍ଜୀକରଣ ଅପେକ୍ଷାରେ ଅଛନ୍ତି। କିନ୍ତୁ, ବିଡ଼ମ୍ବନାର ବିଷୟ ହେଲା, ସରକାର ପଞ୍ଜୀକରଣ ଖୋଲୁନାହାନ୍ତି। ଗତ ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିଏମ୍ କିଷାନ ଟଙ୍କା ବାଣ୍ଟିବା ବେଳେ ପଞ୍ଜୀକରଣ ବୃଦ୍ଧି ହେବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ପଞ୍ଜୀକରଣ ବୃଦ୍ଧି ନେଇ ଆଲୋଚନା ଚାଲିଛି, ଖୁବ୍‌ଶୀଘ୍ର ଘୋଷଣା ହେବ ବୋଲି କହିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ଘୋଷଣା ହୋଇନି। ଏହାର ସୁଯୋଗ ନେଇ ବେପାରୀମାନେ ଗାଁ ଗାଁ ବୁଲି ଚାଷୀଙ୍କୁ ଆଗୁଆ ବଇନା ଦେଇ ଧାନ କିଣିବାକୁ ମସୁଧା କରୁଛନ୍ତି। ଏ କ୍ଷେତ୍ରରେ ଚାଷୀ ସରକାରଙ୍କ ଉପରେ ଭରସା କରିନପାରି ବେପାରୀଠାରୁ ବଇନା ରଖିବାକୁ ବାଧ୍ୟ ହେଉଛି।

ଉଲ୍ଲେଖଯୋଗ୍ୟ, ଧାନର ସର୍ବନିମ୍ନ ମୂଲ୍ୟବୃଦ୍ଧି ସହ କୁଇଣ୍ଟାଲ୍ ପିଛା ୮୦୦ ଟଙ୍କା ଅତିରିକ୍ତ ସହାୟତା ଘୋଷଣା କରିବା ପରେ ଅଧିକ ଲୋକ ଚାଷ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ପୂର୍ବବର୍ଷ ଖରିଫ୍ ଚାଷ ପାଇଁ ୧୭ଲକ୍ଷ ୫୦ ହଜାର ଚାଷୀ ପଞ୍ଜୀକରଣ କରିଥିବା ବେଳେ ଚଳିତ ବର୍ଷ ୧୯ଲକ୍ଷ ୭୮ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ଏବେ ବି ପାଖାପାଖି ୫୦ହଜାର ଚାଷୀ ପଞ୍ଜୀକରଣ ଅପେକ୍ଷାରେ ଅଛନ୍ତି। ଚାଷୀମାନେ ଧାରକରଜ କରି ଚାଷ କରିଛନ୍ତି। ଭଲ ବର୍ଷା ହୋଇଥିବାରୁ ଭଲ ଅମଳ ହେବା ନେଇ ଆଶାବାଦୀ ବି ଅଛନ୍ତି। କିନ୍ତୁ ସରକାର ଧୋକା ଦେଉଛନ୍ତି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଅତିରିକ୍ତ ସହାୟତା ଦେବାକୁ ପଡ଼ିବ ବୋଲି ସରକାର ଆରମ୍ଭରୁ ପଞ୍ଜୀକରଣରେ ଜଟିଳତା ଆଣିଥିଲେ। ଆଉ ଏବେ ଅବଧି ବୃଦ୍ଧି କରୁନାହାନ୍ତି ବୋଲି ଚାଷୀ ନେତା ବିଶ୍ୱମ୍ବର ସାହୁ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସରକାର ଯଦି ପଞ୍ଜୀକରଣ ଚାଲ ନକରନ୍ତି, ତେବେ ଆଗାମୀ ଦିନରେ ବିଧାନସଭା ଆଗରେ ଚାଷୀ ବଡ଼ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

### ସାର ପାଇଁ...

ସକାଳ ଯାଇ ମଧ୍ୟାହ୍ନ ହେଲା ପରେ ବି ସମବାୟ କେନ୍ଦ୍ରର ତାଲା ଖୋଲିଲାନି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆସନ୍ତାକାଲି (ବୁଧବାର) ସାର ନ ମିଳିଲେ, ଜାତୀୟ ରାଜପଥ ଅବରୋଧ କରିବା ସହ ସମବାୟ କେନ୍ଦ୍ରରେ ତାଲା ପକାଇଦେବୁ।

ଆଉ କିଛି ଚାଷୀ କହିଛନ୍ତି ଯେ ଆଜକୁ ପ୍ରାୟ ୪ ଦିନ ହେବ ୟୁରିଆ ସାର ଆସିଥିଲେ ମଧ୍ୟ କାହିଁକି ଚାଷୀଙ୍କୁ ମିଳୁନାହିଁ? ବିଳମ୍ବିତ ରାତିରେ ସଭାପତି ଓ ସମ୍ପାଦକ କଳାବଜାରରେ ସାର ବିକି ଦେଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି କଙ୍କୋରଡ଼ା ସେବା ସମବାୟ କେନ୍ଦ୍ରରେ ସାର ଆସିବା ଖବର ପ୍ରଚାରିତ ପରେ ବୁଧବାର ଭୋର୍‌ରୁ ଉକ୍ତ ପାକ୍ସ ସମ୍ମୁଖରେ ପ୍ରାୟ ୭ଶହରୁ ଊର୍ଦ୍ଧ୍ୱ ଚାଷୀ ଲମ୍ବା ଲାଇନରେ ସାର ଅପେକ୍ଷାରେ ଥିବା ଦେଖିବାକୁ ମିଳିଥିଲା। ତେବେ ମାତ୍ର ୪୫୦ ପ୍ୟାକେଟ ସାର ଆସିଥିବାରୁ ପାକ୍ସ କର୍ତ୍ତୃପକ୍ଷ ପ୍ରଥମେ ଋଣ ନେଇଥିବା ଚାଷୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚାଷୀ ପ୍ରତି ଗୋଟିଏ ପ୍ୟାକେଟ ଲେଖାଏଁ ସାର ଦେବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଅପେକ୍ଷାରେ ଥିବା ଅନେକ ଚାଷୀ ସାର ପାଇନଥିଲେ। ସାର ପାଇ ପାରିନଥିବା ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

ସାର ପାଇଁ ସାରା ରାଜ୍ୟରେ ହାହାକାର ପଡ଼ିଥିବା ବେଳେ ସାର ଆସିବା ଖବର ପାଇବା କ୍ଷଣି ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଉଛି। ଅନେକ ଚାଷୀ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ପାକ୍ସ ସମ୍ମୁଖରେ ବିଭିନ୍ନ ନାରା ଦେଇ ବିକ୍ଷୋଦ୍‌ଗାର କରିଥିଲେ। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ ୟୁରିଆ ସାର ଯୋଗାଇବା ପାଇଁ ଚାଷୀ ସଂଗଠନ ପକ୍ଷରୁ ଦାବି ହୋଇଛି। ଏ ଦିଗରେ ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀ ମହଲରେ ଦାବି ହେଉଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୬୩୦-ଆମେରିକାର ବୋଷ୍ଟନ ସହରର ସ୍ଥାପନା।
- ୧୯୫୦- ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ।
- ୧୯୫୭- ମାଲେସିଆ ମିଳିତ ଜାତିସଂଘରେ ସାମିଲ୍ ହେଲା।
- ୧୯୭୦- ଜୋର୍ଡାନରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୨୦୦୪- ୟୁରୋପୀୟ ସଂସଦ ମାଳଦ୍ୱୀପ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ କଲା।

## ଅଜବ ବେଉସା

# ଉକୁଣି ଦେଖିବାକୁ ୮ ହଜାର



ମୁଣ୍ଡରେ ଉକୁଣି ହେବା ଏକ ସାଧାରଣ କଥା। ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କ, ପ୍ରାୟ ସମସ୍ତଙ୍କର ଉକୁଣି ହୋଇଥାଏ। ଉକୁଣି ମୁଣ୍ଡରେ ରହି ମଣିଷର ରକ୍ତ ପିଇଥାନ୍ତି। ଏହା କେଶ ଭିତରେ ରହି ଅଣ୍ଡା ଦେବା ସହ ଅନ୍ୟ ମୁଣ୍ଡକୁ ମଧ୍ୟ ଡେଇଁଥାଏ। ବିଶେଷ କରି ସ୍କୁଲ ପିଲାଙ୍କଠାରେ ଏହି ସମସ୍ୟା ଅଧିକ ଦେଖା ଦେଇଥାଏ। ଅଷ୍ଟ୍ରେଲିଆ ସିଡ୍‌ନିରେ ରହୁଥିବା ୨୫ ବର୍ଷୀୟା ର୍ୟାଚେଲ୍ ମରୋନଙ୍କ ପେଶା ହେଉଛି ଉକୁଣି ବାଛିବା। ଶୁଣିବାକୁ ଅଜବ ଲାଗିଲେ ବି ସେ ତାଙ୍କର ଏହି ନିଆରା ବେଉସାକୁ ନେଇ ଖୁସି ଅଛନ୍ତି। ସାଧାରଣତଃ ପିଲାଙ୍କ ମୁଣ୍ଡରୁ ମା'ମାନେ ଉକୁଣି ଓ ନିଖ ବାଛିବା କାମ କରନ୍ତି। ହେଲେ ର୍ୟାଚେଲ୍ ଅଜଣା ଲୋକଙ୍କ ମୁଣ୍ଡରୁ ଉକୁଣି ବାହାର କରି ଆତ୍ମସନ୍ତୋଷ ଲାଭ କରନ୍ତି। ଅବଶ୍ୟ ଏ ଲାଗି ସେ ପାରିଶ୍ରମିକ ନିଅନ୍ତି। ସେହିପରି ଏଭଳି ଏକ କାମକୁ ସେ କ୍ୟାରିୟର କରିଥିବାରୁ ଅନେକ ଲୋକ ତାଙ୍କୁ 'ପାଗଳ' କହୁଥିବା ର୍ୟାଚେଲ୍ କୁହନ୍ତି। ସେ ପାଖାପାଖି ଏକ ଦଶନ୍ଧି ହେଲାଣି ଲୋକଙ୍କ ମୁଣ୍ଡରୁ ଉକୁଣି ଦେଖିଆସୁଛନ୍ତି। ବେଳେ ବେଳେ ଏଥିଯୋଗୁଁ ତାଙ୍କ ମୁଣ୍ଡରେ ମଧ୍ୟ ଉକୁଣି ହୋଇ ଯାଉଥିବା କଥା ର୍ୟାଚେଲ୍ କୁହନ୍ତି। ହେଲେ ସେ ଏଭଳି କରି ଆଶ୍ୱସ୍ତି ଅନୁଭବ କରନ୍ତି ବୋଲି କହିଛନ୍ତି। ଯଦିଓ ଏହି କାମକୁ ନେଇ ଲୋକେ ତାଙ୍କୁ ଘୃଣା କରନ୍ତି, ହେଲେ ଏହା ତାଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଥିବା ସେ କୁହନ୍ତି। ଅନ୍ୟପଟେ ର୍ୟାଚେଲ୍ ତାଙ୍କର ଏହି କାମର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥାନ୍ତି। ଏହି ଭିଡିଓଗୁଡ଼ିକ ମଧ୍ୟ ବେଶ୍ ଭାଇରାଲ ହୋଇଥାଏ। ତେବେ ସେ ଏ କାମ ଲାଗି ଗ୍ରାହକଙ୍କଠାରୁ ୮ ହଜାର ଟଙ୍କା ନିଅନ୍ତି। ଏହାସହ ଉକୁଣି ଜନିତ ଯେକୌଣସି ସଂକ୍ରମଣକୁ ସମ୍ପୂର୍ଣ୍ଣ ଭାବେ ସେ ଭଲ କରି ଦେଉଥିବା ଦାବି ମଧ୍ୟ କରନ୍ତି। ଯଦି ମୁଣ୍ଡରେ ଅଧିକ ଉକୁଣି ଥାନ୍ତି ତେବେ ଗ୍ରାହକଙ୍କୁ ତାଙ୍କୁ ଦ୍ୱିତୀୟ ଥର ଡାକିବାକୁ ହୋଇଥାଏ। ତେବେ ସେ ସର୍ବାଧିକ ୧୭ ଘଣ୍ଟା ଧରି ଜଣକ ମୁଣ୍ଡରୁ ଉକୁଣି ବାଛିଥିଲେ। ଉକୁଣି ବାଛିବା ବେଳେ ସେ କୌଣସି ଗ୍ଲୋଭସ୍ କିମ୍ବା ହେୟାର୍ ନେଟ୍ ଭଳି ସୁରକ୍ଷା ଉପକରଣ ବ୍ୟବହାର କରି ନ ଥାନ୍ତି। ଏସବୁ ବ୍ୟବହାର ନ କରି ଉକୁଣି ବାଛିବା ଦ୍ୱାରା ଗ୍ରାହକ ସହଜ ଅନୁଭବ କରୁଥିବା ର୍ୟାଚେଲ୍ କୁହନ୍ତି। ତେବେ ସେ ଏହି କାମ ଫାର୍ମାସିରୁ ଆରମ୍ଭ କରିଥିଲେ। କାରଣ ଏଠାରେ ଏକ ଛୋଟ ଉକୁଣି କ୍ଲିନିକ୍ ଥିଲା। ଏହି କ୍ଲିନିକ୍‌ରେ କାମ କରିବା ବେଳେ ଏହି ପେଶା ପ୍ରତି ସେ ଆକୃଷ୍ଟ ହେଲେ। ଏହାପରେ ସେ ଉକୁଣି ବଛାକୁ କ୍ୟାରିୟର କରିନେଲେ।

# ଦକ୍ଷିଣ ମୁହାଁ ଦିଲଜିତ୍



ଏକଦା ପଞ୍ଜାବ ଇଣ୍ଡଷ୍ଟ୍ରୀରେ ଲୋକପ୍ରିୟ ତାରକା ପାଲଟିଥିବା ଅଭିନେତା ଦିଲଜିତ୍ ଦୋସାଞ୍ଜ ଏବେ ଗ୍ଲୋବାଲ ଆଇକନ୍ ହୋଇଯାଇଛନ୍ତି। 'ସର୍ଦ୍ଦାର ଜୀ ୩'ରେ ଦିଲଜିତ୍ ପାକିସ୍ତାନୀ ଅଭିନେତ୍ରୀ ହାନିଆ ଆମିର୍‌ଙ୍କ ସହ କାମ କରିବାକୁ ନେଇ ବିବାଦକୁ ଆସି ଯାଇଥିଲେ। ଏଥିପାଇଁ ତାଙ୍କୁ 'ବର୍ଡର ୨'ରୁ ମଧ୍ୟ ବାଦ୍ ଦିଆଗଲା ବୋଲି ଖବର ଆସିଥିଲା। ଏହି କଥା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଦିଲଜିତ୍ 'ବର୍ଡର ୨' ସେଟ୍‌ରୁ ଏକ ଭିଡିଓ ସେୟାର୍ କରି ଏଭଳି ଗୁଜବକୁ ବନ୍ଦ କରିଥିଲେ। 'ବର୍ଡର ୨' ପରେ ଏବେ ଦିଲଜିତ୍‌ଙ୍କ ହାତକୁ ଏକ ବଡ଼ ପ୍ରୋଜେକ୍ଟ ଆସିଛି। ବଲିଉଡ୍‌ରେ ସଫଳ ହେବା ପରେ ଦିଲଜିତ୍ ଏବେ ସାଉଥ୍ ମୁହାଁ। ନିକଟରେ ଦିଲଜିତ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟ ସେୟାର୍ କରିଥିଲେ। ଏଥିରେ ସେ 'କାନ୍ତାରା ଚାପ୍ଟର ୧'ରେ କାମ କରୁଥିବା କଥା କହିଛନ୍ତି। ତେବେ ଋଷଭ ସେଟ୍ଟୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଦିଲଜିତ୍ ଅଭିନୟ କରିବେ ନାହିଁ। ସେ ଏଥିରେ ଏକ ଗୀତ ଗାଇବେ। ଦିଲଜିତ୍ ଏକ ଭିଡିଓ ସେୟାର୍ କରି କହିଛନ୍ତି-' ବଡ଼ଭାଇ ଋଷଭ ସେଟ୍ଟୀଙ୍କ ସହ। 'କାନ୍ତାରା' ଭଳି ମାଷ୍ଟରପିସ୍ ବନାଇଥିବା ବ୍ୟକ୍ତିଙ୍କୁ ସ୍ୟାଲୁଟ୍। ମୁଁ ଅକ୍ଟୋବର ୨ ପର୍ଯ୍ୟନ୍ତ 'କାନ୍ତାରା ଚାପ୍ଟର ୧'କୁ ସିନେମା ହଲ୍‌ରେ ଦେଖିବାକୁ ଅପେକ୍ଷା କରିପାରିବି ନାହିଁ।' ଏଠାରେ ପ୍ରକାଶ ଥାଉ କି, 'କାନ୍ତାରା ଚାପ୍ଟର-୧' ୨୦୨୨ରେ ଆସିଥିବା 'କାନ୍ତାରା'ର ପ୍ରିକ୍ୱେଲ। ଏହା ଶ୍ରେଷ୍ଠ ଲୋକପ୍ରିୟ ଚଳଚ୍ଚିତ୍ର ଭାବେ ଜାତୀୟ ପୁରସ୍କାର ଜିତିଥିଲା।

# ସାମାଜିକ ଗଣମାଧ୍ୟମର ସ୍ମୃତିରୁ ବଢ଼ୁଛି ଚିନ୍ତା

ସାମାଜିକ ଗଣମାଧ୍ୟମ ଏବେ ଜୀବନର ଏକ ବଡ଼ ଅଂଶ ପାଲଟିଥିବା ବେଳେ ଏହାକୁ ନେଇ ଏକ ନୂଆ ଟ୍ରେଣ୍ଡ ଆସିଛି। ଏହାର ନାଁ 'ଡିଜିଟାଲ ହଣ୍ଟିଂ'। ଏହାର ଅର୍ଥ ହେଉଛି ଡିଜିଟାଲ ଅତୀତ, ଯାହା କଦାପି ନଷ୍ଟ ହୋଇ ନ ଥାଏ। ଏହାଦ୍ୱାରା ଜଣେ ଚାହୁଁ ବା ନ ଚାହୁଁ ତା'ର ଅତୀତର କିଛି ସ୍ମୃତି ଡିଜିଟାଲ ମାଧ୍ୟମରେ ବାରମ୍ବାର ତା'ର ଆଖି ସାମ୍ନାକୁ ଆସିଥାଏ। ପୁରୁଣା ଫଟୋ, ପୋଷ୍ଟ, ଚାଟ୍, ସ୍ମୃତି, ତ୍ରୁଟି ଯାହା ପୂର୍ବରୁ ମଣିଷ କରିଥାଏ ଡିଜିଟାଲ ହଣ୍ଟିଂ ମାଧ୍ୟମରେ ବାରମ୍ବାର ଆଖି ସାମ୍ନାକୁ ଆସି ମାନସିକ ଶାନ୍ତି ଭଙ୍ଗ କରେ। ଏପରିକି ଅନେକ ସମୟରେ ଏହା ସମ୍ପର୍କରେ ଫାଟ ମଧ୍ୟ ସୃଷ୍ଟି କରେ। ସରଳ ଭାଷାରେ କହିଲେ, କୌଣସି ପୁରୁଣା ସମ୍ପର୍କ ତଥା ଫଟୋ ଅଚାନକ ଟାଇମଲାଇନ୍‌ରେ ଦେଖାଇଲେ ମସ୍ତିଷ୍କ ସେହି ପୁରୁଣା କଥାକୁ ମନେପକାଇ ଅବସାଦ ମଧ୍ୟରେ ରୁହେ। ସେହିପରି ସାମାଜିକ ଗଣମାଧ୍ୟମ, ଦୁଇ ବର୍ଷ ତଳର ପୁରୁଣା ସ୍ମୃତିର ନୋଟିଫିକେସନ ପ୍ରେରଣ କରେ। ହେଲେ ସବୁ ସ୍ମୃତି ସୁଖଦ ହୋଇ ନ ଥାଏ। କିଛି ଫଟୋ ଅତୀତର କିଛି ତିକ୍ତ ଅନୁଭୂତି, ବ୍ରେକ୍‌ଅପ୍, ଏକାକୀତ୍ୱ କଥାକୁ ମନେ ପକାଇଦିଏ। ଏହା ଅତୀତର ସେହି ଯନ୍ତ୍ରଣାକୁ ପୁଣି ଥରେ ମନେ ପକାଇ ଦିଏ। ସେହିପରି ଏହାକୁ ଅତିକ୍ରମ କରି ଆଗକୁ ବଢ଼ୁଥିବା ଲୋକ ପୁଣି ଭାବପ୍ରବଣ ହୋଇ ଚିନ୍ତାରେ ବୁଡ଼ି ରହନ୍ତି। ଅବଶ୍ୟ ସମୟ ସହିତ ମଣିଷ ବଦଳୁଛି, ହେଲେ ଇଣ୍ଟରନେଟ୍ ନୁହେଁ। ମଣିଷ ବଦଳିଗଲେ ବି ପୋଷ୍ଟ କରାଯାଇଥିବା ପୁରୁଣା ଫଟୋ, ପୋଷ୍ଟ ବାରମ୍ବାର ସାମ୍ନାକୁ ଆସେ। ବେଳେ ବେଳେ ପୁରୁଣା ପରିଚୟ ବର୍ତ୍ତମାନ ସମୟ ସହିତ ମେଳ ଖାଇ ନ ଥାଏ। ପୁରୁଣା ଫଟୋ ତଥା ପୋଷ୍ଟ ଦେଖି ଲୋକେ ଜୀବନରେ ଆଗକୁ ବଢ଼ିଥିବା ଲୋକଟିକୁ ନେଇ ମନରେ ଭୁଲ ଧାରଣା ଆଣିଥାନ୍ତି। ଡିଜିଟାଲ ହଣ୍ଟିଂ କେବଳ ପୁରୁଣା ପୋଷ୍ଟ ପର୍ଯ୍ୟନ୍ତ ସୀମିତ ନାହିଁ, ଲାଷ୍ଟ ସିନ୍, ନୋଟିଫିକେସନ, ଟ୍ୟାଗ କରାଯାଇଥିବା ଫଟୋ ସେହିମାନଙ୍କୁ ମନେ ପକାଇ ଦିଏ, ଯେଉଁମାନଙ୍କଠାରୁ ଆମେ ଦୂରେଇ ଯାଇଥାଉ। ତେଣୁ ଏଥିରୁ ଦୂରେଇ ରହିବା ଲାଗି ପୁରୁଣା ପୋଷ୍ଟ, ଚାଟ୍, ଫଟୋ ଆଦିଗୁଡ଼ିକୁ ଡିଲିଟ୍ କରିଦେବା ଦରକାର। ସବୁଠୁ ବଡ଼ କଥା ହେଲା ସାମାଜିକ ଗଣମାଧ୍ୟମରେ ନୋଟିଫିକେସନକୁ ନିୟନ୍ତ୍ରିତ କରିବା ଉଚିତ। ଏହାବାଦ୍ ମଝିରେ ମଝିରେ ଡିଜିଟାଲ ଡିଟକ୍ସ ଆପଣାଇବା ଉପରେ ଗୁରୁତ୍ୱ ଦେବା ଦରକାର।






# ନାନୋ ବାନାନା ଟ୍ରେଣ୍ଡ

**ଏଆଇ ଟୁଲ୍ ସାହାଯ୍ୟରେ ଫଟୋକୁ ଏଡିଟ୍ କରି ତାହାକୁ ସୋସିଆଲ ମିଡିଆରେ ସେୟାର୍ କରିବାର ଅଲଗା ଅଲଗା ଟ୍ରେଣ୍ଡ ଚାଲୁଛି। ଏହି କ୍ରମରେ ଏବେ ନାନୋ ବାନାନା ଟ୍ରେଣ୍ଡ ଚର୍ଚ୍ଚାରେ ଅଛି। ଏହି ଟ୍ରେଣ୍ଡରେ ଲୋକେ ନିଜ ଫଟୋକୁ ଥ୍ରୀଡି ମଡେଲରେ ବଦଳାଇ ସୋସିଆଲ ମିଡିଆରେ ସେୟାର୍ କରୁଛନ୍ତି।**





ନାନୋ ବାନାନା ଫଟୋ ତିଆରି କରିବା ଲାଗି ଗୁଗଲ ଏଆଇ ଜେମିନିର ବ୍ୟବହାର କରାଯାଉଛି। ଜେମିନି ୨.୫ ଫ୍ଲାସ୍‌କୁ ହିଁ ଲୋକେ ନାନୋ ବାନାନା ନାଁ ଦେଇଛନ୍ତି। ତେଣୁ ଏହି ଟ୍ରେଣ୍ଡର ନାଁ ନାନୋ ବାନାନା ହୋଇଛି। ଗୁଗଲର ଏଆଇ ଟୁଲ୍ ଜେମିନି ୨.୫କୁ ଯାଇ ସୋପାନ ଅନୁସାରେ, ଥ୍ରୀଡି ମଡେଲ ଫଟୋକୁ କ୍ରିଏଟ୍ କରିପାରିବେ। ତେବେ ପ୍ରଥମେ ଜେମିନି ୨.୫ରେ ନିଜର ଫଟୋକୁ ଅପଲୋଡ୍ କରିବାକୁ ହେବ। ଏହାପରେ ଏହାକୁ ଏଡିଟ୍ କରିବା ଲାଗି ଏକ ପ୍ରମପ୍ଟ ଦେବାକୁ ପଡ଼େ। ସେହିପରି ନିଜର ଫଟୋ ଅପଲୋଡ୍ କରିବା ପାଇଁ ପ୍ରଥମେ ନାନୋ ବାନାନା ମଡେଲ ବାଛିବାକୁ ହେବ। ଜେମିନିରେ ଏହାକୁ କଦଳୀ ଆଇକନ୍‌ରେ ଚିହ୍ନଟ କରାଯାଉଛି। ଏହି ଆଇକନ୍ ଉପରେ କ୍ଲିକ୍ କରିବା ପରେ ହିଁ ଫଟୋ ଅପଲୋଡ୍ କରିବାକୁ ହୁଏ। ସେହିପରି ଫଟୋକୁ ଥ୍ରୀଡି ମଡେଲରେ ବଦଳାଇବା ପାଇଁ ପ୍ରମପ୍ଟ ଦେବାକୁ ପଡ଼େ। ପ୍ରମପ୍ଟରେ ଫଟୋର ସାଇଜ, ବ୍ୟାକଗ୍ରାଉଣ୍ଡ ଏବଂ ପରିବେଶକୁ ବଦଳାଇବାର ନିର୍ଦ୍ଦେଶ ଜେମିନି ୨.୫କୁ ଦିଆଯାଏ। ତେବେ କିଛି ସେକେଣ୍ଡରେ ଏହା ମୂଳ ଫଟୋକୁ ଏଡିଟ୍ କରି ଏହାକୁ ନାନୋ ବାନାନା ବା ଥ୍ରୀଡି ମଡେଲରେ ବଦଳାଇ ଥାଏ। ଅନ୍ୟପଟେ ଗୁଗଲ ଇଣ୍ଡିଆ ଏହି ଫଟୋକୁ ତିଆରି କରିବାର ପ୍ରକ୍ରିୟାକୁ ସହଜ କରିବା ଲାଗି ଏକ୍ସରେ ଏକ ପ୍ରମପ୍ଟ ପୋଷ୍ଟ କରିଛି। ଏଥିରେ କେବଳ ସେହି ପ୍ରମପ୍ଟକୁ ପୋଷ୍ଟ କରି ସେଣ୍ଡରେ କ୍ଲିକ୍ କରିବାକୁ ହେବ। ସେହିପରି ନାନୋ ବାନାନାର ସୁବିଧା ଗୁଗଲ ଏଆଇର ଷ୍ଟୁଡିଓରେ ମାଗଣାରେ ଉପଲବ୍ଧ ଅଛି। କେହି ବି ଜେମିନି ୨.୫ର ମାଗଣା ବ୍ୟବହାର କରି ଏହି ଫଟୋକୁ ତିଆରି କରିପାରିବେ। ଏହାର ମାଗଣା ଉପଯୋଗ ସୀମିତ ଏବଂ ଅଧିକ ଫଟୋ ତିଆରି କରିବା ଲାଗି ବ୍ୟବହାରକାରୀଙ୍କୁ ଟଙ୍କା ଦେବାକୁ ପଡ଼ିବ। ଅନ୍ୟପଟେ ଏହି ଟ୍ରେଣ୍ଡ ସହିତ ଯୁବତୀମାନେ ଜେମିନି ଏଆଇ ଶାଢ଼ି ଟ୍ରେଣ୍ଡକୁ ଆପଣାଉଛନ୍ତି। ଯାହାକି ଖୁବ୍ ଭାଇରାଲ ହେଉଛି।

# ଚାକିରିରେ ଅଜବ ନିୟମ

**ଚାକିରିରେ ଲୋକଙ୍କୁ ବିଭିନ୍ନ କାଇଦା କାନୁନ୍ ମାନିବାକୁ ପଡ଼ିଥାଏ। ହେଲେ କିଛି ଦେଶରେ ଅଜବ ତଥା ନିଆରା ନିୟମ ଅଛି, ଯାହାକି ଚାକିରି ପାଇବା ଏବଂ ଚାକିରିକୁ ସୁରକ୍ଷିତ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।**



**ନ୍ୟୁଜିଲାଣ୍ଡ:** ଏଠାରେ ଅଫିସ୍‌ରେ କର୍ମଚାରୀଙ୍କୁ ଫନି ଟୋପି ପିନ୍ଧିବା ମନା। ଏଠାରେ କୌଣସି କର୍ମଚାରୀ ଏଭଳି କଲେ ୟୁନିଫର୍ମ କୋଡ୍ ଉଲ୍ଲଂଘନ ହୋଇଥାଏ। ଏ ଲାଗି ସେମାନଙ୍କର ଦରମାରୁ ୧୦ ପ୍ରତିଶତ କଟାଯାଏ। ଏଠାରେ ଏହାକୁ କଡ଼ାକଡ଼ି ପାଳନ କରାଯାଏ।

**ଜର୍ମାନୀ:** ସେହିପରି ଜର୍ମାନୀରେ ଓଭର୍ ଟାଇମ୍ କାମ କରିବା ମନା। ଧାର୍ଯ୍ୟ ସମୟ ସମୟଠାରୁ କର୍ମଚାରୀଙ୍କୁ ଅତିରିକ୍ତ କାମ କରାଇଲେ କଠିନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ। ଏପରିକି ୱାର୍କ ସମୟ ଶେଷ ହେବା ପରେ କର୍ମଚାରୀଙ୍କ ସହିତ ଯୋଗାଯୋଗ କରିବା ମନା। ଏହାର ଉଦ୍ଦେଶ୍ୟ ହେଉଛି କର୍ମଚାରୀଙ୍କ ବ୍ୟକ୍ତିଗତ ଜୀବନରେ ସନ୍ତୁଳନ ରକ୍ଷା କରିବା।

**ବ୍ରିଟେନ:** ଏଠାରେ କୌଣସି କମ୍ପାନିରେ ୧୦୦ରୁ ଅଧିକ କର୍ମଚାରୀ ଥିଲେ ସରକାରଙ୍କୁ ସୂଚନା ନ ଦେଇ କୌଣସି କର୍ମଚାରୀଙ୍କୁ ବହିଷ୍କୃତ କରାଯାଇପାରିବ ନାହିଁ। କର୍ମଚାରୀଙ୍କୁ ମାସେରୁ ତିନିମାସ ସମୟ ଦିଆଯାଏ। ଯେଭଳି ସେମାନେ ନୂଆ ଚାକିରି ଖୋଜି ନିଜକୁ ପ୍ରସ୍ତୁତ କରିବେ।

**ଜାପାନ:** ଜାପାନରେ ଲୋକଙ୍କ ଅଣ୍ଟା ମାପ ଦେଖି ଚାକିରି ପ୍ରଦାନ କରାଯାଏ। ପୁରୁଷଙ୍କ ଅଣ୍ଟା ୩୩.୫ ଇଞ୍ଚ ଏବଂ ମହିଳାଙ୍କର ୩୫.୪ ଇଞ୍ଚରୁ ଅଧିକ ନ ହେବା ଦରକାର। ଏହି ସୀମାଠାରୁ ଅଧିକ ହେଲେ କର୍ମଚାରୀଙ୍କୁ ଡାଏଟିଂ କ୍ଲାସ୍‌ରେ ସାମିଲ ହେବାକୁ ପଡ଼ିଥାଏ। ଏହାସହ ତିନି ମାସ ମଧ୍ୟରେ ସେମାନଙ୍କୁ ଓଜନ କମ୍ କରିବାକୁ ହୋଇଥାଏ।

# କ୍ୟାମ୍ପସ୍ ପାଇଁ ପ୍ରସ୍ତୁତି

**ପାଠପଢ଼ା ଶେଷ ହେବା ପରେ ଚାକିରି ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବିଶେଷକରି କ୍ୟାମ୍ପସ୍ ସିଲେକସନ ସମୟ ଆସିଲେ ଛାତ୍ରଛାତ୍ରୀମାନେ ଏନେଇ ବିଶେଷ ପ୍ରକାର ପ୍ରସ୍ତୁତିରେ ଲାଗି ପଡ଼ନ୍ତି। ତେବେ କ୍ୟାମ୍ପସ୍ ଚୟନ ପ୍ରକ୍ରିୟାରେ ଭଲ ପ୍ରଦର୍ଶନ ପାଇଁ କିଭଳି ପ୍ରସ୍ତୁତି କରିବେ, ଜାଣିବା ସେ ସମ୍ପର୍କରେ...**

ଅନେକ ପିଲା ଭାବନ୍ତି ଭଲ ମାର୍କ ହିଁ ଚାକିରି ମିଳିବା ପାଇଁ ଯଥେଷ୍ଟ। ତେବେ କ୍ୟାମ୍ପସ୍ ସିଲେକସନ ସମୟରେ ଭଲ ମାର୍କ ରଖିବା ଯେତେକି ଜରୁରି, ତା'ଠୁ ବେଶି ଜରୁରି କଥାବାର୍ତ୍ତା କରିବାର ଉନ୍ନତ ଶୈଳୀ। ଉତ୍ତମ କମ୍ୟୁନିକେସନ ନ ଥିଲେ ଭଲ କମ୍ପାନିର ଚାକିରି ହରାଇବାର ଆଶଙ୍କା ବେଶି ଥାଏ। ଅବଶ୍ୟ ଅନେକ କମ୍ପାନି ଭଲ ମାର୍କ ସହ ପିଲାଙ୍କ କଥାବାର୍ତ୍ତା କରିବା ଶୈଳୀ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହାବାଦ୍ ଏଥିପାଇଁ ଭଲ ବାୟୋଡାଟା ଗୁରୁତ୍ୱ ବହନ କରେ। ନିଜେ ନିଜ ବିଷୟରେ କିଛି କହିବା ପୂର୍ବରୁ ବାୟୋଡାଟା ସବୁ କିଛି କହିଥାଏ। ସେଥିପାଇଁ ଯେତେ ସମ୍ଭବ ନିଜ କାମ ଓ ନିଜ ବିଷୟରେ ଏଥିରେ ଉପସ୍ଥାପନ କରନ୍ତୁ।

ସେହିପରି ପୋଷାକ ମଧ୍ୟ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରେ। ଏଣୁ ଭଲ ଡ୍ରେସ୍ ପିନ୍ଧିବା ଦରକାର। କେବଳ ଏତିକି ନୁହେଁ, ଏ ସବୁଠାରୁ ବେଶି ଜରୁରି ଆତ୍ମବିଶ୍ୱାସ। ବେଳେ ବେଳେ ଏମିତି ବି ହୁଏ, ସବୁ ଜାଣିଥିବେ, ଚାକିରି ଲାଗି ସମସ୍ତ ଗୁଣ ବି ଥିବ, ମାତ୍ର ଆତ୍ମବିଶ୍ୱାସ ଅଭାବରୁ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥାନ୍ତି। ତେଣୁ ଏହି ସମୟରେ ଯାହା ବି ଯେତିକି କହିବେ, ଆତ୍ମବିଶ୍ୱାସର ସହ କହିବା ଜରୁରି।



# ଘୋଷ୍ଟିଂରୁ ହ୍ରାସ ପାଏ ଆତ୍ମବିଶ୍ୱାସ




କୌଣସି ବ୍ୟକ୍ତି କିଛି ନ କହି ଅଚାନକ କଲ, ମେସଜ ଓ କଥାବାର୍ତ୍ତାରୁ ଦୂରେଇ ଯିବାକୁ ଘୋଷ୍ଟିଂ କୁହାଯାଏ। ରୋମାଣ୍ଟିକ୍ ଲାଇଫରେ ଘୋଷ୍ଟିଂ ଜରୁରି ନୁହେଁ। ସାଙ୍ଗ ଓ ସହକର୍ମୀ ଅଚାନକ ସମ୍ପର୍କ ଭାଙ୍ଗି ଘୋଷ୍ଟ କରିପାରନ୍ତି। ମୁଖ୍ୟତଃ ଝଗଡ଼ାରୁ ରକ୍ଷା ପାଇବା, ସମ୍ପର୍କରୁ ଥକ୍କି ଯିବା, 'ନା' କହିବାର ସାହସ ରଖୁ ନ ଥିବା ଲୋକ ହିଁ ଘୋଷ୍ଟିଂକୁ ଆପଣାନ୍ତି। କିଛି ଲୋକ ଏମିତି କରି ସମସ୍ୟାରୁ ମୁକୁଳିବାର ସହଜ ଉପାୟ ବୋଲି ଭାବନ୍ତି। ବର୍ତ୍ତମାନ କାହା ସହିତ ଅଚାନକ ସମ୍ପର୍କ ଭାଙ୍ଗିବା ବହୁତ ସହଜ ହୋଇଗଲାଣି। ଏଭଳି କରିବା ଦ୍ୱାରା ପୀଡ଼ିତ ବ୍ୟକ୍ତିଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼େ। ଘୋଷ୍ଟିଂରୁ ପୀଡ଼ିତ ବ୍ୟକ୍ତି ଆତ୍ମବିଶ୍ୱାସ ଅଭାବକୁ ସାମ୍ନା କରନ୍ତି। ସେମାନେ ଅସୁରକ୍ଷିତ ଅନୁଭବ କରନ୍ତି। ସେହିପରି ଏହା ଯୋଗୁଁ ନିଜ ଭିତରେ ଆତ୍ମଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ଘୋଷ୍ଟ କରୁଥିବା ବ୍ୟକ୍ତି ମୁଖ୍ୟତଃ ସମସ୍ୟା ସାମ୍ନା କରିବାରୁ ରକ୍ଷା ପାଏ। ଏଭଳି କରି ସେମାନଙ୍କୁ ବାସ୍ତବ ପ୍ରସଙ୍ଗକୁ ସାମ୍ନା କରିବାର ସାହସ ମିଳେନି। ଡିଜିଟାଲ ସମ୍ପର୍କ ଏହି ସମୟରେ ଘୋଷ୍ଟିଂ ଏକ ବଡ଼ ସମସ୍ୟା। ଏହା ଅନ୍ୟର ଭାବନାକୁ ଅଣଦେଖା କରିବା ଏବଂ ଅନେକ ସମୟରେ ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ସେହିପରି କେହି ଘୋଷ୍ଟ କରୁଥିଲେ ଏହାକୁ ନିଜ ଭୁଲ ବୋଲି ଭାବିବା ଅନୁଚିତ। ଆବଶ୍ୟକ ପଡ଼ିଲେ ବିଶ୍ୱାସଯୋଗ୍ୟ ଲୋକଙ୍କ ସହିତ ଏହି କଥା ସେୟାର୍ କରନ୍ତୁ। ନିଜର ଆତ୍ମସମ୍ମାନ ବଜାୟ ରଖନ୍ତୁ।

**ଏସିଆ କପ୍‌ରେ ହାତ ନ ମିଳାଇବାକୁ ନେଇ ବିବାଦ**

# ପାଇକ୍ରଫ୍ଟ ରହିବେ, ପାକିସ୍ତାନ ଓହରିପାରିବନି

ଦୁବାଇ,୧୬।୯ (ଏଜେନ୍ସି)





ପାକିସ୍ତାନ ଖେଳାଳିଙ୍କ ସହ ଭାରତୀୟ ଖେଳାଳି ହାତ ନ ମିଳାଇବାକୁ ନେଇ ସୃଷ୍ଟି ହୋଇଥିବା ବିବାଦର ପରିସମାପ୍ତି ହେବାକୁ ଯାଉଛି। ଭାରତ-ପାକିସ୍ତାନ ମ୍ୟାଚ୍‌ରେ ଟସ୍ ବେଳେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ହାତ ମିଳାଇବାକୁ ମନା କରିଥିବା ଅଭିଯୋଗ କରି ପାକିସ୍ତାନ କ୍ରିକେଟ ବୋର୍ଡ ଏସିଆ କପ୍‌ରୁ ତାଙ୍କ ବହିଷ୍କାର ଦାବି କରିଥିଲା। ଯଦି ତାଙ୍କୁ ବହିଷ୍କାର କରା ନ ଯାଏ ତେବେ ପାକିସ୍ତାନ ଚଳିତ ଏସିଆ କପ୍‌ରୁ ଓହରିଯିବାକୁ ମଧ୍ୟ ଧମକ ଦେଇଥିଲା। ଉଭୟ ଘଟଣାରେ ପାକିସ୍ତାନର ଦାବି ଅଗ୍ରାହ୍ୟ ହୋଇଯାଇଛି। ଆଣ୍ଡି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବିଦା କରିବାକୁ ଆଇସିସି ସ୍ପଷ୍ଟଭାବେ ମନା କରିଦେଇଛି। ଅନ୍ୟ ପକ୍ଷରେ ପାକିସ୍ତାନ ଓହରିଯିବ ବୋଲି ଯେଉଁ ଧମକ ବୋର୍ଡ ସଭାପତି ଦେଇଥିଲେ ତାହା ମଧ୍ୟ କରିପାରିବ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ ସୂତ୍ରରୁ ଜଣାଯାଇଛି। ଏହା ଫଳରେ ପାକିସ୍ତାନ ଉଭୟ ଘଟଣାରେ ଲୋକହସା ହୋଇଛି। ପାକିସ୍ତାନର ପରବର୍ତ୍ତୀ ମୁକାବିଲା ୟୁଏଇ ସହ ହେବ। ପାକିସ୍ତାନ ରାଜନୀତିରେ ଘଡିକୋ ଘୋଡା ଛୁଟୁଥିଲାବେଳେ ମ୍ୟାଚ୍ ପୂର୍ବରୁ ଦଳର ନିଷ୍ପତ୍ତି କ'ଣ ହେବ ତାହା ଜଣାପଡ଼ିବ।

## ପାକ୍ ଦାବିକୁ ଆଇସିସିର ଅଗ୍ରାହ୍ୟ

ମ୍ୟାଚ୍‌ରେ ଟସ୍ ପଡ଼ିବା ପରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଅଧିନାୟକ ପରସ୍ପର ସହ ହାତ ମିଳାଇବାର ପରମ୍ପରା ଆରମ୍ଭରୁ ରହିଆସିଛି। କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ଖେଳାଯାଇଥିବା ମ୍ୟାଚରେ ଏହା ଦେଖିବାକୁ ମିଳି ନ ଥିଲା। ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନୀ ଅଧିନାୟକ ସଲମାନ୍ ଅଲି ଆଘା ପରସ୍ପର ସହ ହାତ ମିଳାଇ ନ ଥିଲେ। ଟସ୍ ବେଳେ ପଡ଼ିଆରେ ଉପସ୍ଥିତ ଥିବା ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ହାତ ନ ମିଳାଇବାକୁ କୁଆଡେ ସଲମାନ ଅଲିଙ୍କୁ କହିଥିଲେ। ଏଭଳି ଏକ ଅଭିଯୋଗ ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ବିଧିବଦ୍ଧ ଭାବେ କରାଯାଇଥିଲା। ପାଇକ୍ରଫ୍ଟ ଏଭଳି ନିର୍ଦ୍ଦେଶ ଦେବା ଫଳରେ ସ୍ପିରିଟ ଅଫ୍ ଦ ଗେମ୍ ଓ ଏମ୍‌ସିସି ନିୟମକୁ ଉଲ୍ଲଙ୍ଘନ କରିଥିବା ପାକିସ୍ତାନ କ୍ରିକେଟ ବୋର୍ଡ ଅଭିଯୋଗ କରିଥିଲା। ଏଥିଲାଗି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌କୁ ତୁରନ୍ତ ବିଦା କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଆଇସିସି ନିକଟରେ ଅଭିଯୋଗ କରିଥିଲା। କିନ୍ତୁ ପାଇକ୍ରଫ୍ଟଙ୍କୁ ବିଦା କରାଯିବ ନାହିଁ ବୋଲି ପାକିସ୍ତାନର ଦାବିକୁ ଆଇସିସି ସିଧାସଳଖ ମନାକରିଦେଇଥିଲା। ଏହା ଫଳରେ ପାଇକ୍ରଫ୍ଟଙ୍କୁ ନେଇ ପାକିସ୍ତାନ ଯେଉଁ ବିବାଦ ସୃଷ୍ଟି କରିବାକୁ ଚାହୁଁଥିଲା ତାହା ଫସର ଫାଟିଯାଇଛି।

ଆଇସିସି ଆଚରଣ ସଂହିତାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି, 'ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେମାନଙ୍କ ସଫଳତାରେ ଅଭିନନ୍ଦନ ଜଣାଅ ଏବଂ ନିଜ ଦଳ ସହ ଖେଳକୁ ଉପଭୋଗ କର। ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ପ୍ରତିଦ୍ୱନ୍ଦ୍ୱୀ ଦଳର କର୍ମକର୍ତ୍ତା ଓ ମ୍ୟାଚ୍ ପରିଚାଳନା କରୁଥିବା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦିଅ।' ଏହା ସହ ଆଇସିସି ଆଚରଣ ସଂହିତାର ଧାରା ୨.୧.୧.ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଖେଳବେଳେ କିମ୍ବା ଖେଳଶେଷରେ ସ୍ପିରିଟ୍ ଅଫ ଦି ଗେମ୍‌ର ବିରୋଧାଚରଣ କଲେ ଲେଭଲ-୧ ଅପରାଧ ଭାବେ ବିବେଚନା କରାଯିବ। ଏଯାଏ ତ ଭାରତ ଉପରେ କୌଣସି ଦଣ୍ଡ ବିଧାନ କରାଯାଇନାହିଁ, କିନ୍ତୁ କ୍ରିକେଟ ଖେଳରେ ଯେଉଁ ସ୍ପିରିଟ୍ ଅଫ୍ ଗେମ୍ ଥିଲା ତାହା ଏହି ଘଟଣାରେ ନଷ୍ଟ ହୋଇଯାଇଛି। ପରମ୍ପରା ଯାଇଛି, ବିବାଦ ସୃଷ୍ଟି ହୋଇଛି ଓ ଅଣଖେଳୱାଡ ମନୋଭାବ ପୋଷଣ କରାଯାଇଛି। ପାକିସ୍ତାନ ପକ୍ଷରୁ କରାଯାଇଥିବା ଅଭିଯୋଗରେ ମଧ୍ୟ ମ୍ୟାଚ୍ ରେଫରି ତାଙ୍କ ଦାୟିତ୍ୱ ଠିକ୍ ଭାବେ ପାଳନ କରିନାହାନ୍ତି ବୋଲି ଦର୍ଶାଯାଇଛି। ସେ ଯାହା ହେଉ ମ୍ୟାଚ୍ ରେଫରି ପାଇକ୍ରଫ୍ଟଙ୍କୁ ବହିଷ୍କାର କରିବା ଲାଗି ହୋଇଥିବା ଦାବିକୁ ଆଇସିସି ଅଗ୍ରାହ୍ୟ କରିବା ପରେ ପାକିସ୍ତାନ ଏବେ କି ନିଷ୍ପତ୍ତି ନେବ ତାହାକୁ ଅପେକ୍ଷା କରାଯାଇଛି।

## ଟୁର୍ଣ୍ଣାମେଣ୍ଟରୁ ଓହରିବା ନିଷ୍ପତ୍ତି କଷ୍ଟକର

ପାଇକ୍ରଫ୍ଟଙ୍କୁ ବହିଷ୍କାର କରା ନଗଲେ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ପାକିସ୍ତାନ କ୍ରିକେଟ ବୋର୍ଡର ସଭାପତି ମୋହସିନ ନକ୍‌ଭୀ ଗତକାଲି ଧମକ ଦେଇଥିଲେ। ଏବେ ପାଇକ୍ରଫ୍ଟଙ୍କୁ ବହିଷ୍କାର କରାଯିବ ନାହିଁ ବୋଲି ଆଇସିସି ସ୍ପଷ୍ଟ କରିଛି। ପାକିସ୍ତାନ କ୍ରିକେଟ ବୋର୍ଡ ଏହି ଖବର ଗୋଟିଏ ଦିନ ଆଗରୁ ଜାଣିସାରିଛି। କିନ୍ତୁ ଏହା ମଧ୍ୟରେ କୌଣସି ନିଷ୍ପତ୍ତି ନେଇପାରି ନାହିଁ ପିସିବି। କିନ୍ତୁ ପିସିବିର ଆଭ୍ୟନ୍ତରୀଣ ସୂତ୍ରରୁ ଜଣାଯାଇଛି, ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନ ଓହରିବା କଷ୍ଟକର। ପାକିସ୍ତାନ ଯଦି ଟୁର୍ଣ୍ଣାମେଣ୍ଟରୁ ଓହରିଯାଏ, ତେବେ ରାଜିନାମା ଅନୁଯାୟୀ ବିପୁଳ ପରିମାଣରେ ଅର୍ଥ ଦଣ୍ଡ ଆକାରରେ ଦେବାକୁ ହେବ। ଏବେ ଜଣେ ଭାରତୀୟ ଜୟ ଶାହ ଆଇସିସିର ସଭାପତି ରହିଛନ୍ତି। ଏଣୁ ଆର୍ôଥକ ଦଣ୍ଡର ପରିମାଣ ଆଦୌ କମିବ ନାହିଁ। ଯେଉଁ ଅର୍ଥ ଦଣ୍ଡ ଆକାରରେ ଦିଆଯିବ, ସେତିକି ଅର୍ଥ ପାକିସ୍ତାନ କ୍ରିକେଟ ବୋର୍ଡ ନିକଟରେ ନାହିଁ। ବିଶେଷକରି ଚାମ୍ପିଅନ୍ସ ଟ୍ରଫି ଆୟୋଜନ ଲାଗି ପ୍ରମୁଖ ଷ୍ଟାଡିୟମ୍‌ର ନବୀକରଣରେ ବହୁତ ଅର୍ଥ ବ୍ୟୟ କରାଯାଇଛି। ପାକିସ୍ତାନକୁ ଖେଳିବାକୁ ଭାରତ ନ ଯିବାରୁ ଅନେକ କ୍ଷତି ସହିଛି ବୋର୍ଡ। ଏଣୁ ବୋର୍ଡ ଏତେ ପରିମାଣରେ ଅର୍ଥ ଦେବାକୁ ସକ୍ଷମ ନୁହେଁ। ଯଦି ସରକାର ଚାହାନ୍ତି, ତେବେ ଓହରିବା ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରେ ବୋଲି ସମ୍ପୃକ୍ତ କର୍ମକର୍ତ୍ତାଜଣଙ୍କ କହିଛନ୍ତି।

# 'କର ବା ମର' ସ୍ଥିତିରେ ପାକ୍, ୟୁଏଇ

ଦୁବାଇ, ୧୬।୯: ଚଳିତ ଏସିଆ କପ୍‌ରେ ଗ୍ରୁପ୍ 'ଏ'ରୁ ପ୍ରଥମ ଦଳ ଭାବେ ସୁପର-୪ରେ ପ୍ରବେଶ କରିଛି ଭାରତ। ଓମାନ୍‌କୁ ୟୁଏଇ ପରାସ୍ତ କରିବା ପରେ ଭାରତର ସୁପର-୪ ଖେଳିବା ନିଶ୍ଚିତ ହୋଇଛି। ଓମାନ୍ ବିଦାୟ ନେଇଥିବା ବେଳେ ଗୋଟିଏ ସୁପର-୪ ସ୍ଥାନ ପାଇଁ ଦୁଇ ଦାବିଦାର ହେଲେ ପାକିସ୍ତାନ ଓ ୟୁଏଇ। ବୁଧବାର ପାକିସ୍ତାନ ଓ ୟୁଏଇ ମଧ୍ୟରେ ଗ୍ରୁପ୍ 'ଏ' ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ନକ୍‌ଆଉଟ୍ ପରି। ଏହି ମ୍ୟାଚ୍‌ର ବିଜେତା ସୁପର-୪ ଖେଳିବ ଏବଂ ପରାଜିତ ଦଳ ବିଦାୟ ନେବ। ତେଣୁ ଏହି ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିବ। ହେଲେ ପାକିସ୍ତାନ ଖେଳାଳିଙ୍କ ସମସ୍ତ ଧ୍ୟାନ ଏହି ମ୍ୟାଚ୍ ଉପରେ ରହିବ କି ନାହିଁ; ତାହା କହିବା କଷ୍ଟକର। ଭାରତ ବିପକ୍ଷରେ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି ହାତ ନ ମିଳାଇବା ଘଟଣାକୁ ନେଇ କ୍ରିକେଟ୍ ଜଗତରେ ତୁମ୍ବି ତୋଫାନ ଚାଲିଛି। ଭାରତୀୟ ଦଳ ଏହି ମ୍ୟାଚ୍‌କୁ ଏକତରଫା ଭାବେ ଜିତି ପାକିସ୍ତାନକୁ ଲଜ୍ଜିତ କରିଛି। ଏସିଆ କପ୍‌ରୁ ପାକିସ୍ତାନ ଓହରିଯିବ ବୋଲି ଧମକ ଦେଇଥିଲେ ହେଁ ଏହାର ସମ୍ଭାବନା କମ୍। ସବୁ ବିବାଦକୁ ଭୁଲି ପାକିସ୍ତାନ ଦଳକୁ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଏକାଗ୍ର ହୋଇ ଖେଳିବାକୁ ପଡ଼ିବ। କାରଣ ୟୁଏଇ ଭଳି ଦୁର୍ବଳ ଦଳଠାରୁ ପରାଜୟ ପାକିସ୍ତାନର ଅପମାନକୁ ଦ୍ୱିଗୁଣିତ କରିବ। ଓମାନ୍ ବିପକ୍ଷରେ ପାକିସ୍ତାନ ପ୍ରଥମ ମ୍ୟାଚ୍ ଜିତିଥିଲେ ହେଁ ମହମ୍ମଦ ହାରିସ୍‌ଙ୍କୁ ଛାଡ଼ି ଅନ୍ୟ କେହି ବଡ଼ ସ୍କୋର୍ କରି ପାରିନଥିଲେ। ଓପନର ସାହେବ୍‌ଜାଦା ଫର୍‌ହାନ ଓମାନ୍ ଓ ଭାରତ ବିପକ୍ଷ ମ୍ୟାଚ୍‌ରେ କିଛି ରନ୍ କରିଥିଲେ ହେଁ ଅତ୍ୟନ୍ତ ଧିମା ବ୍ୟାଟିଂ କରିଛନ୍ତି। ଓପନର ସୈମ୍ ଆୟୁବ ଓ ଅଧିନାୟକ ସଲ୍‌ମାନ ଆଗା ଉଭୟ ମ୍ୟାଚ୍‌ରେ ବିଫଳ ହୋଇଛନ୍ତି। ଅଭିଜ୍ଞ ଫଖର ଜମାନ୍ ମଧ୍ୟ ବଡ଼ ସ୍କୋର୍ କରି ପାରିନାହାନ୍ତି। ହାସନ୍ ନୱାଜ୍ ଭଲ ବ୍ୟାଟ୍‌ସମ୍ୟାନ ବୋଲି କୁହାଯାଉଥିଲେ ହେଁ ସେ ଭଲ ପ୍ରଦର୍ଶନ କରି ପାରିନାହାନ୍ତି।

## ସାମ୍ବାଦିକ ସମ୍ମିଳନୀ ବାତିଲ କଲା ପାକିସ୍ତାନ

ଦୁବାଇ: ଏସିଆ କପ୍‌ରେ ପାକିସ୍ତାନ ପିଛା ଛାଡୁନି ବିବାଦ। ଆସନ୍ତାକାଲି ୟୁଏଇ ସହ ହେବାକୁ ଥିବା କର ଅବା ମର ମୁକାବିଲା ପୂର୍ବରୁ ଆଜି ହେବାକୁ ଥିବା ନିୟମିତ ସାମ୍ବାଦିକ ସମ୍ମିଳନୀକୁ ପାକିସ୍ତାନ ବାତିଲ କରିଛି। ଏହା ଫଳରେ ପାକିସ୍ତାନ ଆଉ ଏକ ବିବାଦ ଘେରକୁ ଆସିଛି। ଭାରତୀୟ ଖେଳାଳିଙ୍କ ସହ ପାକିସ୍ତାନ ଖେଳାଳିଙ୍କୁ ହାତ ମିଳାଇବାକୁ ବାରଣ କରିଥିବା ଅଭିଯୋଗରେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କୁ ଟୁର୍ଣ୍ଣାମେଣ୍ଟରୁ ବହିଷ୍କାର କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ ଦାବି କରିଥିଲା। ତାଙ୍କୁ ବହିଷ୍କାର କରା ନ ଗଲେ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିବାକୁ ଧମକ ଦେଇଥିଲା। ପାଇକ୍ରଫ୍ଟଙ୍କୁ ବହିଷ୍କାର କରିବାକୁ ଆଇସିସି ମନା କରିବା ପରେ ଆଜି ପାକିସ୍ତାନ ସାମ୍ବାଦିକ ସମ୍ମିଳନୀକୁ ଆସି ନ ଥିଲା।

| DP WORLD ASIA CUP 2025 ଆଜିର ମ୍ୟାଚ୍ | ପାକିସ୍ତାନ-ୟୁଏଇ |
|---|---|
| | ସ୍ଥାନ : ଦୁବାଇ |
| | ଖେଳ ଆରମ୍ଭ : ରାତି ୮ଟା |
| | ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ |

## ତାନଜିଦ୍ ହାସନଙ୍କ ଅର୍ଦ୍ଧଶତକ

ଦୁବାଇ,୧୬।୯ (ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଗ୍ରୁପ୍-ବି'ର ଆଜି ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଏସିଆ କପ୍ ମୁକାବିଲାରେ ବାଂଲାଦେଶର ଓପନର ତାନ୍‌ଜିଦ୍ ହାସନ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ୩୧ ବଲ୍‌ରୁ ୪ ଚୌକା ଓ ୩ଛକା ସହ ୫୨ ଏବଂ ଅନ୍ୟତମ ଓପନର ସୈଫ ହାସନ ୨୮ ବଲ୍‌ରେ ୩୦ ରନ୍



କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୫୪ ରନ୍ କରିଥିଲା। ଦଳ ଏକଦା ୧୩ ଓଭରରେ ୧୦୪ ରନ୍ କରିଥିଲେ ମଧ୍ୟ ଆଫଗାନ ବୋଲର ଶେଷ ୭ ଓଭରରେ ମାତ୍ର ୫୦ ରନ୍ ଦେଇ ବାଂଲାଦେଶକୁ ଏକ ଛୋଟିଆ ସ୍କୋରରେ ଅଟକାଇଥିଲେ। ଏହି ସମୟରେ ତୋହିଦ୍ ହୃଦୟ ୨୦ ବଲ୍‌ରେ ୨୬ ରନ୍ କରିବା ଫଳରେ ଦଳ ଦେଢ଼ଶ ରନ୍ ଅତିକ୍ରମ କରିଥିଲା। ପ୍ରତିପକ୍ଷ ଦଳର ଅଧିନାୟକ ରଶିଦ୍ ଖାନ୍ ଓ ନୁର ଅହମ୍ମଦ୍ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ୬ ଓଭର ଖେଳ ଶେଷସୁଦ୍ଧା ଆଫଗାନିସ୍ତାନ ୨ ୱିକେଟ ହରାଇ ୨୭ ରନ୍ ସଂଗ୍ରହ କରିନେଇଛି। ସେଦିକୁଲା ଅଟଲ ୦ ଓ ଇବ୍ରାହିମ୍ ଜଦ୍ରାନ ୫ ରନ୍‌ରେ ସ୍ପିନର ନାସୁମ ଅହମ୍ମଦ୍‌ଙ୍କ ଦ୍ୱାରା ଆଉଟ ହୋଇଛନ୍ତି।

## ଜାନୁଆରୀରେ ମହିଳା ପ୍ରିମିୟର ଲିଗ୍

ନୂଆଦିଲ୍ଲୀ,୧୬।୯ (ଏଜେନ୍ସି): ମହିଳା ପ୍ରିମିୟର ଲିଗର ଚତୁର୍ଥ ସଂସ୍କରଣ ୨୦୨୬ ଜାନୁଆରୀ ପ୍ରଥମ ସପ୍ତାହରେ ଖେଳାଯିବ ବୋଲି ବିସିସିଆଇ ସୂତ୍ରରୁ ଜଣାଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ତାରିଖ ଓ ଭେନ୍ୟୁ ସ୍ଥିର ହୋଇନାହିଁ। କିନ୍ତୁ ଆଇପିଏଲ୍ ପରି ଡବ୍ଲ୍ୟୁପିଏଲ୍‌କୁ ସ୍ୱତନ୍ତ୍ର ୱିଣ୍ଡୋ ଦିଆଯାଇଥିବାରୁ ଏହା ୨୬ରୁ ୨୭ ଦିନରେ ଶେଷ ହେବ ବୋଲି ସ୍ପଷ୍ଟ ହୋଇଛି। ଏଣୁ ଟୁର୍ଣ୍ଣାମେଣ୍ଟ ଜାନୁଆରୀ ୬ କିମ୍ବା ୮ରୁ ଆରମ୍ଭ ହେବ ବୋଲି ଏଥିରୁ ସ୍ପଷ୍ଟ ହେଉଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୨୨ଟି ମ୍ୟାଚ୍ ଖେଳାଯିବ। ଏଣୁ ବିସିସିଆଇ ଅଧିକ ଦିନ ନେବନାହିଁ। ତେବେ ଏହି ସଂସ୍କରଣରେ ପୂର୍ବପରି ୫ଟି ଦଳ ଖେଳିବେ ନା ଅଧିକ, ମ୍ୟାଚ୍ ଫି ବଢ଼ିବା ଆଦି ଘଟଣା ଦେଖିବାକୁ ମିଳିବ କି ନାହିଁ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଏଣୁ ସମର୍ଥକମାନେ ବିସିସିଆଇର ନିଷ୍ପତ୍ତିକୁ ଅପେକ୍ଷା କରି ରହିଛନ୍ତି।

## ମନ୍ଧାନା ଦିନିକିଆରେ ନଂ-୧ ବ୍ୟାଟର

ଦୁବାଇ,୧୬।୯ (ସମିସ): ଭାରତୀୟ ଓପନର ସ୍ମୃତି ମନ୍ଧାନା ପୁଣିଥରେ ଦିନିକିଆ ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ନଂ-୧ ମାନ୍ୟତା ହାସଲ କରିଛନ୍ତି। ନିକଟରେ ଅଷ୍ଟ୍ରେଲିଆ ସହ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆରେ ୬୩ ବଲ୍‌ରୁ ୫୮ ରନ୍ କରିବା ଫଳରେ ଆଇସିସି ଦିନିକିଆ ବ୍ୟାଟିଂ ମାନ୍ୟତାରେ ନଂ-୧



ସ୍ଥାନକୁ ଫେରିଛନ୍ତି। ଏହି ସ୍ଥାନରେ ଥିବା ଇଂଲଣ୍ଡର ନାଟାଲି ସିଭର-ବ୍ରଣ୍ଟ ନଂ-୨ ସ୍ଥାନକୁ ଫେରିଛନ୍ତି। ସର୍ବଶେଷ ମାନ୍ୟତା ଅନୁଯାୟୀ ସ୍ମୃତିଙ୍କ ୭୩୫ ଓ ବ୍ରଣ୍ଟଙ୍କର ୭୩୧ ରେଟିଂ ପଏଣ୍ଟ ରହିଛି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଓପନର ପ୍ରତୀକା ରାୱଲ ୪୨, ହର୍ଲିନ ଦେଓଲ ୫୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

**ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ**

## ସାମ୍ କୋନ୍‌ଷ୍ଟାସ୍‌ଙ୍କ ଶତକ

ଲକ୍ଷ୍ନୌ,୧୬।୯ (ଏଜେନ୍ସି): ଯୁବ ଖେଳାଳି ସାମ କୋନଷ୍ଟାସ୍ ଫର୍ମକୁ ଫେରିଛନ୍ତି। ଏଠାରେ ଆଜି ଆରମ୍ଭ ହୋଇଥିବା ଭାରତ-ଏ' ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍‌ରେ ପ୍ରଥମ ଦିନରେ ସେ ଶତକ ହାସଲ କରିଛନ୍ତି। ୧୯ ବର୍ଷୀୟ ଓପନର ୧୦୯ ଓ ଅନ୍ୟତମ ଓପନର କ୍ୟାମ୍ପବେଲ କେଲାୱେ ୮୮ ରନ୍ କରିବା ଫଳରେ ପ୍ରଥମ ଦିନ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ-ଏ' ପ୍ରଥମ ଇନିଂସରେ ୫ ୱିକେଟରେ ହରାଇ ୩୩୭ ରନ୍ ସ୍କୋର କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଲିଆମ ସ୍କଟ ୭୦ ଓ ୱିକେଟରକ୍ଷକ ଜୋଶ ଫିଲିପ୍ ୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୨ ବର୍ଷୀୟ ଅଲରାଉଣ୍ଡର କୁପର କୋନୋଲୀ ୭୦ ରନ୍‌ର ଉଲ୍ଲେଖନୀୟ ପାଳି ଖେଳିଛନ୍ତି। ଅଧିନାୟକ ନାଥାନ ମ୍ୟାକ୍‌ସ୍ୱିନୀ ୧ ଓ ଅଲିଭର ପିକ୍ ୨ ରନ୍ କରି ଏଠାରେ କ୍ଲିକ୍ କରିପାରି ନାହାନ୍ତି। ଭାରତ ପକ୍ଷରୁ ବାମହାତି ସ୍ପିନର ହର୍ଷ ଦୁବେ ସର୍ବାଧିକ ୩ଟି, ଖଲୀଲ ଅହମ୍ମଦ୍ ଓ ଗୁରନୁର ବ୍ରାର୍ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଛନ୍ତି। ବର୍ତ୍ତମାନ ଫର୍ମରେ ଥିବା ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ସ୍ପିନ୍ ଅଲରାଉଣ୍ଡର ତନୁସ କୋଟିଆନଙ୍କୁ କୌଣସି ସଫଳତା ମିଳିନାହିଁ।

**ଓପିଟିଏଲ: ୬ ଦଳର ଜର୍ସି ଉନ୍ମୋଚିତ**

## ରାଜ୍ୟସ୍ତରୀୟ ଲିଗ୍ ଆଇପିଏଲ ପାଇଁ ଫିଡର୍: ଇର୍ଫାନ



କଟକ,୧୬।୯ (ସମିସ): ବୁଧବାରଠାରୁ ବାରବାଟୀ ଷ୍ଟାଡିୟମରେ ଆରମ୍ଭ ହେବ ଓଡ଼ିଶା ପ୍ରୋ ଟି-୨୦ ଲିଗ୍। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏବଂ ଆରିଭା ସ୍ପୋର୍ଟସର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ଏହି ଲିଗ୍ ନିମନ୍ତେ ପ୍ରସ୍ତୁତି ଶେଷ ହୋଇଛି। ଆଜି ଚହଟାସ୍ଥିତ ଏକ ହୋଟେଲରେ ୬ଟି ଯାକ ଦଳର ଜର୍ସି ଉନ୍ମୋଚନ କରାଯାଇଥିଲା। ଲିଗ୍‌ର ବ୍ରାଣ୍ଡ ଆମ୍ବାସଡର ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଇର୍ଫାନ ପଠାନ୍ ଯୋଗ ଦେଇ ଓଡ଼ିଶା କ୍ରିକେଟର ନିରନ୍ତର ବିକାଶ ଉତ୍ସାହଜନକ ବୋଲି କହିଥିଲେ। ରାଜ୍ୟସ୍ତରୀୟ ଲିଗ୍ ଗୁଡିକ ଆଇପିଏଲ ପାଇଁ ଫିଡର ଭଳି କାର୍ଯ୍ୟ କରେ। ଓଡ଼ିଶାର ଖେଳାଳିମାନଙ୍କ ଉପରେ ନଜର ରହିଛି। ଲିଗ୍ ଅନେକ ଖେଳାଳିଙ୍କୁ ଏକ ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବ ବୋଲି ଇର୍ଫାନ କହିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଦଳର ଅଧିନାୟକ, ବିଭିନ୍ନ ଦଳର ଆମ୍ବାସଡର ନରେନ୍ଦ୍ର ହିରୱାନି, ଶ୍ରୀତମ ଦାସ, ଏଲିନା ସାମନ୍ତରାୟ, ସୁପ୍ରିୟା ନାୟକ, ଶୈଳେନ୍ଦ୍ର ସାମନ୍ତରାୟ, ଶୀତଲ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଓସିଏ ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ, ଆରିଭା ସ୍ପୋର୍ଟସର ନିର୍ଦ୍ଦେଶକ କ୍ଷୀତଜୀ ଗୁପ୍ତା ଅତିଥି ଭାବେ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସୂଚନାଯୋଗ୍ୟ, ୨୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଲିଗ୍‌ରେ ମୋଟ ୧୮ ଟି ଲିଗ୍ ମ୍ୟାଚ୍ ଖେଳାଯିବ। ପଏଣ୍ଟ ଭିତ୍ତିରେ ପ୍ରଥମ ୪ଟି ଦଳ ସେମିଫାଇନାଲରେ ପ୍ରବେଶ କରିବେ। ବୁଧବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଲିଗ୍ ଉଦ୍‌ଘାଟିତ ହେବ। ଉଦ୍‌ଘାଟନୀ ମୁକାବିଲାରେ କଟକ ପାନ୍ଥର୍ସ ଏବଂ ଭୁବନେଶ୍ୱର ଟାଇଗର୍ସ ମୁହାଁମୁହିଁ ହେବେ। ଲିଗ୍‌ର ପ୍ରତ୍ୟେକ ମ୍ୟାଚ୍ ଷ୍ଟାରସ୍ପୋର୍ଟସ ଖେଲ୍ ଏବଂ ଫ୍ୟାନ୍‌କୋଡ(ଓଟିଟି)ରେ ସିଧାପ୍ରସାରଣ କରାଯିବ। ଦର୍ଶକମାନଙ୍କ ନିମନ୍ତେ ଗ୍ୟାଲେରୀ ନଂ-୧,୩ ଏବଂ ୫ ଉନ୍ମୁକ୍ତ ରଖାଯିବ।

**ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍**

## ହାଇଜମ୍ପ୍‌ରେ ସର୍ବେଶ ଷଷ୍ଠ

ଟୋକିଓ, ୧୬।୯ (ଏଜେନ୍ସି): ପ୍ରଥମ ଭାରତୀୟ ଆଥ୍‌ଲେଟଭାବେ ଏଠାରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ପୁରୁଷ ହାଇ ଜମ୍ପ ଫାଇନାଲରେ ପ୍ରବେଶ କରିଥିବା ସର୍ବେଶ କୁଶାରେ ଷଷ୍ଠ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ଫାଇନାଲରେ ସେ ୨.୨୮ ମିଟରକୁ ଡେଇଁ ବ୍ୟକ୍ତିଗତ ଶ୍ରେଷ୍ଠ ସଫଳତା ହାସଲ କରିଥିଲେ। ଜାତୀୟ ରେକର୍ଡ ୨.୨୯ ମିଟର ଥିଲାବେଳେ ସେ ୨.୩୧ ମିଟର ଡେଇଁବାକୁ ୩ଥର ଉଦ୍ୟମ କରି ବିଫଳ ହୋଇଥିଲେ। ଅଲିମ୍ପିକ୍ ଚାମ୍ପିଅନ ନ୍ୟୁଜିଲାଣ୍ଡର ହାମିଶ କେର୍ ୨.୩୬ ଉଚ୍ଚତାକୁ ଡେଇଁ ପ୍ରଥମ, ଦକ୍ଷିଣ କୋରିଆର ସାଙ୍ଗେୟକ୍ ଉ ୨.୩୪ ଉଚ୍ଚତାକୁ ଡେଇଁ ଦ୍ୱିତୀୟ ଓ ଚେକ୍ ରିପବ୍ଲିକର ଜାନ୍ ଷ୍ଟେଫେରା ୨.୩୧ ମିଟର ଉଚ୍ଚତାକୁ ଡେଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ସର୍ବେଶ କୁଶାରେ ୨.୨୫ ମିଟର ଉଚ୍ଚତାକୁ ଡେଇଁ ସହଜରେ ଫାଇନାଲରେ ପ୍ରବେଶ କରିଥିଲେ।

**ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ଜର୍ସି ପ୍ରାୟୋଜକ**

# ଅଢ଼େଇ ବର୍ଷ ପାଇଁ ଦେବ ୫୭୯ କୋଟି ଟଙ୍କା

ମୁମ୍ବଇ, ୧୬।୯

ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ଜର୍ସି ପ୍ରାୟୋଜକ ହୋଇଛି। ଏଣିକି ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ୍ ଦଳର ଖେଳାଳିଙ୍କ ଜର୍ସିରେ ଆପୋଲୋ ଟାୟର୍ସ ଲେଖାଯିବ। ଡ୍ରିମ୍‌୧୧ ସ୍ଥାନରେ ଆପୋଲୋ ଟାୟର୍ସ ଭାରତୀୟ କ୍ରିକେଟ୍ ଦଳର ନୂଆ ପ୍ରାୟୋଜକ ହୋଇଛି। ଗତମାସ ୨୫ରେ ଭାରତୀୟ କ୍ରିକେଟ୍ ଦଳର ପ୍ରାୟୋଜକ ହେବା ପାଇଁ ବିସିସିଆଇ ଟେଣ୍ଡର ଆହ୍ୱାନ କରିଥିଲା। ଏଥିପାଇଁ ୩ଟି କମ୍ପାନୀ ପ୍ରାୟୋଜକ ହେବା ଦୌଡ଼ରେ ରହିଥିଲେ। ସେମାନେ ହେଲେ କମ୍ପ୍ୟୁଟର ଡିଜାଇନ୍ କମ୍ପାନୀ କାନ୍‌ଭା, ଜେକେ ସିମେଣ୍ଟ ଓ ଆପୋଲୋ ଟାୟର୍ସ। ସେମାନଙ୍କ ମଧ୍ୟରୁ ଆପୋଲୋ ଟାୟର୍ସ ସର୍ବାଧିକ ୫୭୯ କୋଟି ଟଙ୍କା (୬୫.୭ ନିୟୁତ ଡଲାର) ଦେବାକୁ ଦାବି କରିଥିବାରୁ ଏହାକୁ ପ୍ରାୟୋଜନ ଅଧିକାର ମିଳିଛି। ୨୦୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଅଢ଼େଇ ବର୍ଷ ଆପୋଲୋ ଟାୟର୍ସ ଭାରତୀୟ ଦଳର ଜର୍ସି ପ୍ରାୟୋଜକ ରହିବ। ଏହା ମଧ୍ୟରେ ଭାରତ ୧୨୧ଟି ଦ୍ୱିପାକ୍ଷିକ ଓ ୨୧ଟି ଆଇସିସି ମ୍ୟାଚ ଖେଳିବ। ଏହାର ଅର୍ଥ ହେଉଛି ଭାରତ ଖେଳିବାକୁ ଥିବା ପ୍ରତ୍ୟେକ ଆନ୍ତର୍ଜାତିକ ମ୍ୟାଚ୍ ପାଇଁ ଆପୋଲୋ ଟାୟର୍ସ ବିସିସିଆଇକୁ ୪.୭୭ କୋଟି ଟଙ୍କା ପ୍ରଦାନ କରିବ। ତେବେ ଆଇସିସି ଟୁର୍ଣ୍ଣାମେଣ୍ଟ ଏବଂ ବହୁଦେଶୀୟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରତି ମ୍ୟାଚ୍ ପାଇଁ ଆପୋଲୋ ଟାୟର୍ସ ୧.୭୨ କୋଟି ଟଙ୍କା ପ୍ରଦାନ କରିବ। ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ଏବଂ ଅକ୍ଟୋବରରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଟେଷ୍ଟ ଶୃଙ୍ଖଳାରୁ ଭାରତୀୟ ପୁରୁଷ ଖେଳାଳି ସେମାନଙ୍କ ଜର୍ସିରେ ଆପୋଲୋ ଟାୟର୍ସର ଲୋଗୋ ପିନ୍ଧିବେ। ଭାରତରେ କ୍ରିକେଟ୍‌ର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଭାରତୀୟ ଦଳର ପ୍ରାୟୋଜକ ହେବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି ଆପୋଲୋ ଟାୟର୍ସର ପରିଚାଳନା ନିର୍ଦ୍ଦେଶକ ନୀରଜ କନ୍‌ୱାର କହିଛନ୍ତି। ଫଳରେ ଏବେ ଏସିଆ କପ୍ ଖେଳୁଥିବା ଭାରତୀୟ ପୁରୁଷ ଦଳ ଏବଂ ଅଷ୍ଟ୍ରେଲିଆ ସହ ଦିନିକିଆ ଶୃଙ୍ଖଳା ଖେଳୁଥିବା ଭାରତୀୟ ମହିଳା ଦଳର ଜର୍ସିରେ କୌଣସି ବ୍ୟାବସାୟିକ ସଂସ୍ଥାର ଲୋଗୋ ନ ଥିଲା।

୨୦୨୩ରୁ ୨୦୨୬- ଏହିପରି ୩ ବର୍ଷ ଲାଗି ୪୪ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୩୫୮ କୋଟି ଟଙ୍କା) ବିସିସିଆଇକୁ ଦେବା ଲାଗି ଡ୍ରିମ୍‌୧୧ ଚୁକ୍ତି କରିଥିଲା। ହେଲେ ଅନ୍‌ଲାଇନ୍ ଗେମିଙ୍ଗ୍ ପ୍ରୋତ୍ସାହନ ଓ ନିୟାମକ ବିଧେୟକ ପାରିତ ହେବା ପରେ କୌଣସି ଅନ୍‌ଲାଇନ ଗେମ୍‌ରେ ଅର୍ଥ ଖଟାଇବା ସମ୍ପୂର୍ଣ୍ଣ ବାସନ୍ଦ ହୋଇ ଯାଇଥିଲା। ତେଣୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକ ରହିବାକୁ ଡ୍ରିମ୍‌୧୧ ଅକ୍ଷମତା ପ୍ରକାଶ କରିଥିଲା। ଏବେ ଡ୍ରିମ୍‌୧୧ଠାରୁ ଅଧିକ ଅର୍ଥ ଦେଇ ଆପୋଲୋ ପ୍ରାୟୋଜନ ଅଧିକାର ହାସଲ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT
IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS